# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, October 31/2025 | Page 16 | ₹ 7.00

୫୧ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 334 | ମୂଲ୍ୟ ₹୭/-



DSPL-335





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025

STATUE OF UNITY
एक भारत, श्रेष्ठ भारत

सत्यमेव जयते
Government of India

# ଏକତା ଦିବସ
**୩୧ ଅକ୍ଟୋବର**

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ
## 150ତମ ଜୟନ୍ତୀ ଅବସରରେ
## କୃତଜ୍ଞ ରାଷ୍ଟ୍ରର
## ଶତ-ଶତ ପ୍ରଣାମ



ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀ**
ଭାରତର ଲୌହ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ରାଷ୍ଟ୍ରକୁ ସମ୍ବୋଧିତ କରିବେ

ଏହି ଏକତା ଦିବସ ଉପଲକ୍ଷେ, ଆସନ୍ତୁ ନିଜ ଜିଲ୍ଲାରେ ହେଉଥିବା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଭାଗ ନେବା ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଆହୁରି ମଜବୁତ କରିବା

## ଏକତା ଦିବସ କାର୍ଯ୍ୟକ୍ରମ

- ଏକତା ପରେଡ୍
- ବ୍ରାସ୍ ବ୍ୟାଣ୍ଡ ପ୍ରଦର୍ଶନ
- ଘୋଡ଼ା, ଶ୍ୱାନ ଏବଂ ଓଟ ସୈନ୍ୟଦଳ
- ମହିଳା କଳାକାରଙ୍କ ଦ୍ୱାରା ପ୍ରଦର୍ଶନ
- ବିଏସ୍ଏଫ୍ ଡଗ୍ ଶୋ (ସ୍ୱଦେଶୀ ପ୍ରଜାତି)
- ଡେୟାରଡେଭିଲ୍ ରାଇଡର୍ସର ପ୍ରଦର୍ଶନ
- ସ୍କୁଲ୍ ବ୍ୟାଣ୍ଡର ପ୍ରସ୍ତୁତି
- ଭାରତୀୟ ବାୟୁ ସେନା ଦ୍ୱାରା ଏୟାର ଶୋ'
- ''ଲୌହ ପୁରୁଷ'' – ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟ୍ୟ ପ୍ରସ୍ତୁତି
- ଏକତା ପ୍ରକାଶ ଉତ୍ସବର ଆୟୋଜନ
- ଭାରତ ପର୍ବ ଅନ୍ତର୍ଗତ 1ରୁ 15 ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟସ୍ତରରେ ପ୍ରଦର୍ଶନୀ



"ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ପଟେଲଙ୍କ ଅମୂଲ୍ୟ ଯୋଗଦାନକୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ମାନ ଜଣାଉଛି । ଆସନ୍ତୁ, ଏହି ଦିନ ଆମେ ଆମ ସମାଜରେ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା ।"

– ନରେନ୍ଦ୍ର ମୋଦୀ

CBC 19101/13/0022/2526

ତାରିଖ: ଶୁକ୍ରବାର 31 ଅକ୍ଟୋବର 2025 | ସ୍ଥାନ: ପରେଡ୍ ଗ୍ରାଉଣ୍ଡ, ଷ୍ଟାଚ୍ୟୁ ଅଫ୍ ୟୁନିଟି, ଏକତା ନଗର, ଗୁଜରାଟ | ସମୟ: ସକାଳ 7ଟାରୁ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀରାଧାଙ୍କ ପାଦ ଦର୍ଶନ, ସ୍ଥାନ: ବାଲିଅନ୍ତା ଶ୍ରୀ ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିର, ସମୟ : ସକାଳ ୬ଟା।
- ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ 'ଏକତା ଦୌଡ଼', ସ୍ଥାନ : କଳିଙ୍ଗ ଷ୍ଟାଡ଼ିୟମ୍ (ଏଣ୍ଟ୍ରି-ଗେଟ ନଂ-୮ଏ) ସମୟ : ସକାଳ ୭ଟା।
- ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ -ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୮ଟା। -ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ-୧ସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସମୟ: ସକାଳ ୯ଟା। -ସାଧାରଣ ସଭା,ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ସୂଚନା ଭବନ, ସମୟ:ପୂର୍ବାହ୍ନ ୧୦ଟା।
- ଏଆଇଟିୟୁସିର ୧୦୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍ ଛକ, ସମୟ: ସକାଳ ୯ଟା।
- ଭୁବନେଶ୍ୱର ଭିନିଲାନ୍ସ ଡିଭିଜନ ପକ୍ଷରୁ ୱାକାଥନ୍, ସ୍ଥାନ:ପାୱାର ହାଉସ୍ଛକରୁ କଳିଙ୍ଗ ଷ୍ଟାଡ଼ିୟମ୍, ସମୟ:ସକାଳ ୮ଟା।
- ହାଣ୍ଡଲୁମ୍ସ ଓ ହାଣ୍ଡିକ୍ରାଫ୍ଟସ୍ ସମ୍ପର୍କିତ ଜାତୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ତାଜ୍ ଭିଭାନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ କର୍ମୀ ଲକ୍ଷ୍ମଣ ମଲ୍ଲିକଙ୍କ ପରିନିର୍ବାଣ ସଭା, ସ୍ଥାନ: ବୁଦ୍ଧ ବିହାର, ୟୁନିଟ୍ ୯, ସମୟ: ଅପରାହ୍ନ ୪ଟା।
- ମା' ପଞ୍ଚବଟୀ ତାରିଣୀଙ୍କ ୨୩ ତମ ଜନ୍ମୋତ୍ସବ ପାଳନ, ସ୍ଥାନ: ବାଲିଅନ୍ତାସ୍ଥିତ ତାରିଣୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା
- ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣର ଉଦ୍‌ଯାପନୀ ଉତ୍ସବ, ପ୍ରବଚନର କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ପରେଡ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ଏମ୍ଏସ୍ଏମ୍ ୟୁନିଫାଏ ପକ୍ଷରୁ ସଚେତନତା କର୍ମଶାଳା, ସ୍ଥାନ: ଓଇଆ ସମ୍ମିଳନୀ କକ୍ଷ, ଖପୁରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ଏକତା ଦିବସ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଡିଷ୍ଟ୍ରିକ୍ଟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସର, ସମୟ: ସକାଳ ୬ଟା ୧୫।
- ଅଁଳା ନବମୀ ଉତ୍ସବ, ସ୍ଥାନ: ବିଭିନ୍ନ ମଠ ପରିସର, ସମୟ: ସକାଳ ୭ଟା।

## ଖୋର୍ଦ୍ଧା

- ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉତ୍ସବ, ସ୍ଥାନ: ସାକ୍ଷୀ ଗୋପୀନାଥ ଦେବଙ୍କ ମନ୍ଦିର, କଣ୍ଟିଆ, ଜଟଣୀ, ସମୟ: ସକାଳ ୬ଟା।
- ରନ୍ ଫର ୟୁନିଟ୍, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୭ଟା।
- ଜାତୀୟ ଏକତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୨ତମ ଅଁଳା ନବମୀ ଉତ୍ସବ-୨୦୨୫, ସ୍ଥାନ:କଣ୍ଟିଆ,ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଅବସର ସମାରୋହ, ସ୍ଥାନ: ଅଣ୍ଡରାଇ ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଇତ ବନ୍ଦାଣ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ବତୀ କଲ୍ୟାଣମଣ୍ଡପ, ବେଣାପୁରା, ବସ୍ତା, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।।

## ଭଦ୍ରକ

- ଏକତା ପାଇଁ ଗଣଦୌଡ଼, ସ୍ଥାନ: ଏସ୍‌ପି ଅଫିସ ନିକଟରୁ ରିଜର୍ଭ ପୋଲିସ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ସକାଳ ୭ଟା।
- ଏକତା ପାଇଁ ଦୌଡ଼, ସ୍ଥାନ: ତିହିଡ଼ି ଥାନା, ସମୟ: ସକାଳ ୭ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକଥନ(ରନ ଫର୍ ୟୁନିଟ),ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସରୁ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ : ସକାଳ ୬ଟା ୪୫।
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକାଥନ,ସ୍ଥାନ: ଏସ୍‌ଡିପିଓ ଅଫିସରୁ ବିକାଶ ମହଲ, ବଡ଼ବିଲ,ସମୟ: ସକାଳ ୭ଟା।
- ପାଟଣା ପୋଲିସ ପକ୍ଷରୁ ଗଣଦୌଡ଼, ସ୍ଥାନ: ପାଟଣା ଥାନା, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ଜଗଦ୍ଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫,ସ୍ଥାନ:ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ,ଆମ୍ବଯୋଡ଼ା,କୁଶଳଦା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ଏକତା ଦିବସରେ ଶପଥ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଜିଲାସ୍ତରୀୟ ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେସନ ପଡ଼ିଆ, ସମୟ: ସକାଳ ୬ଟା ୪୫।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ମହାମାୟୀ ମନ୍ଦିର ଭଗାମୁଣ୍ଡା ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦।
- ଶିଶୁମଙ୍ଗଳ କମିଟିର ସମୀକ୍ଷା ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ୧୧ଟା।

## ଢେଙ୍କାନାଳ

- ଏକତା ପାଇଁ ଦୌଡ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ମିନି ମାରାଥନ, ସ୍ଥାନ: ଯୋରନ୍ଦା ମହାବିଦ୍ୟାଳୟ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଅନ୍ତର୍ଜାତୀୟ ସୋମବାୟ ଦିବସ ୨୦୨୫, ସ୍ଥାନ : ମ୍ୟୁନିସପାଲଟି ଟାଉନ ହଲ , ଅନୁଗୋଳ, ସମୟ : ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ, ସ୍ଥାନ: ପୌରପାଳିକା ଟାଉନହଲ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁଗୋଳ: 'ମୟୂରୀ' ମହୋତ୍ସବ, ସ୍ଥାନ: ମଧୁକେଶରୀ ପଡିଆ, ମହୀଧରପୁର, ସମୟ: ସନ୍ଧ୍ୟା ୬ଟା।
- ଅନୁଗୋଳ ବସ୍ ଆସୋସିଏଶନର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ : ଲକ୍ଷ୍ମୀ ନାରାୟଣ ମନ୍ଦିର , ଆଠମଲ୍ଲିକ, ସମୟ: ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର

- ୱାକାଥନ୍ ରନ୍ ଫର ୟୁନିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୬ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ କାନମାସ ପକ୍ଷରୁ ପଥପ୍ରାନ୍ତ ନାଟକ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମହାକାଳପଡ଼ା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ, ସ୍ଥାନ: ଗୋପାଳପୁର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତର ଉଦ୍‌ଘାଟନ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।

## ଯାଜପୁର

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମାରାଥନ ରନ ଫର ୟୁନିଟି, ସ୍ଥାନ : ଯାଜପୁର ଏନସି ସ୍ୱୟଂଶାସିତ କଲେଜଠାରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା୩୦।
- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ରୋଡ ନହକା ଛକଠାରୁ ଭିଏନ କଲେଜ, ସମୟ : ସକାଳ ୮ଟା।

## ନୟାଗଡ଼

- ଅଁଳା ନବମୀରେ ରାଧାପାଦ ଦର୍ଶନ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ:ପ୍ରାତଃ ୫ଟା।
- ଭାଗବତ ସପ୍ତାଙ୍ଗର ୨ ୟ ଦିବସ,ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ସକାଳ ୯ଟା ।

## ରାୟଗଡ଼ା

- ଅଁଳା ନବମୀ ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଗାନ୍ଧୀନଗର, ଗୁଡାରି, ସମୟ: ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଗଣଦୌଡ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୬ଟା ୩୦।
- ଜାତୀୟ ଏକତା ଦିବସ ଅବସରରେ ପୋଲିସ ପକ୍ଷରୁ ଗଣଦୌଡ, ସ୍ଥାନ: କାଶୀପୁର ଜଗନ୍ନାଥ ମନ୍ଦିରଠାରୁ ଥାନା, ସମୟ: ସକାଳ ୮ଟା।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ରନ୍ ଫର ୟୁନିଟି ମାରାଥନ୍, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୬ ଟା ୩୦ ।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗ୍ରାମସଭା, ସ୍ଥାନ: ଡାବୁଗାଁ ବ୍ଲକ ଜବାଗୁଡା ଓ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଁଳା ନବମୀ ଉପଲକ୍ଷେ ୫୬ ଭୋଗର ଆୟୋଜନ, ସ୍ଥାନ: ଉମରକୋଟ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତି, ସ୍ଥାନ: ପାରାବେଢା, ଶ୍ରୀରାମ ନଗର, ଜୟପୁର, ସମୟ: ସକାଳ୯ଟା।
- ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, ସ୍ଥାନ: କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଟିୟୁସିର ଦାବିପତ୍ର ପ୍ରଦାନ, ସ୍ଥାନ: ଲେବର ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜନରେ ମିନି ମାରାଥନ , ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୫ଟା ୩୦ ।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା ।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ।

## ବଲାଙ୍ଗୀର

- ଲୋଇସିଂହା ପୋଲିସ ପକ୍ଷରୁ ମିନି ମାରାଥନ, ସ୍ଥାନ: ବୁର୍ଡା ଛକରୁ ଲୋଇସିଂହା ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୭ଟା ।
- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ବୈଠକ, ସ୍ଥାନ: ଗୁଡ଼ିଖାଲ ରାମମନ୍ଦିର, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୨ଟା ।

## ରାଉରକେଲା

- ଶ୍ରୀ ରାଧାପାଦ ଦର୍ଶନ ଓ ଅଁଳା ନବମୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଟ୍ରାଫିକ୍ ଗେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବିମାନ ବନ୍ଦର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ୧୫୦ତମ ଜନ୍ମବାର୍ଷିକୀ ଅବସରରେ "ଏକତା ପାଇଁ ଦୌଡ" କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ ସମ୍ମୁଖ ବୀର୍ସାମୁଣ୍ଡା ଛକ ସୁନ୍ଦରଗଡ, ସମୟ ସକାଳ:୬ଟା।
- ବିଶ୍ୱ ମିତବ୍ୟୟତା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିକାଶ ଭବନ, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ତାଲଶ୍ରୀଗିଡା, ବରଗଡ଼, ସମୟ:ସକାଳ ୯ଟା ।
- ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ,ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ନାଟକ ଜୀବନ ଡାକର, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ, ସ୍ଥାନ: ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଓଡ଼ିଶା ପୋଲିସ ଆହ୍ୱାନ କ୍ରମେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରନ ଫର୍ ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ତହସିଲ ଛକଠାରୁ ଏମ୍ଏମ୍‌ପିଏସ୍ କଲେଜ ଥୁଆମୂଳ ରାମପୁର, ସମୟ: ସକାଳ ୭ଟା।
- ରନ ଫର ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ଇଣ୍ଟଟ୍ୟୁଶନ,ସମୟ:ସକାଳ ୯ଟା।

## ବୌଦ୍ଧ

- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା ।

## ଦେବଗଡ଼

- ଛେଳି ପାଳନ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୟ ଏକତା ଦିବସ ପାଳନ, ସ୍ଥାନ: ରିଆମାଳ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଅଁଳା ନବମୀ ପାଳନ, ସ୍ଥାନ: କମଳପୁର ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ସମୟ: ସକାଳ ୯ଟା ।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ରାହାଁସ ଲୀଳା ପରିବେଷଣ, ସ୍ଥାନ: ଖଡିଆଳ ବ୍ରାହ୍ମଣପଡା, ସମୟ: ରାତି ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ମହୋତ୍ସବ, ସ୍ଥାନ: ଖଡିଆଳ ବ୍ଲକ ନେହେନା, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଭାବରେ ଚନ୍ଦ୍ରଙ୍କ ଅବସ୍ଥାନ କାରଣରୁ ଲକ୍ଷ୍ୟ ପୂରଣ ସକାଶେ ସମସ୍ତ ସୁବିଧା ସୁଯୋଗ ପାଇପାରନ୍ତି। ପରୋକ୍ଷ ଶତ୍ରୁତାଜନିତ କାମ ହାସଲରେ ବାଧା ହେତୁ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ବିଷୟକୁ କେନ୍ଦ୍ରକରି ପଡୋଶୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପରିସ୍ଥିତିବଶତଃ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଆପଣ ସାମାଜିକ ସମ୍ମାନ ପାଇପାରନ୍ତି। ସକାଳୁ ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ମତାନ୍ତର ସୃଷ୍ଟି ହେବ। ଯେତେ ଅନୁନୟ ହେଲେ ମଧ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟ କଥାଟିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରେ ଆଜି ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ସଫଳତା ପାଇବେ। କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି । ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କଷ୍ଟକର ହେବ।

**କର୍କଟ** ରାଶିରେ ଗୁରୁଙ୍କ ସ୍ଥିତି ଯୋଗୁ ଆଦୌ ପଢୁ ନ ଥିବା ବ୍ୟକ୍ତି ଆପଣଙ୍କ ଦ୍ୱାରା ପ୍ରଭାବିତ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। ବିବାଦୀୟ ସ୍ଥିତିରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** ରାହୁଙ୍କ ପ୍ରଭାବଜନିତ ଭୁଲବୁଝାମଣାରୁ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ, କିନ୍ତୁ ଋଣ ପରିଶୋଧର ଚିନ୍ତା ଘାରିପାରେ। ଆଜି ପରିସ୍ଥିତିବଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ଏଥିପାଇଁ ଲବି କରିବାକୁ ପଡିପାରେ।

**କନ୍ୟା** ସୁଖଭାବରେ ବୁଧ ଓ ମଙ୍ଗଳ ଯୋଗୁ ଆପଣଙ୍କ ବ୍ୟବହାରରେ କଠୋରତା ପରିଲକ୍ଷିତ ହେବ। ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ଉପକାରୀ ସାବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଅବଦାନ ରହିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** ଶନିଙ୍କ ଷଷ୍ଠସଂସ୍ଥାନ ହେତୁ ଭୁଲ୍ ବୁଝାମଣାରୁ କଳହର ଆଶଙ୍କା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ବନ୍ଧୁଙ୍କ ଜରିଆରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ ଫଳପ୍ରଦ ହେବ।

**ବିଛା** ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ଯୋଗ ଦେଇପାରନ୍ତି। ପରିବାରର ଖର୍ଚ୍ଚ ଦ୍ୱିଗୁଣା ହେବାରୁ ଅର୍ଥସଙ୍କଟର ଭରଣା ସକାଶେ ଆଲୋଚନା କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ଧନୁ** ଅଷ୍ଟମ ବୃହସ୍ପତି ଯୋଗୁ ସମସ୍ୟା ଲାଗିରହିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପଡୋଶୀମାନେ କଣ୍ଢାବାଡରେ ଲୁଗାଛାଟି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବେ।

**ମକର** ଚନ୍ଦ୍ରଙ୍କ ପ୍ରଭାବରୁ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜି କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ।

**କୁମ୍ଭ** ଧନସ୍ଥାନସ୍ଥ ଶନି ପ୍ରଭାବରେ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜି ଆନୁଷ୍ଠାନିକ କାମରେ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ବୃଥା ତର୍କ କରିବା ଠିକ୍ ହେବନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, କାର୍ତ୍ତିକ ଶୁକ୍ଳପକ୍ଷର ଅଁଳାନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଜଗଦ୍ଧାତ୍ରୀ ପୂଜା, ସାକ୍ଷୀଗୋପାଳଙ୍କ ବିଶିଷ୍ଟ ଉତ୍ସବ, ଶ୍ରୀରାଧାଙ୍କ ପାଦଦର୍ଶନ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୭।୨୧ ଗତେ, ଘ. ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୦୫ ଗତେ, ଘ. ୧୧।୩୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଆଉ ଗାଡ଼ିର ଅଖ**
**ଘିଅ ତେଲ ଦେଇ ରଖ ।**

ଗାଡ଼ି ଚାଲିବା ପାଇଁ ତେଲର ଆବଶ୍ୟକତା ପଡ଼ିଥାଏ। ବିନା ତେଲରେ ଗାଡ଼ି ଚାଲିପାରି ନ ଥାଏ। ଠିକ୍ ସେହିପରି ଓକିଲଙ୍କୁ ମଙ୍ଗେଇ ରଖିବା ପାଇଁ ବା ହାତରେ ରଖିବା ପାଇଁ ଧନ ଖର୍ଚ୍ଚ କରିବାକୁ ପଡିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଓଲୁଅ ଖାଇ ତୁଣ୍ଡ ଗଲୁ**
**ତେନ୍ତୁଳି ଚକଟା ଆପେ ଦେଲୁ ।**

ସାଧାରଣତଃ ଓଲୁଅ ଖାଇଲେ ତୁଣ୍ଡ ଗଲୁ ବା କୁଣ୍ଡେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ତେବେ ଏଭଳି ସ୍ଥିତିରେ ତେନ୍ତୁଳି ଚକଟା ଖାଇବା ଲାଗି ପରାମର୍ଶ ଦିଆଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସବୁ ନୂଆରାସ୍ତା ପାର୍ଶ୍ୱରେ ହେବ ଚାରାରୋପଣ: ପୂର୍ତ୍ତମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୩୦।୧୦
(ରବିନାରାୟଣ ଜେନା)

ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ସମସ୍ତ ରାଜପଥ, ଜିଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସଡ଼କ ନିର୍ମାଣ ସମୟରେ ଚାରାରୋପଣକୁ ବାଧ୍ୟତାମୂଳକ କରାଯିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗୁରୁବାର ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସଂପ୍ରତି ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁ ଏହାର କୁପ୍ରଭାବ ସାରା ମାନବ ସମାଜ ଓ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା



ପୃଥ୍ୱୀରାଜ ହରିଚନ୍ଦନ

କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ଚାରାରୋପଣ କରିବା ଲାଗି ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍ଏଚ୍), ଏମ୍.ଡି, ଓବିସିସିଙ୍କୁ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ଚାରାରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ଚାରାରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ଚାରାରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବାରେ ସହାୟକ ହେବ।

# ଏକ ଭାରତ, ଆତ୍ମନିର୍ଭର ଭାରତ

## ଆଜି ଜାତୀୟ ଏକତା ଦିବସ

ପ୍ରତିବର୍ଷ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳନ କରାଯାଇଆସୁଛି। ଭାରତର ଏକତା ଏବଂ ଅଖଣ୍ଡତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲୌହ ମାନବ ଭାବରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ୫୬୫ଟି ଅର୍ଦ୍ଧ-ସ୍ୱାୟତ୍ତ ଗଡ଼ଜାତ ରାଜ୍ୟ ଏବଂ ବ୍ରିଟିଶ ଉପନିବେଶବାଦୀ ପ୍ରଦେଶକୁ ମିଶ୍ରଣ କରି ଏକ ଅଖଣ୍ଡ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିଥିଲେ। ୨୦୧୪ ମସିହାରେ କେନ୍ଦ୍ର ସରକାର ପଟେଲଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କ ଜନ୍ମ ଦିବସରେ 'ଜାତୀୟ ଏକତା ଦିବସ' ପାଳନ ଆରମ୍ଭ କରିଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ତେବେ ଚଳିତବର୍ଷ ଜାତୀୟ ଏକତା ଦିବସ ଲାଗି ବିଷୟବସ୍ତୁ ରହିଛି 'ଏକ ଭାରତ, ଆତ୍ମନିର୍ଭର ଭାରତ'। ଏହି ବିଷୟବସ୍ତୁ ସଂଯୋଗର ଧାରଣାକୁ ପ୍ରତିନିଧିତ୍ୱ କରେ ଓ ଲୋକଙ୍କୁ ଏକତା ଏବଂ ସ୍ୱାବଲମ୍ବୀ ହେବାର ଗୁରୁତ୍ୱକୁ ବୁଝାଏ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025 | ପୃଷ୍ଠା-୧




## ତନୁଷ କୋଟିଆନଙ୍କୁ ୪ ଉଇକେଟ ସଫଳତା

ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ପ୍ରଥମ ନନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ୪ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତ 'ଏ' ଦଳର ତନୁଷ କୋଟିଆନ।

୧୨

୦୯

## ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୪୭%କୁ ହ୍ରାସ କରିଛନ୍ତି।



# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ଭାରତ

ନବୀ ମୁମ୍ବାଇ, ୩୦।୧୦

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଇତିହାସ ରଚିବା ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତୀୟ ଦଳ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫୋଏବ ଲିଚ୍‌ଫିଲ୍ଡଙ୍କ ୧୧୯ ରନର ଶତକୀୟ ପାଳି ବଳରେ ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ୮୯ ରନର ଇନିଂସ ଯୋଗୁ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ମ୍ୟାଚ୍ ଜିତି ନେଇଥିଲା। ଟାର୍ଗେଟର ପିଛା କରି ବିଜୟ ହାସଲ କରିବାରେ ଏହା ମହିଳା ଦିନିକିଆ କ୍ରିକେଟ୍ ଇତିହାସର ସର୍ବବୃହତ୍ ବିଜୟ। ଏହି ବିଜୟ ସହ ଭାରତୀୟ ତୃତୀୟ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏଥିପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ଡିଫେଣ୍ଡିଂ ତଥା ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରୁ ବିଦାୟ ନେଇଛି। ଆସନ୍ତା ୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଦୁଇ ଦଳ ପୂର୍ବରୁ ଚାମ୍ପିୟନ ହୋଇ ନ ଥିବାରୁ ଚଳିତ ଥର ବିଶ୍ୱ କ୍ରିକେଟ୍‌କୁ ନୂଆ ମହିଳା ଚାମ୍ପିୟନ ମିଳିବା ନିଶ୍ଚିତ ହୋଇଛି।

(ଅଧିକ ରିପୋର୍ଟ: ଖେଳ ପୃଷ୍ଠା)

ମହିଳା କ୍ରିକେଟ୍ ବିଶ୍ୱକପ୍




ରନ୍ ସଂଗ୍ରହ ବେଳେ ଅଧିନାୟିକା ହରମନପ୍ରୀତ କୌର ଏବଂ ଜେମିମା ରୋଡ୍ରିଗ୍ସ।

## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ,୩୦।୧୦

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚୂଡ଼ାନ୍ତ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ କରିଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫେଜ୍ ୧ ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବୋର୍ଡ ୱେବ୍‌ସାଇଟ୍‌ରୁ ଦେଖିବା ସହ ଡାଉନ୍‌ଲୋଡ କରିପାରିବେ। ପରୀକ୍ଷା କାଗଜ କଲମ ଫର୍ମାଟ୍‌ରେ ହେବ। ବିଷୟ ଅନୁଯାୟୀ ଉଭୟ ବୋର୍ଡ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୦ କିମ୍ବା ୧ଟା ୩୦ ପର୍ଯ୍ୟନ୍ତ ହେବ। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଭଲ ଭାବେ ଦେଖି ସୁନିଶ୍ଚିତ ହେବା ଜରୁରୀ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ସୁପାରିସ ଅନୁଯାୟୀ୨୦୨୬ରୁ ଗୋଟିଏ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୨ଟି ବୋର୍ଡ ପରୀକ୍ଷା ହେବ।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ନିଯୁକ୍ତ



ନୂଆଦିଲ୍ଲୀ,୩୦।୧୦(ପି.ଟି.)

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଗୁରୁବାର ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ କରାଯାଇଛି। ସେ ନଭେମ୍ବର ୨୪ରେ କାର୍ଯ୍ୟଭାର ଗ୍ରହଣ କରିବେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ନୂଆ ସିଜେଆଇ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ସିଜେଆଇ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବାକୁ ଯାଉଥିବାବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ପାଖାପାଖି ୧୫ ମାସ ସିଜେଆଇ ରହିବା ପରେ ୨୦୨୭ ଫେବୃଆରୀ ୯ରେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ସମ୍ବିଧାନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଭାରତର ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି, ଯାହା ୨୦୨୫ ନଭେମ୍ବର ୨୪ରୁ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ Xରେ ପୋଷ୍ଟ କରିଛନ୍ତି।

## ୧ ଡଲାର=୮୮.୬୮ ଟଙ୍କା



ମୁମ୍ବାଇ,୩୦।୧୦

ଭାରତୀୟ ଟଙ୍କା ପୁଣି ତଳମୁହାଁ ହୋଇ ୨ ସପ୍ତାହରେ ସବୁଠୁ ଦୁର୍ବଳ ଅବସ୍ଥାକୁ ଖସିଆସିଛି। ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ବୁଧବାର ରାତିରେ ୦.୨୫ ପଏଣ୍ଟ ରେଟ୍ କଟ୍ ନେଇ ଘୋଷଣା କରିବା ପରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ପୁଣି ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ଏଥିଯୋଗୁ ଡଲାର ସବଳ ହୋଇଥିବାରୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ବଜାର ବିଶେଷଜ୍ଞ ମତ ଦେଇଛନ୍ତି। ଗୁରୁବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୦.୬% ହ୍ରାସ ଘଟିବାରୁ ଏହା ୮୮.୮୮କୁ ଖସିଥିଲା। କାରବାର ଶେଷରେ ଟଙ୍କା ୮୮.୬୮ରେ କ୍ଲୋଜ୍ ହୋଇଥିଲା।

# ୧ରୁ ତହସିଲରେ ଜମି ପଞ୍ଜୀକରଣ

### ପ୍ରଥମ ପର୍ଯ୍ୟାୟରେ ୪୪ ତହସିଲ: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)

ରାଜ୍ୟରେ ଜମି ପଞ୍ଜୀକରଣ ନେଇ ଲାଗି ରହୁଥିବା ସମସ୍ୟାର ସମାଧାନ ଲାଗି ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ନଭେମ୍ବର ପହିଲାରୁ ଜମି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଲୋକେ ଆଉ ମୁଖ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଣିକି ତହସିଲରେ ଜମି କିଣାବିକା ସମାଧାନ ହେବ। ନଭେମ୍ବର ୧ରେ ଏସଂକ୍ରାନ୍ତୀୟ ଏକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଜମି କିଣାବିକା ନେଇ ଲୋକେ ଯେପରି ହଇରାଣ ହରକତ ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଅନ୍‌ଲାଇନରେ ସ୍ଲଟ ବୁକ୍ କରି ତହସିଲ ଅଫିସରେ ଜମି ପଞ୍ଜୀକରଣ କରିହେବ। ☞ପୃଷ୍ଠା-୧୦

# ଷ୍ଟୁଡିଓରେ ୧୭ ପିଲା ପଣବନ୍ଦୀ

- ୨ ଘଣ୍ଟା ପରେ ପିଲାଙ୍କ ସମେତ ୧୯ ଉଦ୍ଧାର
- ମୁମ୍ବାଇ ପୋଲିସ ଗୁଳିରେ ଅପହର୍ତ୍ତା ମୃତ

**ମାୟାନଗରୀ ମୁମ୍ବାଇର ଆର୍‌ଏ (ରା) ଷ୍ଟୁଡିଓରେ ଗୁରୁବାର ସମସ୍ତଙ୍କୁ ବିଚଳିତ କରିଦେବା ଭଳି ଭୟଙ୍କର ହାଇଡ୍ରାମା ଦେଖିବାକୁ ମିଳିଛି। ୱେବ୍ ସିରିଜ୍‌ରେ କାମ କରିବା ପାଇଁ ରୋହିତ ଆର୍ଯ୍ୟ ନାମକ ଜଣେ ବ୍ୟକ୍ତି ଶତାଧିକ ପିଲାଙ୍କୁ ଡାକିଥିଲେ। ଅଡିଶନ୍ ପାଇଁ ୧୭ ଝିଅ ଓ ପୁଅ ଆସିଥିଲେ, ଯାହାଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହେବ। ରୋହିତ ଅଡିଶନ୍ ଲାଗି ଶୁଟିଂ କରିବା ପରିବର୍ତ୍ତେ ସେମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କ ସହ କଥା ହେବାକୁ ଉଦ୍ୟମ କରିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆହତ ଅଭିଯୁକ୍ତ ରୋହିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ମୁମ୍ବାଇ ସମେତ ମହାରାଷ୍ଟ୍ରରେ ଚିନ୍ତାର ବିଷୟ ପାଲଟିଥିବାବେଳେ ସାରା ଦେଶରେ ଏନେଇ ଚର୍ଚ୍ଚା ଲାଗିରହିଛି। ବିଶେଷକରି ଅଭିନୟ କ୍ଷେତ୍ରରେ ସ୍ୱଳ୍ପ ବୟସର ପିଲାଙ୍କୁ କ୍ୟାରିୟର ଗଢ଼ିବା ପାଇଁ ପ୍ରୋତ୍ସାହିତ କରୁଥିବା ଅଭିଭାବକ ମହଲରେ ଏହା ଉଦ୍‌ବେଗ ସୃଷ୍ଟି କରିଛି।**



ମୃତ ଅଭିଯୁକ୍ତ ରୋହିତ ଆର୍ଯ୍ୟ।




ମୁମ୍ବାଇର ପୋୱଇସ୍ଥିତ ରା ଷ୍ଟୁଡିଓ।

ମୁମ୍ବାଇ,୩୦।୧୦

ମୁମ୍ବାଇର ଅନ୍ଧେରିସ୍ଥିତ ପୋୱଇର ସାକିବିହାର ଅଞ୍ଚଳରେ ରହିଛି ମନୋହରନଗର। ଏହାର ମରୋଲସ୍ଥିତ ପୋୱଇରେ ମହାବୀର କ୍ଲାସିକ୍ ବିଲ୍ଡିଂର ତଳମହଲାରେ ରା ଷ୍ଟୁଡିଓ ଅବସ୍ଥିତ। ଏହି ଛୋଟ ଫିଲ୍ମ ଷ୍ଟୁଡିଓରେ କେତେଜଣ ପିଲାଙ୍କୁ ଜଣେ ବ୍ୟକ୍ତି ପଣବନ୍ଦୀ କରିଥିବା ନେଇ ଗୁରୁବାର ଅପରାହ୍ନ ୧ଟା ୪୫ ମିନିଟରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ କଲ୍ କରି ସୂଚନା ଦିଆଯାଇଥିଲା। ଏହାର ୧୫ ମିନିଟ ଭିତରେ ପୋଲିସ ସେଠାରେ ପହଞ୍ଚି ପଣବନ୍ଦୀ ଥିବା ୧୭ ପିଲାଙ୍କ ସମେତ ଅନ୍ୟ ୨ ଜଣ ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଧାର ଉଦ୍ୟମ ଆରମ୍ଭ କରିଥିଲା। ପୋଲିସ ଟିମ୍ ବାଥ୍‌ରୁମ ବାଟ ଦେଇ ଅଭିଯୁକ୍ତ ରୋହିତ ଆର୍ଯ୍ୟଙ୍କ ନିକଟରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲା। କିନ୍ତୁ ସେ ପିଲାଙ୍କୁ ଛାଡ଼ିବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ସେ ଏକ ଭିଡିଓ ଜାରି କରି ନିଜ ବକ୍ତବ୍ୟ ରଖିଥିଲେ। ରୋହିତ ନିଜ ନାମ ପ୍ରକାଶ କରିବା ସହ କହିଥିଲେ, ସେ ଜଣେ ଆତଙ୍କବାଦୀ ନୁହନ୍ତି। ଆତ୍ମହତ୍ୟା କରିବା ପରିବର୍ତ୍ତେ ସେ କେତେଜଣ ପିଲାଙ୍କୁ ସେଠାରେ ପଣବନ୍ଦୀ କରି ରଖିବା ପାଇଁ ଯୋଜନା କରିଥିଲେ। ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା 'ବ୍ୟବସ୍ଥାଗତ ବିଶ୍ୱାସଘାତ' ପ୍ରତିବାଦରେ ଏହା ତାଙ୍କର ସୁଚିନ୍ତିତ ବିରୋଧ। ସେ ସାଧାରଣ ଆଲୋଚନା, ନୈତିକ ଦାବି ପୂରଣ ଏବଂ ନୀତିଗତ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ନେଇ ଦାବି କରିଥିଲେ। ସେ ଟଙ୍କା ଦାବି କରୁନାହାନ୍ତି ବୋଲି କହିଥିଲେ। ଏପରି କି ପୋଲିସ କୌଣସି ଭୁଲ୍ ପଦକ୍ଷେପ ନେଲେ ସେ ରା ଷ୍ଟୁଡିଓରେ ନିଆଁ ଲଗାଇଦେବେ ବୋଲି ☞ପୃଷ୍ଠା-୧୦

# ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍

ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)

ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍‌ଗୁଡ଼ିକୁ ୫୦:୫୦ ଅନୁପାତରେ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରଣାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି ରେଳ ମନ୍ତ୍ରଣାଳୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣହେବାକୁ ଥିବା ୯୨ଟି ରେଳ ଓଭରବ୍ରିଜ୍ ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

### ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ** ପିଢ଼ିଗତ ପରିବର୍ତ୍ତନର ସୁଯୋଗ

# ସାରା ଦେଶରେ ପୋଲିସ ପାଇଁ ସମାନ ପୋଷାକ

ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)

ସାରା ଦେଶରେ ପୋଲିସ ସେବାରେ କାର୍ଯ୍ୟରତ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପିଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରକାର ପୋଷାକ ପିନ୍ଧିବେ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତିକ୍ରମେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି କେ.ଏଲ. ପୁରୀ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ପୁରୀ ପତ୍ରରେ ଦର୍ଶାଇଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକକ ଡ୍ରେସ୍ କୋଡ୍(ୟୁନିଫର୍ମ) ନୀତି ଆପଣା ଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ୨୦୨୫ ମେ'୨୨ରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ମିଳିନାହିଁ। ଏହିକ୍ରମରେ ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ତୁରନ୍ତ ପ୍ରଦାନ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ପରିମାଣର ଡ୍ରେସ୍ ଆବଶ୍ୟକ ତାହା ଜଣାଇବାକୁ ହେବ। ଏହାସହିତ ବର୍ତ୍ତମାନ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀଙ୍କୁ କେତେ ଲେଖାଏ ଆଲାଉନ୍ସ ପ୍ରଦାନ କରାଯାଉଛି ତାହାର ବିବରଣୀ ଦେବାକୁ ହେବ। ବିଶେଷକରି ଗୋଟିଏ ହଳ ପୋଷାକ ପାଇଁ ହାରାହାରି କେତେ ଟଙ୍କା ପଡୁଛି ତାହା ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି ପତ୍ରରେ ଦର୍ଶାଇଛନ୍ତି। ତେବେ ସାରା ଦେଶରେ ଏହି ଏକକ ପୋଷାକ ନୀତି କାର୍ଯ୍ୟକାରୀ ହେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଥ୍ୟ ମଗାଯାଇଛି। ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତେଲଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ରହିଛି।

# ଦାଦନ: ସମସ୍ୟା ନୁହେଁ, ଦୁଃଖ

ନୂଆପଡ଼ା,୩୦।୧୦(ପୀତାମ୍ବର ସାହୁ)

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଘୋଷଣା ପରଠାରୁ ଯଦିଓ ବିଭିନ୍ନ ଦଳର ନେତାମାନେ ବଡ଼ ଗାଡ଼ି ଧରି ଏଠାକାର ମୁଖ୍ୟ ରାସ୍ତାରେ ବାରମ୍ବାର ଏପାଖସେପାଖ ହୋଇ ନିଜ ଉପସ୍ଥିତି ଦେଖାଉଛନ୍ତି, ତଥାପି ବାସ୍ତବ ସମସ୍ୟା ଭିତରକୁ ପଶିବାର ଆଗ୍ରହ ସେମାନଙ୍କଠାରେ ଦେଖିବାକୁ ମିଳୁନାହିଁ। ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସିଠାରୁ ଗୋଟିଏ ଗୋଟିଏ ଗାଁର ଦୂରତା ସର୍ବନିମ୍ନ ୧୦ରୁ ୪୦ କି.ମି. ହେବ। ପ୍ରମୁଖ ୩ ଦଳର ନେତାମାନେ ଏହିସବୁ ଦୂରଦୂରାନ୍ତ ଗାଁକୁ ମଧ୍ୟ ଯାଉଛନ୍ତି। ହେଲେ ସମସ୍ୟା ସମାଧାନର ଆନ୍ତରିକତା ନ ରଖି ନିଜ ଦଳର ବ୍ୟାନର, ପୋଷ୍ଟର ଲଗାଇ ଉପନିର୍ବାଚନରେ ବିଜୟୀ ହେବା ଏକମାତ୍ର ଲକ୍ଷ୍ୟ ଭାବେ ଧରି ନେଇଥିବା ମନେ ହେଉଛି। ଓଡ଼ିଶାର ଦାଦନ ସମସ୍ୟା ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ। ଏହାର ସମାଧାନ କରିଦେବେ ବୋଲି ବିଭିନ୍ନ ଦଳର ନେତାମାନେ ଅନେକ ସମୟରେ କହିଥାନ୍ତି। ହେଲେ ଏବେ ଯେତେବେଳେ ଏକ ଦାଦନ ପ୍ରବଣ ଜିଲା ଭାବେ ପରିଚିତ ନୂଆପଡ଼ାରେ ବହୁ କ୍ଷମତାଶାଳୀ ନେତା ପହଞ୍ଚିଛନ୍ତି, କେବଳ ରାଜନୀତି କରିବା ଉଦ୍ଦେଶ୍ୟ ଛାଡ଼ିଦେଲେ ଲୋକଙ୍କ ରୋଜଗାର ବଢ଼ାଇବା ନେଇ ସେପରି କୌଣସି ଦୂରଦୃଷ୍ଟି ସମ୍ପନ୍ନ ପ୍ରସ୍ତାବ ରଖୁଥିବା ଦେଖିବାକୁ ମିଳୁନାହିଁ। ବୁଧବାର ଯେତେବେଳେ ନୂଆପଡ଼ାର ଉପନିର୍ବାଚନ ସ୍ଥିତି ପରଖିବା ଲାଗି କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରୀ, ପଲସିପାଣି ଓ ମାନିଗୋଡ଼ା ପଞ୍ଚାୟତ ଭଳି କେତେଗୁଡ଼ିଏ ପଞ୍ଚାୟତ ଓ ଏହା ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲୁ, ସ୍ଥାନୀୟ ଲୋକଙ୍କ ରୋଜଗାର ନେଇ ବିଚିତ୍ର କଥା ଦୃଷ୍ଟିକୁ ଆସିଛି। ଗୋଟିଏ ପଞ୍ଚାୟତରୁ ପ୍ରାୟ ୭ ଶହରୁ ଅଧିକ ଲୋକ ଦାଦନ ଖଟିବା ଲାଗି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟକୁ ଯାଇଥିବା ଜଣାପଡ଼ିଛି।



### ନୂଆପଡ଼ା ଉପନିର୍ବାଚନରେ ପ୍ରସଙ୍ଗ ଉଭାନ୍

ସୂଚନା ମୁତାବକ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପ୍ରାୟ ୬୩ ପଞ୍ଚାୟତ ରହିଛି। ଏଥିରୁ ଜଣେ ସାଧାରଣ ଲୋକ ଅନୁମାନ କରିପାରିବେ, କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦାଦନ କେତେବଡ଼ ସମସ୍ୟା। ହେଲେ ଏକଥାକୁ ରାଜ୍ୟର ତିନି ପ୍ରମୁଖ ଦଳ କେବେହେଲେ ଗୋଟିଏ ମୁଖ୍ୟ ପ୍ରସଙ୍ଗ କରିପାରିବେ ନାହିଁ ବୋଲି କୋମନା ବ୍ଲକ ବାସିନ୍ଦା ଶ୍ୟାମ ଶବର ଭୟଭୀତ ଅବସ୍ଥାରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏଇ କେତେଦିନ ହେବ କ୍ଷମତାର ଅଳିନ୍ଦ ଭିତରୁ ବାହାରି ବିରୋଧୀ ଦଳର ଆସନ ମଣ୍ଡନ କରିଛି। ଯଦି ଏବେକାର ମୁଖ୍ୟ ବିରୋଧୀ ଦଳ ଦାଦନ କଥା ଉଠାନ୍ତି, ତେବେ ସେମାନେ ୨୪ ବର୍ଷ ଧରି ଦେଇଆସିଥିବା ମିଛ ପ୍ରତିଶ୍ରୁତି ଉପନିର୍ବାଚନରେ ବିଜେଡି ପାଇଁ ଆପଣା ହସ୍ତେ ଜିହ୍ୱା ଛେଦିବା ଭଳି ହୋଇଯିବ। ନୂଆକରି ଶାସନକୁ ଆସିଥିବା ଭାଜପା କାହିଁକି ବା ଏକଥା କହି ନିଜ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିବ। କଂଗ୍ରେସ ଅମଳରୁ ହିଁ ଦାଦନ ସମସ୍ୟା ☞ପୃଷ୍ଠା-୧୦

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ

-ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା ଓ ଶ୍ରୀରାଧାଙ୍କ ପାଦ ଦର୍ଶନ



# ପିଢ଼ିଗତ ପରିବର୍ତ୍ତନର ସୁଯୋଗ



ୟୁଏନ୍ ୟୁଏନ୍ ଆଙ୍ଗ୍

ଏବେ ସଂଘର୍ଷ, ବାଣିଜ୍ୟ ଯୁଦ୍ଧ, ଅସମାନତା ଏବଂ ଗଣତନ୍ତ୍ରର ଅଧୋଗତି ଶୀର୍ଷକ ଖବର ଅଧିକ ପ୍ରକାଶ ପାଉଛି। ସଙ୍କଟ ପରେ ସଙ୍କଟ ସୃଷ୍ଟିହେବାରେ ଲାଗିଛି ଏବଂ ମନେହେଉଛି ସତେ ଯେମିତି ବିଶ୍ୱ ଅଲଗା ହୋଇଯାଉଛି। ପାଶ୍ଚାତ୍ୟ ନେତା ଓ ବିଶେଷଜ୍ଞମାନେ ଏହିସବୁ ସଙ୍କଟର ଜଟିଳ ସ୍ଥିତିକୁ ଆୟତ୍ତ କରିବା ପାଇଁ 'ପଲିକ୍ରାଇସିସ୍' ବା ବହୁସଙ୍କଟ ଭଳି ଶବ୍ଦକୁ ଗ୍ରହଣ କରିଛନ୍ତି। ୨୦୨୩ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଐତିହାସିକ ଆଡାମ୍ ଟୋଜେ ଏହି ଶବ୍ଦକୁ ଲୋକପ୍ରିୟ କରିଥିଲେ। ସେ କହିଥିଲେ– ''ତୁମର ଏଠି ଭୟ ଅଛି, ଏଠି ବି କିଛି ଅଛି ଯାହା ତୁମକୁ ବିଶେଷକରି ଦୁଃଖ ଦେଉଛି ଏବଂ ତାକୁ ଏହା( ପଲିକ୍ରାଇସିସ୍) କୁହାଯାଇପାରେ।'' କିନ୍ତୁ ଭୟ ଯେତେବେଳେ ମୂଳ ବିଷୟ ପାଲଟିଯାଏ, ସେତେବେଳେ କେବଳ ଚିନ୍ତା ଓ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ୨୦୨୪ ଡାଭୋସ୍ ବିଶ୍ୱ ଆର୍ଥିକ ମଞ୍ଚ ପରେ ମାର୍କ ଲିଓନାର୍ଡ ଅନୁଧ୍ୟାନ କରିଥିଲେ।

ତେବେ ସଙ୍କଟଗୁଡ଼ିକ ପରେ ପତନ ଅନିବାର୍ଯ୍ୟ ନୁହେଁ। ଅବଶ୍ୟ, ଅନେକ ସମୟରେ ବାଧା ବା ସଙ୍କଟ ନବୀକରଣ ପାଇଁ ବାଟ ଦେଖାଇଥାଏ ଏବଂ ପୁରୁଣା ବ୍ୟବସ୍ଥାକୁ ଯିବା ଲାଗି ଯେଉଁମାନେ ଚାହିଁଥାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହି ପ୍ରକାର ଅଭିଯାନକୁ ମୁଁ 'ପଲିଟ୍ୟୁନିଟି' ଶବ୍ଦ ନଭେମ୍ବର ୨୦୨୪ର ଏକ ପ୍ରୋଜେକ୍ଟ ସିଣ୍ଡିକେଟ କମେଣ୍ଟ୍ରିରେ ସାମ୍ନାକୁ ଆଣିଥିଲି ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ବିସ୍ତାରଭାବେ ବର୍ଣ୍ଣନା କରିଥିଲି। ଏହିସିଦ୍ଧାନ୍ତ ଅତ୍ୟନ୍ତ ସରଳ। ଲଗାତର ଜାରିରହିଥିବା ବାଧା ବା ସମସ୍ୟାଗୁଡ଼ିକ ବୈଶ୍ୱିକ ସଂସ୍ଥା ଓ ବିଚାରଗୁଡ଼ିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ପାଇଁ ଗୋଟିଏ ପିଢ଼ିରେ ଥରେ ମାତ୍ର ସୁଯୋଗ ଦେଇଥାଏ। ହଠାତ୍ ସବୁକିଛି ଯେତେବେଳେ ଭୁଶୁଡ଼ିପଡ଼ିବା ମନେହୁଏ, ସେତେବେଳେ ଆମେ ସମସ୍ତେ ତାଳିପକା ସମାଧାନଠାରୁ ଆଗକୁ ବଢ଼ିବାକୁ ବାଧ ହେଉ ଏବଂ ତୃଣମୂଳ ସ୍ତରରେ ବ୍ୟବସ୍ଥାଗୁଡ଼ିକର ପୁନର୍ଗଠନ କରିଥାଉ।

ଆରମ୍ଭରୁ ଆମେ ସ୍ୱୀକାର କରିବା ଉଚିତ ଯେ, ପଲିକ୍ରାଇସିସ୍ ହେଉଛି ଏକ ପାଶ୍ଚାତ୍ୟ କୈନ୍ଦ୍ରିକ ବ୍ୟାଖ୍ୟାନ ଯାହାକୁ ବୈଶ୍ୱିକ ବୋଲି ବାହାନା କରାଯାଉଛି। ଦୁଇ ୟୁରୋପୀୟ ସିଦ୍ଧାନ୍ତବାଦୀ ଏହି ଶବ୍ଦକୁ ୧୯୯୩ରେ ସାମ୍ନାକୁ ଆଣିଥିବାବେଳେ ନିକଟରେ ଅନ୍ୟ ୟୁରୋପୀୟ ବିଶେଷଜ୍ଞମାନେ ଏହାର ପ୍ରଚାର କରିଥିଲେ। ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ପାଶ୍ଚାତ୍ୟରେ କରାଯାଇଥିବା ଏକ ସମ୍ମିଳନୀରେ ଏହି ଶବ୍ଦକୁ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଦିଆଯାଇଥିଲା ଏବଂ ପାଶ୍ଚତ୍ୟ ଗଣମାଧ୍ୟମ, ଥିଙ୍କ ଟ୍ୟାଙ୍କ୍ ଓ ଶିକ୍ଷାବିତ୍‌ଙ୍କ ଦ୍ୱାରା ଏହାକୁ ଭାଇରାଲ କରିବା ସକାଶେ ପ୍ରୋତ୍ସାହିତ କରାଯାଇଛି। ଏକ 'ଭୟଙ୍କର ଭବିଷ୍ୟତ' ସମ୍ପର୍କରେ ବିଳାପ କରିବା ପରିବର୍ତ୍ତେ ପଲିକ୍ରାଇସିସ୍ ଉପରେ ଯଦି କେବେ ବି ଆଲୋଚନା ହୁଏ , ତେବେ ଅଣ



ପାଶ୍ଚାତ୍ୟ ଦେଶଗୁଡ଼ିକ ( ଏବେ ଯାହାଙ୍କୁ କୁହାଯାଉଛି ସାଉଥ୍ ଗ୍ଲୋବାଲ)ର ସଂସ୍ଥାଗୁଡ଼ିକୁ କିମ୍ବା ଏହାର ପ୍ରଦତ୍ତ ସମାଧାନକୁ ସ୍ୱୀକାର କରାଯିବା ଦରକାର। ଏପରିକି କେତେଜଣ ସିଦ୍ଧାନ୍ତବାଦୀ 'ନବୀକୃତ ମାନବବାଦ' ପାଇଁ ଦାବି କରୁଥିବାରୁ ସେମାନେ ଢାଞ୍ଚାଗତ ଭାବେ ରହିଥିବା ଏକ ଅସମାନ ବ୍ୟବସ୍ଥା ଓ ଏହାକୁ ନେଇ ବୃଦ୍ଧିପାଉଥିବା ନିରାଶାର ବାସ୍ତବତାକୁ ସାମ୍ନା କରିବାରେ ବିଫଳ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ବିତ୍ତୀୟ ବ୍ୟବସ୍ଥା ତଥା ସଂସ୍ଥାଗତ ଅସ୍ତିତ୍ୱ ଉପରେ ପାଶ୍ଚାତ୍ୟର ପ୍ରାଧାନ୍ୟ ରହିଥିବାବେଳେ ବୈଶ୍ୱିକ ଆଇନ ବା ସିଦ୍ଧାନ୍ତରେ ଅଣ ପାଶ୍ଚାତ୍ୟର ସ୍ୱର ତଥା ବିଚାର ସୀମିତ ହୋଇଯାଇଛି।

ପଲିକ୍ରାଇସିସ୍ ଶବ୍ଦ ବୈଶ୍ୱିକ ଅସଫଳତାର ମୂଳ କାରଣଗୁଡ଼ିକୁ ଅସ୍ପଷ୍ଟ କରିଦେବା ସହ ସଙ୍କଟଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି ଦର୍ଶାଉଛି। ବାସ୍ତବରେ, ବାରମ୍ବାର ଘଟୁଥିବା ସମାନ ପ୍ରକାର ସଙ୍କଟଗୁଡ଼ିକ ଉପନିବେଶୀୟ ଶିଳ୍ପ ସମୟରେ ସୃଷ୍ଟିହୋଇ ଶିଳ୍ପ ବିପ୍ଳବ ଠାରୁ ପ୍ରକାଶ ପାଇ ଆସିଛି। ପ୍ରଗତି କହିଲେ ନିୟନ୍ତ୍ରଣ ବୋଲି ଧରିନିଆଯାଇଛି ଯେଉଁଥିରେ ପ୍ରକୃତି ଉପରେ ଯାନ୍ତ୍ରିକ ନିୟନ୍ତ୍ରଣ ଏବଂ ବିଶ୍ୱର ଅନ୍ୟ ସବୁ ଦେଶ ଉପରେ ପାଶ୍ଚାତ୍ୟର ନିୟନ୍ତ୍ରଣ ଦେଖାଯାଇଛି। ଏହା ନିଶ୍ଚିତ ଯେ, ଆଧୁନିକୀକରଣର ଅଧ୍ୟାୟ ପର୍ଯ୍ୟାପ୍ତ ଭୌତିକ ଓ ସାମାଜିକ ସୁବିଧା ଯୋଗାଇଦେଇଛି। କିନ୍ତୁ ଏହା ମଧ୍ୟ ଆମ ସମୟର ଜଟିଳ ସ୍ଥିତି ସୃଷ୍ଟିକରିବାର କାରଣ ପାଲଟିଛି। ଆମ ସମୟର ଏକ ବଡ଼ ସଙ୍କଟ ବିଶ୍ୱତାପନ ଉତ୍ପାଦନକ୍ଷମ ଶିଳ୍ପ ମଡେଲ ଯୋଗୁ ହୋଇଛି। ଏହି ମଡେଲକୁ ବାଣିଜ୍ୟ ବ୍ୟବସ୍ଥା ସହଯୋଗ କରୁଛି ଯେଉଁଥିରେ ଗରିବ ଦେଶଗୁଡ଼ିକରେ ଶ୍ରମିକମାନେ କମ୍ ଦରମାରେ ଉତ୍ପାଦନ କରୁଛନ୍ତି, ଯାହାକୁ ଧନୀ ଦେଶର ଉପଭୋକ୍ତାମାନେ ଅଧିକ ମୂଲ୍ୟରେ କିଣୁଛନ୍ତି।

ଏକ ଅତି ଜଟିଳ ଓ ବହୁଧ୍ରୁବୀୟ ବିଶ୍ୱରେ ଉପନିବେଶୀୟ ଶିଳ୍ପ ମଡେଲର ସମୟ ଶେଷ ହୋଇଯାଇଛି। ଆମକୁ ଏକ ନୂତନ ମାନସିକତା ଗ୍ରହଣ କରିବାକୁହେବ, ଯାହାକୁମୁଁକହେ–ଆଡପ୍‌ଟିଭ, ଇନ୍‌କ୍ଲୁସିଭ ଆଣ୍ଡ ମୋରାଲ ପଲିଟିକାଲ ଇକୋନୋମୀ(ଏଆଇଏମ୍) ଅର୍ଥାତ୍ ପରିବର୍ତ୍ତନ ପାଇଁ ଅନୁକୂଳ ସ୍ଥିତି, ସମାବେଶୀ ଭାବନା ଏବଂ ନୈତିକ ରାଜନୈତିକ ଅର୍ଥ ବ୍ୟବସ୍ଥା। ଏକ ଅନୁକୂଳ ସ୍ଥିତିକୁ ପରିବର୍ତ୍ତନ କରିବାକୁ ହେଲେ ସମାଜକୁ ଏକ ଅଶୋଧିତ ମେଶିନ ଭାବେ ନ ଚଳାଇ ଏକ ଜୀବନ୍ତ ନେଟ୍‌ୱର୍କ ପରି ସଞ୍ଚାଳନ କରାଯିବା ଦରକାର, ଯେଉଁଥିରେ ଶିଖିବାକୁ ମିଳିବ ଓ ବିକାଶ ବି ହେବ। ସମାବେଶୀ ହେବାକୁ ହେଲେ, ଆମ ପାଖରେ ଯାହା ଅଛି ତାହା ଉପରେ ପ୍ରଗତି ନିର୍ଭରକରେ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଅର୍ଥାତ୍ ଶକ୍ତିଶାଳୀ ଓ ଧନୀ ଦେଶଗୁଡ଼ିକର ମଡେଲକୁ ନକଲ ନ କରି ସ୍ଥାନୀୟ ସୃଜନଶୀଳତାକୁ ଗତିଶୀଳ କରିବାକୁ ପଡ଼ିବ। ଏହାବ୍ୟତୀତ ଅସନ୍ତୁଳନ ଦୂରକରିବା ସହ ରାଜନୈତିକ କ୍ଷମତା ସତ୍ତା ଦ୍ୱାରା ଗଢ଼ାଯାଇଥିବା ସନ୍ଧାନ୍ତଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନୀତିସଙ୍ଗତ( ମୋରାଲ) ହେବାକୁ ପଡ଼ିବ।

ପାଶ୍ଚାତ୍ୟର ପଦ୍ଧତିକୁ ଅନୁସରଣ କରିବା କିମ୍ବା ଦାରିଦ୍ର୍ୟରୁ ମୁକ୍ତି ପାଇଁ ଅନୁଦାନକୁ ଚାହିଁ ରହିବା ପରିବର୍ତ୍ତେ ବିଶ୍ୱର ଅନ୍ୟ ସବୁ ଦେଶ ନିଜ ବିକାଶ କଥା ନିଜେ ବୁଝୁଥିବା ବେଳେ ଏଆଇଏମ୍ ନୀତିନିର୍ଦ୍ଧାରଣ ପାଇଁ ଏକ ଦିଶା ଯୋଗାଇଦେବ। ଉଦାହରଣ ସ୍ୱରୂପ, ଚାଇନା, ଭାରତ ଏବଂ ସାଉଦି ଆରବ ଭଳି ଦେଶ ସବୁଜ ଶକ୍ତି ଉପରେ ଅତ୍ୟଧିକ ନିବେଶ କରୁଥିବାବେଳେ ସବ୍–ସାହାରାନ ଆଫ୍ରିକୀୟ ଦେଶଗୁଡ଼ିକ ଶକ୍ତି କ୍ଷେତ୍ରରେ ନୂତନତ୍ୱ ଆଣିବା ଲାଗି ପରୀକ୍ଷା ଚଳାଇଛନ୍ତି। ତେବେ ଆମେରିକାର ଟାରିଫ ଧୀରେ ଧୀରେ ବିକାଶ ପଥରେ ଆଗଉଥିବା ଭିଏତ୍‌ନାମ ଓ ଇଥୋପିଆ ଭଳି ଦେଶଗୁଡ଼ିକ ପାଇଁ ଆୟଭିତ୍ତିକ ମାର୍କେଟଗୁଡ଼ିକୁ ରପ୍ତାନିକୁ ହ୍ରାସ କରିଥିବାରୁ ସାଉଥ– ସାଉଥ–ବାଣିଜ୍ୟ ଆକାର ନର୍ଥ–ସାଉଥ ବାଣିଜ୍ୟ ଆକାରକୁ ଟପିଯାଇଛି।

ବୌଦ୍ଧିକ ଦୃଷ୍ଟିକୋଣରୁ, ୟୁରୋପ ଓ ଉତ୍ତର ଆମେରିକାରେ ' ନ୍ୟାୟିକ ରାଜନୈତିକ ଅର୍ଥ ବ୍ୟବସ୍ଥା' 'ସର୍କୁଲାର (ଚକ୍ରୀୟ) ଅର୍ଥ ବ୍ୟବସ୍ଥା'ସମ୍ପର୍କରେ ଶିକ୍ଷା ଦେବାକୁ ଯେଉଁ ବିଶେଷଜ୍ଞମାନେ ଅଧିକ ଯୋଗ୍ୟ ସେମାନେ ଦାର୍ଶନିକ କିମ୍ବା ପରାମର୍ଶଦାତା ନୁହନ୍ତି। ବରଂ ସେମାନେ ହେଉଛନ୍ତି ସ୍ଥାନୀୟ ଆଦିବାସୀ ଗୋଷ୍ଠୀ, ଯେଉଁମାନେ ପରିସଂସ୍ଥାକୁ ସୁରକ୍ଷିତ ରଖିଛନ୍ତି। ଅସ୍ତିତ୍ୱଗତ ସଙ୍କଟ ଦୃଷ୍ଟିକୋଣରୁ ଅନୁଭବହୀନ ଆଶାବାଦ ପାଇଁ ପଲିଟୁନିଟି ଏକ ଆହ୍ୱାନ ନୁହେଁ। ବରଂ ଏହା ଏକ ଉଦ୍ଦେଶ୍ୟପୂର୍ଣ୍ଣ ବାସ୍ତବତାକୁ ଦର୍ଶାଏ, ଯାହା କୌଣସି ଗୋଟିଏ ଅଞ୍ଚଳ କିମ୍ବା ସୁବିଧାବାଦୀ ଶ୍ରେଣୀ ପରିବର୍ତ୍ତେ ବାସ୍ତବରେ ବୈଶ୍ୱିକ ସମୁଦାୟର ଏକ ସୃଜନଶୀଳତାକୁ ସୂଚିତକରେ। ଏହା ସାମାନ୍ୟ ବାର୍ତ୍ତା କିମ୍ବା ଉତ୍ସାହକୁ ପ୍ରେରିତକରେ ନାହିଁ, ବରଂ ଏହା ହେଉଛି ଏକ ଗଠନମୂଳକ କାର୍ଯ୍ୟକ୍ରମ ଯାହା ଏକ ପ୍ରୟୋଗଶୀଳ ଆଧାର ଉପରେ ଆଧାରିତ। ଏହାକୁ ଗମ୍ଭୀରତାର ସହ ଏବଂ ଠିକ୍ ଭାବେ ପ୍ରୟୋଗ କଲେ ଆମେ ଆହ୍ୱାନଗୁଡ଼ିକୁ ଯେଭଳି ମୁକାବିଲା କିମ୍ବା ଅନୁଧ୍ୟାନ କରୁଛି, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ । ଆମେ ଯାହା ଦେଖୁଛୁ ତାହା ପ୍ରଗତିର ଶେଷ ନୁହେଁ, ବରଂ ଏହା ଉପନିବେଶୀୟ ଶିଳ୍ପ ମଡେଲର ଅନ୍ତ। ଯଦି ଆମେ ବିକାଶ ଉପରେ ଦୃଢ଼ ବିଶ୍ୱାସ କରୁଛୁ ତେବେ ବୁଝିବାକୁ ହେବ ଯେ, ଆଉ ଏକ ମଡେଲ ଏବେ ଆରମ୍ଭ ହେଉଛି।

**ପ୍ରଫେସର, ପଲିଟିକାଲ ଇକୋନୋମୀ, ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି**

# ଜୀବର ସ୍ୱରୂପ



ଡା. ଗୋପାଳ ଚନ୍ଦ୍ର ଦାଶ

ପତଞ୍ଜଳି ଯୋଗ ଦର୍ଶନର ଦ୍ୱିତୀୟ ପାଦ ସୂତ୍ର ସଂଖ୍ୟା ୨୦ରେ କୁହାଯାଇଛି ''ଦ୍ରଷ୍ଟା ଦୃଷ୍ଟିମାତ୍ରଃ ଶୁଦ୍ଧୋପି ପ୍ରତ୍ୟୟାନୁପଶ୍ୟ।'' ଏହାର ଅର୍ଥ ଚେତନ ପୁରୁଷ ବା ଜୀବାତ୍ମା ଶୁଦ୍ଧ, ନିର୍ମଳ ଓ ନିର୍ବିକାର ହେଲେ ମଧ୍ୟ ତ୍ରିଗୁଣାତ୍ମକ ବୁଦ୍ଧି ସାହାଯ୍ୟରେ ଜ୍ଞାନପ୍ରାପ୍ତ ହୋଇ ବାହ୍ୟ ଜଗତର ବୃତ୍ତିଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇଥାଏ। ବେଦ ତ୍ରୈତ୍ୟ ବିଦ୍ୟା ଉପରେ ଆଧାରିତ। ତ୍ରୈତ୍ୟ ବିଦ୍ୟା ହେଉଛି– ଈଶ୍ୱର, ଜୀବ ଓ ପ୍ରକୃତି।

ପରିବର୍ତ୍ତନୀୟ ସୃଷ୍ଟି ଭିତରେ ଅଦୃଶ୍ୟ ଭାବରେ ଅବସ୍ଥିତ ଚେତନ ସତ୍ତା ହେଉଛି ବ୍ରହ୍ମ ବା ଈଶ୍ୱର। ଏହି ଚେତନ ସତ୍ତା ଜୀବର ଜଡ଼ ଶରୀରକୁ ଜାଗ୍ରତ, ସ୍ୱପ୍ନ ଓ ସୁସୁପ୍ତି ଅବସ୍ଥାରେ କ୍ରିୟାଶୀଳ କରିରଖିଥାଏ, ଯାହାକୁ ପ୍ରାଣବାୟୁ (ଶ୍ୱାସ–ପ୍ରଶ୍ୱାସ) କୁହାଯାଏ। ତେଣୁ ବ୍ୟକ୍ତିଗତ ଚେତନ ସତ୍ତାକୁ ଜୀବାତ୍ମା ଓ ବ୍ରହ୍ମକୁ ପରମାତ୍ମା ଭାବରେ ଉପନିଷଦ ସ୍ୱୀକାର କରିଥାଏ। ଉପନିଷଦ କହେ ଶରୀର ଯଦି ଏକ ରଥ ହୁଏ, ଆତ୍ମା ହେଉଛି ସେହି ରଥର ପ୍ରଭୁ ବା ରଥୀ। (କଠୋପନିଷଦ ୧.୩୩) ଚେତନ ଆତ୍ମା ଜଡ଼ ଶରୀର ସହିତ ତାଦାତ୍ମ୍ୟ କରି ନିଜର ଏକ ସ୍ୱତନ୍ତ୍ର ସତ୍ତା ନିର୍ମାଣ କରିଥାଏ। ଏହି ସ୍ୱତନ୍ତ୍ର ସତ୍ତାକୁ ଅହମ୍ କୁହାଯାଏ। ସୁଖ–ଦୁଃଖ ଭଳି ସମସ୍ତ ପରିବର୍ତ୍ତନଶୀଳ ବିକାର ଜଡ଼ ଅଂଶରୁ ଉତ୍ପନ୍ନ ହୋଇଥାଏ। ଜଡ଼ ସହିତ ସମ୍ବନ୍ଧ ଥିବାରୁ ଚେତନ ଆତ୍ମା ଉପରେ ଏହାର ପ୍ରଭାବ ପଡ଼ିଥାଏ। ମାତ୍ର ଚେତନ ସତ୍ତା ଏହି ସବୁ ବିକାରର ଉର୍ଦ୍ଧ୍ୱରେ ଅବସ୍ଥିତ। ଉପନିଷଦ କହେ ଶରୀର ଯଦି ଏକ ବୃକ୍ଷ ହୁଏ, ଆତ୍ମା ଓ ପରମାତ୍ମା ଏହି ବୃକ୍ଷରେ ବସିଥିବା ଦୁଇଗୋଟି ସୁବର୍ଣ୍ଣ ପକ୍ଷୀ ଅଟନ୍ତି। ଆତ୍ମାରୂପୀ ପକ୍ଷୀ ମାୟାରେ ପଡ଼ି କର୍ମବନ୍ଧନରେ ଆବଦ୍ଧ ହୋଇ ଭୋକ୍ତା ଭାବରେ ଶରୀର ରୂପୀ ବୃକ୍ଷର ଫଳ ଭକ୍ଷଣ କରି ସୁଖ–ଦୁଃଖ ଅନୁଭବ ପୂର୍ବକ ଜନ୍ମ–ମୃତ୍ୟୁ ଚକ୍ରରେ ଗତି କରୁଥିବାବେଳେ ପରମାତ୍ମାରୂପୀ ପକ୍ଷୀ ଦ୍ରଷ୍ଟା ଭାବରେ ଆତ୍ମାର ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରି କର୍ମଫଳ ପ୍ରଦାନ କରିଥାଆନ୍ତି। (ମୁଣ୍ଡକ ଉପନିଷଦ– ୩.୧.୧) ଭଗବଦ୍‌ଗୀତା ଅନୁସାରେ ଆତ୍ମା ଜଡ଼ ଶରୀର ସହିତ ସମ୍ବନ୍ଧ ରଖିଥିବାରୁ ଉପଦ୍ରଷ୍ଟା, ଶରୀରର ସମସ୍ତ କ୍ରିୟା ସମ୍ପାଦନ ପାଇଁ ଅନୁମତି ପ୍ରଦାନ କରୁଥିବାରୁ ଅନୁମନ୍ତା, ଶରୀରର ପାଳନ ପୋଷଣ କରୁଥିବାରୁ ଭର୍ତ୍ତା ଓ ଜଡ଼ ପ୍ରକୃତିର ଗୁଣଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇ ସୁଖ–ଦୁଃଖ ଭୋଗ କରୁଥିବାରୁ ଭୋକ୍ତା ଅଟନ୍ତି (ଗୀତା ୧୩/୨୨)। ଏକମାତ୍ର ଚେତନ ପୁରୁଷ ଆତ୍ମା ଶରୀର ମଧ୍ୟରେ ପୃଥକ୍ ପୃଥକ୍ ଉପାଧି ଧାରଣ କରି କର୍ମ ସମ୍ପାଦନ କରିଥାଆନ୍ତି। ବେଦାନ୍ତ ଦର୍ଶନରେ ବ୍ରହ୍ମ ଓ ଜୀବକୁ ଏକ ସମାନ ସତ୍ତା ଭାବରେ ବର୍ଣ୍ଣନା କରାଯାଇଥିବାରୁ ଏହା ବେଦ ବିରୋଧ ବୋଲି କେତେଜଣ ଭାଷ୍ୟକାର ମତ ପ୍ରଦାନ କରିଥାଆନ୍ତି। ମାତ୍ର ଅଦ୍ୱୈତ ବେଦର ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ଅଦ୍ୱିତୀୟ ହୋଇଥିବାରୁ ଜୀବ ଓ ପ୍ରକୃତିଠାରୁ ପୃଥକ୍ ଅଟନ୍ତି। ସର୍ବ ବ୍ୟାପକ ପରମାତ୍ମା ଜୀବ ମଧ୍ୟରେ ଥିବାରୁ ଜୀବଠାରୁ ପୃଥକ୍ ନୁହନ୍ତି। ମାତ୍ର ଗୁଣ, କର୍ମ ଓ ସ୍ୱଭାବ ଦୃଷ୍ଟିରୁ ପରମାତ୍ମା ଜୀବ ସହିତ ସମାନ ନୁହନ୍ତି। ଈଶ୍ୱର ଓ ଜୀବ ଉଭୟ ଚେତନ ସତ୍ତା ତଥା ଶୁଦ୍ଧ, ପୂତ, ନିର୍ମଳ, ଅଜର, ଅମର ଓ ସାରସତ୍ୱ। ମାତ୍ର ଈଶ୍ୱର ସର୍ବଜ୍ଞ ଓ ଆନନ୍ଦମୟ ହୋଇଥିବାବେଳେ ଜୀବ ଅଳ୍ପଜ୍ଞ ଓ ଆନନ୍ଦମୟ ନୁହେଁ। ପରମାତ୍ମା ଏକ, ଅଦ୍ୱିତୀୟ ଓ ସର୍ବବ୍ୟାପକ ହୋଇଥିବାବେଳେ ଜୀବ ଦେହରୂପୀ ହୋଇଥିବାରୁ ଅନେକ ଓ ସର୍ବବ୍ୟାପକ ନୁହେଁ। ଈଶ୍ୱର ଦ୍ରଷ୍ଟା ହୋଇଥିବାବେଳେ ଜୀବ ଭୋକ୍ତା । ପରମାତ୍ମା ସର୍ବଦା ମୁକ୍ତ, ମାତ୍ର ଜୀବ ଉଭୟ ବଦ୍ଧ ଓ ମୁକ୍ତ । ଏହା ହେଉଛି ଈଶ୍ୱର ଓ ଜୀବ ମଧ୍ୟରେ ଥିବା ସମ୍ବନ୍ଧ ଓ ବୈଷମ୍ୟ। ଅଜ୍ଞାନତା ଦୃଷ୍ଟିରୁ ଈଶ୍ୱର ଓ ଜୀବ ମଧ୍ୟରେ ଥିବା ବୈଷମ୍ୟତାକୁ ନ ଦେଖି କେବଳ ସମ୍ବନ୍ଧକୁ ଗ୍ରହଣ କରିବା ଦ୍ୱାରା ଜୀବ ଓ ବ୍ରହ୍ମ ଏକ ବୋଲି ପ୍ରତୀୟମାନ ହୋଇଥାଏ। (ସତ୍ୟାର୍ଥ ପ୍ରକାଶ– ସପ୍ତମ ସମୁଲ୍ଲାସ)। ଶରୀର ମଧ୍ୟରେ ଯେପରି ଆତ୍ମା ବ୍ୟାପକ ଥାଏ, ସେହିପରି ଆତ୍ମା ମଧ୍ୟରେ ପରମାତ୍ମା ବ୍ୟାପକ ଥାଆନ୍ତି। ମୂଢ଼ ଜୀବାତ୍ମା ଏହା ଜାଣି ନ ପାରି ବିଷୟ ବାସନାରେ ଲିପ୍ତ ରହିଥାଏ। ଆତ୍ମଜ୍ଞାନ ପ୍ରାପ୍ତ ହେଲେ ଜୀବ ସମାଧି ଅବସ୍ଥାରେ ନିଜର ଶରୀରରେ ପରମାତ୍ମାଙ୍କର ବ୍ୟାପକତା ଉପଲବ୍ଧି କରିଥାଏ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ପ୍ରଦୂଷିତ ପରିବେଶ, ଖାଦ୍ୟ ଓ ବାସସ୍ଥାନ ଅଭାବରୁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଏହା ସହ ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଅନେକେ ମଧ୍ୟ କୌଣସି କାରଣରୁ ଆହତ ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ତେବେ ଶିକାରୀଙ୍କୁ ରୋକିବା ବନ ବିଭାଗର ଦାୟିତ୍ୱ ହୋଇଥିବାବେଳେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଇବା ମଧ୍ୟ ଏକ ବଡ଼ ଦାୟିତ୍ୱ ବୋଲି ଗ୍ରହଣ କରିବାକୁ ହେବ। ଏଭଳି ଦାୟିତ୍ୱ ନିର୍ବାହ କରୁଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ସେମାନେ ଆହତ ବନ୍ୟଜୀବଙ୍କୁ ଉଦ୍ଧାର କରି ସେମାନଙ୍କ ଜୀବନ ବଞ୍ଚାଉଛନ୍ତି। ୱାର୍ଦ୍ଧାରେ ଥିବା ପିଏଫ୍‌ଏ ୱାଇଲ୍ଡ ଲାଇଫ ରେସ୍‌କ୍ୟୁ ଆଣ୍ଡ୍ ରିହାବିଲିଟେଶନ ସେଣ୍ଟରରେ ସେମାନେ ଆହତ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି। ସେମାନେ ଉଦ୍ଧାର କରୁଥିବା ପ୍ରାଣୀଙ୍କ ମଧ୍ୟରେ ରହିଛନ୍ତି ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁକୁରା, ମାଙ୍କଡ଼ ଇତ୍ୟାଦି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି। ମୋଟରେ ୯ଟି ଟିମ୍ ରହିଛି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଗତବର୍ଷ କେବଳ ୫,୬୦୦ ପ୍ରାଣୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୩୧ ଅକ୍ଟୋବର ୧୯୭୬

- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସୁନ୍ଦରଗଡ଼ରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବସୁନ୍ଧରା ପୋଲ ଉଦ୍‌ଘାଟନ କରିଛନ୍ତି।
- ପ୍ରତିରକ୍ଷା ଓ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର ଚୀନକୁ ବିକିବା ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜେରାଲଡ ଫୋର୍ଡଙ୍କ ଅନୁମୋଦନ।

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 5 | | 8 | | | | | 4 |
| | | 1 | 9 | 4 | | | | |
| | | | | | | | 8 | |
| 6 | | | | 8 | | | 4 | 5 |
| | 8 | 3 | | 5 | | | 7 | 9 |
| | | | 4 | 1 | | | | |
| | | 2 | | | 1 | | | 3 |
| | 6 | | | | | | 5 | |
| 9 | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 8 | 2 | 9 | 1 | 7 | 3 |
| 7 | 9 | 8 | 1 | 3 | 4 | 6 | 2 | 5 |
| 2 | 1 | 3 | 7 | 6 | 5 | 9 | 4 | 8 |
| 1 | 5 | 9 | 3 | 7 | 8 | 2 | 6 | 4 |
| 3 | 8 | 7 | 6 | 4 | 2 | 5 | 1 | 9 |
| 6 | 4 | 2 | 5 | 9 | 1 | 3 | 8 | 7 |
| 9 | 2 | 6 | 4 | 5 | 7 | 8 | 3 | 1 |
| 8 | 7 | 5 | 2 | 1 | 3 | 4 | 9 | 6 |
| 4 | 3 | 1 | 9 | 8 | 6 | 7 | 5 | 2 |

ଗତକାଲିର ଉତ୍ତର

# ଅରାଜକତା ବନାମ ମାନବାଧିକାର



ଅସୀମା ପଟ୍ଟନାୟକ

ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ଘଟିଥିବା ଅରାଜକତାକୁ ରାଜନୈତିକ ଦୃଷ୍ଟିକୋଣରୁ ଚିନ୍ତା କଲେ ତାହା ଭାରତ ପାଇଁ ଅନୁକୂଳ ନ ଥିଲା। ପ୍ରତିଟି ଦେଶରେ ଚାଇନା ତା'ର ବିସ୍ତାରବାଦୀ ରଣକୌଶଳର ପ୍ରୟୋଗ କରି ସଫଳ ହୋଇଛି। ଚାଇନା ପ୍ରଥମରୁ ପାକିସ୍ତାନ ସହ ରହିଛି। ତେଣୁ ପ୍ରଥମେ ପାକିସ୍ତାନ, ଶ୍ରୀଲଙ୍କା, ମାଳଦ୍ୱୀପ, ବାଂଲାଦେଶ ଓ ଏବେ ନେପାଳ ମଧ୍ୟ ଚାଇନାର ନିୟନ୍ତ୍ରଣକୁ ଆସିଯାଇଛି। ବାକି ଗୋଟିଏ 'ଭୁଟାନ' ଓ ଅନ୍ୟଟି 'ମ୍ୟାନ୍‌ମାର' ଚାଇନାର ଅର୍ଥନୈତିକ ଚାପରେ ନିୟନ୍ତ୍ରିତ ହୋଇରହିଛି। କେବଳ ଭୁଟାନ ହିଁ ରହିଯାଇଛି କାରଣ ତା'ର ସାମରିକ ବ୍ୟବସ୍ଥା ଭାରତ ସହ ସଂଲଗ୍ନିତ। ତଥାପି ସେଇ ସୀମାନ୍ତରେ ଚାଇନା ବାରମ୍ବାର ଉତ୍ତେଜନା ଜାରି ରଖିଛି।

ଏଥିରୁ ଏତିକି ସ୍ପଷ୍ଟ ଯେ ଭାରତକୁ ଚତୁଃପାର୍ଶ୍ୱରୁ ଘେରିବାର ଏହା ଏକ ଚାଲ୍। ଏକଥା କୁହାଯାଇପାରେ କି ଭାରତକୁ ଦକ୍ଷିଣ ପୂର୍ବ ଏସିଆ ତଥା ବିଶ୍ୱରେ ଏକଘରିକିଆ କରାଇବାରେ ଚାଇନାର ଉଦ୍ୟମ ସଫଳ ହୋଇପାରିଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାଶୀଳ ବୈଦେଶିକ ନୀତି ଦ୍ୱାରା ପାଶ୍ଚାତ୍ୟ ଦେଶମାନଙ୍କ ସହ ଭାରତର ସମ୍ପର୍କ ତିକ୍ତ ପ୍ରାୟ। ତେଣୁ ଭାରତର ବୈଦେଶିକ ନୀତିକୁ ଅନ୍ୟୋନପାୟ ଭାବରେ ରୁଷ୍‌ର ମଧ୍ୟସ୍ଥତାରେ ଚାଇନା ସହ ସୁସମ୍ପର୍କ ସ୍ଥାପନ କରିବା ବ୍ୟତୀତ ବୋଧହୁଏ ଆଉ କୌଣସି ବିକଳ୍ପ ନ ଥିଲା। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହିଭଳି ପଦକ୍ଷେପଟିଏ ନେଇଥିଲେ ଏବଂ 'ପଞ୍ଚଶୀଳ ନୀତି'କୁ ନେଇ ଚାଇନା ସହ ଏକ ବନ୍ଧୁତାର ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ହେଲେ ଚାଇନା ବିଶ୍ୱାସଘାତକତା କଲା। ଆଉ ଏ ଚୁକ୍ତି ସ୍ୱାକ୍ଷରିତ ହେବାର ଅଳ୍ପଦିନ ପରେ ଭାରତ ଉପରେ ଆକ୍ରମଣ କଲା।

ଇତିହାସର ଏଇ ଅନୁଭୂତିକୁ ଅନୁଶୀଳନ କଲେ ଜଣାଯାଏ କି ଚାଇନା ସମାନ ଢଙ୍ଗରେ ବିଶ୍ୱାସଘାତକତା କରିପାରେ। ଆଗରୁ ଉତ୍ତର (ଚାଇନା) ଏବଂ ପଶ୍ଚିମ (ପାକିସ୍ତାନ) ସୀମାନ୍ତରେ ଆମର ଶତ୍ରୁରାଷ୍ଟ୍ରମାନେ ଥିଲେ, ହେଲେ ପୂର୍ବ ଏବଂ ଦକ୍ଷିଣ ଦିଗରୁ ଆମେ ପ୍ରାୟତଃ ସୁରକ୍ଷିତ ଅନୁଭବ କରୁଥିଲେ, ମାତ୍ର ଏସବୁ ରାଷ୍ଟ୍ରର ଅରାଜକତା ପର ସ୍ଥିତି ଯୋଗୁଁ ସେ ଦୁଇପାର୍ଶ୍ୱ ମଧ୍ୟ ଏବେ ଚାଇନା ଦ୍ୱାରା ପ୍ରଭାବିତ ହୋଇଯାଇଛି।

ଅର୍ଥନୈତିକ ଦୃଷ୍ଟିରୁ ଏସବୁ ଦେଶ ଭାରତ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ମାତ୍ର ନେପାଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ, ଯେଉଁଠି କୌଣସି ଚାଷଜମି ନାହିଁ ଓ ଶିଳ୍ପ ମଧ୍ୟ ନାହିଁ। ସେମାନେ ବିଦେଶ, ମୁଖ୍ୟତଃ ଭାରତରେ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି ଓ ଅର୍ଜିତ ଅର୍ଥକୁ ନିଜ ଦେଶକୁ ପଠାଇଥାନ୍ତି। ଆଉ ସେଥିରୁ ପ୍ରାପ୍ତ ବୈଦେଶିକ ମୁଦ୍ରା ଓ ପର୍ଯ୍ୟଟନରୁ ଆୟ ହିଁ ନେପାଳର ମୁଖ୍ୟ ଜାତୀୟ ଆୟ।

ଆଉ ଏକ ଚିନ୍ତାର ବିଷୟ ହେଲା ମାନବ ଅଧିକାରର ଉଲ୍ଲଂଘନ, ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମାନ ଭାବରେ ତାହା ସଂଘଟିତ ହୋଇପାରିଛି। ପ୍ରଥମେ ଶାସନତନ୍ତ୍ରରେ ରହିଥିବା ବ୍ୟକ୍ତିମାନେ ଓ ପରେ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତି ବିଶେଷ ତଥା ସର୍ବୋପରି ସାଧାରଣ ଜନତାଙ୍କୁ ମଧ୍ୟ ସେମାନେ ଛାଡ଼ିଲେ ନାହିଁ।



ଚାଇନାର ମାଓ–ସେ–ତୁଙ୍ଗ ଦେଶରେ ଗଣତନ୍ତ୍ରବାଦୀ ବା ମାନବାଧିକାରବାଦୀମାନଙ୍କୁ ସମୂଳ ଧ୍ୱଂସ କରିଦେବାର ଏକ ଅମାନବୀୟ ପ୍ରକ୍ରିୟାକୁ ଆପଣେଇ ଥିଲେ। ଘୋଷଣା କଲେ କି ଯେଉଁମାନେ ଗଣତନ୍ତ୍ର ବା ମାନବ ଅଧିକାରକୁ ପ୍ରାଧାନ୍ୟ ଦେବାକୁ ଇଚ୍ଛା କିମ୍ବା ଚିନ୍ତା କରୁଥାନ୍ତି ସେମାନେ ତାଙ୍କର ମତାମତକୁ ସରକାରଙ୍କୁ ଜଣାନ୍ତୁ। ତାହାର ଉପଯୁକ୍ତ ଭାବରେ ତର୍ଜମା କରାଯିବ। ତାଙ୍କ କଥାରେ ବିଶ୍ୱାସ କରି ଅନେକ ହଜାର ବୁଦ୍ଧିଜୀବୀ, ଛାତ୍ର, ଅଧ୍ୟାପକ, ଦାର୍ଶନିକମାନେ ନିଜ ନିଜର ମତାମତ ସରକାରଙ୍କୁ ଜଣାଇଲେ। ସେଥିପାଇଁ ଦିଆଯାଇଥିବା ସମୟ ଅବଧିର ପରିସମାପ୍ତି ପରେ ସରକାର ଗଣତନ୍ତ୍ର ତଥା ମାନବ ଅଧିକାର ସପକ୍ଷରେ ମତ ଦେଇଥିବା ହଜାର ହଜାର ବୁଦ୍ଧିଜୀବୀଙ୍କୁ ତଥା ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିମାନଙ୍କୁ ଚିହ୍ନଟ କଲେ। ସେମାନଙ୍କୁ ତାଙ୍କ ଘରୁ ନିମନ୍ତ୍ରଣ କରି ଡାକି ଆଣିଲେ ଓ ଗୋଟିଏ ଧାଡ଼ିରେ ଠିଆ କରାଇ ଏକ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଦେଲେ, ଫଳରେ ଉଦାରବାଦୀ ଚିନ୍ତାଧାରାର ମୂଳୋତ୍ପାଟନ ହୋଇଗଲା। ଆଉ କମ୍ୟୁନିଷ୍ଟ ପାର୍ଟିର ଏକଚ୍ଛତ୍ରବାଦୀ ଶାସନ ବ୍ୟବସ୍ଥା ବଳବତ୍ତର ହୋଇ ରହିଲା।

କ୍ରମେ ଶାସନର ପରିବର୍ତ୍ତନ ଘଟିଲା। ମାଓ ଚାଲିଗଲେ ଉତ୍ତରାଧିକାରୀ ଭାବରେ ଚାଓ–ଏନ୍–ଲାଇ ତାଙ୍କ ଦଳର ତଥା ଦେଶର ଶାସନ ମୁଖ୍ୟ ହେଲେ, ମାତ୍ର ସେହି ସମୟରେ ଚାଇନାର ବୁଦ୍ଧିଜୀବୀଙ୍କ ଭିତରେ ପୁନଶ୍ଚ ସେଇ ମାନବାଧିକାର ପ୍ରାପ୍ତ କରିବାର ତଥା ଗଣତନ୍ତ୍ରକୁ ଆପଣେଇବାର ମନୋଭାବ ଜାଗ୍ରତ ହେଲା, ବିଶେଷ ଭାବରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇ ଆଗକୁ ବାହାରିଲେ ଓ କ୍ରମେ ଗଣତନ୍ତ୍ରବାଦ ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେ। ଚାହୁଁ ଚାହୁଁ ହଜାର ହଜାର ଛାତ୍ରୀଛାତ୍ର ସେଥିରେ ଯୋଗଦେବାକୁ ଲାଗିଲେ, ଆଉ ସେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଅଂଶଟିଏ ଭାବରେ ଦିନେ ଐତିହାସିକ 'ତିଆନେନ୍ ମେନ୍' ଛକଠାରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଏକତ୍ରିତ ହେଲେ। ଚାରିକଡୁ ଆବଦ୍ଧ କରି ଟ୍ୟାଙ୍କରେ ଅନ୍ଧାଧୁନ୍ଦିଆ ଗୁଳି ଚାଳନା ହେଲା, ଫଳତଃ ୧୦ ହଜାରରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଗଲା।

ଭାରତର ସମ୍ବିଧାନ ପ୍ରଣେତାଙ୍କର ମାନବ ଅଧିକାରକୁ ନେଇ ଅତ୍ୟନ୍ତ ଉଦାରବାଦୀ ଓ ରଚନାତ୍ମକ ଭାବନା ଯୋଗୁ ଆମେ ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ତଥା ସମ୍ବିଧାନକୁ ପ୍ରାପ୍ତ କରିଅଛେ, ତାହା ପ୍ରାୟ ସମଗ୍ର ବିଶ୍ୱରେ ବିରଳ। ସେଥିପାଇଁ ନେପାଳ ଓ ବାଂଲାଦେଶର ସ୍ଥିତି ଉପରେ ଟିପ୍ପଣୀ ଦେଇ ଆମ ସୁପ୍ରିମକୋର୍ଟର ଦୁଇଜଣ ବିଚାରପତି କହିଛନ୍ତି 'ଭାରତବର୍ଷରେ ଏଭଳି କାଣ୍ଡ ଘଟିବାର ସମ୍ଭାବନା ନାହିଁ କାରଣ ଆମ ସମ୍ବିଧାନ ବେଶ୍ ମଜଭୁତ 'ଅବଶ୍ୟ ଏହା ଆମର ଗର୍ବ ଓ ସନ୍ତୋଷ ପ୍ରାପ୍ତିର କାରଣ ହୋଇପାରେ ହେଲେ ଆମ ସୀମାନ୍ତରେ ଚାଲିଥିବା ପାରିପାର୍ଶ୍ୱିକ ଅବ୍ୟବସ୍ଥାକୁ ଅଣଦେଖା ନ କରି ଆମ ସାମ୍ବିଧାନିକ ମୂଲ୍ୟବୋଧକୁ ବିଚାର ରଖିବାର ଗୁରୁଦାୟିତ୍ୱ ଆମ ସମସ୍ତ ଦେଶବାସୀ ଏବଂ ନାଗରିକଙ୍କର ହେବା ଉଚିତ।

ମୋ: ୮୨୪୯୨୯୯୭୮୭

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତଙ୍କୁ ନିଯୁକ୍ତି

ମହାଶୟ,

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ଅସ୍ଥାୟୀ ଭାବେ ପୂରଣ କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନେ ଅତିଥି ଭାବେ ନିଯୁକ୍ତି ପାଇବେ। ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସହିତ ସଂସ୍କୃତ କଲେଜଗୁଡ଼ିକରେ ଏହି ପଦକ୍ଷେପ ୨୦୨୫–୨୬ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଯାଉଛି। ଚୟନ ପ୍ରକ୍ରିୟା, ନିଯୁକ୍ତି, ଦରମା ଓ କାର୍ଯ୍ୟ ଦିନ ଆଦି ସମସ୍ତ ବିବରଣୀ ଉଚ୍ଚଶିକ୍ଷା ସୂଚନା ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତାର ସହିତ ହେବ। ଏହି ଅତିଥି ଅଧ୍ୟାପକମାନେ ଚୁକ୍ତିଭିତ୍ତିକ ଭାବେ ଗୋଟିଏ ଶିକ୍ଷାବର୍ଷ କିମ୍ବା ନିୟମିତ ପଦବୀ ପୂରଣ ପର୍ଯ୍ୟନ୍ତ ରହିପାରିବେ। ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷାସେବା ଦୃଷ୍ଟିରେ ଦରକାର ପଡ଼ିଲେ ତାଙ୍କର ନିଯୁକ୍ତି ଅବଧି ବଢ଼ାଯାଇପାରେ ବୋଲି ସରକାର ଘୋଷଣା କରିଛନ୍ତି। ଶିକ୍ଷା ସମାପ୍ତ ହେବା ପରେ ବର୍ଷ ପରେ ବର୍ଷ ବେରୋଜଗାରୀ ଯୁବଗୋଷ୍ଠୀ ନିଯୁକ୍ତିର ଅପେକ୍ଷା କରୁଛନ୍ତି, ଆଉ ସେହି ସମୟରେ ଅବସରପ୍ରାପ୍ତ ପ୍ରଫେସରମାନଙ୍କୁ ପୁଣି ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରାଯିବା ପ୍ରସଙ୍ଗ ଏହା କି ନ୍ୟାୟସଂଗତ ? ଅତିଥି ଶିକ୍ଷକ ପଦବୀ ମଧ୍ୟ ଯୁବଗୋଷ୍ଠୀଙ୍କ ହାତରୁ ଛଡାଇ ନିଆଯାଉଛି। ବ୍ୟବସ୍ଥା ମନେକରୁଛି ଅନୁଭବ ଅଛି, ତେଣୁ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ଦେଲେ କିଛି ଭୁଲ୍ ହେବ ନାହିଁ । ପ୍ରଶ୍ନ ହେଉଛି, ଯଦି ଯୁବ ଶିକ୍ଷିତଗୋଷ୍ଠୀ ଅନୁଭବ ନ ପାଇବେ, ତେବେ ସେମାନେ କେବେ ଅନୁଭବୀ ହେବେ ?

**–ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ ।
–(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଶିଶୁପୁତ୍ରକୁ ସାକ୍ଷାତ କରିପାରିବେ ବାପା, ଜେଜେ: ହାଇକୋର୍ଟ

**ଛାଡ଼ପତ୍ର ମାମଲା ସାଜିବନି ବାଧକ**

କଟକ,୩୦।୧୦(କାର୍ତ୍ତିକ ସାହୁ)

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ସନ୍ତାନଙ୍କୁ ବାପା, ଜେଜେମା'ଜେଜେବାପା ସାକ୍ଷାତ କରିପାରିବେ। ଜନ୍ମଦିନରେ ବା ଅନ୍ୟ ସାକ୍ଷାତ୍ ସମୟରେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍. କେ. ମିଶ୍ର ଏପରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ସୌରଭଙ୍କ ସ୍ତ୍ରୀ ପାରିବାରିକ ବିବାଦରୁ ତାଙ୍କ ଶାଶୁଘରୁ ଯାଇ ବାପ ଘରେ ରହୁଛନ୍ତି। ତାଙ୍କ ନିକଟରେ ଦୁଇ ବର୍ଷର ନାବାଳକ ପୁତ୍ର ରହୁଛି। ସୌରଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ସମେତ ଅନେକଗୁଡ଼ିଏ ମାମଲା ଅଦାଲତରେ ବିଚାରାଧୀନ ରହିଛି। ତେବେ ଶିଶୁପୁତ୍ରକୁ ସାକ୍ଷାତ୍ କରିବା ପାଇଁ ସୌରଭ ପରିବାର ଅଦାଲତରେ କରିଥିବା ଆବେଦନକୁ ଗତ ମାର୍ଚ୍ଚ ୨୦ତାରିଖରେ ଅଦାଲତ ଖାରଜ କରିଦେଇଥିଲେ। ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଗତ ୧୫ ତାରିଖରେ ଶେଷ ହୋଇଥିବାବେଳେ ୨୮ ତାରିଖରେ ରାୟ ପ୍ରକାଶ ପାଇଛି। ହାଇକୋର୍ଟ ଉକ୍ତ ରାୟରେ ଦର୍ଶାଇଛନ୍ତି ଯେ, ସୌରଭ ତାଙ୍କ ମାତାପିତାଙ୍କ ସହିତ ମାସରେ ୨ଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ମହିଳା ମଧ୍ୟସ୍ଥଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଶିଶୁପୁତ୍ରକୁ ସାକ୍ଷାତ୍ କରିପାରିବେ। ଏଥିସହ ସୌରଭ ତାଙ୍କ ମାତାପିତାଙ୍କ ସହିତ ପ୍ରତି ୨ୟ ଓ ୪ର୍ଥ ଶନିବାର ଓ ରବିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିପାରିବେ। ଭିଡିଓ କଲିଂ କରିବା ପାଇଁ ସୌରଭ ତାଙ୍କ ସ୍ତ୍ରୀଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ ସିମ୍ କାର୍ଡ ସହିତ ଦେବେ। ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ୍ ବେଳେ ପିତା ଓ ଜେଜେ, ଜେଜେମା' ତାଙ୍କ ନାତିକୁ ଉପହାର ମଧ୍ୟ ଦେଇପାରିବେ। ଏହି ଦିନ ବ୍ୟତୀତ ସେମାନେ ମଧ୍ୟ ନାତି ଜନ୍ମଦିନରେ ତାକୁ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ପ୍ରତିପକ୍ଷରୁ ଆଇନଜୀବୀ ଏସ୍. କେ. ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

## ୪ ମେମୁ ଟ୍ରେନ୍ ବାତିଲ

ଭୁବନେଶ୍ୱର,୩୦।୧୦
(ଅନୁରାଧା ମହାରଣା)

ଦକ୍ଷିଣ -ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ଅମର୍ଦ୍ଦା ରୋଡ ରେଳ ଷ୍ଟେଶନର ୟାର୍ଡ ପୁନଃମଡେଲିଂ କାର୍ଯ୍ୟ ହେତୁ ୪ଟି ମେମୁ ଟ୍ରେନ୍ ନଭେମ୍ବର ୨ତାରିଖରେ ବାତିଲ ରହିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୬୮୦୪୯ ଖଡ଼ଗପୁର-ଭଦ୍ରକ ମେମୁ, ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ, ୬୮୦୫୨ ଭଦ୍ରକ-ବାଲେଶ୍ୱର ମେମୁ ଓ ୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ ରହିଛି।

## ଏମ୍‌ସିସି ଉଲ୍ଲଂଘନ: ଓଆଇଏସ୍ ତନୁଜା ନିଲମ୍ବିତ

ଭୁବନେଶ୍ୱର,୩୦।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଉଲ୍ଲଂଘନ ନେଇ ଓଆଇଏସ୍-୨ ତନୁଜା ମହାନ୍ତିଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୁରୁବାର ଏସଂକ୍ରାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ ତନୁଜା ମହାନ୍ତିଙ୍କୁ ନିଲମ୍ବନ କରାଯାଉଛି। ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର ମୁଖ୍ୟାଳୟ ଛାଡ଼ି, ବିନା ଅନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ତନୁଜା ଏକ ରାଜନୈତିକ ଦଳର ପ୍ରଚାର ଓ ପ୍ରସାର କରୁଥିବା ନେଇ ବିରୋଧୀଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

# ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର

ଭୁବନେଶ୍ୱର, ୨୫।୧୦
(ସୁଚିସ୍ମିତା ସାହୁ)

ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡିକୁ ନିଶାମୁକ୍ତ କରାଯିବ। ପିଲାମାନେ ଶୈକ୍ଷିକ ବାତାବରଣରେ ପାଠପଢ଼ିବେ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଏନେଇ ଜଣେ ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ନିଶାମୁକ୍ତ ପରିବେଶ ପ୍ରତି ସଚେତନତା ସୃଷ୍ଟିକରିବା ସହ ନିଜ ଲୁକ୍କାୟିତ ପ୍ରତିଭା ଯଥା ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କ୍ୟାମ୍ପସଗୁଡିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଆଲୋଚନା ସହ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଜେଲ ଜଗିବେ ହୋମ୍‌ଗାର୍ଡ

**ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଲେ ଜେଲ ଡିଜି**

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

ରାଜ୍ୟରେ ଥିବା ଜେଲଗୁଡିକର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବାକୁ ସେଠାରେ ହୋମ୍‌ଗାର୍ଡ(ଗୃହରକ୍ଷୀ)ମାନେ ନିୟୋଜିତ ହେବେ। ଜେଲଗୁଡ଼ିକରେ ଏବେ ପର୍ଯ୍ୟାପ୍ତ ୱାର୍ଡର ନ ଥିବାରୁ ଜେଲ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସୁଶାନ୍ତ କୁମାର ନାଥ ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜେଲରେ ଖାଲି ଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ହୋମ୍‌ଗାର୍ଡମାନେ ଅସ୍ଥାୟୀ ଭାବେ ପ୍ରାୟ ବର୍ଷେ ଯାଏ ଡ୍ୟୁଟି କରିବେ। ଆବଶ୍ୟକ ପଡ଼ିଲେ ୱାର୍ଡରଙ୍କ ନିୟମିତ ନିଯୁକ୍ତି ହେବା ଯାଏ ମଧ୍ୟ ସେମାନେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ରାଜ୍ୟର ୮୭ଟି ଜେଲରେ ୨୪ ହଜାର ୧୯୬ କଏଦୀ ରହିପାରିବାର କ୍ଷମତା ରହିଥିବାବେଳେ ଏବେ ୧୭ ହଜାର ୩୦୦ କଏଦୀ ରହୁଛନ୍ତି। ଏସବୁ ଜେଲରେ ଥିବା ମୋଟ ୧୮୫୬ ୱାର୍ଡର ପଦବୀରୁ ୬୦୦ଟି ପଦବୀ ଖାଲି ପଡ଼ିଛି। ନୂଆ ୱାର୍ଡର ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁରହିଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏଭଳି ଅନ୍ତରୀଣ ପଦକ୍ଷେପ ନିଆଯାଇଛି। କିଛି ମାସ ମଧ୍ୟରେ ଏକାଧିକ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ତ୍ରୁଟି ଦେଖିବାକୁ ମିଳିଛି। ଏପରିକି ଜେଲରେ ସୁରକ୍ଷା ଢିଲା କାରଣରୁ କଏଦୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। କିଛିଦିନ ତଳେ ଚୌଦ୍ୱାର ଜେଲରେ ରହୁଥିବା ୨ ପେସାଦାର ଅପରାଧୀ ଫେରାର ହୋଇଯାଇଥିଲେ। ସେହିପରି ଏହାର କିଛିଦିନ ପରେ ସୋର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ମଧ୍ୟ ଖସିଯାଇଥିଲେ। ତେଣୁ ଜେଲ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଗୃହରକ୍ଷୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜେଲଗୁଡ଼ିକୁ ଏସ୍‌ପି ଓ ଜିଲାପାଳ ଅଚାନକ ଗସ୍ତ କରିବାକୁ କିଛିଦିନ ତଳେ ଜେଲ ଡିଜି ଚିଠି ଲେଖିଥିଲେ। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ କୁହାଯାଇଥିଲା।

# ୧ରୁ ସୁଭଦ୍ରା ଶକ୍ତି ମେଳା

**ଓଡ଼ିଶା ସମେତ ୧୧ ରାଜ୍ୟର ଏସ୍‌ଏଚ୍‌ଜି ମହିଳା ସାମିଲ ହେବେ**




ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତିମେଳା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)

ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ଓ ସୃଜନଶୀଳତା ପ୍ରତିପାଦିତ କରିଥିବା ଉଦ୍ୟୋଗୀ ନାରୀଙ୍କୁ ନେଇ ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ୧୧ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଭାଗନେଇ ନିଜ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ରାଜ୍ୟର ସମସ୍ତ ଜିଲାରୁ ୩ଶହରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବ। ଏହି ମେଳାରେ ଏସ୍‌ଏଚ୍‌ଜି ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ ଖୋଲିବ ବୋଲି ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଶକ୍ତି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏଠାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରୟ ହେବ। ପରିଦର୍ଶକ ଓ ଅତିଥିମାନେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହି ମେଳାରେ ଓଡ଼ିଶା ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ମଜା ନେଇପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମଥର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ ଶୋ ଆୟୋଜିତ ହେବ। ଲୋକେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳାକୁ ସପରିବାର ଆସି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଏହି ଅନୁପମ ସମାହାରକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆମନ୍ତ୍ରଣ କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ, ଭୁବନେଶ୍ୱରରେ ବିକଶିତ ହେବ ମଡ୍ୟୁଲାର ରେଳଯାତ୍ରୀ ଧାରଣ କ୍ଷେତ୍ର

ଭୁବନେଶ୍ୱର,୩୦।୧୦
(ଅନୁରାଧା ମହାରଣା)

ଦେଶର ବିଭିନ୍ନ ରେଳ ଷ୍ଟେଶନରେ ୭୬ଟି ମଡୁଲାର ଯାତ୍ରୀ ଧାରଣ କ୍ଷେତ୍ର ବିକାଶ ପାଇଁ ଏକ ଯୋଜନାକୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ଧାରଣ କ୍ଷେତ୍ରର ସଫଳତା ପରେ ଏହି ପଦକ୍ଷେପ ନିଆଯାଇଛି। ଦେଶବ୍ୟାପୀ ଯୋଜନା କରାଯାଇଥିବା ନୂଆ ଧାରଣ କ୍ଷେତ୍ରଗୁଡ଼ିକ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଏହି ଯାତ୍ରୀ ଧାରଣ କ୍ଷେତ୍ର ବିକାଶ କରାଯିବ। ସମସ୍ତ ଧାରଣ କ୍ଷେତ୍ର ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଦୀପାବଳି ଓ ଛଟ୍ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନ ଅତ୍ୟଧିକ ଯାତ୍ରୀ ଭିଡ଼କୁ ତା'ର ନୂଆ ବିକଶିତ ଧାରଣ କ୍ଷେତ୍ର ସାହାଯ୍ୟରେ ପରିଚାଳନା କରିଥିଲା। ଏହି ଧାରଣ କ୍ଷେତ୍ରର ନିର୍ମାଣ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ଏହା ଯେକୌଣସି ସମୟରେ ପ୍ରାୟ ୭,୦୦୦ ଯାତ୍ରୀଙ୍କୁ ଧାରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବୋର୍ଡିଂ ପୂର୍ବରୁ ସୁବିଧା ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏଠାରେ ପୁରୁଷ ଓ ମହିଳାଙ୍କ ପାଇଁ ୧୫୦ଟି ଲେଖାଏ ଶୌଚାଳୟ, ଟିକେଟ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର ଏବଂ ମାଗଣା ଆର୍‌ଓ ଜଳ ସୁବିଧା ଉପଲବ୍ଧ ରହିଛି। ଏହି ସୁବିଧା ଯାତ୍ରୀ ଚଳନକୁ ସୁଗମ କରିବା ପାଇଁ ୩ଟି ଜୋନ୍ ଟିକେଟିଂ, ପୋଷ୍ଟ-ଟିକେଟିଂ ଏବଂ ପ୍ରି-ଟିକେଟିଂରେ ବିଭକ୍ତ ହୋଇଛି।

# କବି, ନେତା ଶଙ୍କର୍ଷଣ ପରିଡ଼ାଙ୍କ ପରଲୋକ

**ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଶୋକ**

ପୁରୀ,୩୦।୧୦
(ଅଜିତ୍ କୁମାର ମହାନ୍ତି)



ବିଶିଷ୍ଟ କବି ତଥା ରାଜନେତା ଶଙ୍କର୍ଷଣ ପରିଡ଼ାଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସ୍ୱର୍ଗତ ପରିଡ଼ା ଫୁସ୍‌ଫୁସ୍ କ୍ୟାନ୍ସରରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ସେ ମୁମ୍ବାଇରେ ଚିକିତ୍ସିତ ହୋଇ ଭୁବନେଶ୍ୱରସ୍ଥିତ ଘରକୁ ଫେରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ମଙ୍ଗଳବାର ରାତିରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱରରୁ ମରଶରୀରକୁ ପ୍ରଥମେ ତାଙ୍କ ଜନ୍ମମାଟି ପୁରୀ ସଦର ବ୍ଲକ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁକୁ ନିଆଯାଇଥିଲା। ସେଠାରୁ ପୁରୀ ବାସଭବନ 'ଇନ୍ଦ୍ରପ୍ରସ୍ଥ'କୁ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

୧୯୬୧ ମସିହାରେ ସ୍ୱର୍ଗତ ପରିଡ଼ା ଜନ୍ମଲାଭ କରିଥିଲେ। ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସେ ବିଏ ପାସ୍ କଲା ପରେ ଏଜୁକେଶନରେ ଏମ୍‌ଏ କରିଥିଲେ। ସେ ଓଡ଼ିଶାର ଜଣେ ଜନପ୍ରିୟ କବି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କର ପ୍ରକାଶିତ କବିତା ପୁସ୍ତକ ମଧ୍ୟରେ 'ମାୟାମଞ୍ଚ', 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱରବର୍ଣ୍ଣ', 'ଚିତ୍ରାକ୍ଷର' ଏବଂ 'କବିତା କଣିକା' ଥିଲା ଅନ୍ୟତମ। କେବଳ କବି ଭାବେ ନୁହେଁ, ଜଣେ ରାଜନେତା ଭାବେ ମଧ୍ୟ ସେ ବେଶ୍ ପରିଚୟ ସୃଷ୍ଟି କରିଥିଲେ। ସେ ବାଲିପୁଟ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଜନ ପ୍ରତିନିଧି, ପୁରୀ ସଦର ବ୍ଲକର ପୂର୍ବତନ ଅଧକ୍ଷ, ଜିଲା ପରିଷଦର ପୂର୍ବତନ ଅଧକ୍ଷ, ରାଜ୍ୟ କତା ଶିଳ୍ପ ନିଗମର ପୂର୍ବତନ ଅଧକ୍ଷ, ଓଡ଼ିଶା ରାଜ୍ୟ ପଞ୍ଚାୟତ ପରିଷଦର ସଭାପତି ରହିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅନେକ ନେତା, କବି, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, ୩୦।୧୦ (ସୁନିତ୍ ମିଶ୍ର)

କବି ତଥା ଭାଜପା ପଞ୍ଚାୟତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡାଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୋକ ପ୍ରକାଶ କରିବା ସହିତ ପରିଡାଙ୍କ ବିୟୋଗ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପରିଡା ପୁରୀ ଜିଲା ପରିଷଦର ପୂର୍ବତନ ଅଧକ୍ଷ ରହିଥିଲେ। ପୁରୀ ଜିଲାର ସେ ଜଣେ ଜଣାଶୁଣା ଚେହେରା ଥିଲେ। ତାଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସ୍ୱର୍ଗତ ପରିଡାଙ୍କ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପରିଡାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରଲୋକ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ପରିଡା କିଛିଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା।

# ମହିଳାଙ୍କୁ ମୃତ ଭାବି ରାତିସାରା ଜଗି ରହିଲା ପୋଲିସ

**ହତ୍ୟା ସନ୍ଦେହ କରି ତଥ୍ୟ ଦେବାକୁ ଗାଁରେ ମରାଗଲା ନୋଟିସ**

**ଅଜବ ଘଟଣା**

ବୌଦ୍ଧ,୩୦।୧୦
(ଅଜିତ କୁମାର ବାରିକ)


ନୋଟିସ
ଆପଣଙ୍କ ଅଞ୍ଚଳରେ ଘଟିଥିବା ଲକ୍ଷ୍ମୀପ୍ରିୟା ନାଏକ ର ମୋର୍ଡର କେସର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସ କୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ।
ତଥ୍ୟ ପ୍ରଦାନକାରୀଙ୍କର ନାମ ଓ ଠିକଣା ଗୋପନୀୟ ରଖାଯିବା ସହ ଉପଯୁକ୍ତ ଭାବେ ପୁରସ୍କୃତ କରାଯିବ।
ଆପଣଙ୍କ
ଆଦର୍ଶ ଥାନା ଅଧିକାରୀ ବୌଦ୍ଧ

ଗିରାସିଙ୍ଗା ଗ୍ରାମରେ ପୋଲିସ ନୋଟିସ ମାରିଛି।



ଥାନାରେ ଲକ୍ଷ୍ମୀପ୍ରିୟା ନାଏକ।

ବୌଦ୍ଧ ଥାନା ଅଞ୍ଚଳରେ ଗତ ବୁଧବାର ଏକ ଅଜବ ଘଟଣା ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଭାବି ପୋଲିସ ରାତିସାରା ଜୀବିତ ମହିଳାଙ୍କ ସନ୍ଦେହଜନକ ମୃତଦେହକୁ ଜଗି ରହିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପଟେ ଗୁରୁବାର ସକାଳୁ ମହିଳା ଜଣଙ୍କ ଘଟଣାସ୍ଥଳରୁ ଉଠିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

ସୂଚନା ଅନୁସାରେ, ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ନାୟକ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରାସିଙ୍ଗା ଗ୍ରାମକୁ ଯାଇ ଉକ୍ତ ମହିଳାଙ୍କୁ ଖୋଜାଖୋଜି କରିବା ବେଳେ ଲକ୍ଷ୍ମୀପ୍ରିୟା ଘର ନିକଟରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରି ପୋଲିସ ରାତିସାରା ଜଗି ରହିଥିଲା। ଏହା ସହ ପୋଲିସ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ଲଗାଇଥିଲା। ଲକ୍ଷ୍ମୀପ୍ରିୟା ନାଏକ ମର୍ଡର କେସ୍‌ର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସକୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଗୁରୁବାର ସକାଳୁ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡ଼ ହାତ ହଲିଥିଲା। ପରେ ପୋଲିସ ଉକ୍ତ ମହିଳା ଜୀବିତ ଥିବା ଜାଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସିତ ହୋଇ ଲକ୍ଷ୍ମୀପ୍ରିୟା ସୁସ୍ଥ ଅନୁଭବ କରିବା ପରେ ପୋଲିସ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୌଦ୍ଧ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ମହିଳା ଜଣଙ୍କ ଯେପରି ଘଟଣାସ୍ଥଳରେ ପଡିରହିଥିଲା ତାଙ୍କୁ ଦେଖିବା ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ତେଣୁ ପୋଲିସ କର୍ମଚାରୀ ରାତିସାରା ଜଗି ରହିଥିଲେ ଓ ସକାଳୁ ସାଇଣ୍ଟିଫିକ୍ ଟିମ୍ ଦେଖିବା ପରେ ମହିଳା ଜଣଙ୍କ ଜୀବିତ ଥିବା ଜଣାପଡିଥିଲା। ଏହାସହ ମହିଳାଙ୍କୁ କିଏ ପଛରୁ ଆଘାତ ଦେଇଥିବା ଯୋଗୁ ସେ ଅଚେତ ହୋଇପଡିଥିବା ଦାସ କହିଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା): ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଭୀମପଡ଼ା ବଜାରରେ ବାଇକ୍ ଧକ୍କାରେ ଟାଙ୍ଗୀସାହି ଗ୍ରାମର ସଦାନନ୍ଦ ସ୍ୱାଇଁ(୮୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣ ୩ଟାରେ (ଓଆର୍ ୧୪ଏଚ୍ ୨୨୧୯) ନମ୍ବର ବିଶିଷ୍ଟ ଏକ ପଲ୍ସର ସଦାନନ୍ଦଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାକ୍ରମେ ତାଙ୍କୁ ଆମ୍ବୁଲାନ୍ସରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବୋଲଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

### ସୁନ୍ଦରାକାଣ୍ଡ ଯଜ୍ଞ, ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୩୦।୧୦(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ନିକଟ ପଣ୍ଡାଳମ ଗ୍ରାମର ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ରାଧାମୋହନ ଦେବଙ୍କ ମନ୍ଦିର ସମ୍ମୁଖରେ ତିନିଦିନ ଧରି ଚାଲିଥିବା ଦଶମ ବାର୍ଷିକ ସୁନ୍ଦରାକାଣ୍ଡ ଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ନିତ୍ୟାନନ୍ଦ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ସ୍ନେହଲତା କର୍ତ୍ତାଭାବେ ଉପବେଶନ କରିଥିଲେ। ପରେ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସଯାତ୍ରା, ଅଗ୍ନି ସ୍ଥାପନ, ଆହୁତି, ସୂର୍ଯ୍ୟପୂଜା, ଗୋ ପୂଜା ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା, ଗୁରୁ ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ପସା ପ୍ରମୁଖ ଉପସ୍ଥିତ ରହି ପ୍ରବଚନ ଦେଇଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ



ନିରାକାରପୁର,୩୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ପଞ୍ଚାୟତର ରାମ ଦୟା ପରିଷଦ ପକ୍ଷରୁ ଚାଲିଥିବା ୪୩ତମ ବାର୍ଷିକ ଅଧିବେଶନ ତଥା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣର ୭ମ ଦିବସରେ ଗୁରୁବାର ଜଟାୟୁ ଯୁଦ୍ଧରୁ ଶ୍ରୀରାମଙ୍କ ସୁବଳୟା ଗମନ ପ୍ରସଙ୍ଗରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁଦାମ ଚରଣ ଦାସ ଏବଂ ଡ.ଗଣେଶ୍ୱର ସ୍ୱାଇଁ ପ୍ରବଚନ ଦେଇଥିଲେ। ଡ.ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ରାମଦୟା ପରିଷଦ ପକ୍ଷରୁ ସଭାପତି ଡ.ମୃତ୍ୟୁଞ୍ଜୟ ରଥ, ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଉପସଭାପତି ସତ୍ୟବାଦୀ ବଳବନ୍ତରାୟ, ବରିଷ୍ଠ ସଭ୍ୟ ତଥା ଲୋକ ସମ୍ପର୍କ ବିଭାଗ ଅଧିକାରୀ ବେଣୁଧର ଚମ୍ପତିରାୟ, ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ସାରଙ୍ଗଧର ବଳିୟାରସିଂହ, ରମାନାଥ ଦାଶ, ଲକ୍ଷ୍ମୀଧର ସାମନ୍ତରାୟ, ଲକ୍ଷ୍ମୀଧର ଦଳେଇ, ପ୍ରତାପ ଶ୍ରୀଚନ୍ଦନ, ଅଶୋକ ବାହୁବଳେନ୍ଦ୍ର, ସର୍ବେଶ୍ୱର ପାହାଡ଼ସିଂହ, ନାରାୟଣ ସାମନ୍ତରାୟ, କେଶବ ଚନ୍ଦ୍ର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

# ଆଜି ରାଧାପାଦ ଦର୍ଶନ

- ସାକ୍ଷୀଗୋପାଳ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା
- ଭକ୍ତଙ୍କ ସୁରକ୍ଷା ଦାୟିତ୍ୱରେ ୨୩ ପ୍ଲାଟୁନ ଫୋର୍ସ



ସାକ୍ଷୀଗୋପାଳ, ୩୦।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢ଼ାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

ଏସ୍‌ପି ପ୍ରତୀକ ସିଂ ଗୁରୁବାର ସାକ୍ଷୀଗୋପାଳ ଆସି ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେହିପରି ମନ୍ଦିର ସମ୍ମୁଖରେ ୧୧ ଥାକିଆ ଜିଗ୍‌ଜାଗ୍ ବ୍ୟାରିକେଡ୍, ପାଦ ପ୍ରକ୍ଷାଳନ, ଦୀପଷ୍ଟାଣ୍ଡ, ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ, ଭିଆଇପି ଗେଟ୍, ମେଳା ପଡ଼ିଆ, ପାର୍କିଂସ୍ଥଳ ଆଦି ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ଅନୁଧ୍ୟାନ କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ୨ଜଣ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି, ୨୧ ଇନ୍ସପେକ୍ଟର, ୭୧ ଏସ୍‌ଆଇ ଏବଂ ଏଏସ୍‌ଆଇ, ୯୨ ହାବିଲଦାର ଓ କନଷ୍ଟେବଲ, ୧୦ ଟ୍ରାଫିକ କନଷ୍ଟେବଲ୍, ୨୫୦ ଜଣ ଗୃହରକ୍ଷୀଙ୍କ ସମେତ ୨୩ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର, ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା, ସନ୍ଧାନୀ କୁକୁର, ସାଦା ପୋଷାକରେ ଗୋଇନ୍ଦା ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ, ପାଟ୍ରୋଲିଂ ଓ କଣ୍ଟ୍ରୋଲ ରୁମ୍‌ରେ ସମସ୍ତ ଦିଗ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବ ବୋଲି ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ସାକ୍ଷୀଗୋପାଳ ଥାନା ଆଇଆଇସି ବିଜୟକେତନ ବେହେରା ଉପସ୍ଥିତ ଥିଲେ। ସେହିପରି ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଳୁଙ୍କ ସୁବିଧା ଦର୍ଶନ, ପୂଜାର୍ଚ୍ଚନା ଓ ବେଢ଼ା ପରିକ୍ରମା ନେଇ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ।

# ୪ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲ

**ଜଟଣୀରୁ ୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲା**

- ସାଢ଼େ ୩ ବର୍ଷ ପରେ ରାୟ ପ୍ରକାଶ

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ସମସ୍ତଙ୍କୁ ଲକ୍ଷେ ଟଙ୍କା ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ରାଜାବଜାରର ସେକ୍ ଇର୍ଫାନ୍, ସେକ୍ ସମୀର, ସୟଦ ଇମତିୟାଜ ଏବଂ ପୁରୀ ଡେଲାଙ୍ଗ ଥାନା ହରିରାଜପୁରର ରତିରଞ୍ଜନ ରାଉତରାୟ। ଜରିମାନା ଅନାଦାୟେ ଅଭିଯୁକ୍ତମାନଙ୍କୁ ଅଧିକ ୨ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଇର୍ଫାନ୍ ଜଟଣୀ ରାଜାବଜାରରେ ଭଡ଼ାଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ୨୦୨୨ ମାର୍ଚ୍ଚ ୨ (ବୁଧବାର) ରାତି ପ୍ରାୟ ୯ଟା ବେଳେ ଉକ୍ତ ଭଡ଼ାଘରେ ଡିଲ୍ ହେବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ରତିରଞ୍ଜନ ୧ ଲକ୍ଷ ୬୫ ହଜାର ଟଙ୍କା ଧରି ବ୍ରାଉନ୍‌ସୁଗାର ନେବାକୁ ଆସିଥିଲେ। ଇର୍ଫାନ୍ ଅନୁପସ୍ଥିତ ଥିବାବେଳେ ଉକ୍ତ ବ୍ରାଉନସୁଗାରକୁ ରତିରଞ୍ଜନଙ୍କୁ ଦେବାକୁ ସମୀରଙ୍କୁ କହିଥିଲେ। ଇମ୍‌ତିୟାଜ ରତିରଞ୍ଜନଙ୍କଠାରୁ ଘଟଣାସ୍ଥଳରୁ ଟଙ୍କା ସଂଗ୍ରହ କରିଥିଲେ। ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ସମୀର, ଇମ୍‌ତିୟାଜ ଓ ରତିରଞ୍ଜନଙ୍କୁ ଗିରଫ କରିବା ସହ ୧ କେଜି ୩୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ଏଥିସହ ୧.୬୫ ଲକ୍ଷ ଟଙ୍କା ଓ ଏକ ବାଇକ୍ ମଧ୍ୟ ଜବତ ହୋଇଥିଲା। ତେବେ ଏସ୍‌ଟିଏଫ୍ ଏନେଇ ମାମଲା (ନଂ.୭/୨୦୨୨) ରୁଜୁ କରିଥିଲା। କିଛିଦିନ ପରେ ଫେରାର ଇର୍ଫାନ୍‌ଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଶୁଣାଣି ବେଳେ ୧୦ ସାକ୍ଷୀଙ୍କ ବୟାନ ଓ ୨୮ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

# 'ଗୃହିଣୀଙ୍କୁ ରୋଜଗାର ସକ୍ଷମ କରିବ ହସ୍ତତିଆରି ପଟଚିତ୍ର'



ବେଗୁନିଆ,୩୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମରେ ଶିଳ୍ପୀ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଡ଼ ପଞ୍ଚାୟତର ନାଏବ ସରପଞ୍ଚ କୁଞ୍ଜ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଞ୍ଚଳିକ ଶିଳ୍ପୀ ସଂଘର ସଂଯୋଜକ କଳ୍ପତରୁ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବରିଷ୍ଠ ପଟଚିତ୍ର ଶିଳ୍ପୀ ଶ୍ରୀକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଗୃହିଣୀମାନଙ୍କୁ ରୋଜଗାର ସକ୍ଷମ କରିବା ଆଭିମୁଖ୍ୟ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ। ରଙ୍ଗତୂଳୀର କାନ୍‌ଭାସରେ ଅଙ୍କିତ ଚିତ୍ର ହେଉ ଅବା ନିହାଣ ମୁଗୁର ସ୍ପର୍ଶରେ ସଜଫୁଟା ଫୁଲପରି ସତେଜ ଓ ଜୀବନ୍ତ ପଟଚିତ୍ର ସରଞ୍ଜାମ ପ୍ରସ୍ତୁତ କରିବା ଜରୁରୀ। ଓଡ଼ିଶାର ହସ୍ତଶିଳ୍ପୀଙ୍କ ସ୍ୱତନ୍ତ୍ର ଓ ନିଆରା ପଟଚିତ୍ର ଏବେ ଆନ୍ତର୍ଜାତିକ ସ୍ତରରେ ଭଲ ଚାହିଦା ରହିଛି। ତେବେ ଓଡ଼ିଶାର ପାରମ୍ପରିକ ଚିତ୍ର ଏବଂ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ କାହାଣୀର ଚରିତ୍ରମାନଙ୍କୁ ପଟଚିତ୍ରରେ ସ୍ଥାନିତ କରି ନିଜକୁ ପରିଚୟ ଦେବା ସହ କିଛି ରୋଜଗାର ମଧ୍ୟ କରିପାରିବା ବୋଲି ଅତିଥି ପଣ୍ଡା ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ହସ୍ତ ତିଆରି କାରିଗରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସହାୟତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶେଷରେ ସଭାପତି କୁଞ୍ଜବିହାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ପୁରୁଣା ଭୁବନେଶ୍ୱର,୩୦।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ବୁଧବାର ପୂର୍ବାହ୍ଣ ୧୧ଟା ସୂର୍ଯ୍ୟ ପୂଜାଠାରୁ ବନ୍ଦ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଗୁରୁବାର ସ୍ୱାଭାବିକ ହୋଇଛି। ଜଣେ ସମର୍ଥା ସେବାୟତଙ୍କ ନିଅଁଶ ପାଳିକୁ ଅନ୍ୟ ଜଣେ ସମର୍ଥା ସେବାୟତ ବର୍ଷ ବର୍ଷ ଧରି ତୁଲାଉଆସୁଥିଲେ। ମାତ୍ର ଗୁରୁବାର ସେ ଏଥିରେ ଅସହଯୋଗ କରିଥିଲେ। ପରମ୍ପରା ଅନୁଯାୟୀ ସୂର୍ଯ୍ୟ ପୂଜାରେ ଚାଉଳ ଚୁନା ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ନ ଯୋଗାଇବାରୁ ବୁଧବାର ଠାକୁରଙ୍କ ନୀତି ଦିନତମାମ ବନ୍ଦ ରହିଥିଲା। ଘଟଣା ପରେ ଗୁରୁବାର ସମର୍ଥା ସେବାୟତ ପ୍ରମୁଖ ହରିହର ସମର୍ଥା ଏବଂ ବାବୁଲି ସମର୍ଥାଙ୍କ ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ନିଅଁଶ ପାଳି ତୁଲାଇଥିବା ସେବାୟତ ପୂର୍ବବତ କାର୍ଯ୍ୟ ତୁଲାଇଥିଲେ। ପରେ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଏନେଇ ସେବାୟତ ମିଟୁ ସମର୍ଥା କହିଛନ୍ତି ଯେ, କେବେବି ଏଭଳି ସମର୍ଥା ସେବାୟତମାନେ ନୀତି ବନ୍ଦ ଭଳି ପଦକ୍ଷେପ ନେଇ ନ ଥିଲେ। ମନ୍ଦିର ଚୂଡ଼ାକୁ ପତାକା ଉଠାଇବାଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ସେବା କାର୍ଯ୍ୟ ନିର୍ବାହ କରିଆସୁଛୁ। ତେବେ ମନ୍ଦିର ପ୍ରଶାସନ ଆମ୍ଭମାନଙ୍କ ଦାବି ପୂରଣ ନ କରିବାରୁ ଦୁଃଖ ପ୍ରକାଶ କରୁଛୁ ବୋଲି ସେ କହିଛନ୍ତି।

# ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ ଅଭିଯାନ




ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମସ୍ଥିତ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଗିରିଗୋବର୍ଦ୍ଧନ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ରାଇଦାମୋଦର ମନ୍ଦିର ପ୍ରାଙ୍ଗଣ, ଦୋଳପିଣ୍ଡି ପଡିଆ, ଗ୍ରାମର ସବୁ ମନ୍ଦିର, ଉତ୍ସବ ପଡିଆ ଓ ହାଟ ପଡିଆକୁ ୮୮ଜଣ ସ୍ୱେଚ୍ଛାସେବୀ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ଅଧ୍ୟାପକ ବ୍ରହ୍ମାନନ୍ଦ ନାୟକ, ଦୈତାରୀ ଦାଶ, ମାଧବ ରଣା, କର୍ମଚାରୀ ବିକ୍ରମ କେଶରୀ ସାମନ୍ତରାୟଙ୍କ ସମେତ ଦେଉଳିଗ୍ରାମର ସାମାଜିକ କର୍ମୀ ବିଭୁନ୍ଦ୍ର କୁମାର ସାହୁ, ବିଜୟ କୁମାର ଲେଙ୍କା, ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କଲେଜର ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଦୀପ ସାହୁ କାର୍ଯ୍ୟକ୍ରମ ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ୯ରେ ଆନ୍ତର୍ଜାତିକ ପ୍ରତିଭା ଖୋଜା ଅଭିଯାନ

**'ଝୁମ୍ ଇଣ୍ଟରନ୍ୟାଶନାଲ ଏକ୍ସେଲେନ୍ସ ଆୱାର୍ଡ', 'ସୋସିଆଲ୍ ଏକ୍ସେଲେନ୍ସ ଆୱାର୍ଡ' ଘୋଷଣା**

ଭୁବନେଶ୍ୱର,୩୦।୧୦ (ସୌମ୍ୟରଞ୍ଜନ ରାଉତ): ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଲାଗି ଆସନ୍ତା ନଭେମ୍ବର ୯ରେ ଆନ୍ତର୍ଜାତିକ ପ୍ରତିଭା ଖୋଜା ଅଭିଯାନର ନବମ ସଂସ୍କରଣ ଅନୁଷ୍ଠିତ ହେବ। ସିକିମ୍‌ର ଗ୍ୟାଙ୍ଗଟକ୍‌ଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତାମାଙ୍ଗ, କ୍ରିଷ୍ଣା କୁମାରୀ ରାଇ, ସିକିମ୍ ସେଣ୍ଟ୍ରାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ, କେରଳ ଏମ୍‌ପି କେ. ସଦାନନ୍ଦ, ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମରେ ଭାରତ, ନେପାଳ ଏବଂ ଭୁଟାନ୍‌ରୁ ବିଭିନ୍ନ ଦିବ୍ୟାଙ୍ଗ ପ୍ରତିଭାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ ଏବଂ ଏହାର ଚୟନ ନ୍ୟାଶନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ପ୍ରଫେସରଙ୍କ ଦ୍ୱାରା କରାଯିବ। କୃତୀ ଦିବ୍ୟାଙ୍ଗଙ୍କୁ ଝୁମ୍ ଇଣ୍ଟରନ୍ୟାଶନାଲ୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ରାଇଜିଙ୍ଗ ଷ୍ଟାର ଏବଂ ଝୁମ୍ ଲରେଟ୍ସ୍ ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ବିଭିନ୍ନ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କୁ ଇଣ୍ଟରନ୍ୟାଶନାଲ ଏବଂ ଜାତୀୟ ସ୍ତରରେ ଚୟନ କରାଯାଇ 'ଝୁମ୍ ଇଣ୍ଟରନ୍ୟାଶନାଲ ଏକ୍ସେଲେନ୍ସ ଆୱାର୍ଡ' ପ୍ରଦାନ କରାଯିବ। ସେମାନେ ହେଲେ ଛେୟାଙ୍ଗ କୁଏନଚାପ୍ (ଭୁଟାନ), ରାହୁଲ ରାଇ (ସିକିମ୍), ରଜନୀ ଗୋପାଳ କ୍ରିଷ୍ଣା (କର୍ଣ୍ଣାଟକ), ଆରୋ ଏଜର ସିଟି (ତ୍ରିପୁରା), ରୋମା ନିଉପାନେ (ନେପାଳ), ଲିଲାମାୟା ଛେତ୍ରୀ (ପଶ୍ଚିମ ବଙ୍ଗ) ଓ ରଣବୀର ସିଂହ ସାଇନୀ (ହରିଆଣା) ରହିଛନ୍ତି। ଏଥିସହିତ ଡା. ଜ୍ୟୋତି ରଞ୍ଜନ ଦାସ (ଓଡ଼ିଶା), ରବୀନ୍ଦ୍ର କୁମାର ସାହୁ (ଓଡ଼ିଶା), ସୂର୍ଯ୍ୟ କୁମାର ଶଡ଼ଙ୍ଗୀ (ଓଡ଼ିଶା), ଇନ୍ଦ୍ର ନାରାୟଣ ପ୍ରଧାନ (ସିକିମ) ଓ ଚୁମ୍‌ସେ ରୋମା ଭୁଟିଆ (ସିକିମ)ଙ୍କୁ 'ସୋସିଆଲ୍ ଏକ୍ସେଲେନ୍ସ ଆୱାର୍ଡ' ଦିଆଯିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଚୟନ କରାଯାଇଛି।

### ୧ରୁ ଗୋପୀନାଥ ଦେବଙ୍କ ପୀଠରେ ଶରତ ରାସ

ବାଘମାରୀ,୩୦।୧୦(ମିହିର ରଞ୍ଜନ ମହାପାତ୍ର): କାର୍ତ୍ତିକ ମାସର ପଞ୍ଚକଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ୫ଦିନ ଧରି ସିମୋର ଗୋପୀନାଥ ଦେବଙ୍କ ପୀଠରେ ଶରତ ରାସ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରଥମ ଦିନ କୃଷ୍ଣଜନ୍ମ, ଦ୍ୱିତୀୟ ଦିବସରେ ପୁତନା ରାକ୍ଷସୀ ବଧ ଓ କୋକଲୀଳା ଉପାଖ୍ୟାନ, ତୃତୀୟ ଦିବସରେ ଯାମଳା ଅର୍ଜ୍ଜୁନ ଭଞ୍ଜନ ଓ ନାରଦଙ୍କ ଧୂଳିଭିକ୍ଷା, ଚତୁର୍ଥ ଦିବସରେ କାଳୀୟଦଳନ ଓ ଧେନୁକା ବଧ, ଅନ୍ତିମ ଦିବସରେ ରଙ୍ଗସଭା ଏବଂ କଂସବଧ କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

# ଓଡ଼ିଶୀ ପାଇଁ ସମର୍ପିତ ଦମ୍ପତି ସମ୍ବର୍ଦ୍ଧିତ

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ନିବାସୀ କବି ଦାସ ରାଧାମୋହନ ସାହୁ ଓଡ଼ିଶୀ ସଙ୍ଗୀତ ରଚନା ଏବଂ ତାଙ୍କ ସ୍ତ୍ରୀ ପ୍ରଧାପିକା ଅନୁସୂୟା ପୃଷ୍ଟି ଓଡ଼ିଶୀ ସଙ୍ଗୀତ ଗାନରେ ଉତ୍କୃଷ୍ଟତା ପାଇଁ ନୟାଗଡ଼ର ପରମ୍ପରା ଅନୁଷ୍ଠାନର ସାହିତ୍ୟ ଓ ସଂସ୍କୃତି ପରିଷଦ ଦ୍ୱାରା ଏହାର ୩୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆୟୋଜିତ ସାରସ୍ୱତ ସମାରୋହରେ ସମ୍ବର୍ଦ୍ଧିତ ହୋଇଛନ୍ତି। ମୋହନ ଓଡ଼ିଶୀ ନାମକ ଦୁଇଟି ସଙ୍କଳନରେ ୩୦୦ରୁ ଊର୍ଦ୍ଧ୍ୱ ଓଡ଼ିଶୀ ସଙ୍ଗୀତ ରଚନା ପାଇଁ ଲେଖନୀ ଚାଳନା କରିଥିବା ସାହୁଙ୍କୁ ଓଡ଼ିଶୀ ଗୌରବ ଓ ଅନେକ ଓଡ଼ିଶୀ ସଙ୍ଗୀତ ପାଇଁ କଣ୍ଠଦାନ କରିଥିବା ପୃଷ୍ଟିଙ୍କୁ ଓଡ଼ିଶୀ ମଞ୍ଜୁଳା ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, କବିସମ୍ରାଟ୍, କବିସୂର୍ଯ୍ୟ, କବିଚନ୍ଦ୍ର, ସାଲବେଗ, ଗୋପାଳକୃଷ୍ଣ, ଦୀନକୃଷ୍ଣ ଓ ବେଣୁଧର ଆଦି ମହାମନୀଷୀଙ୍କ ପରେ ଓଡ଼ିଶୀ ସଙ୍ଗୀତ ରଚନା କ୍ଷେତ୍ରରେ ଦୀର୍ଘ ଅନେକ ଦଶନ୍ଧି ଧରି ନିରବୀ ଯାଇଥିବା ଧାରାକୁ ପୁନର୍ଜୀବିତ କରିଥିବା ସାହୁଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଓଡ଼ିଶୀ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ପ୍ରଫେସର ଗୁରୁ ନିମାକାନ୍ତ ରାଉତରାୟ ଓ ଗୁରୁ ସୁରେନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ସ୍ୱର ସଂଯୋଜକ, ନୃତ୍ୟ ବିଶାରଦ ଓ ଅନୁଷ୍ଠାନ। ବାଣପୁର ବ୍ଲକ ନୟାକୋଟ ଗ୍ରାମ ମୂଳନିବାସୀ ସାହୁ ତାଙ୍କ କୁଳଦେବତା ରାଧାମୋହନ ଦେବଙ୍କ ଆଶୀର୍ବାଦରେ ଏହା ସମ୍ଭବ ହୋଇଥିବା କହିଥିବା ବେଳେ ଓଡ଼ିଶୀ ସଙ୍ଗୀତ ରଚନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସାରାଜୀବନ ସମର୍ପିତ ଭାବ ନେଇ ଲେଖନୀ ଚାଳନା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

# ଖଣ୍ଡାୟତ ଜାତିକୁ ଜାତୀୟ ଓବିସି ବର୍ଗରେ ସାମିଲ କରାଯାଉ

ଭୁବନେଶ୍ୱର,୩୦।୧୦(ସୌମ୍ୟରଞ୍ଜନ ରାଉତ)

**ଜନଶୁଣାଣିରେ ଓବିସି କମିଶନ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ଦେଲା ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଓ ଚଷା ମହାସଂଘ**



ଓଡ଼ିଶାର ସର୍ବପୁରାତନ ତଥା ପାରମ୍ପରିକ ଚାଷୀ ସମାଜ ଓ ସମରକଳାରେ ନିପୁଣ ଜାତି ଖଣ୍ଡାୟତଙ୍କୁ ଜାତୀୟ ପଛୁଆବର୍ଗ (ଓବିସି) ଶ୍ରେଣୀଭୁକ୍ତ କରାଯାଉ। ଏନେଇ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ଦାବି କରାଯାଇ ଆସୁଥିବାବେଳେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ଜନଶୁଣାଣିରେ ଓବିସି ଜାତୀୟ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓ ସଚିବ ମୀତା ରାଜୀବଲୋଚନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ ଦିଆଯାଇଥିବା ସ୍ମାରକପତ୍ରରେ ଖଣ୍ଡାୟତ ସମାଜର ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ଥିତି ତଥା ଶିକ୍ଷା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟକୁ ଉପସ୍ଥାପନ କରାଯାଇଛି। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ କହିଛନ୍ତି, ଖଣ୍ଡାୟତ ଜାତିର ଲୋକେ ବ୍ରିଟିଶ ଶାସନ ସମୟରୁ ଜମି, ବସତି ହରାଇ ସର୍ବସ୍ୱାନ୍ତ ହେବାରେ ଲାଗିଛନ୍ତି। ଆଜିର ଦିନରେ ଓଡ଼ିଶାର ଶିକ୍ଷା, ଚାକିରି ଓ ସାମାଜିକ ସ୍ଥିତି ଦୃଷ୍ଟିରୁ ସେମାନେ ପଛରେ ଅଛନ୍ତି। ଏସବୁ ତଥ୍ୟ ଶୁଣିବା ପରେ କମିଶନର ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗର ସଚିବଙ୍କୁ ଖଣ୍ଡାୟତ ସମାଜର ସ୍ଥିତି ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ତଥା ସୁପାରିସ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡାୟତ ସମାଜର ପ୍ରତିନିଧିମାନେ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ।

# ଆଉ ୨ଦିନ ବର୍ଷା, ମାସକରେ ୫୪% ଅଧିକ ବର୍ଷିଲା

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

**ଲଘୁଚାପ କ୍ଷେତ୍ରରେ ପରିଣତ ହେଲା 'ମୋନ୍ଥା'**

ବାତ୍ୟା 'ମୋନ୍ଥା'ର ଅବଶିଷ୍ଟ ଅଂଶ ଦୁର୍ବଳ ହୋଇ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ବିଦର୍ଭ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆହୁରି ୨ଦିନ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ଲଘୁଚାପ ଓ ବାତ୍ୟା ପ୍ରଭାବରେ ରାଜ୍ୟରେ ଚଳିତ ଅକ୍ଟୋବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାସର ୧ରୁ ୩୦ ତାରିଖ ମଧ୍ୟରେ ମୋଟ ୧୬୯.୭ ମି.ମି. ବର୍ଷା ହୋଇଛି। ତେବେ ସ୍ୱାଭାବିକ ବର୍ଷା ୧୧୨ ମି.ମି. ଥିବାବେଳେ ୫୪% ଅଧିକ ବର୍ଷିଛି ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ଗୁରୁବାର ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ବର୍ଷା ଏବଂ କିଛି କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ମୟୂରଭଞ୍ଜ ଜିଲାର ନୱାନାଠାରେ ସର୍ବାଧିକ ୯୨.୨ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର ଏନ୍‌ଏଚ୍-୫ ଗୋବିନ୍ଦପୁରରେ ୯୦.୨ମି.ମି., ରେମୁଣାରେ ୫୭ମି.ମି. ଓ ବାଲେଶ୍ୱର ଟାଉନ୍‌ରେ ୫୪.୬ ମି.ମି., କଟକ ବାଙ୍କୀରେ ୮୧ମି.ମି., ମୟୂରଭଞ୍ଜ ଶୁଳିଆପଦାରେ ୭୪ମି.ମି., ବେତନଟୀରେ ୬୧ମି.ମି., ଚାନ୍ଦୁଆଠାରେ ୬୦ମି.ମି., କୁସୁମିରେ ୫୯ମି.ମି. ଓ ଚନ୍ଦନପୁରରେ ୫୬.୬ମି.ମି., ଢେଙ୍କାନାଳ ଭୁବନରେ ୬୫ମି.ମି. ଓ ଆଳତୁମାରେ ୫୫.୨ମି.ମି. ଏବଂ କେନ୍ଦୁଝର ହାଟଡିହୀରେ ୬୦.୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ସମ୍ଭାବନା ରହିଛି। ଶନିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ସହିତ ପବନ ବହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି।

### ବିଳମ୍ବରେ ଆସିବ ଶୀତ

ସାଧାରଣତଃ ଅକ୍ଟୋବର ଶେଷ ବେଳକୁ ରାଜ୍ୟରେ ଶୀତ ଅନୁଭୂତ ହୋଇଥାଏ। କିନ୍ତୁ ଏଥର ବିଳମ୍ବରେ ଶୀତ ଆସିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବାବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଏବର୍ଷ ଆର୍ଦ୍ରତାର ମାତ୍ରା ଅଧିକ ରହୁଛି। ଏଥିପାଇଁ ଏବେ ବି ଗୁଳୁଗୁଳି ଅନୁଭୂତ ହେଉଛି। ତେଣୁ ନିୟାମକଗୁଡ଼ିକର ପରିସମାପ୍ତି ସହ ଆର୍ଦ୍ରତାର ପରିମାଣ କମିଲେ ହିଁ ରାଜ୍ୟରେ ରାତିର ତାପମାତ୍ରା କମିବ ଆଉ ଶୀତ ଅନୁଭବ ହେବ ବୋଲି ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୦।୨୦୨୫

| | |
|---|---|
| ୬,୧୧,୪୭୭ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୧୩.୬୦୦ ଗ୍ରାମ୍ |

# ପଞ୍ଚକ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ପଞ୍ଚକରେ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ଗୁରୁବାର ସର୍କିଟ ହାଉସରେ ପଞ୍ଚକ ବ୍ରତ ପାଳନ ନେଇ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପରିଡ଼ା ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ପଞ୍ଚକ ସମୟରେ ହବିଷିଆଳିଙ୍କ ସହ ଅନ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିବାରୁ ପାନୀୟଜଳ ପ୍ରଦାନ କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା ସହ ନିର୍ଦ୍ଧାରିତ ସ୍ଥାନରେ ଲଗାଯାଉଥିବା ଦୀପଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଏବଂ ପୁଷ୍କରିଣୀ ଓ ସମୁଦ୍ର ନିକଟରେ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୀତିକାନ୍ତି ଠିକ୍ ସମୟରେ ପରିଚାଳନା ପାଇଁ ଜିଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଫଳରେ ଦର୍ଶନ ବ୍ୟବସ୍ଥା ଯଥାଶୀଘ୍ର ତ୍ୱରାନ୍ୱିତ ହୋଇପାରିବ। ସେହିପରି ପାନୀୟଜଳ ଓ ଶୌଚାଳୟ ଲାଗି ୱାଟ୍‌କୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ସକାଶେ ସିଡିଏମ୍‌ଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ନିମନ୍ତେ ପୁରୀ ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଲାଗି ଟିପିସିଓଡିଏଲ୍, ପାର୍କିଂସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ସକାଶେ ଆର୍‌ଟିଓ, ବ୍ୟାରିକେଡ୍ ନିର୍ମାଣ, ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସଂସ୍କୃତି କାର୍ଯ୍ୟାଳୟ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସାମୂହିକ କାର୍ଯ୍ୟକ୍ରମକୁ ସମ୍ମିଳିତ ସହଯୋଗରେ ସଫଳ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, ସହକାରୀ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# କାଦୁଆ ବ୍ରିଜ ରାସ୍ତା ପାର୍ଶ୍ୱକୁ ଓଲଟିଲା ବସ୍

କୋଣାର୍କ,୩୦।୧୦(ଜ୍ୟୋତିରାଜ ମହାନ୍ତି)

କାଦୁଆ ବ୍ରିଜ୍ ରାସ୍ତା ପାର୍ଶ୍ୱକୁ ଏକ ଲକ୍ଷ୍ମୀ ବସ୍ ଓଲଟିପଡ଼ିଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କୋଣାର୍କରୁ ଭାୟା ଧନିତ୍ରୀ କାଦୁଆ ବ୍ରିଜ ଦେଇ କୁଣ୍ଢେଇ – ସନ୍ତରସ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ କାକଟପୁର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ଲକ୍ଷ୍ମୀ ବସ୍ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଅଣଓସାରିଆ ଓ ସଂକୀର୍ଣ୍ଣ ରାସ୍ତା ଯୋଗୁ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଅଘଟଣ ଘଟିଥିଲା। ଏହି ବସରେ ଥିବା ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବାବେଳେ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳରେ ଧନିତ୍ରୀ ଓ ସମା ଗ୍ରାମର ଲୋକେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସଂକୀର୍ଣ୍ଣ ରାସ୍ତା ଓ ବସ ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯୋଗୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତା ପ୍ରଶସ୍ତିକରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା ବସ୍ ।

## ସଂକ୍ଷେପରେ

### ବଳଙ୍ଗା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବଳଙ୍ଗା,୩୦।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତର କୋଠସାହି ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପୋଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଥାନା ଆଇଆଇସି ଦିବ୍ୟରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୋଠସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜାତୀୟ ଏକତା ଦିବସ ଭାବନାକୁ ଉଜ୍ଜୀବିତ କରିବା ପାଇଁ ପଦଯାତ୍ରା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### କଣାସ ପୋଲିସ ପକ୍ଷରୁ ମାରାଥନ

କଣାସ,୩୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ଜନ୍ମ ଦିବସ ଅବସରରେ ଗୁରୁବାର ଜାତୀୟ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। କଣାସ ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶତାଧିକ ପି.ଏସ୍. କ୍ୟାରିୟରର ଛାତ୍ରୀଛାତ୍ର ଥାନା ପରିସରରେ ଏକତ୍ରିତ ହୋଇଥିଲେ। ଯୁବ ସମାଜ ଯେ ପର୍ଯ୍ୟନ୍ତ ଏକତ୍ରିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଦେଶର ପ୍ରଗତି ସମ୍ଭବ ନୁହେଁ ବୋଲି ନାୟକ କହିଥିଲେ। ଥାନା ପରିସରରୁ ଛାତ୍ରଛାତ୍ରୀମାନେ ଏକ ବ୍ୟାନର ଧରି ଏକତା ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ।

### ଧନେଶ୍ୱର ପାତ୍ରଙ୍କ ବିୟୋଗରେ ସ୍ମୃତିସଭା

ଯୋଗେଶ୍ୱରପୁର,୩୦।୧୦(ରଶ୍ମିରଞ୍ଜନ ସାହୁ)



ନୟାହାଟ ଫାଣ୍ଡି ଅଧୀନ ଦେଓ୍ଵଳି ପଞ୍ଚାୟତ ଭାରଗୋଳ ଗ୍ରାମର ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଧନେଶ୍ୱର ପାତ୍ର (୮୫)ଙ୍କର ବୁଧବାର ରାତିରେ ପରଲୋକ ହୋଇଯାଇଛି। ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଗୁରୁବାର ସକାଳେ ଭାରଗୋଳ ଗ୍ରାମକୁ ଯାଇ ଧନେଶ୍ୱରଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମଞ୍ଚ ପକ୍ଷରୁ ଆୟୋଜିତ ଶୋକସଭାରେ ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣଚନ୍ଦ୍ର ବାରିକ, ପାଣୁ ଦଳେଇ, ମହମ୍ମଦ ତଇବି, ରମେଶ ଚନ୍ଦ୍ର ବିଟି, ବଟ ମହାରଣା ପ୍ରମୁଖ ଯୋଗଦେଇ ଧନେଶ୍ୱରଙ୍କ ସ୍ମୃତିଚାରଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ସୁରଭି




ଶିଶୁ ମହୋତ୍ସବ ସୁରଭିରେ ମଞ୍ଚାସୀନ ଅତିଥି ।

ନିମାପଡ଼ା,୩୦।୧୦(ବିଚିତ୍ରାନନ୍ଦ ସାହୁ)

ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହିଁ ଶିଶୁ ମହୋତ୍ସବ 'ସୁରଭି'ର ମୁଖ୍ୟ ଲକ୍ଷ୍ୟ। ଶିଶୁଙ୍କ ଜିଜ୍ଞାସା ହିଁ ସେମାନଙ୍କୁ ଆଗକୁ ନେଇପାରିବ। ଶିଶୁମାନେ ସର୍ବଗୁଣ ସମ୍ପନ୍ନ ହେବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକକଳାର ଅଭିବୃଦ୍ଧି ନିମନ୍ତେ ସୁରଭି ଏକ ମୁଖ୍ୟ ମାଧ୍ୟମ ବୋଲି ଗୁରୁବାର ନିମାପଡ଼ାରେ ଆୟୋଜିତ ସୁରଭି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସମୂହ ପକ୍ଷରୁ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସୁରଭି ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏମ୍‌ପି ପ୍ରତିନିଧି ମିନଲତା ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଗୀତାଞ୍ଜଳି ନାୟକ, ପୁଷ୍ପମିତ୍ରା ମିଶ୍ର, ନିମାପଡ଼ା କଲେଜ ଅଧ୍ୟକ୍ଷା ଅମିତା ମହାନାୟକ, ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ୪୭୭ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ଲକସ୍ତରୀୟ ଓଡ଼ିଆ ବକ୍ତୃତା, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଚିତ୍ରକଳା, ନୃତ୍ୟ ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬୬ଜଣ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି, ବିଆର୍‌ସିସି ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଆଉ ୨ଦିନ ବର୍ଷା, ମାସକରେ ୫୪% ଅଧିକ ବର୍ଷିଲା

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ବାତ୍ୟା 'ମୋନ୍ଥା'ର ଅବଶିଷ୍ଟ ଅଂଶ ଦୁର୍ବଳ ହୋଇ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ବିଦର୍ଭ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆହୁରି ୨ଦିନ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ଲଘୁଚାପ ଓ ବାତ୍ୟା ପ୍ରଭାବରେ ରାଜ୍ୟରେ ଚଳିତ ଅକ୍ଟୋବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାସର ୧ରୁ ୩୦ ତାରିଖ ମଧ୍ୟରେ ମୋଟ ୧୬୯.୭ ମି.ମି. ବର୍ଷା ହୋଇଛି। ତେବେ ସ୍ୱାଭାବିକ ବର୍ଷା ୧୧୨ ମି.ମି. ଥିବାବେଳେ ୫୪% ଅଧିକ ବର୍ଷିଛି ବୋଲି ସୂଚନା ଦିଆଯାଇଛି।

# କାକଟପୁର ପୋଲିସ ପକ୍ଷରୁ ମାରାଥନ ଦୌଡ଼

କାକଟପୁର/ଅସ୍ତରଙ୍ଗ,୩୦।୧୦ (ଶୁଭଦର୍ଶନ ମିଶ୍ର/ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗୁରୁବାର କାକଟପୁର ପୋଲିସ ପକ୍ଷରୁ ମାରାଥନ ଦୌଡ଼ ଆୟୋଜିତ ହୋଇଯାଇଛି। ସକାଳ ୭ଟାରେ ମା'ମଙ୍ଗଳାଙ୍କ ମନ୍ଦିର ନିକଟରୁ ଏହି ମାରାଥନ ଦୌଡ଼ ଆରମ୍ଭ ହୋଇ କାକଟପୁର ବସ୍‌ଷ୍ଟାଣ୍ଡଠାରେ ଶେଷ ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ। ତାଙ୍କ ତ୍ୟାଗ ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ଏହି ମାରାଥନ ମାଧ୍ୟମରେ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ମଧ୍ୟରେ ଏକତା, ଶିଷ୍ଟାଚାର ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍, ଛାତ୍ରୀଛାତ୍ର ଓ ସ୍ଥାନୀୟ ନାଗରିକ ସାମିଲ ହୋଇଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ ଓ ସହଭାଗୀମାନେ ଜାତୀୟ ଏକତା ରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାକଟପୁର ଥାନା ନିରୀକ୍ଷକ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାକଟପୁର ପୋଲିସ ପକ୍ଷରୁ ବାହାରିଥିବା ମାରାଥନ ।

# ଏନ୍‌ସିଇଆର୍‌ଟି ପକ୍ଷରୁ ଅନୁଭୂତିଭିତ୍ତିକ ଶିକ୍ଷଣ ସର୍ବେକ୍ଷଣ

କୋଣାର୍କ,୩୦।୧୦(ଜ୍ୟୋତିରାଜ ମହାନ୍ତି)

ଜାତୀୟ ଶିକ୍ଷାନୀତି–୨୦୨୦ର ବାସ୍ତବ ରୂପାୟନ ତଥା ତୃଣମୂଳସ୍ତରରେ ଏହାର କାର୍ଯ୍ୟକାରୀତାକୁ ସମୁନ୍ନତ ଏବଂ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ଅନୁଭୂତିଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ୫ଟି ରାଜ୍ୟ ତଥା ଓଡ଼ିଶାର କନ୍ଧମାଳ, ବୌଦ୍ଧ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରେ ଚଳିତମାସ ୧୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା। ଏନ୍‌ସିଇଆର୍‌ଟିର ଆସୋସିଏଟ୍ ପ୍ରଫେସର ଡ. ଭାବଗ୍ରାହୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜକ ଡ. ଶରଦ ସିହ୍ନା ଏହି ସର୍ବେକ୍ଷଣ ପରିଚାଳନା କରୁଛନ୍ତି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଶିକ୍ଷା ପ୍ରଶାସକଙ୍କୁ ସାମିଲ କରି ସେମାନଙ୍କ ଶିକ୍ଷଣ ଅନୁଭୂତି, ଶୈକ୍ଷିକ ସଫଳତା ଓ ସମସ୍ୟା ସମ୍ପର୍କରେ ମତାମତ ସଂଗ୍ରହ କରାଯାଇଛି। ମଙ୍ଗଳବାର କୋଣାର୍କସ୍ଥିତ ପି.ଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ ଓ ଶିକ୍ଷକ ପ୍ରଶିକ୍ଷିକା ପ୍ରୀତି ପରମିତା ସ୍ୱାଗତିକା ପାଲ୍ ଅନୁଭୂତିଭିତ୍ତିକ ଶିକ୍ଷଣ ସର୍ବେକ୍ଷଣ କରିଛନ୍ତି। ଉଭୟ ପ୍ରଶିକ୍ଷକ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ଗଣିତ, ସାମାଜିକଜ୍ଞାନ, ଓଡ଼ିଆ ଭାଷା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ। ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱନାଥ ଖିଲାର, ଉପାଧ୍ୟକ୍ଷା ସୁନୀତି ସ୍ୱାଇଁ, ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକ ଜୟ କୁମାର ସାହୁ, ଆଦ୍ୟାଶା ଖଟୁଆ, ଜୟନ୍ତ ମଣ୍ଡଳ, ବଲ୍ଲୀଲତା ସ୍ୱାଇଁ, ଆର୍.କେ. ଯାଦବ, ଇରାଦର ମାଝି, ଏ.କେ. ନନ୍ଦୀ ଏବଂ ଏମ୍.ଆର୍. ସାହୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଶିକ୍ଷଣ ଅନୁଭୂତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ଜାତୀୟ ଶିକ୍ଷାନୀତିକୁ ସମୁନ୍ନତ, ସୁଦୃଢ଼ ଓ କ୍ରିୟାଶୀଳ କରିବା ନିମନ୍ତେ ଏହି ସର୍ବେକ୍ଷଣ ସହାୟକ ହେବ ବୋଲି ପୁରୀ ଡାଏଟ୍ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ପ୍ରଶିକ୍ଷକମାନେ ।

# ଧାନ ଜମିରେ ଭାସୁଛି ଶାରଦ ଥୋଡ଼ୁଅ

କଣାସ ୩୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

ସାମୁଦ୍ରିକ ଝଡ଼ ମନ୍ଥା ପ୍ରଭାବରେ ତିନିଦିନ ହେଲା ବର୍ଷା ଜାରି ରହିଛି। କଣାସ ବ୍ଲକର ଅନେକ ଧାନ ଜମିରେ ଧାନ ଥୋଡ଼ୁଅ ନେଉଥିବାବେଳେ କେତେକ ଜମିରେ ପବନ ଯୋଗୁ ଧାନଗଛ ପଡ଼ିରହିଛି। ଜମିରେ ଥିବା ବର୍ଷାଜଳରେ ଧାନଗଛ ବୁଡିଯାଇ ନଷ୍ଟ ହେବାକୁ ବସିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। କଣାସ ବ୍ଲକ ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳିସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଗଡସାହି, ବକୁ, ଅଡାଲ, ଦୋଛିଆଁ, ସାହୁପଡା, ଦେଇପୁର, ଗଡଖାରଦ ଗ୍ରାମପଞ୍ଚାୟତରେ ଅଧିକ ପରିମାଣର ଶାରଦ ଧାନ ଫସଲ ନଷ୍ଟ ହୋଇଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗ୍ରାମ୍ୟ ମହାଜନଙ୍କ ଠାରୁ ଚଢାସୁଧରେ ଋଣ ଆଣି ଫସଲ କରିଥିଲେ। କିପରି ଋଣ ଶୁଝିବେ, ସେଇ ଚିନ୍ତା ଚାଷୀଙ୍କୁ ଘାରିଛି। ସେହିପରି ଗଡସାନପୁଟ, ଗଡବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ପରିବା ଫସଲ ଉପରେ ନିର୍ଭର କରିଥାନ୍ତି। ପରିବା ଫସଲ ବନ୍ୟାଜଳରେ ବୁଡିଯିବାରୁ ନଷ୍ଟ ହୋଇଯାଇଛି। ଚାଷୀମାନେ ବନ୍ୟା ଛାଡିବା ପରେ ପୁନଶ୍ଚ ଉକ୍ତ ଜମରେ ପରିବା ଫସଲ ପାଇଁ ମଞ୍ଜି ଲଗାଉଥିବା ଦେଖିବାକୁ ମିଳିଛି।

## ଫଟୋରେ ଖବର



ପୁରୀ ଗୋବିନ୍ଦ ଗୋଧାମ ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳନ କରାଯାଉଛି ।



ଗୋବର୍ଦ୍ଧନ ପୀଠ ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳନ କରାଯାଉଛି ।



ବାଘଆଖଡ଼ା ମଠ ପରିସରରେ ଗୋଷ୍ଠାଷ୍ଟମୀ ଅବସରରେ ଗୋମାତାଙ୍କୁ ପୂଜନ କରାଯାଉଛି ।

**ସୁନାହାର ଚୋରି, ଜଣେ ଗିରଫ**

ବାରଙ୍ଗ,ତ୍ରିଶୂଳିଆ, (ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅନ୍ତର୍ଗତ ଦଢାପାଟଣା ଗ୍ରାମର ଏକ ଘରେ ରଙ୍ଗ କରିବା ବାହାନାରେ ସୁନାହାର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଗଦେଇକୁଦର ପ୍ରଫୁଲ୍ଲ ରାଉତ ଓରଫ ବାଗୁଲା। ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ମାମଲା (ନଂ.୬୦୦/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଫୁଲ୍ଲ ତା'ଙ୍କ ସହଯୋଗୀମାନେ ଗତ ୨୭ତାରିଖରେ ବିଷ୍ଣୁଚରଣ ପଟ୍ଟନାୟକଙ୍କ ଘରେ ରଙ୍ଗ କାମ କରୁଥିବାବେଳେ ସୁନା ହାର ଚୋରି କରି ନେଇଥିଲେ।



## ସଂକ୍ଷେପରେ

### ଦେଶୀମଦ ବୋଝେଇ ସ୍କର୍ପିଓ ଜବତ,୨ଗିରଫ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ): ବାରଙ୍ଗ ବ୍ଲକ ନିକଟରୁ ଏକ ଦେଶୀମଦ ବୋଝେଇ ସ୍କର୍ପିଓକୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଗୁରୁବାର ଜବତ କରିଛି। ଏହି ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବାରଙ୍ଗ ଥାନା ଅଧୀନ ନୟାପାଟଣା ଗ୍ରାମର ପ୍ରୀତମ ପଡ଼ିହାରୀ ଓ ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ମକରା ରାଉତ। ଏନେଇ ପୋଲିସ ମାମଲା (ନଂ.୪୧୭/୨୫) ରୁଜୁ କରିଛି।

ବିଶେଷ ସୂତ୍ରରୁ ଖବରପାଇ ବାରଙ୍ଗ ବ୍ଲକ ନିକଟ ରାସ୍ତାରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ପୂର୍ବରୁ ଜଗି ରହିଥିଲା। ପ୍ରୀତମ ଓ ମକରା ଉକ୍ତ ରାସ୍ତା ଦେଇ ଏକ ସ୍କର୍ପିଓରେ ଦେଶୀମଦ ନେଇ ଯାଉଥିଲେ। ଏହି ସମୟରେ ଅବକାରୀ ବିଭାଗ ଗାଡ଼ିଟିକୁ ଅଟକାଇଥିଲା। ସେଥିରୁ ୧ହଜାର ଲିଟର ଦେଶୀମଦ ସହ ସ୍କର୍ପିଓରେ ଥିବା ୨ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ପଚରାଉଚରା କରିବା ପରେ ଉଭୟ ଆଠଗଡ଼ ଅଞ୍ଚଳରୁ ଏହି ଦେଶୀମଦ ଆଣି ବାରଙ୍ଗ ଅଞ୍ଚଳରେ ବିକ୍ରି କରୁଥିବା ଅବକାରୀ ବିଭାଗ ଆଗରେ ସ୍ୱୀକାର କରିଥିଲେ। ତେବେ ଜବତ ଦେଶୀମଦର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

# ଆଉ ୨ଦିନ ବର୍ଷା, ମାସକରେ ୫୪% ଅଧିକ ବର୍ଷିଲା

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

### ଲଘୁଚାପ କ୍ଷେତ୍ରରେ ପରିଣତ ହେଲା 'ମୋନ୍ଥା'

ବାତ୍ୟା 'ମୋନ୍ଥା'ର ଅବଶିଷ୍ଟ ଅଂଶ ଦୁର୍ବଳ ହୋଇ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ବିଦର୍ଭ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆହୁରି ୨ଦିନ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ଲଘୁଚାପ ଓ ବାତ୍ୟା ପ୍ରଭାବରେ ରାଜ୍ୟରେ ଚଳିତ ଅକ୍ଟୋବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାସର ୧ରୁ ୩୦ ତାରିଖ ମଧ୍ୟରେ ମୋଟ ୧୬୯.୭ ମି.ମି. ବର୍ଷା ହୋଇଛି। ତେବେ ସ୍ୱାଭାବିକ ବର୍ଷା ୧୧୨ ମି.ମି. ଥିବାବେଳେ ୫୪% ଅଧିକ ବର୍ଷିଛି ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ଗୁରୁବାର ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ବର୍ଷା ଏବଂ କିଛି କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ମୟୂରଭଞ୍ଜ ଜିଲାର ନଓ୍ୱାନାଠାରେ ସର୍ବାଧିକ ୯୨.୨ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର ଏନ୍ଏଚ୍-୫ ଗୋବିନ୍ଦପୁରରେ



ଭୁବନେଶ୍ୱରରେ ଗୁରୁବାର ହୋଇଥିବା ବର୍ଷା।

୯୦.୨ମି.ମି., ରେମୁଣାରେ ୫୭ମି.ମି. ଓ ବାଲେଶ୍ୱର ଟାଉନ୍‌ରେ ୫୪.୬ ମି.ମି., କଟକ ବାଙ୍କୀରେ ୮୧ମି.ମି., ମୟୂରଭଞ୍ଜ ଶୂଳିଆପଦାରେ ୭୪ମି.ମି., ବେତନଟୀରେ ୬୧ମି.ମି., ଚାନ୍ଦୁଆଠାରେ ୬୦ମି.ମି., କୁସୁମିରେ ୫୯ମି.ମି ଓ ଚନ୍ଦନପୁରରେ ୫୬.୬ମି.ମି., ଢେଙ୍କାନାଳ ଭୁବନରେ ୬୫ମି.ମି. ଓ ଆଳତୁମାରେ ୫୫.୨ମି.ମି. ଏବଂ କେନ୍ଦୁଝର ହାଟଡିହୀରେ ୬୦.୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ଓ୍ୱାର୍ନିଂ ଜାରି ହୋଇଛି। ଏଥିସହ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ସମ୍ଭାବନା ରହିଛି। ଶନିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ସହିତ ପବନ ବହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି।

### ବିଳମ୍ବରେ ଆସିବ ଶୀତ

ସାଧାରଣତଃ ଅକ୍ଟୋବର ଶେଷ ବେଳକୁ ରାଜ୍ୟରେ ଶୀତ ଅନୁଭୂତ ହୋଇଥାଏ। କିନ୍ତୁ ଏଥର ବିଳମ୍ବରେ ଶୀତ ଆସିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବାବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଏବର୍ଷ ଆର୍ଦ୍ରତାର ମାତ୍ରା ଅଧିକ ରହୁଛି। ଏଥିପାଇଁ ଏବେ ବି ଗୁଳୁଗୁଳି ଅନୁଭୂତ ହେଉଛି। ତେଣୁ ନିୟାମକଗୁଡ଼ିକର ପରିସମାପ୍ତି ସହ ଆର୍ଦ୍ରତାର ପରିମାଣ କମିଲେ ହିଁ ରାଜ୍ୟରେ ରାତିର ତାପମାତ୍ରା କମିବ ଆଉ ଶୀତ ଅନୁଭବ ହେବ ବୋଲି ସୂଚନା ଦିଆଯାଇଛି।

# ୪ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

### ଜଟଣୀରୁ ୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲା

■ ସାଢ଼େ ୩ ବର୍ଷ ପରେ ରାୟ ପ୍ରକାଶ

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ସମସ୍ତଙ୍କୁ ଲକ୍ଷେ ଟଙ୍କା ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ରାଜାବଜାରର ସେକ୍ ଇର୍ଫାନ୍, ସେକ୍ ସମୀର, ସୟଦ ଇମତିୟାଜ ଏବଂ ପୁରୀ ଡେଲାଙ୍ଗ ଥାନା ହରିରାଜପୁରର ରତିରଞ୍ଜନ ରାଉତରାୟ। ଜରିମାନା ଅନାଦାୟେ ଅଭିଯୁକ୍ତମାନଙ୍କୁ ଅଧିକ ୨ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଇର୍ଫାନ୍ ଜଟଣୀ ରାଜାବଜାରରେ ଭଡ଼ାଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ୨୦୨୨ ମାର୍ଚ୍ଚ ୨ (ବୁଧବାର) ରାତି ପ୍ରାୟ ୯ଟା ବେଳେ ଉକ୍ତ ଭଡ଼ାଘରେ ଡିଲ୍ ହେବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ରତିରଞ୍ଜନ ୧ ଲକ୍ଷ ୬୫ ହଜାର ଟଙ୍କା ଧରି ବ୍ରାଉନ୍‌ସୁଗାର ନେବାକୁ ଆସିଥିଲେ। ଇର୍ଫାନ୍ ଅନୁପସ୍ଥିତ ଥିବାବେଳେ ଉକ୍ତ ବ୍ରାଉନସୁଗାରକୁ ରତିରଞ୍ଜନଙ୍କୁ ଦେବାକୁ ସମୀରଙ୍କୁ କହିଥିଲେ। ଇମ୍‌ତିୟାଜ ରତିରଞ୍ଜନଙ୍କଠାରୁ ଘଟଣାସ୍ଥଳରୁ ଟଙ୍କା ସଂଗ୍ରହ କରିଥିଲେ। ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ସମୀର, ଇମ୍‌ତିୟାଜ ଓ ରତିରଞ୍ଜନଙ୍କୁ ଗିରଫ କରିବା ସହ ୧ କେଜି ୩୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ଏଥିସହ ୧.୬୫ ଲକ୍ଷ ଟଙ୍କା ଓ ଏକ ବାଇକ୍ ମଧ୍ୟ ଜବତ ହୋଇଥିଲା। ତେବେ ଏସ୍‌ଟିଏଫ୍ ଏନେଇ ମାମଲା (ନଂ.୭/୨୦୨୨) ରୁଜୁ କରିଥିଲା। କିଛିଦିନ ପରେ ଫେରାର ଇର୍ଫାନ୍‌ଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଶୁଣାଣି ବେଳେ ୧୦ ସାକ୍ଷୀଙ୍କ ବୟାନ ଓ ୨୮ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

# କଳିଙ୍ଗ ଯୁବ ସେନା ପକ୍ଷରୁ ଗୋପାଷ୍ଟମୀ



ଭୁବନେଶ୍ୱର,୩୦।୧୦(ସୌମ୍ୟରଞ୍ଜନ ରାଉତ)

### ଗୋମାତାଙ୍କୁ ପୂଜା କଲେ ବାବୁସାନ

ପଟିଆ ଅଞ୍ଚଳରେ ଥିବା କଳିଙ୍ଗ ଯୁବ ସେନା ପକ୍ଷରୁ ପବିତ୍ର ଗୋପାଷ୍ଟମୀ ଗୁରୁବାର ପାଳନ କରାଯାଇଛି। ଏଥିରେ ଅନୁଷ୍ଠାନର ଥିବା ଗୋରୁଗାଈ ସହ ବୁଲା ଗୋରୁଙ୍କ ପୂଜା କରାଯାଇଥିଲା। ଗାଈମାନଙ୍କୁ ବିଭିନ୍ନ ଫଳ ଓ ଖେଚେଡ଼ି ଖାଇବାକୁ ଦିଆଯାଇଥିଲା। ଏଥିସହିତ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଲିଉଡର ସୁପରଷ୍ଟାର ବାବୁସାନ ମହାନ୍ତି, ସମାଜର ପୂର୍ବତନ ସମ୍ପାଦକମ୍ପ୍ରଭାସ ଆଚାର୍ଯ୍ୟ, ଅଭିନେତା ଅର୍ଦ୍ଧେନ୍ଦୁ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କିଟ୍ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ ଏବଂ ବିଶିଷ୍ଟ ସମାଜସେବୀ ଅମରେଶ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଭିନେତା ବାବୁସାନ ଗୋମାତାଙ୍କୁ ପୂଜା କରିବା ସହ ସେମାନଙ୍କୁ ଫଳ ଖାଇବାକୁ ଦେଇଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ ଯୁବ ସେନାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳିଙ୍ଗ ଯୁବ ସେନା ଦୀର୍ଘ ୧୦ ବର୍ଷ ଧରି ଗାଈମାନଙ୍କ ପାଇଁ ସମର୍ପିତ ଭାବେ କାମ କରି ଆସିଛି। ରାଜଧାନୀର ଯେକୌଣସି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ଗାଈ, ବଳଦ, ଷଣ୍ଢମାନଙ୍କୁ ନିରନ୍ତର ଭାବେ ଚିକିତ୍ସା ସେବା ଯୋଗାଇ ଆସିଛି। ଏଥିପାଇଁ କଳିଙ୍ଗ ଯୁବ ସେନାର ଶତାଧିକ ଗୋସେବକ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଯୁବ ସେନାର ସଦସ୍ୟ ସିଦ୍ଧାର୍ଥ ଦାସ, ପୁଷ୍ପାଞ୍ଜଳୀ ମିଶ୍ର, ଦେବାଶିଷ ମହାରଣା, ପ୍ରଦ୍ୟୁମ୍ନ ସାହୁ, ଅଜିତ ସାମଲ, ମୌସମ ବସ୍ତୁ, ସତ୍ୟଜିତ୍ ଲେଙ୍କା, ଧୀରେନ୍ଦ୍ର ସାମନ୍ତରାୟ, ଶୁଭମ କୁମାର ସ୍ୱାଇଁ, ଅନୀଲ, ଅନୁ, ରାକେଶ, ଚନ୍ଦ୍ରକାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଆଜି ରାଧାପାଦ ଦର୍ଶନ: ସୁରକ୍ଷା ଦାୟିତ୍ୱରେ ୨୩ ପ୍ଲାଟୁନ ଫୋର୍ସ

ସାକ୍ଷୀଗୋପାଳ, ୩୦।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢ଼ାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି। ଏସ୍‌ପି ପ୍ରତୀକ ସିଂ ଗୁରୁବାର ସାକ୍ଷୀଗୋପାଳ ଆସି ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ୨୩ପ୍ଲାଟୁନ ଫୋର୍ସ ଦାୟିତ୍ୱରେ ରହିବେ।

# ଓଡ଼ିଶା ବଧିର କ୍ରିକେଟ୍ ଦଳକୁ ଆସ୍ଥା ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା

ବାଲିଅନ୍ତା,୩୦।୧୦(ନୀଳମାଧବ ସାହୁ)

### ଅନୁଷ୍ଠାନ ପକ୍ଷରୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ

ଆସନ୍ତା ନଭେମ୍ବର ୩ ରୁ ୯ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବଧିର କ୍ରିକେଟ ଟି୨୦ ଚାମ୍ପିୟନ୍‌ସିପ୍-ଲିଗ ୨୦୨୫ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟର ପ୍ରାୟ ୨୦ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଡିଫ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଓଡ଼ିଶାରୁ ୧୬ ଜଣଙ୍କୁ ନେଇ ଏକ ଦଳ ମନୋନୀତ ହୋଇଛନ୍ତି। ଶୁକ୍ରବାର ଏହି ଦଳ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଏନେଇ ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସମସ୍ତ ଖେଳାଳି ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ବଧିର କ୍ରିକେଟ ଦଳକୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ଯୋଗଦେଇ ଓଡ଼ିଶା ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମଣ୍ୟମ ମଧ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସଭାରେ ଓଡିସିଏର ସମ୍ପାଦକ ସାଗର କାନ୍ତ ସେନାପତି ଓ ସହ - ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଓ ସାଙ୍କେତିକ ଭାଷା ଅନୁବାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାକୁ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିବା ବେଳେ ପ୍ରଫେସର ଜିନାଶିଷ ମହାନ୍ତି, ମନୋରଞ୍ଜନ ନାୟକ ଓ ଅଶୋକ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା ପୂର୍ବରୁ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଗୁରୁବାର ଓଡ଼ିଶା ବଧିର କ୍ରିକେଟ ଦଳକୁ ସମ୍ବର୍ଦ୍ଧନା ଦିଆଯାଉଛି।

# ମେଡିସିନ ଦୋକାନକୁ ଭାଙ୍ଗିଦେଲେ


ଭାଙ୍ଗି ଦିଆଯାଇଥିବା ଦୋକାନ।

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

### ଉଭୟ ପକ୍ଷରୁ ଏତଲା, ପୃଥକ୍ ମାମଲା

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ସ୍ଥିତ ଏକ ଜାଗାକୁ ନେଇ ଜମି ମାଲିକ ଓ ମେଡିସିନ୍ ଦୋକାନୀ ମୁହାଁମୁହିଁ ହୋଇଛନ୍ତି। ଜମି ମାଲିକ ମେଡିସିନ୍ ଦୋକାନଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଏନେଇ ଉଭୟ ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଜମି ମାଲିକ ଜ୍ଞାନରଞ୍ଜନ ସାହୁ ଓ ମେଡିସିନ୍ ଦୋକାନୀ ରଞ୍ଜନ କୁମାର ସାହୁ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାନୁଯାୟୀ, ରଞ୍ଜନ ବହୁଦିନ ଧରି ରାସ୍ତାପାର୍ଶ୍ୱ ଉକ୍ତ ଜାଗାରେ ମେଡିସିନ୍ ଦୋକାନ କରିଥିଲେ। ଜାଗା ମାଲିକ ଜ୍ଞାନରଞ୍ଜନ ମେଡିସିନ୍ ଦୋକାନକୁ ଖାଲି କରିବାକୁ କହିଥିଲେ। ଏପରିକି ଉଭୟଙ୍କ ମଧ୍ୟରେ କିଛି ଟଙ୍କା କାରବାର ମଧ୍ୟ ହୋଇଥିଲା। ହେଲେ ରଞ୍ଜନ ଦୋକାନ ଉଠାଉ ନ ଥିବାରୁ ଜମି ମାଲିକ ଦୋକାନକୁ ଭାଙ୍ଗି ଦେଇଥିଲେ।

# ଜବରଦଖଲ ମୁକ୍ତ ହେଲା ୟୁନିଟ-୪ ହାଟ ନିକଟ ଡ୍ରେନ

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ବିଭିନ୍ନ ସମସ୍ୟାରେ ବୁଡି ରହିଥିବା ୪ ନଂ. ହାଟର ଡ୍ରେନ୍‌କୁ ଜବରଦଖଲ ମୁକ୍ତ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁବାର ଏହି ଜବରଦଖଲ ଉଚ୍ଛେଦ କରିଛି। ରାସ୍ତା, ଡ୍ରେନକୁ ମାଡ଼ିବସିଥିବା ବହୁ ଦୋକାନ ହଟାଯାଇଛି। ୟୁନିଟ-୪ ହାଟ ପ୍ରବେଶ ପଥ ସହ ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ବ୍ୟବସାୟୀ ପ୍ରାୟ ୧.୫ କି.ମି ଡ୍ରେନ ଉପରେ ଅନେକ ସାମଗ୍ରୀ ରଖିବା ସହିତ ସେଠାରେ ବ୍ୟବସାୟ କରୁଥିଲେ। ଅନେକେ ନାଳକୁ ମାଡ଼ି ବସି ଏହା ଉପରେ ବାଉଁଶ, ଜରିପାଲ ବାନ୍ଧି ବେପାର କରୁଥିଲେ। ନାଳକୁ ପୋତି ଦେଇଥିବାରୁ ବର୍ଷା ଓ ନାଳ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଥିଲା। ଏହାଦ୍ୱାରା ରାସ୍ତା ସଙ୍କୁଚିତ ହେବା ସହ ହାଟ ପରିସର ପ୍ରଦୂଷିତ ହେଉଥିଲା। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ଜଳବନ୍ଦୀ, ଅପରିଚ୍ଛନ୍ନତା, ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଗୁରୁବାର ସକାଳେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ପୋଲିସ୍ ଜେସିବି ସହ ପହଞ୍ଚି ଜବରଦଖଲକୁ ହଟାଇଛି। ପ୍ରାୟ ଦେଢ଼ କିଲୋମିଟର ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି।

# ୯ରେ ଆନ୍ତର୍ଜାତିକ ପ୍ରତିଭା ଖୋଜା ଅଭିଯାନ

### 'ଝୁମ୍ ଇଣ୍ଟରନ୍ୟାଶନାଲ ଏକ୍ସିଲେନ୍ସ ଆୱାର୍ଡ', 'ସୋସିଆଲ୍ ଏକ୍ସିଲେନ୍ସ ଆୱାର୍ଡ' ଘୋଷଣା

ଭୁବନେଶ୍ୱର,୩୦।୧୦ (ସୌମ୍ୟରଞ୍ଜନ ରାଉତ)

ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଲାଗି ଆସନ୍ତା ନଭେମ୍ବର ୯ରେ ସିକିମ୍‌ର ଗ୍ୟାଙ୍ଗଟକ୍‌ଠାରେ ଆନ୍ତର୍ଜାତିକ ପ୍ରତିଭା ଖୋଜା ଅଭିଯାନର ନବମ ସଂସ୍କରଣ ଅନୁଷ୍ଠିତ ହେବ। ଏହାକୁ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତାମାଙ୍ଗ, କ୍ରିଷ୍ଣା କୁମାରୀ ରାଇ, ସିକିମ୍ ସେଣ୍ଟ୍ରାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ, କେରଳ ଏମ୍‌ପି କେ. ସଦାନନ୍ଦ, ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠି ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମରେ ଭାରତ, ନେପାଳ ଏବଂ ଭୁଟାନ୍‌ରୁ ବିଭିନ୍ନ ଦିବ୍ୟାଙ୍ଗ ପ୍ରତିଭାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। କୃତୀ ଦିବ୍ୟାଙ୍ଗଙ୍କୁ ଝୁମ୍ ଇଣ୍ଟରନ୍ୟାଶନାଲ୍ ପ୍ରଥମ, ଦ୍ୱିତୀୟ, ତୃତୀୟ,



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯିବା ସହ ପୁରସ୍କାର ଘୋଷଣା କରାଯାଉଛି।

ରାଇଜିଙ୍ଗ ଷ୍ଟାର ଏବଂ ଝୁମ୍ ଲରେଟ୍ସ ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ବିଭିନ୍ନ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କୁ ଇଣ୍ଟରନ୍ୟାଶନାଲ ଏବଂ ଜାତୀୟ ସ୍ତରରେ ଚୟନ କରାଯାଇ 'ଝୁମ୍ ଇଣ୍ଟରନ୍ୟାଶନାଲ ଏକ୍ସିଲେନ୍ସ ଆୱାର୍ଡ' ପ୍ରଦାନ କରାଯିବ। ସେମାନେ ହେଲେ ଛେୟାଙ୍ଗ କୁଏନଚାପ୍ (ଭୁଟାନ), ରାହୁଲ ରାଇ (ସିକିମ୍), ରଜନୀ ଗୋପାଳ କ୍ରିଷ୍ଣା (କର୍ଣ୍ଣାଟକ), ଆରୋ ଏଜର ସିଂ (ତ୍ରିପୁରା), ରୋମା ନିଉପାନେ (ନେପାଳ), ଲିଲାମାୟା ଛେତ୍ରୀ (ପଶ୍ଚିମ ବଙ୍ଗ) ଓ ରଣବୀର ସିଂହ ସାଇନୀ (ହରିୟାଣା) ରହିଛନ୍ତି। ଏଥିସହିତ ଡା. ଜ୍ୟୋତି ରଞ୍ଜନ ଦାସ (ଓଡ଼ିଶା), ରବୀନ୍ଦ୍ର କୁମାର ସାହୁ (ଓଡ଼ିଶା), ସୂର୍ଯ୍ୟ କୁମାର ଷଡ଼ଙ୍ଗୀ (ଓଡ଼ିଶା), ଇନ୍ଦ୍ର ନାରାୟଣ ପ୍ରଧାନ (ସିକିମ) ଓ ଚୁମ୍‌ସେ ରୋମା ଭୁଟିଆ (ସିକିମ)ଙ୍କୁ 'ସୋସିଆଲ୍ ଏକ୍ସିଲେନ୍ସ ଆୱାର୍ଡ' ଦିଆଯିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଚୟନ କରାଯାଇଛି। ଏନେଇ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ରବୀନ୍ଦ୍ର ସାହୁ, ସୂର୍ଯ୍ୟ କୁମାର ଷଡ଼ଙ୍ଗୀ, ମିହିର ସାହୁ, ଦୀପକ ଦାସ, ଗୁରୁପ୍ରସାଦ ଦାସ, ମଧୁସ୍ମିତା ସ୍ୱାଇଁ, ନବନିତା ଦାସ ସୂଚନା ଦେଇଥିଲେ।

# ଖଣ୍ଡାୟତ ଜାତିକୁ ଜାତୀୟ ଓବିସି ବର୍ଗରେ ସାମିଲ କରାଯାଉ

ଭୁବନେଶ୍ୱର,୩୦।୧୦(ସୌମ୍ୟରଞ୍ଜନ ରାଉତ)

### ଜନଶୁଣାଣିରେ ଓବିସି କମିଶନ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ଦେଲା ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଓ ଚଷା ମହାସଂଘ

ଓଡ଼ିଶାର ସର୍ବପୁରାତନ ତଥା ପାରମ୍ପରିକ ଚାଷୀ ସମାଜ ଓ ସମରକଳାରେ ନିପୁଣ ଜାତି ଖଣ୍ଡାୟତଙ୍କୁ ଜାତୀୟ ପଛୁଆବର୍ଗ (ଓବିସି) ଶ୍ରେଣୀଭୁକ୍ତ କରାଯାଉ। ଏନେଇ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ଦାବି କରାଯାଇ ଆସୁଥିବାବେଳେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ଜନଶୁଣାଣିରେ ଓବିସି ଜାତୀୟ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓ ସଚିବ ମୀତା ରାଜୀବଲୋଚନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ ଦିଆଯାଇଥିବା ସ୍ମାରକପତ୍ରରେ ଖଣ୍ଡାୟତ ସମାଜର ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ଥିତି ତଥା ଶିକ୍ଷା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟକୁ ଉପସ୍ଥାପନ କରାଯାଇଛି।


ଜନଶୁଣାଣିରେ ସ୍ମାରକପତ୍ର ପ୍ରଦାନ ଅବସରରେ ମହାସଂଘର କର୍ମକର୍ତ୍ତା ଓ ପ୍ରତିନିଧି।

ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ କହିଛନ୍ତି, ଖଣ୍ଡାୟତ ଜାତିର ଲୋକେ ବ୍ରିଟିଶ ଶାସନ ସମୟରୁ ଜମି, ବସତି ହରାଇ ସର୍ବସ୍ୱାନ୍ତ ହେବାରେ ଲାଗିଛନ୍ତି। ଆଜିର ଦିନରେ ଓଡ଼ିଶାର ଶିକ୍ଷା, ଚାକିରି ଓ ସାମାଜିକ ସ୍ଥିତି ଦୃଷ୍ଟିରୁ ସେମାନେ ପଛରେ ଅଛନ୍ତି। ଏହି ବର୍ଗର ଲୋକେ କିଭଳି ପ୍ରବାସୀ ଶ୍ରମିକ ଭାବେ ଦେଶ, ବିଦେଶ ଯାଇ ପରିବାର ପ୍ରତିପୋଷଣ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ଏସବୁ ତଥ୍ୟ ଶୁଣିବା ପରେ କମିଶନର ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗର ସଚିବଙ୍କୁ ଖଣ୍ଡାୟତ ସମାଜର ସ୍ଥିତି ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ତଥା ସୁପାରିସ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଖଣ୍ଡାୟତ ସମାଜର ପ୍ରତିନିଧିମାନେ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଶୁଣାଣି ବେଳେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ମହାସଂଘ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରାଜ ନାୟକ, ରଜତ ବଳିୟାରସିଂହ, ରାଜେନ୍ଦ୍ର ମହାଳିକ ଓ ମହେଶ୍ୱର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦେଶୀମଦ ବୋଝେଇ ସ୍କର୍ପିଓ ଜବତ, ୨ଗିରଫ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ): ବାରଙ୍ଗ ବ୍ଲକ ନିକଟରୁ ଏକ ଦେଶୀମଦ ବୋଝେଇ ସ୍କର୍ପିଓକୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଗୁରୁବାର ଜବତ କରିଛି। ଏହି ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବାରଙ୍ଗ ଥାନା ଅଧୀନ ନୟାପାଟଣା ଗ୍ରାମର ପ୍ରୀତମ ପଡ଼ିହାରୀ ଓ ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ମକରା ରାଉତ। ଏନେଇ ପୋଲିସ ମାମଲା (ନଂ.୪୧୭/୨୫) ରୁଜୁ କରିଛି। ବିଶେଷ ସୂତ୍ରରୁ ଖବରପାଇ ବାରଙ୍ଗ ବ୍ଲକ ନିକଟ ରାସ୍ତାରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ପୂର୍ବରୁ ଜଗି ରହିଥିଲା। ପ୍ରୀତମ ଓ ମକରା ଉକ୍ତ ରାସ୍ତା ଦେଇ ଏକ ସ୍କର୍ପିଓରେ ଦେଶୀମଦ ନେଇ ଯାଉଥିଲେ। ଏହି ସମୟରେ ଅବକାରୀ ବିଭାଗ ଗାଡ଼ିଟିକୁ ଅଟକାଇଥିଲା। ସେଥିରୁ ୧ହଜାର ଲିଟର ଦେଶୀମଦ ସହ ସ୍କର୍ପିଓରେ ଥିବା ୨ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ପଚରାଉଚରା କରିବା ପରେ ଉଭୟ ଆଠଗଡ଼ ଅଞ୍ଚଳରୁ ଏହି ଦେଶୀମଦ ଆଣି ବାରଙ୍ଗ ଅଞ୍ଚଳରେ ବିକ୍ରି କରୁଥିବା ଅବକାରୀ ବିଭାଗ ଆଗରେ ସ୍ୱୀକାର କରିଥିଲେ। ଜବତ ଦେଶୀମଦର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

### ସୁନାହାର ଚୋରି ଅଭିଯୋଗ, ଜଣେ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୩୦।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଦଢ଼ାପାଟଣା ଗ୍ରାମର ଏକ ଘରେ ରଙ୍ଗ କରିବା ବାହାନାରେ ସୁନାହାର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଗଦେଇକୁଦର ପ୍ରଫୁଲ୍ଲ ରାଉତ ଓରଫ ବାଗୁଲା। ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ମାମଲା (ନଂ.୬୦୦/୨୫)ରୁଜୁ କରିଛନ୍ତି। ପ୍ରଫୁଲ୍ଲ ତାଙ୍କ ସହଯୋଗୀମାନେ ମିଶି ଗତ ୨୭ତାରିଖରେ ଗ୍ରାମର ବିଷ୍ଣୁଚରଣ ପଟ୍ଟନାୟକଙ୍କ ଘରେ ରଙ୍ଗ କାମ କରୁଥିଲେ। ସେହିଦିନ ସନ୍ଧ୍ୟାରେ ଯେତେବେଳେ ବିଷ୍ଣୁଚରଣ ଘରେ ରଖିଥିବା ସୁନାହାର ଖୋଜିଥିଲେ ସେ ହାରଟି ପାଇ ନ ଥିଲେ। ପ୍ରଫୁଲ୍ଲ ଯେଉଁ ଘର ରଙ୍ଗ କାମ କରୁଥିଲେ ସେହି ଘରେ ସୁନା ହାର ରହିଥିଲା। ପର ଦିନ ପ୍ରଫୁଲ୍ଲ ରଙ୍ଗକାମ କରିବାକୁ ନ ଆସିବାରୁ ବିଷ୍ଣୁଚରଣଙ୍କ ସନ୍ଦେହ ବଢିଥିଲା ବୋଲି ସେ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ପ୍ରତି ଆଉଟ୍‌ଡୋରରେ ହେବ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା

**ଏସ୍‌ସିବି ମେଡିକାଲ**

■ ୨ ସପ୍ତାହ ମଧ୍ୟରେ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ



କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ରୋଗୀଙ୍କୁ ଅପେକ୍ଷା ଯନ୍ତ୍ରଣାରୁ ମିଳିବ ମୁକ୍ତି। ମେଡିକାଲର ପ୍ରତ୍ୟେକ ଆଉଟ୍‌ଡୋରରେ ରୋଗୀଙ୍କ ନିମନ୍ତେ କରାଯିବ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା। ରୋଗୀ ଯେପରି ଅଲଟ୍ରାସାଉଣ୍ଡ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା ନ କରନ୍ତି ତାହାକୁ ନଜରରେ ରଖି ମେଡିକାଲ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ତନାଘନା ବୈଠକ କରୁଛନ୍ତି ଏବଂ ଏହି ବ୍ୟବସ୍ଥାକୁ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଥିବା ମେଡିକାଲ ଜଣେ ଅଧିକାରୀଙ୍କଠାରୁ ଆଲୋଚନା ସମୟରେ ସୂଚନା ମିଳିଛି ।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଆଞ୍ଚଳିକ ନିଦାନ କେନ୍ଦ୍ର, ରେଡିଓଲୋଜି ଓ ରଞ୍ଜନରଶ୍ମି ବିଭାଗରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କାର୍ଯ୍ୟ କରି ଆସୁଛି। ରୋଗୀ ଗୋଟିଏ ସ୍ଥାନରେ ଡାକ୍ତର ଦେଖାଇ ଅନ୍ୟ ସ୍ଥାନରେ ଯାଇ ଅଲଟ୍ରାସାଉଣ୍ଡ କରାଇବାକୁ ଧାଡି ଲଗାଇଥାନ୍ତି। ଯାହାଦ୍ୱାରା ରୋଗୀ ଗୋଟିଏ ଦିନରେ ଡାକ୍ତରଙ୍କୁ ଦେଖାଇ ପରୀକ୍ଷା କରାଇବା ସମ୍ଭବ ହୋଇ ନ ଥାଏ। ଏହି ମେଶିନ ପ୍ରତ୍ୟେକ ଆଉଟ୍‌ଡୋରରେ କାର୍ଯ୍ୟକାରୀ କଲେ ରୋଗୀ ତୁରନ୍ତ ଏହାର ସୁବିଧା ପାଇ ପାରିବେ। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ଓଡିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ (ଓଏସ୍‌ଏମ୍‌ସିଏଲ୍) କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସର୍ଜରି, ଟ୍ରମା, ନନ୍‌ଟ୍ରମା, ସୁପରସ୍ପେସିଆଲିଟି ଓପିଡି ମଧ୍ୟରେ ଥିବା ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ହେପାଟୋଲୋଜିର ଆଉଟ୍‌ଡୋରରେ ଅଲଟ୍ରାସାଉଣ୍ଡ ମେଶିନ ଲଗାଯିବ। ପରେ ଅନ୍ୟ ଆଉଟ୍‌ଡୋରରେ ଏହି ମେଶିନ କାର୍ଯ୍ୟକାରୀ କରାଯିବ। ଏହି ବ୍ୟବସ୍ଥାକୁ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି। ତେବେ ମେଡିକାଲରେ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ରୋଗୀ ସଂଖ୍ୟାକୁ ଦେଖି ମେଡିକାଲରେ ଦିନକୁ ୨୫୦ ଅଲଟ୍ରାସାଉଣ୍ଡ କରାଯିବାର ନିୟମ କରାଯାଇଛି। ଫଳରେ ପ୍ରାୟ ରୋଗୀ କେବଳ ଧାଡିରେ ଅପେକ୍ଷା କରି ଦିନ କାଟିଥାନ୍ତି। ତେବେ ଏଭଳି ବ୍ୟବସ୍ଥା ହେଲେ ରୋଗୀଙ୍କ ପ୍ରତୀକ୍ଷା ଯନ୍ତ୍ରଣା ଦୂରେଇବ ବୋଲି ଅନୁମାନ କରାଯାଉଛି।

# ଗ୍ରାମସଭାରେ ଗୋଷ୍ଠୀ ବିବାଦ

**ଥାନାରେ ୨ ପକ୍ଷଙ୍କ ଅଭିଯୋଗ**

ଆଠଗଡ଼, ୩୦।୧୦ (ସତ୍ୟ ପ୍ରସାଦ ରଥ) ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ନେଇ ଗ୍ରାମସଭା ଚାଲିଥିବା ବେଳେ ଶାସକ ଏବଂ ବିରୋଧୀଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଏନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଆଠଗଡ଼ ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ସରପଞ୍ଚ ବୀଣାପାଣି ପରିଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଆଠଗଡ଼ ବ୍ଲକ ସଠିଲୋ ପଞ୍ଚାୟତର ଗ୍ରାମପଞ୍ଚାୟତ ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ ଗୁରୁବାର ଗ୍ରାମସଭା ଚାଲିଥିବା ବେଳେ ସେଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟରାମ ସ୍ୱାଇଁ, ସହକାରୀ ଉନ୍ନୟନ ଅଧିକାରୀ ସୁନୀଲ ସାହୁ, ସମିତି ସଭ୍ୟ ସୁବାସ ପାଳ ଉପସ୍ଥିତ ରହିଥିଲେ। ଏହି ସମୟରେ ୧୦ରୁ ୧୫ ଜଣ ଯୁବକ ପହଞ୍ଚି ନିଜକୁ ଶାସକ ଦଳର ସମର୍ଥକ ବୋଲି କହି ଆମକୁ ନ ପଚାରି କିଛି ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପଞ୍ଚାୟତ ନାଏବ ସରପଞ୍ଚ ଅଖିଳ କୁମାର ରାଉତଙ୍କୁ ମାଡ଼ ମାରିଛନ୍ତି। ଅଭିଯୁକ୍ତମାନେ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ପଶି ଭଙ୍ଗାରୁଜା କରିବା ସହ ଜାତିଆଣ ଆକ୍ଷେପ କରି ବୈଦ୍ୟୁତିକ ଉପକରଣ ନଷ୍ଟ କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ଅପରପକ୍ଷରେ ଜଣେ ୱାର୍ଡ ମେମ୍ବର ଗ୍ରାମସଭାରେ ଉପସ୍ଥିତ ଥିବା ପ୍ରସନ୍ନ ପରିଡ଼ା, ଗନ୍ଧର୍ବ ପ୍ରଧାନ, ମିଥୁନ ସ୍ୱାଇଁ, ଅଶ୍ୱିନୀ ପୁହାଣଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ ସଠିଲୋ ଗ୍ରାମ ନିକଟ ଚତରା ନାଳ ବ୍ରିଜ ଉପରେ ସରପଞ୍ଚ ଗୋଷ୍ଠୀର ଟିକମ ପରିଡା, ଭାଗୀରଥି ପରିଡ଼ା ଓ ଭବାନୀ ପରିଡ଼ାଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ବେଳକୁ ଉଭୟଙ୍କ ଅଭିଯୋଗ ଥାନାରେ ପଞ୍ଜୀକୃତ ହୋଇ ନ ଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

# କୋର୍ଟର ଆଶ୍ରୟ ନେବାକୁ ଚେତାବନୀ ଦେଲେ ସରପଞ୍ଚ

**ପଞ୍ଚାୟତ ଅଫିସ ତାଲା ଭାଙ୍ଗିଲା ପ୍ରଶାସନ**



ପଞ୍ଚାୟତ ଅଫିସ ତାଲା ଭଙ୍ଗାଯାଉଛି ।

ମାହାଙ୍ଗା,୩୦।୧୦(ଅଜୟ କୁମାର ମହାନ୍ତି): କଟକ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଏବଂ ସଶସ୍ତ୍ର ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ବୁଧବାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡ଼ାମରାଇ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ତାଲା ଭଙ୍ଗାଯାଇଥିଲା। ନିର୍ବାଚିତ ଜନପ୍ରତିନିଧିଙ୍କୁ ନ ଜଣାଇ ଅଫିସ ତାଲା ଭଙ୍ଗାଯାଇଥିବା ଅଭିଯୋଗ କରି ସରପଞ୍ଚ ନାରାୟଣ ସେଠୀ କୋର୍ଟର ଆଶ୍ରୟ ନେବାକୁ ଗୁରୁବାର ଚେତାବନୀ ଦେଇଛନ୍ତି। ପଞ୍ଚାୟତର ସମିତି ସଭ୍ୟା ପ୍ରିୟଦର୍ଶିନୀ ରାଉତ ମଧ ସରପଞ୍ଚଙ୍କୁ ନ ଜଣାଇ ତାଲା ଭଙ୍ଗାକୁ ପଞ୍ଚାୟତ ଅଫିସ ଫାଟକ ତାଲାଭଙ୍ଗାକୁ କଡ଼ା ନିନ୍ଦା କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ସରପଞ୍ଚ ସେଠୀଙ୍କ କହିବା ଅନୁଯାୟୀ, ଆବଶ୍ୟକ ପଡିଲେ ପଞ୍ଚାୟତର ଲୋକପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ ଖୋଲି ପଞ୍ଚାୟତବାସୀଙ୍କୁ ସେବା ଯୋଗାଇ ଦେଇଥାନ୍ତି। କିନ୍ତୁ କିଛିଦିନ ହେବ କେତେଜଣ ଲୋକ ଅଫିସ ମଧ୍ୟରେ ଅବାଧ କାରବାର ପାଇଁ ଫାଟକ ଖୋଲା ରଖୁଥିବା ସୂଚନା ମିଳିଥିଲା। ଏନେଇ ସରକାରୀ କାଗଜପତ୍ରର ସୁରକ୍ଷା ଦୃଷ୍ଟିରୁ ସେଠୀ ଅଫିସ କାମ ପରେ ତାଲା ପକାଇ ନିଜ ପାଖରେ ଚାବି ରଖୁଥିବା କହିଛନ୍ତି। କାର୍ଯ୍ୟାଳୟ ପରିସରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଥିବାବେଳେ ଫାଟକରେ ତାଲା ପଡୁଥିବାରୁ ଉକ୍ତ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଏନେଇ ପଞ୍ଚାୟତର କେତେଜଣ ଲୋକ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବିଡିଓ କଟକ ସଦର ଉପଜିଲାପାଳଙ୍କୁ ଚିଠି(ନଂ.୭୦୩୦/୨୫.୧୦.୨୫)ରେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଗତ ୨୯ତାରିଖକୁ ପୋଡ଼ାମରାଇ ପଞ୍ଚାୟତରେ ଅଫିସ ତାଲା ଖୋଲିବା ପାଇଁ ବିଡିଓ ଦିନ ଧାର୍ଯ୍ୟ କରିଛନ୍ତି ବୋଲି ଉପଜିଲାପାଳ ଅଫିସ ଚିଠି ନଂ.୧୪୧୮୮/୨୮।୧୦।୨୫ରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟ ପାଇଁ ଉକ୍ତ ଚିଠିରେ କଟକ ଏସ୍‌ପିଙ୍କୁ ପୋଲିସ ଫୋର୍ସ ମୁତୟନ ପାଇଁ ସହଯୋଗ ଲୋଡ଼ିଥିଲେ। ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କୁ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ତାଲା ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ କେତେକ ଲୋକଙ୍କୁ ନିୟୋଜିତ କରି ଶାବଳ ଦ୍ୱାରା ଫାଟକ ତାଲା ଭଙ୍ଗା ଯାଇଥିଲା। ଏହି ସମୟରେ ସେଠାରେ ସରପଞ୍ଚ ନ ଥିବା ବେଳେ ବିଡିଓ ଏବଂ ଅନ୍ୟ ସରକାରୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ମୋବାଇଲ୍ ଫୋନ ଯୋଗେ କଲ୍ କରିଥିଲେ ମଧ ସେ ଉଠାଇ ନ ଥିଲେ।

### ନନ୍ଦନକାନନରେ ଆଖିବୁଜିଲା ବିଲୁଆ ଛୁଆ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନ ଚିକିତ୍ସାଳୟରେ ଆଇସିୟୁରେ ରହି ଚିକିତ୍ସାଧୀନ ଅବସ୍ଥାରେ ଥିବା ଗୋଟିଏ ଦେଢ଼ବର୍ଷର ମାଈ ବିଲୁଆ ଛୁଆର ଗୁରୁବାର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନନ୍ଦନକାନନର ବିଲୁଆ ଖୁଆଡ଼ରେ ରହୁଥିବା ଏହି ବିଲୁଆ ଛୁଆଟି ବୁଧବାର ଅସୁସ୍ଥ ହୋଇପଡ଼ିଥିଲା। ପରେ ଚିକିତ୍ସା ନିମନ୍ତେ ଛୁଆଟିକୁ ଖୁଆଡ଼ରୁ ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ଆଇସିୟୁରେ ରଖି ଛୁଆଟିର ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ଗୁରୁବାର ସକାଳେ ଆଇସିୟୁ ଖୋଲିବା ପରେ ଛୁଆଟି ମରିପଡ଼ିଥିବା ଜଣାପଡିଥିଲା।

ସୂଚନାଯୋଗ୍ୟ, ୮ତାରିଖରେ ୧୨ନମ୍ବର ଖୁଆଡ଼ରେ ରହୁଥିବା ଏକମାତ୍ର ନାଲି ଓ ସବୁଜରଙ୍ଗ ମାକାଓର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ଏହି ପ୍ରଜାତି ବଂଶ ନନ୍ଦନକାନନରୁ ଲୋପ ପାଇଯାଇଥିଲା। ସେହିପରି ୧୪ତାରିଖରେ ଏକ ଅଣ୍ଡିରା ହାଏନା ଛୁଆ ଓ ୨୯ ତାରିଖରେ ୪ ମାସର ମାଈ କୁକୁରା ଛୁଆର ମୃତ୍ୟୁ ଘଟିଥିଲା। ଘଟଣାପରେ ଡାକ୍ତରମାନେ ରୋଗ ଚିହ୍ନଟ କରିବାରେ ବିଫଳ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ୨ ନଂ. ଜୋନ୍‌ରେ ଭାଜପାର ମିଶ୍ରଣ ପର୍ବ

ଖୁଣ୍ଟୁଣୀ,୩୦।୧୦(ସଚ୍ଚିଦାନନ୍ଦ ପଣ୍ଡା) ଖୁଣ୍ଟୁଣୀ ଭାଜପା କାର୍ଯ୍ୟାଳୟରେ ଆଠଗଡ଼-ଟିଗିରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ୨ ନଂ. ଜୋନରେ ଭାଜପାର ମିଶ୍ରଣପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ, ପୂର୍ବତନ ସରପଞ୍ଚ ଓ ପଞ୍ଚାୟତସ୍ତରୀୟ ନେତାମାନେ ଆଠଗଡର ଭାଜପା ନେତା ଯୁବ ସଙ୍ଗଠକ ଅଭୟ ବାରିକଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି ଯୋଗଦେଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ଏକ ଭାବମୟ ପରିବେଶ ମଧ୍ୟରେ ଗୁରୁଡ଼ିଝାଟିଆ ପୂର୍ବତନ ସରପଞ୍ଚ ପ୍ରଜ୍ଞାସୁ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଉମେଶ ସାମଲ, ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ବେହେରା, ପୂର୍ବତନ ଏସ୍‌ସି ମୋର୍ଚ୍ଚା ସଭାପତି ନରେଶ ନାୟକ, ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ସୁଶାନ୍ତ ସ୍ୱାଇଁ, ଲୁଲୁ ସାମନ୍ତରାୟ, ଶ୍ରୀନିବାସ ସାହୁ, ସୁଶାନ୍ତ ହାତୀ, ମାଧବ ଭୁଜବଳ, ଅନ୍ତର୍ଯ୍ୟାମୀ ବେହେରା ଓ ରହିମ ମହମ୍ମଦ ପ୍ରମୁଖଙ୍କୁ ଅଭୟ ଭାଜପା ଉତ୍ତରୀ, ଟୋପି ଓ ଫୁଲମାଳ ପିନ୍ଧାଇ ସାମିଲ କରିଥିଲେ। ଆଗାମୀ ଦିନରେ ଆଠଗଡ଼ରେ ଭାଜପାର ଦୁର୍ଗ ସୁଦୃଢ ହୋଇପାରିବ ବୋଲି ଅଭୟ କହିଥିଲେ। ମିଶ୍ରଣ ପର୍ବକୁ ୨ନଂ. ଜୋନ ଖୁଣ୍ଟୁଣୀ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶନ (ରିଙ୍କୁ) ପରିଚାଳନା କରିଥିଲେ।




ଭାଜପାର ମିଶ୍ରଣପର୍ବରେ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

### ଆଦେଶର ପୁନଃ ସଂଶୋଧନ କରିଥିଲେ ହାଇକୋର୍ଟ

# କଲେଜ ଅଧ୍ୟକ୍ଷଙ୍କ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ କର

ଆଠଗଡ଼, ୩୦।୧୦(ସତ୍ୟ ପ୍ରସାଦ ରଥ) ଗୁରୁଡିଝାଟିଆ କଲେଜର ଅଧ୍ୟକ୍ଷ ଅଶୋକ ସାମନ୍ତରାୟଙ୍କ ବର୍ଷକ ତଳର ବଦଳି ଆଦେଶ (ଉଚ୍ଚଶିକ୍ଷାବିଭାଗର ଚିଠି ସଂଖ୍ୟା ନଂ.୪୨୦୭୨/ ୨୩।୧୦।୨୪)କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଠଗଡ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଧ୍ୟକ୍ଷଙ୍କ ବଦଳିକୁ ନେଇ ହାଇକୋର୍ଟରେ ଅଧ୍ୟାପିକା, ପ୍ରାଧ୍ୟାପକଙ୍କ ପକ୍ଷରୁ ଅନେକଗୁଡ଼ିଏ ମାମଲା ଦାୟର ହୋଇଥିଲା। ଅଧ୍ୟାପିକା ରଶ୍ମିତା ବେହେରା ଓ ଅନ୍ୟ ଅଧ୍ୟାପିକାମାନଙ୍କ ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ମିଶାଇ ଛଅ ଜଣକୁ ହାଇକୋର୍ଟଙ୍କ ତରଫରୁ ନୋଟିସ କରାଯାଇଥିଲା। ହାଇକୋର୍ଟରେ ଆବେଦନକାରିଣୀ ୩ ଜଣ ଅଧ୍ୟାପିକା ସୁଶ୍ରୀ ରଶ୍ମିତା ବେହେରା, ରୋଜାଲି ରଶ୍ମିତା ଓ ସୁଷମା ବେହେରାଙ୍କ ତରଫରୁ ଆଗତ ମାମଲା (ଡବ୍ଲ୍ୟୁପିସି ନଂ.୨୬୮୧୨ /୨୦୨୫) ବିଚାର ଅବସରରେ ବିଚାରପତି ଦିକ୍ଷୀତ କ୍ରିଷ୍ଣା ଶ୍ରୀପଦ ପ୍ରତିପକ୍ଷ ୬ ଜଣଙ୍କୁ ନୋଟିସ ଜାରି କରିଥିଲେ। ଅନ୍ତରୀଣ ଆଦେଶରେ ଆବେଦନ ବିଚାରଧୀନ ଥିବାବେଳେ କାମଚଳା ଅଧ୍ୟକ୍ଷଙ୍କ ବଦଳି ଆଦେଶକୁ କାର୍ଯ୍ୟକାରୀ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ସେ ସେଥିରେ ସ୍ପଷ୍ଟ କରିଥିଲେ। ଏହି ମାମଲାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷାବିଭାଗର ଶାସନ ସଚିବ, ନିର୍ଦ୍ଦେଶକ, କଟକ ଜିଲାପାଳ ଓ ଆଠଗଡ ଉପଜିଲାପାଳଙ୍କୁ ନୋଟିସ ଜାରି କରିବା ସହ ଅଭିଯୁକ୍ତ ଅଶୋକ ସାମନ୍ତରାୟଙ୍କୁ ମଧ ପକ୍ଷ ରଖିବାକୁ କୁହାଯାଇଥିଲା।

ଉଚ୍ଚଶିକ୍ଷାବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆଧାରରେ ୨୦୨୪ ଗତ ୨୩ରେ ଅଧ୍ୟକ୍ଷ ସାମନ୍ତରାୟଙ୍କୁ ଆସ୍କା ବିଜ୍ଞାନ ମହାବିଦ୍ୟାଳୟକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସ୍ଥାପିତ କରାଯାଇଥିଲା। ଏହାପରେ ଆଠଗଡ ଉପଜିଲାପାଳ ଗତ ୨୪ରେ ସାମନ୍ତରାୟଙ୍କୁ ରିଲିଭ କରିଥିଲେ। ମାତ୍ର ସାମନ୍ତରାୟ ବଦଳି ଆଦେଶକୁ ରଦ୍ଦ କରିବା ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ୨୦୨୪ ଅକ୍ଟୋବର ୩୦ରେ ସରକାରଙ୍କ ବଦଳି ଆଦେଶକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ହାଇକୋର୍ଟଙ୍କ ନୋଟିସ ପାଇବା ପରେ ଆଠଗଡ ଉପଜିଲାପାଳ ରିଲିଭ ଆଦେଶକୁ ପ୍ରତ୍ୟାହାର କରିନେଇଥିଲେ। ନଭେମ୍ବର ୧୨ ତାରିଖ ମାମଲାର ପୁନଃ ଶୁଣାଣି ବେଳେ ଯେହେତୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବଦଳି ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି, ତେଣୁ ମାମଲାକୁ ଆଉ ଆଗକୁ ନ ନେବାକୁ ସତ୍ୟପାଠ ଦ୍ୱାରା ଉତ୍ତର କରାଯାଇଥିଲା। ଏହାପରେ ମାମଲାଟିର ଅନ୍ତଘଟିଲା ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ। ନିଜ ସପକ୍ଷରେ ହାଇକୋର୍ଟଙ୍କ ରାୟ ରହିଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଦାରା ଜାରୀ ବଦଳି ଆଦେଶ ବଳବତ୍ତର ଥିବା ସତ୍ତ୍ୱେ ସାମନ୍ତରାୟ ବେଆଇନ ଭାବେ ଅଧ୍ୟକ୍ଷ ପଦବୀରେ ରହିଥିଲେ। ପ୍ରକୃତରେ ବଦଳି ଆଦେଶ ପ୍ରତ୍ୟାହୃତ ହୋଇ ନଥିଲା। ବେଆଇନ ଭାବେ ଚତୁରତାର ସହ ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ନେଇଥିବା ଦର୍ଶାଇ ଆଠଗଡ ଉପଜିଲାପାଳ ୨୦୨୫ ଜୁଲାଇ ୧୭ରେ ହାଇକୋର୍ଟରେ ଏକ ଆନ୍ତରୀଣ ଆବେଦନ ପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅଧ୍ୟକ୍ଷ ହୋଇଥିବା ଡ. ପ୍ରଶାନ୍ତ କୁମାର ମହାନ୍ତି ମଧ ହାଇକୋର୍ଟରେ ନିଜପକ୍ଷ ରଖି ଅନୁରୂପ ଉତ୍ତର ରଖିଥିଲେ। ବଦଳି ଆଦେଶ ପ୍ରତ୍ୟାହୃତ ହୋଇ ନଥିବା କଥାକୁ ସେ ଦୋହରାଇ ଥିଲେ। ହାଇକୋର୍ଟ ଏହି ମାମଲାର ପୁର୍ନବିଚାର କରିବା ସହ ୨୫।୮।୨୫ ରେ ତାଙ୍କର ଚୁଡ଼ାନ୍ତ ରାୟ ପ୍ରକାଶ କଲେ। ୨୦୨୪ ନଭେମ୍ବର ୧୨ ତାରିଖରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ବଦଳି ଆଦେଶ ନୁହେଁ ବରଂ ରିଲିଭ ଅଡର୍ ରଦ୍ଦ ହୋଇଥିବା ଦର୍ଶାଇ ହାଇକୋର୍ଟ ପୂର୍ବ ଆଦେଶର ସଂଶୋଧନ କରିଥିଲେ।

# ୧୬.୮ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ,୩୦।୧୦(କାର୍ତ୍ତିକ ସାହୁ) ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଜଣେ ପେସାଦାର ବ୍ରାଉନସୁଗାର ବେପାରୀଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଜିଲା ବୈରୀ ଥାନା ନୂଆପାଟଣା ଗାଁର ସୁଦାମ ସାହୁ (୩୦)। ଅଭିଯୁକ୍ତଙ୍କ ନିକଟରୁ ୧୬୮ ଗ୍ରାମ ଓଜନର ବ୍ରାଉନସୁଗାର ସହ ଏକ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୬ ଲକ୍ଷ ୮୦ ହଜାର ଟଙ୍କା ହେବ।

ସୂଚନାନୁସାରେ, ସୁଦାମ ବିପୁଳ ପରିମାଣର ନିଶାଦ୍ରବ୍ୟ ଧରି ଗୁରୁବାର ପୂର୍ବାହ୍ନରେ କଟକ ଅଭିମୁଖେ ଆସୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଜାତୀୟ ରାଜପଥର ମଙ୍ଗୁଳି ଛକରେ ଯାଞ୍ଚ ଆରମ୍ଭ କରିଥିଲା। କିଛି ସମୟ ପରେ ସୁଦାମ ସେହିବାଟ ଦେଇ ଏକ ପଲସର ବାଇକ୍‌ରେ ଯାଉଥିବା ବେଳେ ଧରାପଡ଼ିଥିଲେ। ଅବକାରୀ ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ସୁଦାମ ଦୀର୍ଘ ଦିନ ହେବ ନିଶା ସେବନ କରିବା ସହିତ ନିଶା ବିକ୍ରି କରୁଥିଲେ। ସେ ଛତିଆ ଅଞ୍ଚଳରୁ ବ୍ରାଉନସୁଗାର ଆଣି କଟକ ସହରକୁ ଯୋଗାଣ କରୁଥିଲେ। ପୂର୍ବରୁ ସୁଦାମଙ୍କ ନାମରେ ଏକାଧିକ ଆପରାଧିକ ଏବଂ ନିଶା କାରବାର ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି। ଇନ୍ସପେକ୍ଟର ହୀରା ଦଳପତିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ୪ର୍ଥ ଦିନରେ ଅଣ ଶିକ୍ଷକଙ୍କ ଆନ୍ଦୋଳନ
### ୮ଦିନଛୁଟିଘୋଷଣାକଲେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ

ଟିଗିରିଆ,୩୦।୧୦(ଜାଫର ଖାଁ): ଟିଗିରିଆ ବ୍ଲକ ଅଧୀନ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟର ୧୭ ଜଣ ବହିଷ୍କୃତ ଅଣ ଶିକ୍ଷକ କର୍ମଚାରୀଙ୍କ ତାଲା ବନ୍ଦ ଆନ୍ଦୋଳନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନରତ ଶିକ୍ଷକଙ୍କ ସହ କୌଣସି ଆଲୋଚନା ନ କରି ମହାବିଦ୍ୟାଳୟକୁ ୮ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଫଳରେ ଅଧ୍ୟୟନରତ ଛାତ୍ରୀଛାତ୍ର ନିଜ ଘରକୁ ଚାଲିଯାଇଛନ୍ତି। ଏନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୭ ଦଫା ଦାବି ନେଇ ବହିଷ୍କୃତ ଅଣଶିକ୍ଷକ ଓ କର୍ମଚାରୀମାନେ ୨୭ ତାରିଖରୁ ତାଲାବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ସମାଧାନର ବାଟ ବାହାରିପାରି ନାହିଁ।

# ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ



ମାହାଙ୍ଗା, ୩୦।୧୦ (ଅଜୟ କୁମାର ମହାନ୍ତି): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନଗୁରିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବାନା ବଟେଶ୍ୱର ମହାଦେବଙ୍କ ୮ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ବିଶ୍ୱ କଲ୍ୟାଣ ନିମନ୍ତେ ୨ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ବ୍ରାହ୍ମଣ, ପଣ୍ଡିତ, ପୁରୋହିତ ଏବଂ ଜନ ପ୍ରତିନିଧିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବିଭୁ କୃପା ଓ ପ୍ରସାଦ ସେବନ ପାଇଁ ଆମନ୍ତ୍ରଣ କରାଯାଇଛି। ମାହେନ୍ଦ୍ର ଲଗ୍ନରେ ଗ୍ରାମର ମାନସିକଧାରୀ ମହିଳା ଓ ଯୁବତୀମାନେ ଯଜ୍ଞପୀଠକୁ ନିକଟସ୍ଥ ବିରୂପା ନଦୀରୁ କଳସରେ ଜଳ ନେଇ ଶୋଭାଯାତ୍ରାରେ ଆସିଥିଲେ । ଯଜ୍ଞବେଦିରେ ଶୁଭାଧିବାସ ପରେ ଶ୍ରୀ ବାନାବଟ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପ୍ରଭୁଙ୍କ ନାମ ସଂକୀର୍ତ୍ତନ କରାଯାଇଥିଲା। ଫୁଲବାଣୀ ଅଞ୍ଚଳର ଶ୍ରୀ ଜଗନ୍ନାଥ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

# ଆଉ ୨ଦିନ ବର୍ଷା, ମାସକରେ ୫୪% ଅଧିକ ବର୍ଷିଲା

**ଲଘୁଚାପ କ୍ଷେତ୍ରରେ ପରିଣତ ହେଲା 'ମୋନ୍ଥା'**

ଭୁବନେଶ୍ୱର,୩୦।୧୦ (ବନ୍ଦନା ସେଠୀ): ବାତ୍ୟା 'ମୋନ୍ଥା'ର ଅବଶିଷ୍ଟ ଅଂଶ ଦୁର୍ବଳ ହୋଇ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ବିଦର୍ଭ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆହୁରି ୨ଦିନ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ଲଘୁଚାପ ଓ ବାତ୍ୟା ପ୍ରଭାବରେ ରାଜ୍ୟରେ ଚଳିତ ଅକ୍ଟୋବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାସର ୧ରୁ ୩୦ ତାରିଖ ମଧ୍ୟରେ ମୋଟ ୧୬୯.୭ ମି.ମି. ବର୍ଷା ହୋଇଛି। ତେବେ ସ୍ୱାଭାବିକ ବର୍ଷା ୧୧୨ ମି.ମି. ଥିବାବେଳେ ୫୪% ଅଧିକ ବର୍ଷିଛି ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ଗୁରୁବାର ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ବର୍ଷା ଏବଂ କିଛି କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ମୟୂରଭଞ୍ଜ ଜିଲାର ନଓ୍ୱାନାଠାରେ ସର୍ବାଧିକ ୯୨.୨ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର ଏନ୍‌ଏଚ୍-୫ ଗୋବିନ୍ଦପୁରରେ ୯୦.୨ମି.ମି., ରେମୁଣାରେ ୫୭ମି.ମି. ଓ ବାଲେଶ୍ୱର ଟାଉନ୍‌ରେ ୫୪.୬ ମି.ମି., କଟକ ବାଙ୍କୀରେ ୮୧ମି.ମି., ମୟୂରଭଞ୍ଜ ଶୁଳିଆପଦାରେ ୭୪ମି.ମି., ବେତନଟୀରେ ୬୧ମି.ମି., ଚାନ୍ଦୁଆଠାରେ ୬୦ମି.ମି., କୁସୁମିରେ ୫୯ମି.ମି. ଓ ଚନ୍ଦନପୁରରେ ୫୬.୬ମି.ମି., ଢେଙ୍କାନାଳ ଭୁବନରେ ୬୫ମି.ମି. ଓ ଆଳତୁମାରେ ୫୫.୨ମି.ମି. ଏବଂ କେନ୍ଦୁଝର ହାଟଡିହୀରେ ୬୦.୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ସମ୍ଭାବନା ରହିଛି। ଶନିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ସହିତ ପବନ ବହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି।

### ବିଳମ୍ବରେ ଆସିବ ଶୀତ

ସାଧାରଣତଃ ଅକ୍ଟୋବର ଶେଷ ବେଳକୁ ରାଜ୍ୟରେ ଶୀତ ଅନୁଭୂତ ହୋଇଥାଏ। କିନ୍ତୁ ଏଥର ବିଳମ୍ବରେ ଶୀତ ଆସିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବାବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଏବର୍ଷ ଆର୍ଦ୍ରତାର ମାତ୍ରା ଅଧିକ ରହୁଛି। ଏଥିପାଇଁ ଏବେ ବି ଗୁଳୁଗୁଳି ଅନୁଭୂତ ହେଉଛି। ତେଣୁ ନିୟାମକଗୁଡ଼ିକର ପରିସମାପ୍ତି ସହ ଆର୍ଦ୍ରତାର ପରିମାଣ କମିଲେ ହିଁ ରାଜ୍ୟରେ ରାତିର ତାପମାତ୍ରା କମିବ ଆଉ ଶୀତ ଅନୁଭବ ହେବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୩ ବେଆଇନ ବାଲି ବୋଝେଇ ହାଇୱା ଜବତ, ଚାଳକ ଅଟକ



ଚାରିଛକ, ୩୦।୧୦(ଶିଶିର କୁମାର ସ୍ୱାଇଁ)

ଚାରିଛକ ଥାନା ପୋଲିସ ଗୁରୁବାର ୩ଟି ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିବା ସହ ଚାଳକମାନଙ୍କୁ ଥାନାରେ ଅଟକ ରଖିଛି। ଥାନା ଏଏସ୍‌ଆଇ ଇନ୍ଦୁଲତା ମିଶ୍ର ପାଟ୍ରୋଲିଂ କରୁଥିବା ସମୟରେ ସକାଳୁ ବେଆଇନ ଭାବେ ବାଲି ବୋଝେଇ କରି ନେଉଥିବା ୩ଟି ହାଇୱାକୁ ଜବତ କରିବା ସହ ଚାଳକ ବାଲିପାଟଣା ଥାନା ଅନ୍ତର୍ଗତ ବାରଗର ଗ୍ରାମର ଗଗନ ବିହାରୀ ନାୟକ, ଜଗତସିଂହପୁର ଥାନା ଅନ୍ତର୍ଗତ କାଂଶ ଗ୍ରାମର ବିକାଶ ବେହେରା, ନିଆଳି ଥାନା ଅନ୍ତର୍ଗତ ରତନପୁର (ପାର୍ବତସାହି) ଗ୍ରାମର ଦୀପକ ଭୋଇଙ୍କୁ ଥାନାରେ ଅଟକ ରଖିଚନ୍ତି। ଏହି ଚାଳକମାନଙ୍କ ବିରୋଧରେ ବେଆଇନ ଖଣିଜ ଓ ଲଘୁଜାତ ସାମଗ୍ରୀ ଚାଲାଣ ଅଭିଯୋଗରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଚାରିଛକ ଅଞ୍ଚଳରେ ଦୈନନ୍ଦିନ ଶହଶହ ବେଆଇନ ବାଲି ବୋଝେଇ ଗାଡ଼ି ଚାଲୁଥିବା ବେଳେ ଖଣି ବିଭାଗ ଅଧିକାରୀ କିଭଳି ଜାଣିପାରୁନାହାନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନ ପାଲଟିଛି। ଚାରିଛକ ଓ ନିମାପଡା ଥାନା ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଶହ ଶହ ଚୋରା ଗାଡ଼ି ବାଲି ବୋଝେଇ କରିଯାଉଥିବା ବେଳେ ସ୍ଥାନୀୟ ପୋଲିସ ନାମକୁ ମାତ୍ର କେତୋଟି ଗାଡ଼ିକୁ ଧରି ବାହାବା ନେଉଥିବା ଅଭିଯୋଗ ହେଉଛି।

### ପୁରୀ ପୋଲିସ ପକ୍ଷରୁ ମାରାଥନ ଦୌଡ଼

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗୁରୁବାର ପୁରୀ ପୋଲିସ ପକ୍ଷରୁ ମାରାଥନ ଦୌଡ଼ ଆୟୋଜିତ ହୋଇଯାଇଛି। ଏହି ମାରାଥନ ଦିଗବରେଣୀ ଛକରୁ ଆରମ୍ଭ ହୋଇ ସମୁଦ୍ରତଟ ସଡ଼କ ପର୍ଯ୍ୟନ୍ତ ଯାଇଥିଲା। ମାରାଥନକୁ ଏସ୍‌ପି ପ୍ରତୀକ ସିଂହ ଉଦ୍ଘାଟନ କରି କହିଲେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ ଏବଂ ତାଙ୍କ ତ୍ୟାଗ ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଏହି ମାରାଥନ ମାଧ୍ୟମରେ ଯୁବପିଢ଼ି ଓ ଜନତାଙ୍କ ମଧ୍ୟରେ ଏକତା, ଶିଷ୍ଟାଚାର ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା ବାଢ଼ିବା ହିଁ ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅଂଶଗ୍ରହୀ ମାରାଥନରେ ସହଭାଗୀ ହୋଇଥିଲେ। ପୋଲିସ କର୍ମଚାରୀ, ଛାତ୍ରୀଛାତ୍ର ଓ ସ୍ଥାନୀୟ ନାଗରିକ ଏଥିରେ ସାମିଲ ହୋଇଥିଲେ। ମାରାଥନ ଶେଷରେ ତିନିଜଣ ବିଜେତାଙ୍କୁ ସମ୍ମାନିତ କରାଯାଇଛି। ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ଦେବ ପ୍ରତାପ ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଡିଏସ୍‌ପି (ସିଟି) ପ୍ରଶାନ୍ତ ସାହୁ, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡ଼ା, ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ବାସେଲିସାହି ଥାନା ଆଇଆଇସି ବିକ୍ରମ ଜେନା, ଟ୍ରାଫିକ ଥାନା ଆଇଆଇସି ଜୟଦୀପ ମହାନ୍ତି, ବଳିଆପଣ୍ଡା ଥାନା ଆଇଆଇସି ସଙ୍ଗୀତା ଦାଶ, ତାଳବଣିଆ ଥାନା ଆଇଆଇସି ଗୀତାଞ୍ଜଳି ନାୟକ ଏବଂ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

# ଆଜି ରାଧାପାଦ ଦର୍ଶନ

- ସାକ୍ଷୀଗୋପାଳ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା
- ଭକ୍ତଙ୍କ ସୁରକ୍ଷା ଦାୟିତ୍ୱରେ ୨୩ ପ୍ଲାଟୁନ ଫୋର୍ସ

ସାକ୍ଷୀଗୋପାଳ, ୩୦।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢ଼ାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

ଏସ୍‌ପି ପ୍ରତୀକ ସିଂ ଗୁରୁବାର ସାକ୍ଷୀଗୋପାଳ ଆସି ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେହିପରି ମନ୍ଦିର ସମ୍ମୁଖରେ ୧୧ ଥାକିଆ ଜିଗ୍‌ଜାଗ୍ ବ୍ୟାରିକେଡ୍, ପାଦ ପ୍ରକ୍ଷାଳନ, ଦୀପଷ୍ଟାଣ୍ଡ, ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ, ଭିଆଇପି ଗେଟ୍, ମେଳା ପଡ଼ିଆ, ପାର୍କିଂସ୍ଥଳ ଆଦି ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ଅନୁଧ୍ୟାନ କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ୨ଜଣ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି, ୨୧ ଇନ୍ସପେକ୍ଟର, ୭୧ ଏସ୍‌ଆଇ ଏବଂ ଏଏସ୍‌ଆଇ, ୯୨ ହାବିଲଦାର ଓ କନଷ୍ଟେବଲ, ୧୦ ଟ୍ରାଫିକ କନଷ୍ଟେବଲ୍, ୨୫୦ ଜଣ ଗୃହରକ୍ଷୀଙ୍କ ସମେତ ୨୩ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର, ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା, ସନ୍ଧାନୀ କୁକୁର, ସାଦା ପୋଷାକରେ ଗୋଇନ୍ଦା ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ, ପାଟ୍ରୋଲିଂ ଓ କଣ୍ଟ୍ରୋଲ ରୁମ୍‌ରେ ସମସ୍ତ ଦିଗ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବ ବୋଲି ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ସାକ୍ଷୀଗୋପାଳ ଥାନା ଆଇଆଇସି ବିଜୟକେତନ ବେହେରା ଉପସ୍ଥିତ ଥିଲେ। ସେହିପରି ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଳୁଙ୍କ ସୁବିଧା ଦର୍ଶନ, ପୂଜାର୍ଚ୍ଚନା ଓ ବେଢ଼ା ପରିକ୍ରମା ନେଇ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ।



ଫୁଲରେ ସଜ୍ଜିତ ସାକ୍ଷୀଗୋପାଳ ମନ୍ଦିର ।



ନୂତନ ଚାନ୍ଦିପ୍ରଭା ।

### ଲାଗିଲା ରାଧାରାଣୀଙ୍କ ନୂତନ ଚାନ୍ଦିପ୍ରଭା

ଚଳିତବର୍ଷ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାଧାଙ୍କ ବିଗ୍ରହ ସହ ରହିଥିବା ପୁରୁଣା ଚାନ୍ଦିରୁପା ପ୍ରଭା ପରିବର୍ତ୍ତନ କରାଯାଇ ନୂତନ ଚାନ୍ଦିପ୍ରଭା ଲାଗି କରାଯାଇଛି। ନବନିର୍ମିତ ପ୍ରଭାରେ ଓଡ଼ିଆ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ଫୁଟିତ ପଦ୍ମଫୁଲ, ମୟୂର, ସେବତୀ ଫୁଲ, ଲତା ଓ କଳସ ପ୍ରଭାରେ ଶୋଭାପାଉଛି। ପୂର୍ବରୁ ରତ୍ନସିଂହାସନରେ ଶ୍ରୀରାଧାରାଣୀଙ୍କ ବିଗ୍ରହ ପଛକୁ ଲାଗିରହିଥିବା ପୁରୁଣା ପ୍ରଭା ଅପସାରଣ କରାଯାଇ ନୂଆ କାରୁକାର୍ଯ୍ୟପୂର୍ଣ୍ଣ ପ୍ରଭା ରଖାଯାଇଛି। ଅଁଳାନବମୀ ତିଥିରେ ଓଡ଼ିଆଣୀ ବେଶରେ ନୂଆ ପ୍ରଭା ଅଧିକ ଆକର୍ଷଣ ସାଜିବ ବୋଲି ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ଠାକୁରଙ୍କୁ ମିଳିଥିବା ଦାନ ରୁପାକୁ ମିଶାଇ ପ୍ରାୟ ୫ କିଲୋଗ୍ରାମ ଓଜନର ପ୍ରଭା ତିଆରି କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଆନୁମାନିକ ୭୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ଜଣାପଡ଼ିଛି।

## ଓଡ଼ିଆଣୀ ବେଶରେ ସୁବର୍ଣ୍ଣ ଅଳଙ୍କାରରେ ସଜେଇ ହୁଅନ୍ତି ଶ୍ରୀରାଧା

ସାକ୍ଷୀଗୋପାଳ, ୩୦।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧା ଠାକୁରାଣୀଙ୍କ ସମ୍ପର୍କରେ ଏକ ରୋଚକ ପୌରାଣିକ କିମ୍ବଦନ୍ତୀ ତଥା ଲୋକକଥା ଶୁଣିବାକୁ ମିଳେ। ମନ୍ଦିରର ବଡ଼ପଣ୍ଡା ସ୍ୱର୍ଗତ ବେଳେଶ୍ୱର ମହାପାତ୍ରଙ୍କ କନ୍ୟା ଶ୍ରୀରାଧା ବୋଲି କୁହାଯାଏ। ରାଧା ରୂପରେ ସେ ବଡ଼ପଣ୍ଡାଙ୍କ ଘରେ ଜନ୍ମଗ୍ରହଣ କରିଥିଲେ, ତାଙ୍କର ପ୍ରକୃତ ନାମ ଥିଲା ଲକ୍ଷ୍ମୀ। ସେ ବୃନ୍ଦାବନରୁ ସାକ୍ଷୀ ଦେବାକୁ ଆସି ଘଟଣା କ୍ରମେ ସତ୍ୟବାଦୀର ଫୁଲଅଳସା ଗ୍ରାମରେ ପୂଜା ପାଉଥିବା ସାକ୍ଷୀଗୋପାଳ ଠାକୁରଙ୍କ ସହ ଭକ୍ତିଭାବରେ ବାନ୍ଧି ହୋଇଯାଇଥିଲେ। ଉଭୟ ଉଭୟଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ସାକ୍ଷୀଗୋପାଳ ନିଶାର୍ଦ୍ଧରେ ଲକ୍ଷ୍ମୀଙ୍କ ଶୟନ କକ୍ଷରେ କେତେବେଳେ ନୂପୁର ତ ଆଉ କେତେବେଳେ ଦୋଶଡ଼ା ଛାଡ଼ି ଆସୁଥିଲେ। ଏକଦା ସେ ସୁବର୍ଣ୍ଣ ବଂଶୀ ଛାଡ଼ି ଆସିବା ପରେ ଏ କଥା ରାଜାଙ୍କୁ ବଡ଼ପଣ୍ଡା ଜଣାଇଥିଲେ। ମାତ୍ର ପଣ୍ଡା ବଂଶୀ ଚୋରି କରିଥିବା ରାଜା ସନ୍ଦେହ କରିବାରୁ ତାଙ୍କୁ ଠାକୁର ସମସ୍ତ ବୃତ୍ତାନ୍ତ କହିବା ସହ ଲକ୍ଷ୍ମୀ ପରି ଅବିକଳ ପ୍ରତିମା ନିର୍ମାଣ କରି ରାଧା ରୂପରେ ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ଦେଇଥିଲେ। ତେବେ ପ୍ରତିମା ପ୍ରତିଷ୍ଠା ଦିବସରେ ଲକ୍ଷ୍ମୀଙ୍କ ଦେହାନ୍ତ ହୋଇଯାଇଥିଲା। ଓଡ଼ିଆ ଘର ସେବକ ପରିବାରର କନ୍ୟା ଭାବେ ସାକ୍ଷୀଗୋପାଳଙ୍କ ବାମ ପାର୍ଶ୍ୱରେ ରତ୍ନସିଂହାସନରେ ଶ୍ରୀରାଧା ସ୍ଥାପିତ ହୋଇଛନ୍ତି। ବର୍ଷସାରା ଶ୍ରୀରାଧା ଠାକୁରାଣୀ ଉତ୍ତର ଭାରତ ନାରୀ ସଦୃଶ ବେଶ ଧାରଣ କରୁଥିବାବେଳେ ଅଁଳାନବମୀରେ ପୂର୍ବକାଳରେ ଓଡ଼ିଆ ଘର ବୋହୂମାନେ ପରିଧାନ କରୁଥିବା ଭଳି ପାଟଶାଢ଼ି କାଣିଆକଚ୍ଛା ମାରି ପିନ୍ଧିଥାନ୍ତି। ତାଙ୍କୁ ପାଦପଦ୍ମ, ପାଉଁଜି, ଝୁଣ୍ଟିଆ, ପାହୁଡ଼, ବାଙ୍କି, ଚନ୍ଦ୍ରହାର ଶିକୁଳି, ବେଙ୍ଗପାଟିଆ, ତାବିଜ, ଅଁଳାମାଳ, ପୋହଳାମାଳ, ଚାପସରି, ପଣସକଣ୍ଟା ଖଡୁ, ବାହୁଟି, ବଟଫଳ ମାଳ, ଦ୍ରାବିଡ଼ଚନ୍ଦ୍ର, ମୟୂରସା ଗୁଣା, ନୁଥ, ସେତିହାର, ପୋହଳାହାର, ଡେଉଁରିଆ ମାଳ, କିରିଟି ଆଦି ପାରମ୍ପରିକ ସୁବର୍ଣ୍ଣ ଗହଣା ଲାଗି କରାଯିବ। ଫୁଲହାର, ଅଁଳାଫଳ ମାଳ, ଦୁବ, ଅରୁଆ ଚାଉଳ ସହିତ କଜଳ, ସିନ୍ଦୁର, ଅଳତା ଓ ଚନ୍ଦନପାଟି ଲାଗି କରାଯାଏ। ସେହିପରି ଅଁଳାନବମୀରେ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇ ଛନ୍ଦାଚରଣରେ ନୃତ୍ୟରତ ଭଙ୍ଗୀରେ ଦର୍ଶନ ଦେଇଥାନ୍ତି।

## ରାସ୍ତାରୁ ବର୍ଷାଜଳ ନିଷ୍କାସନ କଲେ ସାମାଜିକ କର୍ମୀ



ଯୋଗେଶ୍ୱରପୁର,୩୦।୧୦ (ରଶ୍ମିରଞ୍ଜନ ସାହୁ)

ଚାରିଛକ-କାକଟପୁର ମୁଖ୍ୟ ରାସ୍ତାର ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ମନ୍ଦିର ଆଗରେ ବର୍ଷାଜଳ ଜମିରହିଥିଲା। ଛାତ୍ରୀଛାତ୍ରମାନେ ଯାତାୟାତ ଲାଗି ହଇରାଣ ହେଉଥିଲେ। ଗାଡ଼ିଗୁଡ଼ିକ ଏହି ରାସ୍ତାରେ ଯିବାବେଳେ ପାଣି ଛିଟିକା ମାରି ବାଟୋଇଙ୍କ ଉପରେ ପଡ଼ିବାରୁ ଗଣ୍ଡଗୋଳ ଘଟୁଥିଲା। ଏଠାରେ ପାଣି ଜମିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଜଳ ନିଷ୍କାସନ ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ନୟାହାଟ ଅଞ୍ଚଳର ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ଗୁରୁବାର ଏକ ଜେସିବି ସାହାଯ୍ୟରେ ନିକଟରେ ଥିବା ନୟନଯୋରିକୁ ପାଣି ନିଷ୍କାସନ କରିଥିଲେ। ଫଳରେ ଯାନବାହନ ସହିତ ଲୋକେ ସୁବିଧାରେ ଯାତାୟାତ କରିପାରିଥିଲେ।

## ଶ୍ରୀସଦାଶିବ ପରିସରରେ ୧୧୦ ଫୁଟ୍‌ର ଜାତୀୟ ପତାକା ଉନ୍ମୋଚିତ

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ପୁରୀଠାରେ ୧୧୦ ଫୁଟ ଉଚ୍ଚତା ବିଶିଷ୍ଟ ହାଇମାଷ୍ଟ ଜାତୀୟ ପତାକା ଏବଂ ପଣ୍ଡିତ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଗୁରୁବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ଓ କୁଳସଚିବ ପ୍ରଫେସର ଆର.ଜି.ମୁରଲୀକ୍ରିଷ୍ଣାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏଥିସହ ପରିସରର ଜୟଦେବ ସଭାଗାରରେ ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ଓ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଶାନ୍ତିନିକେତନ ସଂସ୍କୃତ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ଅରୁଣ କୁମାର ମିଶ୍ର ଓ ବିଶିଷ୍ଟ ଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଆର.ଜି. ମୁରଲୀକ୍ରିଷ୍ଣା ଯୋଗ ଦେଇଥିଲେ। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଭାରତୀୟ ଜ୍ଞାନ ପରମ୍ପରା ସନ୍ଧାନ କେନ୍ଦ୍ର ଶ୍ରୀସଦାଶିବ ପରିସର, ପୁରୀର ପର୍ଯ୍ୟବେକ୍ଷକ ଡ. ଜିତେନ୍ଦ୍ର କୁମାର ରାୟଗୁରୁ ପ୍ରସ୍ତାବିକ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ବେଣୁଧର ଦାଶ ପ୍ରାରମ୍ଭିକ ବେଦପାଠ ଏବଂ ଡ. ମହେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଶିକ୍ଷାଶାସ୍ତ୍ର ବିଦ୍ୟାଶାଖାର ସହକାରୀ ପ୍ରଫେସର ଡ. ସୁଶାନ୍ତ କୁମାର ରାୟ ମଞ୍ଚ ସଞ୍ଚାଳକ ଥିଲେ।

## ଅପରେଶନ ଚକ୍ର: ବିଭିନ୍ନ ମାମଲାରେ ୧୧ ଗିରଫ

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ନେତୃତ୍ୱରେ ଅପରେଶନ ଚକ୍ର ଅଭିଯାନ ଜାରି ରହିଛି। ପୁରୀ ସହରରେ ବେଆଇନ ଭାବେ ମାଦକଦ୍ରବ୍ୟ ବିକ୍ରି, ମଦ୍ୟପାନ କରି ଗାଡ଼ି ଚାଳନା ଉପରେ ରୋକ ଲଗାଇବା ଲକ୍ଷ୍ୟରେ ଏହି ଅଭିଯାନ ପୁରୀ ପୋଲିସ ପକ୍ଷରୁ କରାଯାଉଛି। ଗୁରୁବାର ବିଭିନ୍ନ ଅଭିଯୋଗରେ ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗତ ୨୪ ଘଣ୍ଟା ମଧ୍ୟରେ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଥିଲା। ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ପାରାନୋଳିଆ ସାହିର ଅବନୀ ରଞ୍ଜନ ନାୟକ। ତାଙ୍କ ନିକଟରୁ ପୋଲିସ ୧୧.୨୮ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିବା ସହ କେସ୍ ନଂ. ୫୭୮/୨୫ ରୁଜୁ କରିଛି। ସେହିଭଳି ବେଆଇନ କଫ୍‌ସିରପ ବିକ୍ରି ଅଭିଯୋଗରେ ବାସେଳୀ ସାହି ଥାନା ପୋଲିସ ଅନୁରାଗ ମହାନ୍ତିଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୨ଟି କଫ୍‌ସିରପ ଜବତ କରିବା ସହ କେସ୍ ନଂ. ୨୩୫/୨୫ ରୁଜୁ ହେଇଛି। ବେଆଇନ ଭାବେ ମାଦକ ଦ୍ରବ୍ୟ ବିକ୍ରି ଅଭିଯୋଗରେ ୩ଟି ଥାନାରେ ୩ଟି ମାମଲା ରୁଜୁ ହେବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବା ଘଟଣାରେ ଟ୍ରାଫିକ ଥାନା ପକ୍ଷରୁ ୬ଜଣଙ୍କ ନାମରେ ମାଲଲା ରୁଜୁ କରାଯାଇ ଗାଡ଼ି ଜବତ କରାଯାଇଛି। ଅପରେଶନ ଚକ୍ରରେ ବର୍ତ୍ତମାନ ସୁଦ୍ଧା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା ଅଭିଯୋଗରେ ୧୬୫ ଜଣଙ୍କୁ ଧରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆପରାଧିକ କାର୍ଯ୍ୟକଳାପ ଘଟଣାରେ ସଂପୃକ୍ତ ଥିବା ୭୮ ଜଣଙ୍କୁ ଗିରଫ କରାଯାଇଛି । ଆଗକୁ ଏହି ଅପରେଶନ ଜାରି ରହିବ ବୋଲି ସାହୁ କହିଛନ୍ତି।

## ୩ ଶିକ୍ଷୟିତ୍ରୀଙ୍କ ବଦଳି ନେଇ ବିଇଓଙ୍କୁ ଘେରିଲେ ଗ୍ରାମବାସୀ

ପିପିଲି,୩୦।୧୦ (ପ୍ରଭାତ କୁମାର ମହାପାତ୍ର)

ପିପିଲି ଏନ୍‌ଏସି ଅନ୍ତର୍ଗତ ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୩୬ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ। ଏବେ ୩ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବାରୁ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ଗ୍ରାମବାସୀ ଗୁରୁବାର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ବିଦ୍ୟାଳୟରେ ପୂର୍ବରୁ ବିଜ୍ଞାନ ଶିକ୍ଷକ ଥିବାବେଳେ ପୁଣି ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ନିଯୁକ୍ତିକୁ ଅନାବଶ୍ୟକ ବୋଲି ଗ୍ରାମବାସୀ କହିବା ସହ ବିଦ୍ୟାଳୟ ବାହାରେ ଶୌଚାଳୟ ଥିବାରୁ ପିଲାଙ୍କୁ ଯାତାୟାତରେ ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟ କମିଟି ସଭାପତି ସେକ୍ ଜାହାଙ୍ଗୀରଙ୍କ ନେତୃତ୍ୱରେ ମହମ୍ମଦ ସାଜିଦ୍‌ଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଲୋକେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର ଦେଇଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ବିଇଓ ପୀତବାସ ସେଠୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ୧୫ଦିନ ମଧ୍ୟରେ ୨ଜଣ ଶିକ୍ଷକଙ୍କ ନିଯୁକ୍ତି ନ ହୁଏ, ତେବେ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ବିଇଓ ସେଠୀ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନ ଦେଇ ନିଜ ସିଟ୍‌ରୁ ଉଠି ଚାଲିଯାଇଥିଲେ।



ବିଇଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଫଟୋରେ ଖବର




ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗୁରୁବାର ପୁରୀ ପୋଲିସ ପକ୍ଷରୁ ଆୟୋଜିତ ମାରାଥନ ଦୌଡ଼ ।



ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ପଣ୍ଡିତ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଏବଂ ଅଧ୍ୟାପିକା ଅଧ୍ୟାପକ।

## ଚାରୁକଳା ମହାବିଦ୍ୟାଳୟରେ ଆର୍ଟିଷ୍ଟ ମିଟ୍ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୩୦।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ଶାନ୍ତିସ୍ତୂପ ଧଉଳି ପାଦଦେଶସ୍ଥିତ ଚାରୁକଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ଆର୍ଟିଷ୍ଟ ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିଜୟ ପରିଡ଼ା ମୁଖ୍ୟ ଅତିଥି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ଆମର ପରିଚିତ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ, ଏହା ଶିଳ୍ପୀଙ୍କ ତୂଳୀରେ ନିଖୁଣ ଭାବେ ଚିତ୍ରିତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିଳ୍ପୀଙ୍କ ଜୀବନୀ ବିଷୟରେ ପଚାରି ବୁଝିବା ସହିତ ୩୬ଜଣ ଛାତ୍ରୀଛାତ୍ର ଶିବିରରେ ଅଂଶଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ କଥାବସ୍ତୁ, ଛଅ ଋତୁ, କୃଷ୍ଣ ଲୀଳା, ବୋଇତ ବନ୍ଦାଣ ଏବଂ ସାମାଜିକ କଥାବସ୍ତୁକୁ ନେଇ ଚିତ୍ରାଙ୍କନ କରିଥିଲେ। ସୋଫିଆ ୟାସ୍ମିନ ଏବଂ ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିର ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ବିଭବର ପରିଚୟ

### ରାଜ୍ୟ ଅଭିଲେଖାଗାରରେ ୮୮ତମ ସଂସ୍କୃତି ଚର୍ଚ୍ଚା

ଭୁବନେଶ୍ୱର,୩୦।୧୦ (ସୌମ୍ୟରଞ୍ଜନ ରାଉତ)



ସଂସ୍କୃତି ଚର୍ଚ୍ଚାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶଙ୍କ ସହ ଅନ୍ୟ ଅତିଥିମାନେ।

ରାଜ୍ୟ ଅଭିଲେଖାଗାରରେ ୮୮ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ କହିଲେ, ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିଭବର ପରିଚୟ। ଶହ ଶହ ବର୍ଷ ଧରି ଓଡ଼ିଶାର ଅର୍ଥନୀତିକୁ ଏହା ସମୃଦ୍ଧ କରି ଆସିଅଛି। କୌଣସି ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ବିନା ଉତ୍କଳୀୟ ବଣିକମାନେ ସାତ ସମୁଦ୍ର ତେର ନଈ ପାରକରି ବିଭିନ୍ନ ରାଷ୍ଟ୍ର ସହିତ ସମ୍ପର୍କ ସ୍ଥାପନ କରି ବ୍ୟବସାୟ ବାଣିଜ୍ୟ କରିବା ସହିତ ସେଠାରେ ଉତ୍କଳୀୟ ସଂସ୍କୃତିର ପ୍ରଭାବ ବିସ୍ତାର କରିଥିଲେ। କାଳକ୍ରମେ ସେମାନେ ମଧ୍ୟ ସେଠାକାର ଶାସନ ପଦ୍ଧତି ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲେ। ସବୁଠାରୁ ବଡ଼ କଥା ହେଲା ସୁଯୋଗ ଥିଲେ ମଧ୍ୟ ସାଧବମାନେ ହିନ୍ଦୁଧର୍ମ କିମ୍ବା ବୌଦ୍ଧଧର୍ମ ଭଳି ଉନ୍ନତ ଧର୍ମର ପ୍ରଚାର ପ୍ରସାର କରି ନ ଥିଲେ। ସେମାନେ ନିଜର ସାଧୁତା ପାଇଁ ବାହାର ଦେଶରେ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେଉଥିଲେ ବୋଲି ସେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଲେ, କାର୍ତ୍ତିକ ପୂର୍ଣ୍ଣିମା ଅନ୍ୟମାନଙ୍କ ପାଇଁ ଏକ ପର୍ବ ହୋଇପାରେ, ହେଲେ ଓଡ଼ିଆ ମାନଙ୍କ ପାଇଁ ଏହା ଏକ ସ୍ୱାଭିମାନର ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ଗସ୍ତରେ ଯାଇଥିବା ସମୟରେ ବାଲିଠାରେ ସେ କଟକର ବାଲିଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶା ସରକାର ବାଲିଯାତ୍ରା ସମ୍ପର୍କିତ ତଥ୍ୟ ସମ୍ବଳିତ ଦସ୍ତାବିଜକୁ ସଂଗ୍ରହ କରି କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀକୁ ପ୍ରେରଣ କରିଛନ୍ତି, ଯାହା ପରବର୍ତ୍ତୀ ସମୟରେ ୟୁନେସ୍କୋକୁ ପ୍ରେରଣ କରାଯିବ। ଆମପାଇଁ ଗର୍ବର କଥା ଯେ ଓଡ଼ିଶାରୁ–ରଥଯାତ୍ରା, ବାଲିଯାତ୍ରା ଏବଂ ଦଣ୍ଡନାଟ ୟୁନେସ୍କୋ ହେରିଟେଜ ଷ୍ଟାଟସ ପାଇବା ପାଇଁ କେନ୍ଦ୍ର ସରକାର ତାଲିକାଭୁକ୍ତ କରିଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ, ଡ. ନିବେଦିତା ମହାନ୍ତି, ପ୍ରଦୋଷ ପଟ୍ଟନାୟକ, ଡ. ଖାରବେଳ ମହାନ୍ତି, ଡ. ଅନାମ ବେହେରା, ଡ. ସତ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ କ୍ରନିକ୍ କିଡ୍‌ନୀ ରୋଗ ନିୟନ୍ତ୍ରଣ ପାଇଁ ବୈଠକ



ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍.ଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ଓଡ଼ିଶାରେ କ୍ରନିକ୍ କିଡ୍‌ନୀ ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ବନ୍ଧୀୟ ସ୍ଥିତି ବିଶ୍ଳେଷଣ ଏବଂ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ ସମ୍ପର୍କିତ ଟେକ୍ନିକାଲ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମିଳିତ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା ଆୟୁକ୍ତ ଅଶ୍ୱତୀ ଏସ୍. ଅଧ୍ୟକ୍ଷତା କରିଥିଲେ। ବୈଠକରେ କିଡ୍‌ନୀ ରୋଗ ନିୟନ୍ତ୍ରଣ ପଦକ୍ଷେପ ପାଇଁ ରୋଡ୍‌ମ୍ୟାପ୍, ରୋଗୀଙ୍କ ବିଭିନ୍ନ ଅସୁବିଧାର ସମାଧାନ ସମେତ ରାଜ୍ୟରେ ବିଭିନ୍ନ ଅଞ୍ଚଳର ପାଣି ଓ ପରିବେଶ ଗୁଣବତ୍ତା, ରୋଗ ନିରୀକ୍ଷଣ, ସର୍ଭିଲାନ୍ସ ସିଷ୍ଟମ ଗଠନ, ଜନ ଜାଗୃତି ଓ ସ୍କ୍ରିନିଂ କ୍ୟାମ୍ପ, ପଞ୍ଜୀକରଣ, ବିଶେଷଜ୍ଞମାନଙ୍କୁ ଅଧିକ ଗବେଷଣା ନିମନ୍ତେ ପ୍ରେରିତ କରିବା ସହ ସଚେତନତା, ସମ୍ପୃକ୍ତ ବିଭାଗଗୁଡ଼ିକର ଭୂମିକା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡି ବୃନ୍ଦା ଡି., ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର, ଡିଏମ୍‌ଇଟି ସନ୍ତୋଷ ମିଶ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ପ୍ରଦୀପ ଗୁରୁ, ଅତିରିକ୍ତ ନିର୍ଦ୍ଦେଶକ ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନଭେମ୍ବର ୨୮ରୁ କିଟ୍‌ରେ ବିଜ୍ଞାନ କଂଗ୍ରେସ

### 'ସଷ୍ଟେନେବଲ ଗ୍ରୀନ୍ ଫ୍ରେଣ୍ଟିଅର୍ସ' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ହେବ

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୬ତମ ଅଧିବେଶନ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନଭେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମେଳନର ମୁଖ୍ୟ ବିଷୟବସ୍ତୁ ରହିଛି 'ସହନୀୟ ବିକାଶ ଲକ୍ଷ୍ୟ: ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ନବସୃଜନ'। ଜାତିସଂଘ ଆନୁକୂଲ୍ୟରେ ୨୦୧୬ରୁ ୨୦୩୦ ଅବଧି ମଧ୍ୟରେ ବିଶ୍ୱରେ କାର୍ଯ୍ୟକାରୀ ହେଉଥିବା ସହନୀୟ ବିକାଶ ଲକ୍ଷ୍ୟ ହାସଲର ବିଭିନ୍ନ ଦିଗ ଉପରେ ଅଧିକ ଆଲୋଚନା କରାଯିବ। ଏଥିସହ ନବସୃଜନ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଉପଯୁକ୍ତ ପ୍ରୟୋଗ ଦ୍ୱାରା ଏହା କିପରି ସଫଳତା ଅର୍ଜନ କରିବ ତାହା ଉପରେ କଂଗ୍ରେସରେ ମାନସମନ୍ଥନ ହେବ। ସେହିପରି 'ସଷ୍ଟେନେବଲ ଗ୍ରୀନ୍ ଫ୍ରେଣ୍ଟିଅର୍ସ' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବ। କଂଗ୍ରେସର ଉପଦେଷ୍ଟା ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆୟୋଜନ କମିଟିର ଆବାହକ ପ୍ରଫେସର ତପନ କୁମାର ବସ୍ତିଆ, ଆବାହକ ପ୍ରଫେସର ସନ୍ଦୀପ କୁମାର କୁଣ୍ଡୁ, ଡିନ୍ ପ୍ରଶାନ୍ତ ରଥ, ଇଂ. ମନୋରଞ୍ଜନ ମିଶ୍ର, ଡ. ଶୁଭାଙ୍ଗୀ ଦେବଦର୍ଶିନୀ ସାହୁ, ଡ. ଆଲୋକ କୁମାର ପଣ୍ଡା, ଡ. ସୁରଭି ଜୈନ, ଡ. ଭବ୍ୟା ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ୫ଶହରୁ ଅଧିକ ପ୍ରତିନିଧି ଏହି କଂଗ୍ରେସରେ ଯୋଗଦେବେ ବୋଲି ଡ. ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ଆସନ୍ତା ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୁଣା ଭୁବନେଶ୍ୱର ନଳସାହିରେ ଜଣେ କାରିଗର ସୋଲରେ ଆକର୍ଷଣୀୟ ଡଙ୍ଗା ତିଆରି କରୁଛନ୍ତି।

## କର୍କଟ ପ୍ରତିରୋଧ ପାଇଁ ଉତ୍ତମ ମୌଖିକ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୩୦।୧୦ (ଅନୁରାଧା ମହାରଣା)



ଡା. ସୋନିଆ ଦତ୍ତ

ମୌଖିକ ସ୍ୱାସ୍ଥ୍ୟ କେବଳ ଦାନ୍ତ, ମାଢ଼ି ନୁହେଁ, ଏହା ସମଗ୍ର ସ୍ୱାସ୍ଥ୍ୟର ମୂଳସ୍ତମ୍ଭ ବୋଲି ଡା. ସୋନିଆ ଦତ୍ତ କହିଛନ୍ତି। ଉତ୍ତମ ମୌଖିକ ସ୍ୱଚ୍ଛତା ହୃଦ୍‌ରୋଗ, ଡାଇବେଟିସ୍ ଓ କର୍କଟ ବିପଦ ହ୍ରାସକରେ। କମ୍ ରୋଗ ପ୍ରତିରୋଧ କ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ଦିନକୁ ଦୁଇଥର ଡାବର ରେଡ୍ ପେଷ୍ଟରେ ଦାନ୍ତ ଘଷିବା, ଫ୍ଲସିଂ ଓ ଆଣ୍ଟିବ୍ୟାକ୍ଟେରିଆଲ ମାଉଥ୍‌ୱାଶ୍ ବ୍ୟାକ୍ଟେରିଆ କମାଇ ଜୀବନ ଗୁଣବତ୍ତା ବଢ଼ାଏ ବୋଲି ଡା. ଦତ୍ତ ଉଲ୍ଲେଖ କରିଛନ୍ତି। ଏମସ୍‌ର ଗବେଷକ କହିଛନ୍ତି, ମୌଖିକ ଯତ୍ନକୁ ଅଙ୍କୋଲୋଜିରେ ସାମିଲକରି ବଞ୍ଚିବା ହାର ବଢ଼ାଇହେବ। ଆଇଏନ୍‌ଏଚ୍‌ଏନ୍‌ସିଇ ଅନୁସନ୍ଧାନରୁ ଜଣାପଡ଼ିଛି, ପ୍ରତିବର୍ଷ ଦାନ୍ତ ପରୀକ୍ଷା ଓ ନିୟମିତ ଦାନ୍ତ ଘଷିବା ଦ୍ୱାରା ମୁଣ୍ଡ–ଗଳା କର୍କଟ ବିପଦ କମାଏ। ମୌଖିକ ରୋଗ ମୁଖ, ଗଳା, ପାଚନତନ୍ତ୍ର, ଫୁସ୍‌ଫୁସ୍ ଓ ପ୍ରୋଷ୍ଟେଟ କର୍କଟ ସହ ଜଡ଼ିତ। ତମାଖୁ, ମଦ ଓ ଶର୍କରା ଜାତୀୟ ଖାଦ୍ୟ କମାଇ ବିପଦ ହ୍ରାସ କରିହୁଏ। ନିୟମିତ ଯାଞ୍ଚରେ ପ୍ରାରମ୍ଭିକ କର୍କଟ ଚିହ୍ନଟ ହୁଏ। ଭାରତରେ ମୌଖିକ ଯତ୍ନକୁ ପ୍ରାଥମିକ ଚିକିତ୍ସାରେ ସାମିଲକରି କର୍କଟ ବୋଝ କମାଇହେବ ବୋଲି ସେ କହିଛନ୍ତି।

## ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ତଦାରଖକଲେ କେନ୍ଦ୍ରୀୟ ଶିକ୍ଷା ପ୍ରତିନିଧି

ବାଲିଅନ୍ତା,୩୦।୧୦ (ନୀଳମାଧବ ସାହୁ)



ନୂଆଦିଲ୍ଲୀସ୍ଥିତ ୟୁନିସେଫର ସ୍ୱତନ୍ତ୍ର ପ୍ରତିନିଧି ଗଣେଶ ନିଗମ ଗୁରୁବାର ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ପିଏମ୍ ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତରେ ଆସି ଶିକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ଏହି କେନ୍ଦ୍ରୀୟ ପ୍ରତିନିଧି ବିଦ୍ୟାଳୟରେ ୨ ଘଣ୍ଟା ଧରି ଛାତ୍ରୀଛାତ୍ରଙ୍କୁ ଭେଟି ପାଠପଢ଼ା ଉପରେ ପଚାରି ବୁଝିଛନ୍ତି। ପ୍ରତିନିଧି ନିଗମ ୯ମ ଓ ୧୦ମ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠ ସମ୍ପର୍କରେ ପ୍ରଶ୍ନ ପଚାରିବା ସହ ସେମାନଙ୍କ ଉତ୍ତର ଖାତା ଦେଖିଥିଲେ। ଏଥିସହ ବିଦ୍ୟାଳୟରେ ଥିବା ସ୍ମାର୍ଟ ବୋର୍ଡ ମାଧ୍ୟମରେ ପିଲାମାନଙ୍କୁ କିଭଳି ପାଠ ପଢ଼ାଯାଉଛି ସେ ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରତିନିଧି ନିଗମ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିବା ପ୍ରଧାନ ଶିକ୍ଷକ ଗଣେଶ କରଣ କହିଛନ୍ତି। କେନ୍ଦ୍ରୀୟ ପ୍ରତିନିଧିଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ଶିକ୍ଷକ ଜମ୍ମେଶର ରଥଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ।

# ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ପୁରୁଣା ଭୁବନେଶ୍ୱର,୩୦।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ବୁଧବାର ପୂର୍ବାହ୍ନ ୧୧ଟା ସୂର୍ଯ୍ୟ ପୂଜାଠାରୁ ବନ୍ଦ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଗୁରୁବାର ସ୍ୱାଭାବିକ ହୋଇଛି। ଜଣେ ସମର୍ଥା ସେବାୟତଙ୍କ ନିଅଁଶ ପାଳିକୁ ଅନ୍ୟ ଜଣେ ସମର୍ଥା ସେବାୟତ ବର୍ଷ ବର୍ଷ ଧରି ତୁଲାଉଆସୁଥିଲେ। ମାତ୍ର ଗୁରୁବାର ସେ ଏଥିରେ ଅସହଯୋଗ କରିଥିଲେ। ପରମ୍ପରା ଅନୁଯାୟୀ ସୂର୍ଯ୍ୟ ପୂଜାରେ ଚାଉଳ ଚୁନା ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ନ ଯୋଗାଇବାରୁ ବୁଧବାର ଠାକୁରଙ୍କ ନୀତି ଦିନତମାମ ବନ୍ଦ ରହିଥିଲା। ଘଟଣା ପରେ ଗୁରୁବାର ସମର୍ଥା ସେବାୟତ ପ୍ରମୁଖ ହରିହର ସମର୍ଥା ଏବଂ ବାବୁଲି ସମର୍ଥାଙ୍କ ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ନିଅଁଶ ପାଳି ତୁଲାଇଥିବା ସେବାୟତ ପୂର୍ବବତ କାର୍ଯ୍ୟ ତୁଲାଇଥିଲେ। ପରେ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଏନେଇ ସେବାୟତ ମିଟୁ ସମର୍ଥା କହିଛନ୍ତି ଯେ, କେବେବି ଏଭଳି ସମର୍ଥା ସେବାୟତମାନେ ନୀତି ବନ୍ଦ ଭଳି ପଦକ୍ଷେପ ନେଇ ନ ଥିଲେ। ମନ୍ଦିର ଚୂଡ଼ାକୁ ପତାକା ଉଠାଇବାଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ସେବା କାର୍ଯ୍ୟ ନିର୍ବାହ କରିଆସୁଛୁ। ତେବେ ମନ୍ଦିର ପ୍ରଶାସନ ଆମ୍ଭମାନଙ୍କ ଦାବି ପୂରଣ ନ କରିବାରୁ ଦୁଃଖ ପ୍ରକାଶ କରୁଛୁ ବୋଲି ସେ କହିଛନ୍ତି।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁ–ସେବାୟତ ମାରପିଟ

ପୁରୁଣା ଭୁବନେଶ୍ୱର,୩୦।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଗୁରୁବାର ଶ୍ରଦ୍ଧାଳୁ ଏବଂ ସେବାୟତଙ୍କ ମଧ୍ୟରେ ମାରପିଟ ହୋଇଛି। ଏନେଇ ଲିଙ୍ଗରାଜ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗଙ୍ଗନଗରରୁ ଆସିଥିବା ଶ୍ରଦ୍ଧାଳୁ ଗୀତାରାଣୀ ବେହେରାଙ୍କୁ ବଡୁ ସେବାୟତ ଶରତ ଚନ୍ଦ୍ର ବଡୁ ଠାକୁରଙ୍କୁ ଦର୍ଶନ କରାଇଥିଲେ। ଏ ନେଇ ସେ ଗୀତାରାଣୀଙ୍କଠାରୁ ପ୍ରଥମେ ୨୦୦ଟଙ୍କା ଏବଂ ପରେ ୧୦୦ଟଙ୍କା ନେଇଥିଲେ। ଶେଷରେ ନନ୍ଦୀଙ୍କ ନିକଟରେ ଆଉ ଟଙ୍କା ଦାବି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଲିଙ୍ଗରାଜ ଥାନା ପୋଲିସ ପୃଥକଭାବେ ଦୁଇଟି ମାମଲା (୩୪୬/୨୫, ୩୪୭/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଶପଥ ନେଲେ ରାଜ୍ୟର ସମସ୍ତ ସରକାରୀ ଓକିଲ



### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ରାଜ୍ୟର ସମସ୍ତ ସରକାରୀ ଓକିଲ ଶପଥ ଗ୍ରହଣ କରିଛନ୍ତି। ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ତୋଷାଳି ଭବନସ୍ଥିତ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟରେ ସଚ୍ଚୋଟତା ପ୍ରତିଜ୍ଞା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନ୍‌ଗୋ, ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ଓ ସ୍ୱତନ୍ତ୍ର ଅଧିକାରୀ ଜନ୍ମେଜୟ ପଲେଇଙ୍କ ଉପସ୍ଥିତିରେ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀଙ୍କୁ ସାଧୁତା ଓ ସଚ୍ଚୋଟତାର ପ୍ରତିଜ୍ଞା ପାଠ କରାଇଥିଲେ। ଏହି ସମୟରେ ଏକକାଳୀନ ସମସ୍ତ ଜିଲାର ଅଭିଯୋଜନ ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ଓ ଜିଲାର ସବୁ ସରକାରୀ ଓକିଲ ସଚ୍ଚୋଟତାର ଶପଥପାଠ କରିଥିଲେ।

## ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଆୟୁର୍ପ୍ରବେଶିକା ଉତ୍ସବ




ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଗୁରୁବାର ୨୦୨୫–୨୬ ଶିକ୍ଷାବର୍ଷର ନୂତନ ବିଦ୍ୟାର୍ଥୀଙ୍କ ପାଇଁ 'ଆର୍ୟୁପ୍ରବେଶିକା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା ଯୋଗଦେଇ କହିଲେ, ଆୟୁର୍ବେଦ ହେଉଛି ଶାଶ୍ୱତ। ମହାଭାରତ ଯୁଦ୍ଧରେ ସଞ୍ଜୟ ଦିବ୍ୟଦୃଷ୍ଟିରେ ସବୁଦେଖି ଧୃତରାଷ୍ଟ୍ରଙ୍କୁ କହୁଥିଲେ, ଏହା କେବଳ ଆୟୁର୍ବେଦ ତଥା ଭାରତୀୟ ଶାସ୍ତ୍ର ଦ୍ୱାରା ହିଁ ସମ୍ଭବ। କାର୍ଯ୍ୟକ୍ରମରେ ଯୋଗଦେଇ କାର୍ମିକ ନିର୍ଦ୍ଦେଶକ ସତ୍ୟଚୈତନ୍ୟ ଆୟୁର୍ବେଦକୁ ବେଦର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଡେପୁଟି ଡିନ (ଗବେଷଣା) ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ମହାବିଦ୍ୟାଳୟର ଐତିହାସିକ ଭିତ୍ତିଭୂମି ବିଷୟରେ ଜଣାଇଥିଲେ। ଛାତ୍ର କଲ୍ୟାଣ ବିଭାଗ ଡିନ ପ୍ରଫେସର ଜୟପ୍ରକାଶ ଭଞ୍ଜ କ୍ୟାମ୍ପସ ତଥା ମହାବିଦ୍ୟାଳୟର ନିୟମ ବିଷୟରେ ସୂଚାଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ ଆଣ୍ଡ୍ ଏକାଡେମିକ୍ସ ବିଭାଗର ଡିନ ପ୍ରଫେସର କେଶରୀ ସିଂହ ପରିଶ୍ରମ ହିଁ ଆଗକୁ ବଢ଼ିବାର ମାନଦଣ୍ଡ ବୋଲି କହିଥିଲେ। ଡେପୁଟି ଡିନ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଆୟୁର୍ବେଦର ଭବିଷ୍ୟତ ବିଷୟରେ ସୂଚନା ଦେଇଥିଲେ। ଡେପୁଟିଡିନ(ଏକାଡେମିକ୍ସ) ପ୍ରଫେସର କ୍ଷୀରାବ୍ଧି ତନୟା ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳା, ଦୃଢ଼ ମନୋବଳ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ ଉତ୍ସବ

ଭୁବନେଶ୍ୱର,୩୦।୧୦ (ସୌମ୍ୟରଞ୍ଜନ ରାଉତ)




ଉତ୍ସବରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ନବୀନ ବରଣ ଉତ୍ସବ' ଗୁରୁବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ କହିଲେ, କଳା, ସାହିତ୍ୟ ଓ ସଂସ୍କୃତିରେ ସମୃଦ୍ଧ ଭାରତୀୟ ଜ୍ଞାନ ପରମ୍ପରା ଓ ମୂଲ୍ୟବୋଧକୁ ପାଥେୟକରି ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ କରିବାରେ ସଫଳ ହେବେ। ଆତ୍ମବିଶ୍ୱାସ, ଜ୍ଞାନ ଆହରଣ ପାଇଁ ଏକାଗ୍ରତା ସହ ସଂକଳ୍ପ ନେଇ ଛାତ୍ରୀଛାତ୍ର ଆମ ସାଂସ୍କୃତିକ ବିକାଶ ନିମନ୍ତେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁଳସଚିବ ଅନାମିକା ଅଧିକାରୀ ଶୃଙ୍ଖଳା ଓ ଦୃଢ଼ ମନୋବଳ ଦ୍ୱାରା ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବପର ହୋଇପାରିବ ବୋଲି ସେ କହିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ବିଶ୍ୱବିଦ୍ୟାଳୟର ଅନନ୍ୟତା ସମ୍ପର୍କରେ ସୂଚନା ଦେବା ସହ ସାଂସ୍କୃତିକ ଶିକ୍ଷାଲାଭ ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ ଗୁରୁ–ଶିଷ୍ୟ ପରମ୍ପରା ବଜାୟ ରଖି ଆମ କଳା ଓ ସଂସ୍କୃତିର ବିକାଶ ପାଇଁ ଛାତ୍ରୀଛାତ୍ର ସଂକଳ୍ପବଦ୍ଧ ହେବା ଉଚିତ ବୋଲି ମତ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ନବୀନ ବରଣ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ଲକ୍ଷ୍ମଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ଏନ୍‌ଜିଟିରେ ଡୁବୁରି ପାହାଡ଼ ଖନନ ମାମଲା ପ୍ରସଙ୍ଗ**

# ଯୁଗ୍ମ କମିଟିର ତଦନ୍ତ ଆରମ୍ଭ



ନିଜିଗଡ଼ ତାପଙ୍ଗଠାରେ ଥିବା ଡୁବୁରି ପାହାଡ଼।



ଘଟଣାସ୍ଥଳରେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

■ ମାସକ ମଧ୍ୟରେ ଦାଖଲ ହେବ ରିପୋର୍ଟ

■ ଡିସେମ୍ବର ୫ରେ ହେବ ପରବର୍ତ୍ତୀ ଶୁଣାଣି

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନିଜିଗଡ଼ ତାପଙ୍ଗସ୍ଥିତ ଡୁବୁରି ପାହାଡ଼ ଖନନରେ ଅନିୟମିତତା, ପରିବେଶ ପ୍ରଦୂଷଣ ଏବଂ ଚାଷୀଙ୍କ ଚାଷଜମି ପ୍ରଭାବିତ ହେଉଛି। ଏନେଇ ଚାଷୀମାନେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ରିଟ୍ ପିଟିଶନ କରିଥିଲେ। ଡୁବୁରି ପାହାଡ଼ ପଥର ଖଣି ସପକ୍ଷରେ ୨୦୨୧ ମସିହାରେ ଦିଆଯାଇଥିବା ପରିବେଶଗତ ମଞ୍ଜୁରୀ ପ୍ରତ୍ୟାହାର, ବେଆଇନ ଖନନ ଏବଂ ପରିବେଶ ସୁରକ୍ଷା ଆଇନ ସର୍ତ୍ତାବଳୀ ଉଲ୍ଲଂଘନ ପାଇଁ ପରିବେଶଜନିତ କ୍ଷତିପୂରଣ ପାଇଁ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ଏନ୍‌ଜିଟି ଏହି ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଉପଖଣି ନିର୍ଦ୍ଦେଶକ ଖୋର୍ଦ୍ଧା ଏବଂ ଏସ୍‌ଇଆଇଏଏ ପ୍ରତିନିଧିଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁଗ୍ମ କମିଟି ଏକ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାୟରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ପକ୍ଷରୁ ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଖଣି ଉପନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଖଣି ଅଧିକାରୀ ଜଗନ ବେହେରା, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଷୋହନ ଗିରି, ଏସ୍‌ଇଆଇଏଏ ଅଧିକାରୀ ପ୍ରଦୀପ୍ତ ନାୟକ, ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଡି.ଗୋପାଳ ରେଡ୍ଡୀ ପ୍ରମୁଖ ଡୁବୁରି ପାହାଡ଼ ପଥରଖଣି ସ୍ଥାନ ପରିଦର୍ଶନ କରିବା ସହିତ ଅଭିଯୋଗକାରୀଙ୍କ ସହ ଆଲୋଚନା କରିଥିଲେ।

ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନିଜିଗଡ଼ ତାପଙ୍ଗ ଠାରେ ୬.୭୨୦ ଏକର ବିଶିଷ୍ଟ ଡୁବୁରି ପାହାଡ଼ ପଥର ଖଣିକୁ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଲିଜ୍ ଦିଆଯାଇଥିଲା। ପରିବେଶ ସୁରକ୍ଷା ଆଇନ ସର୍ତ୍ତାବଳୀ ଏବଂ ପରିବେଶଗତ ମାନଦଣ୍ଡର ଉଲ୍ଲଂଘନ ଫଳରେ ପରିବେଶ ପ୍ରଦୂଷଣ, ପରିବେଶ ଜନିତ କ୍ଷୟକ୍ଷତି ହୋଇଛି। ଖଣି ନିକଟରେ ଥିବା ଚାଷଜମି ପ୍ରଭାବିତ ହେବା ସହ ନିକଟ ଗ୍ରାମଗୁଡ଼ିକର ଘର ଏବଂ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ଏନେଇ କ୍ଷତିଗ୍ରସ୍ତ ଚାଷୀ, ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅଭିଯୋଗକାରୀ ମନୋରଞ୍ଜନ କଳସ କୁହନ୍ତି, ଏଠାରେ ବେଆଇନ ଭାବେ ପଥର ଖନନ କରାଯାଉଛି। ଲିଜ୍‌ଧାରୀ ସମସ୍ତ ସର୍ତ୍ତାବଳୀକୁ ଉଲ୍ଲଂଘନ କରି ଦିବାରାତ୍ର ପଥର ବ୍ଲାଷ୍ଟିଂ କରୁଛନ୍ତି। ଫଳରେ ଏହାର ଧୂଳିକଣାରେ ନିକଟରେ ଥିବା ଚାଷଜମି ନଷ୍ଟ ହେବା ସହ ନିକଟ ଗାଁ ଘରଗୁଡ଼ିକରେ ବ୍ଲାଷ୍ଟିଂ ପଥର ଛିଟିକି ପଡୁଛି। ଏପରିକି ନିକଟରେ ଥିବା ଶିକ୍ଷାନୁଷ୍ଠାନ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ସେହିପରି ଚାଷୀ ଚନ୍ଦ୍ର କଳସ, ଅଭିଷେକ ଛୁଆଲସିଂହ ପ୍ରମୁଖ କୁହନ୍ତି, ଏ ସମ୍ପର୍କରେ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଲିଜ୍‌ଧାରୀ ଗୁଣ୍ଡା ଲଗାଇ ଭୟଭୀତ କରାଉଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ପଣ୍ଡା କହିଛନ୍ତି ଯେ, ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ପକ୍ଷରୁ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଛି। ଅଭିଯୋଗକାରୀ ଆଣିଥିବା ଅଭିଯୋଗ ଅନୁସାରେ ଘଟଣାସ୍ଥଳର ଯାଞ୍ଚ କରାଯାଇଛି। ଏହାର ରିପୋର୍ଟ ଖୁବ୍‌ଶୀଘ୍ର ଏନ୍‌ଜିଟିକୁ ପ୍ରଦାନ କରାଯିବ।

## ଦୁର୍ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ବାଣପୁର,୩୦।୧୦(ଦିଲୀପ କୁମାର ସ୍ୱାଇଁ)**

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟରେ ଗୁରୁବାର ଦୁର୍ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦୁର୍ନୀତିଠାରୁ ଦୂରେଇ ରହିବା ଓ ଏହାକୁ ପ୍ରୋତ୍ସାହନ ଦେବା ଏକ ଗର୍ହିତ ଅପରାଧ ବୋଲି ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥି ବେଦମତା ଦୁର୍ନୀତି ପ୍ରତି ଛାତ୍ରୀଛାତ୍ରମାନେ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଦୁର୍ନୀତି ବିରୋଧୀ ଶପଥପାଠ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଜୟନ୍ତ କୁମାର ବିହାରୀ, ପ୍ରବୋଧ କୁମାର ବାହିନୀପତି, ସୁରେନ୍ଦ୍ର କୁମାର ସାହୁ, ଅଧ୍ୟାପିକା ଉତ୍କଳିକା ପାଢ଼ୀ, ମଧୁସ୍ମିତା ପ୍ରଧାନ, ପ୍ରୟୋଶ୍ମି ମିଶ୍ର, ଦୁର୍ଯ୍ୟୋଧନ ସାହୁ, ଗୋବିନ୍ଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମହାବିଦ୍ୟାଳୟ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ତଥା ସାଂସ୍କୃତିକ ବିଭାଗ ମୁଖ୍ୟ ସୁବ୍ରତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ଯମୁନା

**ଅନ୍ତ୍ୟୋଦୟ ଯୋଜନାରେ ଗୃହ, ୩୫କେଜି ଚାଉଳ ଯୋଗାଇଦେବାକୁ ଦାବି**

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ପୁରୁସାହି ଗ୍ରାମପଞ୍ଚାୟତ ଜୟମଙ୍ଗଳ ଗ୍ରାମର ଯମୁନା ଜେନା। ବୟସ ୪୧ ଛୁଇଁଲାଣି। ସେ ମାନସିକ ଏବଂ ଶାରୀରିକସ୍ତରରେ ୮୦% ଦିବ୍ୟାଙ୍ଗ। ବହୁ କଷ୍ଟରେ ଚଳପ୍ରଚଳ କରୁଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ମିଳିଲା ନାହିଁ କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଗଲା ନାହିଁ। ଗ୍ରାମାଞ୍ଚଳରେ ଆଉ କଚ୍ଚାଘର ରହିବ ନାହିଁ। ଅର୍ଥାଭାବରୁ କେହି ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ଏବଂ କେହି ପରିବାର ଭୋକିଲା ରହିବେ ନାହିଁ। ଏଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଲୋଗାନ ଦିଆଯାଉଛି, ତେବେ ଯମୁନାଙ୍କ କ୍ଷେତ୍ରରେ ସରକାରଙ୍କ ଯୋଜନା ଯେପରି ନିରର୍ଥକ ପାଲଟିଛି। ବ୍ଲକ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ଭାଗ୍ୟକୁ ଆଦରି ଏକ ଚାଳଛପର ମାଟିକାନ୍ଥ ଘରେ ଜୀବନ ବିତାଉଛନ୍ତି। ପରିସ୍ଥିତି ଏପରି ଓଳିଏ ଖାଇଲେ, ଆରଓଳି ଉପବାସ ରହିବାକୁ ବାଧ୍ୟ କରୁଛି। ଦିବ୍ୟାଙ୍ଗ ଯମୁନାଙ୍କୁ ମାସିକ ଭତ୍ତା ଏବଂ ୫କେଜି ଚାଉଳ ମିଳୁଛି। ଏଥିରେ ପରିବାର ଚଳିବା କଷ୍ଟକର ହୋଇପଡିଥିବା ବେଳେ ରୋଗ ଚିକିତ୍ସା ନିମନ୍ତେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଗ୍ରାମର ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ବାରମ୍ବାର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଆର୍ଥିକ ସହାୟତା, ଅନ୍ତ୍ୟୋଦୟ ଯୋଜନାରେ ଗୃହ ଏବଂ ଏନ୍‌ଏଫ୍‌ଏସ୍‌ରେ ଅନ୍ତର୍ଭୁକ୍ତ ପାଇଁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରିବା ସହିତ ଏକାଧିକ ଥର ଅଭିଯୋଗପତ୍ର ଦାଖଲ ମଧ୍ୟ କରିଛନ୍ତି। ପ୍ରତିଶ୍ରୁତି ମିଳୁଛି, ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ୯ ମାସ ପୂର୍ବରୁ ତାଙ୍କ ମା'ଙ୍କ ଦେହାନ୍ତ ହୋଇଯାଇଛି। ତେଣୁ ତୁରନ୍ତ ଦିବ୍ୟାଙ୍ଗ ଯମୁନାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ଘର ଏବଂ ୩୫କେଜି ଚାଉଳ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



## ବାର୍ଷିକ ଗୋପାଷ୍ଟମୀ ଉତ୍ସବ ପାଳିତ

**ଜଟଣୀ,୩୦।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଶ୍ରୀଜଗନ୍ନାଥ ପୁରୀ ଗୋଶାଳା ଜଟଣୀ ଶାଖା ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥିତ ଗୋଶାଳା ପରିସରରେ ଗୁରୁବାର ବାର୍ଷିକ ଗୋପାଷ୍ଟମୀ ଉତ୍ସବ ପାଳନ ହୋଇଯାଇଛି। ରୀତିନୀତି ଅନୁସାରେ ସକାଳେ ଗୋଶାଳା ପରିସରରେ ଥିବା ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଗୋମାତାଙ୍କୁ ଗୋଶାଳା ପକ୍ଷରୁ ଛପନ ଭୋଗ ଅର୍ପଣ କରାଯାଇଥିଲା। ଅତିଥି ଏବଂ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ପରିବେଶରେ ରଖିବା ପାଇଁ ଶ୍ରୀହରି କୀର୍ତ୍ତନର ଆୟୋଜନ କରାଯାଇଥିଲା। ଏହି ଉତ୍ସବ ଅବସରରେ ଅନୁଷ୍ଠାନର ସଦସ୍ୟ ଏବଂ ଶ୍ରଦ୍ଧାଳୁ ଦାଣ୍ଡିଆ ଏବଂ ଗରବା ନୃତ୍ୟ କରିଥିଲେ। ଶେଷରେ ଶ୍ରଦ୍ଧାଳୁ ଗୋମାତାଙ୍କୁ ବିଭିନ୍ନ ଖାଦ୍ୟ ଓ ଫଳ ଖୁଆଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉତ୍ସବ ପରିଚାଳନାରେ ଗୋଶାଳା ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବାର୍ଷିକ ଗୋପାଷ୍ଟମୀ ଉତ୍ସବ ଅବସରରେ ଗୁରୁବାର ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ଗୋଶାଳା ପରିସରରେ ମହିଳାମାନେ ନୃତ୍ୟ କରୁଛନ୍ତି।

## ବାଘମାରୀ ଥାନା ପକ୍ଷରୁ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ବେଗୁନିଆ,୩୦।୧୦(ସନ୍ଧ୍ୟାରାଣୀ ମିଶ୍ର)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅକ୍ଟୋବର ୩୧ରେ ପାଳନ ହେବ। ଏହି ଉପଲକ୍ଷେ ଗୁରୁବାର ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ 'ସର୍ଦ୍ଦାର ବଲ୍ଲଭଭାଇ ପଟେଲ'ଙ୍କ ଜୀବନୀ ଶୀର୍ଷକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିବା ବେଳେ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଉପନିରୀକ୍ଷକ ପୁଷ୍ପଲତା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଓସ୍ତପୁର-କୋଟପଲା ବଜାରରୁ ହଟିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩

**ବାଘମାରୀ,୩୦।୧୦**
**(ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟାପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଏବଂ ନାମଫଳକ ପୋତିବାକୁ ନେଇ ଗତ ଅଗଷ୍ଟ ୬ରେ ବିବାଦ ହେବା ସହ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବଜାରର ୧କିଲୋମିଟର ପରିଧିରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଅନିର୍ଦ୍ଦିଷ୍ଟକାଳ ପାଇଁ ଲାଗୁ କରାଯାଇଥିଲା। ଫଳରେ ଦୋକାନ ବଜାର ବନ୍ଦ ରହିଥିଲା। ପୋଲିସ ମୁତୟନ ରହି ସ୍ଥିତି ଉପରେ ନଜର ରଖିଥିଲା। ସେହିପରି ପରିସ୍ଥିତିରେ ସୁଧାର ଆସିବା ପରେ ପ୍ରଥମେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବଜାର ଖୋଲିବାକୁ ଅନୁମତି ଦେଇଥିଲା ଜିଲା ପ୍ରଶାସନ। ଏଥିସହ ପ୍ରଶାସନ ପକ୍ଷରୁ ଲୋକଙ୍କ ଗତିବିଧି ଉପରେ ନଜର ରଖିବାକୁ ସିସିଟିଭି ମଧ୍ୟ ଲଗାଇଥିଲା। ସ୍ୱାଭାବିକ ଭାବେ ବଜାର ଚାଲିବା ପରେ ଲୋକମାନଙ୍କ ମଧ୍ୟରେ ପରିବର୍ତ୍ତନ ମନଭାବକୁ ଦୃଷ୍ଟିରେ ରଖି ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ରିପୋର୍ଟକୁ ଆଧାର କରି ଗୁରୁବାର ଖୋର୍ଦ୍ଧା ଉପଜିଲାପାଳ ବିଏନ୍‌ଏସ୍‌ଏସ୍ ଧାରା ୧୬୩କୁ ଅପସାରଣ କରି ନେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଉଭୟ ଗ୍ରାମ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇପାରି ନ ଥିବା ବେଳେ କିପରି ଧାରାକୁ ଅପସାରଣ କରାଗଲା ଏବଂ କ୍ଷୟକ୍ଷତି ବାବଦରେ ଗୋଟିଏ ଗୋଷ୍ଠୀ ପ୍ରତିବାଦ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ବିନା ଆଲୋଚନାରେ ଧାରାକୁ ଅପସାରଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି କିଛିଦିନ ପୂର୍ବେ ବଜାରରେ ଲାଗିଥିବା ସିସିଟିଭି, ହାର୍ଡଡିସ୍କ ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିଲେ। ଏହି ଘଟଣାରେ ପୋଲିସ ଲୁଟ୍ ସାମଗ୍ରୀ ଜବତ କରିପାରି ନ ଥିବା ବେଳେ ଦୁର୍ବୃତ୍ତଙ୍କ ଟେର୍ ମଧ୍ୟ ପାଇନାହିଁ।

## ମାରପିଟ: ୨ କିନ୍ନରଙ୍କ ସମେତ ୩ ଆହତ

**ବାଲୁଗାଁ,୩୦।୧୦(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଗାନ୍ଧୀ ଛକଠାରେ କମେଣ୍ଟ ପାସ୍‌କୁ କେନ୍ଦ୍ର କରି ମାରପିଟ୍ ଘଟଣାରେ ୨ଜଣ କିନ୍ନରଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ପୃଥକ୍ ଭାବେ ଦୁଇଟି ମାମଲା (ନଂ. ୩୫୫,୩୫୭/୨୫) ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ବାଲୁଗାଁ ଅଞ୍ଚଳର ପ୍ରିୟଙ୍କା କିନ୍ନର ସାଥୀଙ୍କ ସହ ଗୁରୁବାର ସକାଳେ ବାଲୁଗାଁ ଗାନ୍ଧୀ ଛକଠାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଦିନ ମଜୁରିଆଭାବେ କାର୍ଯ୍ୟ କରୁଥିବା ବାଣପୁର ବିଷରପାଟଣା ଗ୍ରାମର ଜାନକୀ ବଲ୍ଲଭ ମିଶ୍ର କିନ୍ନରଙ୍କୁ ଅଶ୍ଳୀଳ ଭାଷାରେ ଇଙ୍ଗିତ ପ୍ରଦର୍ଶନ କରିବାରୁ ପ୍ରିୟଙ୍କା ଏହାର ପ୍ରତିବାଦ ଜଣାଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଜାନକୀ ପାଖରେ ରଖିଥିବା ଏକ ମାରଣାସ୍ତ୍ରରେ କିନ୍ନରଙ୍କୁ ଆକ୍ରମଣ କରିବାରୁ ପ୍ରିୟଙ୍କା ଏବଂ ତାଙ୍କ ସାଥୀ କବିତା ଆହତ ହୋଇଥିଲେ। ଅନ୍ୟପକ୍ଷେ କିନ୍ନରଙ୍କ ଆକ୍ରମଣରେ ଜାନକୀ ଗୁରୁତର ହୋଇଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଜାନକୀ ବ୍ରହ୍ମପୁରରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ପାତ୍ରପଡ଼ାରେ କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

**ଝାଁଳା,୩୦।୧୦(ବୁଲା ବାରିକ)**

ପାତ୍ରପଡ଼ାସ୍ଥିତ ଗାନ୍ଧୀ ଚଉତରାଠାରେ ଗୁରୁବାର ଅପରାହ୍ନରେ ଷୋଡ଼ଶ ବାର୍ଷିକ କାର୍ତ୍ତିକେଶ୍ୱର ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ତ୍ତିକେଶ୍ୱର ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ନଭେମ୍ବର ୧ରୁ ୭ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂଜାକୁ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ଦୁଇଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩ରୁ ୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ସହିତ ୬ ତାରିଖ ସନ୍ଧ୍ୟାରେ କପିଳେଶ୍ୱର ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ୭ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ସତ୍ୟ ନାରାୟଣ ମହାନ୍ତି, ଡମ୍ବରୁଧର ରାଉତରାୟ, ଜଗଜ୍ଜୀବନ ପାଟଶାଣି, କୀର୍ତ୍ତି ରଞ୍ଜନ ଜେନା, ପ୍ରଶାନ୍ତ ପରିଡ଼ା, ସୁରେଶ ମହାରଣା, ରାଜୀବ ବଳବନ୍ତରାୟ, ଶିବଦତ୍ତ ଚମ୍ପତି, ସତ୍ୟନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁଗାଁ ପୋଲିସ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

**ବାଲୁଗାଁ,୩୦।୧୦(ସଂଗ୍ରାମ ପାଇକରାୟ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅକ୍ଟୋବର ୩୧ରେ ପାଳନ ହେବ। ଏହି ଉପଲକ୍ଷେ ବାଲୁଗାଁ ପୋଲିସ ପକ୍ଷରୁ ଗୁରୁବାର ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଆଇଆଇସି ଜୟ ପ୍ରକାଶ ପରିଡ଼ା, ଏସ୍‌ଆଇ ସୋମ୍ୟରଞ୍ଜନ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରୀୟ ଏକତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ତଥା ଅଖଣ୍ଡ ଭାରତ ଓ ଏକତା ନେଇ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୋଲିସ ପକ୍ଷରୁ ପୁରସ୍କୃତ କରାଯିବ। ଏଥିସହ ପୋଲିସ ପକ୍ଷରୁ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶୁକ୍ରବାର ସକାଳେ ବାଲୁଗାଁ ମହାବିଦ୍ୟାଳୟଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏହି ଗଣଦୌଡ଼ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାମିଲ ହେବେ ବୋଲି ଆଇଆଇସି ପରିଡ଼ା ସୂଚନା ଦେଇଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ପିଲାମାନେ।

## ସଚେତନ, ସତର୍କ ରହିଲେ ରୋକିହେବ ସାଇବର ଅପରାଧ

**ବେଗୁନିଆ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ**

**ବେଗୁନିଆ,୩୦।୧୦(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟର ସଭାଗୃହ ପରିସରରେ ସାଇବର ସୁରକ୍ଷା ଅଭିଯାନ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଥାନା ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ସଭାରେ ବେଗୁନିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ରେଞ୍ଜର ରୋଭର ବିଭାଗ ଏବଂ ୱାଇଆରସିର ମିଳିତ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ ଯୋଗଦେଇଥିଲେ। ସ୍ପେଶିଆଲ କ୍ରାଇମ ଏବଂ ସାଇବର କ୍ରାଇମ ୟୁନିଟ୍ ଖୋର୍ଦ୍ଧାର ଇନ୍‌ସ୍ପେକ୍ଟର ସୁଚିତ୍ରା ଜେନା ବକ୍ତାଭାବେ ଯୋଗଦେଇଥିବା ବେଳେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏଏସ୍‌ଆଇ ମନୋଜ କୁମାର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବୈଷୟିକ ପ୍ରଗତି ଓ ଡିଜିଟାଲ ଯୁଗରେ ସାଇବର ଅପରାଧ ବିଶ୍ୱବ୍ୟାପୀ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥିରେ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନାହିଁ। ବିଶେଷକରି ସର୍ବାଧିକ ଛନ୍ଦି ହୋଇପଡୁଛନ୍ତି ନାଗରିକ ଏବଂ ଯୁବପିଢ଼ି। ତେବେ ସାଇବର ଅପରାଧ ହେଉଛି ଏକ ଅଦୃଶ୍ୟ ବିପଦ। ତେଣୁ ପ୍ରଥମେ ସଚେତନ ହେବା ସହ ସତର୍କତାକୁ ଗୁରୁତ୍ୱ ଦେଲେ ସାଇବର ଅପରାଧରୁ ସୁରକ୍ଷା ମିଳିବ ବୋଲି ବକ୍ତା ଜେନା କହିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ଦେବୀ ଦେବଯାନୀ ପାଇକରାୟ, ଅଧ୍ୟାପକ ବିଧୁଭୂଷଣ ରାଉତ, ନବକିଶୋର ବିଶୋୟୀ ପ୍ରମୁଖ ସଭାରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।




ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଧାରୁଆ ଅସ୍ତ୍ରରେ ଆକ୍ରମଣ, ଅଟୋ ଚାଳକ ଗୁରୁତର

କଟକ,(କାର୍ତ୍ତିକ ସାହୁ): ରାଜା ବଗିଚା ଲେବର କଲୋନି ଗଡ଼ା ନିକଟରେ ଜଣେ ଅଟୋ ଚାଳକଙ୍କୁ ଧାରୁଆ ଅସ୍ତ୍ରରେ ଗୁରୁବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ଆକ୍ରମଣରେ ଅଟୋ ଚାଳକ ରାଜା ବଗିଚା ଲେବର କଲୋନିର ଦୀପ୍ତିରଞ୍ଜନ ବେହେରା ଆହତ ହୋଇଛନ୍ତି। ଦୀପ୍ତିରଞ୍ଜନ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାଦାମବାଡ଼ି ଥାନାରେ ଏ ନେଇ ଦୀପ୍ତିରଞ୍ଜନ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାଦାମବାଡ଼ି ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାଜାବଗିଚାର ଲେବର କଲୋନୀର ଦୀପ୍ତିରଞ୍ଜନ ଅଟୋ ଚଳାନ୍ତି। ତାଙ୍କ ପଡ଼ୋଶୀ ମନୋରଞ୍ଜନ ବେହେରା ଦୀପ୍ତିରଞ୍ଜନଙ୍କ ଅଟୋ ଭଡ଼ାରେ ନେବା ପାଇଁ ରିଜର୍ଭ କରିଥିଲେ। ଦୀପ୍ତିରଞ୍ଜନ ହଠାତ୍ ଅଟୋ ନେବାକୁ ମନାକରିବାରୁ ମନୋରଞ୍ଜନ ରାଗିଯାଇ ଲେବର କଲୋନି ନିକଟରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ।

# ନିଷ୍ଠା, ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

### ବାଲିଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

**କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଐତିହାସିକ ବାଲିଯାତ୍ରା କଟକ ୨୦୨୫ର ଆୟୋଜନର ଚୂଡ଼ାନ୍ତ ପ୍ରସ୍ତୁତି ସମ୍ପର୍କରେ ଗୁରୁବାର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ବାଲିଯାତ୍ରା ପଡିଆ ପରିଦର୍ଶନ କରିଛନ୍ତି। ଏହାସହ ତଳବାଲିଯାତ୍ରା ପଡିଆର କଟକ ଇନ୍ କଟକ ପରିସରରେ ଅଧିକାରୀ ଓ ଇଭେଣ୍ଟ ଗ୍ରୁପ ସହ ବାଲିଯାତ୍ରା ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟର ବୈଠକରେ ସମୀକ୍ଷା କରାଯାଇଛି। ବୈଠକରେ ବିଦ୍ୟୁତ୍ ବ୍ୟବସ୍ଥା, ସମସ୍ତ ନିରାପତ୍ତା ବ୍ୟବସ୍ଥା, ସୁରକ୍ଷା, ଶୌଚାଳୟ, ପାର୍କିଂ, ଯାନବାହନ ଚଳାଚଳ, ଆବଶ୍ୟକ ରାସ୍ତାଘାଟ ନିର୍ମାଣ ଓ ମହାନଗର ନିଗମ ଦ୍ୱାରା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ସମେତ ଓରମାସ ଷ୍ଟଲ୍ ନିର୍ମାଣ, ଉଭୟ ମଞ୍ଚ ନିର୍ମାଣ, ଓଡ଼ିଆ ପୁସ୍ତକ ସଂଗ୍ରହ ଆଦି ସମ୍ପର୍କରେ ସମୀକ୍ଷା କରାଯାଇଛି। ଚଳିତବର୍ଷ ବାଲିଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ଜିଲାପାଳ ସମସ୍ତ ସମ୍ପୃକ୍ତ ପ୍ରାଶାସନିକ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟନିର୍ବାହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଓ ପରିଦର୍ଶନ ସମୟରେ ସିଏମ୍‌ସି କମିଶନ କିରନଦୀପ କୌର ସହୋତାଙ୍କ ସମେତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।।



ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ଅଧିକାରୀ।

## ନିର୍ମାଣ ବୋଇତର ନାଁ 'କଳିଙ୍ଗ ତରଙ୍ଗିଣୀ'

ଚଳିତବର୍ଷ ବାଲିଯାତ୍ରା ପାଇଁ ନିର୍ମାଣ ହୋଇଥିବା ବୋଇତର ନାଁ ହେଉଛି 'କଳିଙ୍ଗ ତରଙ୍ଗିଣୀ'। ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଶୁକ୍ରବାରଠାରୁ ଏହା ଆରମ୍ଭ କରାଯିବ। ଏହି ବୋଇତକୁ ନୂତନ ଭାବେ ତିଆରି କରାଯାଇଛି। ବାଲିଯାତ୍ରାର ଉଦ୍‌ଘାଟନୀ ଦି ଏଥର ବାଲିଯାତ୍ରାରେ ଆକର୍ଷଣ ସାଜିବ ଓଡ଼ିଆ ପରମ୍ପରାର ଏକ ମୁଖ୍ୟ ଅଂଶ 'ବୋଇତ'। କଟକ ମହାନଦୀ ପଠାରେ ଚାଲିଛି ବିଶାଳ ବୋଇତ ନିର୍ମାଣ ପ୍ରକ୍ରିୟା। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ବାତ୍ୟା ଯୋଗୁ ବାଧକ ସାଜିଛି। ଦେଢ଼ମାସ ଆଗରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ବାଲିଯାତ୍ରାର ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କିତ ତଥ୍ୟ ଦେବ। ବୋଇତରେ ସୋଲାର ପ୍ୟାନେଲ ବ୍ୟବହାର ସମେତ ମ୍ୟୁଜିକ୍ ସିଷ୍ଟମର ମଧ ବ୍ୟବସ୍ଥା କରାଯାଇଛି। ଏଥିରେ ବିଶେଷ କରି ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ 'ଯାରେ ଭାସି ଭାସିଯା ନଉକା ମୋର ଭାସିଯା, ମହାନଦୀର ନୀଳ ଢେଉରେ ନାଚି ନାଚି ତୁ ଭାସିଯା' ଗୀତ ବାଜିବ ବୋଲି ଜଣାପଡିଛି। ଅକ୍ଷୟ ମହାନ୍ତିଙ୍କ ଏହି ଗୀତ ସହ ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଗାଥା ଗାଇବ 'କଳିଙ୍ଗ ତରଙ୍ଗିଣୀ'।

## ଆଲୋକରେ ଝଲସିଲା କଟକ ଇନ୍ କଟକ ପାଭିଲିୟନ



ଗୁରୁବାର ସନ୍ଧ୍ୟାରେ କଟକ ଇନ୍ କଟକ ପାଭିଲିୟନ ପରିସରରେ ଲାଗିଥିବା ଲାଇଟ୍‌ଗୁଡ଼ିକ ପରୀକ୍ଷା କରାଯାଇଥିଲା। କଟକ ଇନ୍ କଟକ ପାଭିଲିୟନରେ ଚଳିତବର୍ଷ ଓଡ଼ିଶା ମାନଚିତ୍ରର ପ୍ରବେଶ ଦ୍ୱାର ଏକ ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିବ। ଓଡ଼ିଶାର ଭାଷା, ସାହିତ୍ୟର ଥିମ୍‌ରେ ପାଭିଲିୟନକୁ ସଜାଯାଉଛି। ଏଥିରେ ଏକ ପର୍ବତର ପ୍ରତିକୃତି ଥିବାବେଳେ ଓଡ଼ିଶାର ସବୁ ଜିଲାର ମାନଚିତ୍ର ରହିଛି। ଏଥିରେ ଯାଜପୁର ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ କାରିଗର ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

## ବାଲିଯାତ୍ରାରେ ପଲିଥିନ ବ୍ୟବହାର ମନା

### ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା

**କଟକ,୩୦।୧୦(କାର୍ତ୍ତିକ ସାହୁ)**

ହାଇକୋର୍ଟରେ କଟକ ସହର ସମସ୍ୟା ମାମଲାର ଶୁଣାଣି ଗୁରୁବାର ହୋଇଛି। ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସହର ସମସ୍ୟାର ଶୁଣାଣି କରି ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



କଟକ ସହରର ପରିମଳକୁ ଗୁରୁତର ସହ ନେଇ ଖଣ୍ଡପୀଠ ଜବାବ ତଲବ କରିଥିଲେ। ଡେପୁଟି କମିଶନର (ପରିମଳ) ଅଦାଲତରେ ହାଜର ହୋଇ ଜବାବ ରଖିଥିଲେ। ପ୍ରତି ୱାର୍ଡରେ ସଫେଇ ରିପୋର୍ଟ ଦାଖଲ କରିବା, ବୁଦା ସଫେଇ କରିବା ସହ ପାଇଲଟ ପ୍ରକଳ୍ପ ଭାବେ କିଛି ୱାର୍ଡରେ ଡଷ୍ଟବିନ ସିଷ୍ଟମ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆମିକସକ୍ୟୁରୀ ବିଜୟ କୁମାର ଦାଶ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି। ବାଲିଯାତ୍ରାରେ ନିଷେଧ ପଲିଥିନ ବା ପ୍ଲାଷ୍ଟିକ ଆବର୍ଜନା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଡିଏମ ଓ ସିଏମସି କମିଶନରଙ୍କୁ ପଲିଥିନ ଓ ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ସାମଗ୍ରୀ ବନ୍ଦ ପାଇଁ ପଦକ୍ଷେପ ନେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବାଲିଯାତ୍ରାରେ ପଲିଥିନ ବା ପ୍ଲାଷ୍ଟିକ ବ୍ୟବହାର ନିଷେଧ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପଲିଥିନ ବିକଳ୍ପ ଭାବେ ଜୁଟ, କପଡ଼ା, ବାୟୋଡିଗ୍ରେଡେବଲ ଥଳି ଆଦି ବିକଳ୍ପ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ସହରରେ ଓ ଯାନିଯାତ୍ରାରେ ନିୟମିତ ଯାଞ୍ଚ ଓ ଜୋରିମାନା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ବାନ ହାଟ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଛତ୍ରବଜାର ଅର୍ବାନ ହାଟରେ ପରିମଳ ଅବ୍ୟବସ୍ଥା ଓ ମୌଳିକ ସୁବିଧା ମିଳୁ ନ ଥିବାରୁ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାବାଦ ଆହୁରି ଅନେକ ସମସ୍ୟାକୁ ନେଇ ହାଇକୋର୍ଟରେ ଶୁଣାଣି ହୋଇଛି।

## ଆସବାବପତ୍ର ଫୋପାଡ଼ି ଘରେ ତାଲା ପକାଇଦେବା ଅଭିଯୋଗ

**ଚୌଦ୍ୱାର,୩୦।୧୦(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ଗାନ୍ଧୀଛକ ନିକଟରେ ରହୁଥିବା ଜିତେନ୍ଦ୍ର ବାରିକ ଓ ତାଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରର ସମସ୍ତ ଆସବାବପତ୍ର ଫିଙ୍ଗାଫୋପଡା କରିବା ସହିତ ଘରେ ଏକ ତାଲା ପକାଇ ଦିଆଯାଇଛି। ଏ ନେଇ ଥାନାରେ ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପରିବାରର ସମସ୍ତେ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ବୁଧବାର ନିଜ ଗାଁ ଯୋରନ୍ଦା ଯାଇଥିଲେ। ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ଠାରୁ ଫୋନ୍‌ରେ ଖବର ପାଇ ସେ ଚୌଦ୍ୱାର ଫେରି ଦେଖିଲା ବେଳକୁ ତାଙ୍କ ଘର ଚାବି ଭଙ୍ଗା ହୋଇଥିବା ସହିତ ଘରେ ଥିବା ଖଟ, ଏସି, ଫ୍ୟାନ୍, ଡ୍ରେସିଂ ଟେବୁଲ ସମେତ ସମସ୍ତ ଆସବାବପତ୍ର ଓ ଝିଅର ବହିପତ୍ର ସବୁ ଫିଙ୍ଗି ଦିଆଯାଇଛି। ଏଥି ସହିତ ଡ୍ରେସିଂ ଟେବୁଲ ଡ୍ର ଭାଙ୍ଗି ସ୍ତ୍ରୀଙ୍କ ମଙ୍ଗଳସୁତ୍ର, ସୁନା ହାର ଓ ୮୦ ହଜାର ଟଙ୍କା ନେଇଯାଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପଡ଼ୋଶୀ ତାଙ୍କୁ ଗାଳିଗୁଲଜ କରିବା ସହିତ ତୁରନ୍ତ ଘର ଛାଡ଼ିବା ପାଇଁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଆସବାବପତ୍ର ବାହାରେ ପଡ଼ିଥିବା ଓ ପଡ଼ୋଶୀଙ୍କ ଚାପ ସହି ନ ପାରି ଜିତେନ୍ଦ୍ରଙ୍କ ସ୍ତ୍ରୀ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

## ଓଜଡମ୍ ସ୍କୁଲର ସଡ଼କ ସଚେତନତା କାର୍ଯ୍ୟକ୍ରମ



ଓଜଡମ୍ ସ୍କୁଲର ପିଲାମାନଙ୍କ ଦ୍ୱାରା ସୋମପୁରଠାରେ ସଡ଼କ ସଚେତନତା କାର୍ଯ୍ୟକ୍ରମ।

**କଟକ ସଦର,୩୦।୧୦(ସୁଶାନ୍ତ କୁମାର ଜେନା)**

କିଶନ ନଗର ଥାନା ଅନ୍ତର୍ଗତ ସାମନ୍ତରାପୁରସ୍ଥିତ ଓଜଡମ୍ ସ୍କୁଲ ପକ୍ଷରୁ ସଡ଼କ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସୋମପୁରଠାରେ ସଡ଼କ ସଚେତନତା ନେଇ ବାର୍ତ୍ତା ଦେଇଥିଲେ। କଟକ-ପାରାଦୀପ ରାସ୍ତାରେ ବିନା ହେଲମେଟ ଓ ଦ୍ରୁତ ଗତିରେ ଗାଡି ଚଳାଉଥିବା ବାଇକ୍ ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ପିଲାମାନେ ସଚେତନ କରିଥିଲେ। ଘରୁ ବାହାରି ପୁଣି ସୁରକ୍ଷିତ ଅବସ୍ଥାରେ ଫେରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। କିଶନ ନଗର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ସହଯୋଗରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀ, ଗୀତାଞ୍ଜଳି ନାୟକ, ରଶ୍ମିରଞ୍ଜନ ରଣା, ଇସ୍ତେୟାକ ଅହମ୍ମଦ, ସୟେଦା ଅଞ୍ଜୁମ, ମୌସୁମୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚଳିତବର୍ଷ ବାଲିଯାତ୍ରା ପାଇଁ ମା' କଟକଚଣ୍ଡୀଙ୍କୁ ପ୍ରଥମକରି ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ କରାଯାଉଛି।

## ଗୋମାତାଙ୍କୁ ଜାତୀୟ ପଶୁ ମାନ୍ୟତା ମିଳୁ: ବାବା ବଳିଆ




**ଫୁଲନଖରା,୩୦।୧୦(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ତେଲେଙ୍ଗାପେଣ୍ଠ ନୂଆଗଡସ୍ଥିତ ଅନନ୍ତ ବଳିଆ ସେବାଶ୍ରମରେ ପୂଜ୍ୟ ପୂଜକ ବାବା ବଳିଆ ଶ୍ରୀଶ୍ରୀ ନୀଳମାଧ ଜୀଉ ଓ ମା' ଦୁଲା ଦେବୀଙ୍କ ୧୬ତମ ବାର୍ଷିକୋତ୍ସବ ଅବସରରେ ବାବା ଯୁବ ସମାଜକୁ ଦେଶର ପ୍ରଗତି ପଥର ମୁଖ୍ୟ କର୍ଣ୍ଣଧାର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥି ସହିତ ମଣିଷ ସମାଜ ପାଇଁ ଗୋମାତାଙ୍କ ଅତୁଳନୀୟ ଅବଦାନ ଥିବାରୁ ତାଙ୍କୁ ଜାତୀୟ ପଶୁର ମାନ୍ୟତା ଦିଆଯାଉ। ଗୋମାତା ପ୍ରଦାନ କରୁଥିବା ସମସ୍ତ କ୍ଷୀରଜାତ ଦ୍ରବ୍ୟ ସମାଜର ସବୁ ଧର୍ମ ଓ ବର୍ଗର ଲୋକମାନେ ଖାଦ୍ୟ ଭାବେ ବ୍ୟବହାର କରୁଥିବାରୁ ଗୋ ମମତାଙ୍କୁ ଜାତୀୟ ପଶୁର ମାନ୍ୟତା ଦିଆଯାଉ ବୋଲି ପୂଜ୍ୟ ପୂଜକ ବାବା ବଳିଆ ମତ ରଖିଛନ୍ତି। କାର୍ତ୍ତିକ ମାସରେ ସମସ୍ତ ଦେବାଳୟରେ ପବିତ୍ର ଅଁଳା ନବମୀ ତିଥିରେ ଶ୍ରଦ୍ଧାଳୁମାନେ ରାଧା ପାଦ ଦର୍ଶନ କରୁଥିବା ବେଳେ ତେଲେଙ୍ଗାପେଣ୍ଠସ୍ଥିତ ଆଶ୍ରମରେ ସୁଭଦ୍ର ପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସମ୍ମିଳନୀ ଆଶ୍ରମର ମୁନୁ ବାବା ପରିଚାଳନା କରିଥିବା ବେଳେ ନୂଆଗଡ ଗ୍ରାମର ବରିଷ୍ଠ ମୁରବି ପୀତବାସ ମହାପାତ୍ର, ଚର୍ତ୍ତୁଭୁଜ ମହାପାତ୍ର, ମନୋଜ ମହାପାତ୍ର, ଡାକ୍ତର ଅରବିନ୍ଦ ନନ୍ଦ, ତୁଷାର କାନ୍ତ ମହାପାତ୍ର ଓ ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସିନର୍ଜି, ଡିପ୍ଲୋମା ପକ୍ଷରୁ କ୍ୟାମ୍ପସ ଡ୍ରାଇଭ




ଚୟନରେ ଅଂଶଗ୍ରହଣ କରିଥିବା ଅତିଥିଙ୍କ ସହ ଅନ୍ୟମାନେ।

**ଫୁଲନଖରା,୩୦।୧୦(ସତ୍ୟରଞ୍ଜନ ଦାସମହାପାତ୍ର)**

ଫୁଲନଖରା ନିକଟସ୍ଥ ସିନର୍ଜି ଇଞ୍ଜିନିୟରିଂ ଓ ଡିପ୍ଲୋମା ବୈଷୟିକ ମହାବିଦ୍ୟାଳୟ ଦ୍ୱାରା କ୍ରସ ପାୱାର ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏକ କ୍ୟାମ୍ପସ ଡ୍ରାଇଭ ଅନୁଷ୍ଠିତ ହୋଇଛି। ଏଥିରେ କମ୍ପାନୀର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ଦାଶ, ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଅନ୍ନପୂର୍ଣ୍ଣା ରାୟଙ୍କ ସହିତ ସିନର୍ଜି ଗ୍ରୁପର ନିଯୁକ୍ତି ମୁଖ୍ୟ ତଥା ଛାତ୍ର କଲ୍ୟାଣ ବିଭାଗ ମୁଖ୍ୟ ସୁଶ୍ରୀ ଡ. ଯୋଗେଶ୍ୱରୀ ରାଉତ, ମାନବ ସମ୍ବଳ ମୁଖ୍ୟ ସୁଶ୍ରୀ ଅଙ୍କିତା ପଡୁଆଲ, ଅଧକ୍ଷ ଡ. ଅଶ୍ୱିନୀ କୁମାର ମହାନ୍ତି, ଡ. ଅଜୟ କୁମାର ସ୍ୱାଇଁ, ଡିପ୍ଲୋମା ଅଧକ୍ଷ୍ୟ ପ୍ର. ଧରଣୀଧର ସାହୁ, ଡ. ଅଞ୍ଜନ କୁମାର ସାହୁ, ସ୍ୱମିକ ରୟ, ଦିଲୀପ କୁମାର ନାୟକ, ଆଦିତ୍ୟ କୁମାର ନନ୍ଦ, ସୁଶ୍ରୀ ସଙ୍ଗୀତା ଦାସଙ୍କ ସହଯୋଗରେ ଚୟନ ପ୍ରକ୍ରିୟା ସମାପନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ପ୍ରଶାସନିକ ନିର୍ଦ୍ଦେଶକ ପ୍ର. ଚିତ୍ରସେନ ଜଗଦେବ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ସମସ୍ତ ବିଭାଗର ମୁଖ୍ୟ ସହଯୋଗ କରିଥିଲେ।

## ଫଟୋରେ ଖବର



ବାଲିଯାତ୍ରା ତଳପଡ଼ିଆରେ ରୋବୋଟିକ୍ ଆନିମଲ ଶୋ' ପାଇଁ ଆସିଥିବା କୃତ୍ରିମ ପଶୁ।



ବାଲିଯାତ୍ରା ପାଇଁ ତଳପଡ଼ିଆରେ ରାମ ଦୋଳି ପ୍ରସ୍ତୁତି ଚାଲିଛି। (ଫଟୋ: ରାଜକିଶୋର ମହାନ୍ତି)

# ପଞ୍ଚକରେ କେବଳ ସିଂହଦ୍ୱାରରେ ପ୍ରବେଶ

**ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)**

ଶୃଙ୍ଖଳିତ ପଞ୍ଚକ ନୀତି ଓ ଦର୍ଶନ ବ୍ୟବସ୍ଥା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ପରିଚାଳନା କମିଟିର ସେବାୟତ ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚକରେ ଗହଳିକୁ ଦୃଷ୍ଟିରେ ରଖି ଭକ୍ତମାନେ କେବଳ ସିଂହଦ୍ୱାର ପଟେ ପ୍ରବେଶ ଓ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ। ଭକ୍ତମାନେ ବାହାର କାଠ ନିକଟରୁ ଦର୍ଶନ କରିବେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭକ୍ତମାନେ ଭିତରକାଠ ନିକଟକୁ ଯାଇ ଠାକୁରଙ୍କୁ ଦର୍ଶନ କରିପାରିବେ। ସେବାୟତମାନଙ୍କ ଦ୍ୱାରା ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯିବ। ସେହିପରି ଦୀର୍ଘବର୍ଷ ଧରି ବନ୍ଦ ଥିବା ଗୁଣ୍ଡିଚା ମନ୍ଦିର ଖୁବଶୀଘ୍ର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ବୈଠକରେ ଚଳିତ ବର୍ଷର ପଞ୍ଚକ ନୀତି ସମ୍ପର୍କରେ ଆଲୋଚନା କରାଯାଇଛି। ଚଳିତ ବର୍ଷ ପଞ୍ଚକ ୪ ଦିନ ଅନୁଷ୍ଠିତ ହେବ। ଦ୍ୱାଦଶୀ କ୍ଷୟ ଯାଉଥିବାରୁ ଉକ୍ତ ଦିନ ବେଶ ଅନୁଷ୍ଠିତ ହେବ ନାହିଁ। ବାକି ୪ଦିନର ବେଶ ଅନୁଷ୍ଠିତ ହେବ। ଉକ୍ତ ଦିନଗୁଡ଼ିକରେ ନୀତି ବହୁଳ ରହୁଥିବାରୁ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିବେ। ଭିତରକାଠ ଦର୍ଶନ ବନ୍ଦ ରହିବ। କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରଥମ ଭୋଗ ମଣ୍ଡପ ପରେ ଭିତର କାଠ ଦର୍ଶନ ହେବ। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ମାତ୍ର ସେବାୟତମାନେ ସମସ୍ତ ଦ୍ୱାର ଦେଇ ପ୍ରବେଶ କରିବେ। ପଞ୍ଚକରେ ଯାତ୍ରୀ ପରିଚର୍ଯ୍ୟା ବନ୍ଦ ରହିବ। ସହରରେ ସିସିଟିଭି ଲଗାଯିବ। ସୁଲଭ ଶୌଚାଳୟ ବ୍ୟବସ୍ଥା ହେବ। ବାହ୍ୟ ପରିକ୍ରମା ପ୍ରକଳ୍ପରେ ଅଟୋ,

## ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର



ଟୋଟୋ ଚଳାଚଳ ଉପରେ କଟକଣା ଲଗାଯିବ। ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂଲଗ୍ନ ସାହିଗୁଡ଼ିକରେ ନାଳ ସଫା କରାଯିବାକୁ କୁହାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକଠାରୁ ବ୍ୟାରିକେଡ୍ ସହ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ହଜିବା ଖୋଜିବା କେନ୍ଦ୍ର ସମେତ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ଦୋଳବେଦିଠାରେ ସ୍ୱେଚ୍ଛାସେବୀମାନେ ମୁତୟନ ରହିବେ। ଯେଉଁମାନେ ହଜିବେ, ସେମାନେ ସେଠାରେ ତାଙ୍କ ସମ୍ପର୍କୀୟଙ୍କୁ ପାଇପାରିବେ। ଶ୍ରୀମନ୍ଦିରରେ ଭିଡ଼ ନିୟନ୍ତ୍ରଣ ପାଇଁ ସେବାୟତମାନେ ସହଯୋଗ କରିବେ। ଶ୍ରୀମନ୍ଦିର ପରିକ୍ରମା ପରିସରରେ ଲାଗିଥିବା ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ, ଶୌଚାଳୟ, ସିସିଟିଭି ଆଦି ବ୍ୟବସ୍ଥା ନେଇ ଓବିସିସି, ଟାଟା କମ୍ପାନୀ ସହ ଜିଲାପାଳ ବୈଠକ କରିବେ। ତାଙ୍କୁ ପରିଚାଳନା କମିଟି ସଦସ୍ୟ ସହଯୋଗ କରିବେ। ସେହିପରି ଶ୍ରୀମନ୍ଦିର ଜମିଜମାକୁ ନେଇ ଗଠିତ ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଜମି ବିକ୍ରି ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ବେଳେ ସରକାରଙ୍କ ଦ୍ୱାରା କରାଯାଇଥିବା ବେଞ୍ଚମାର୍କ ମୂଲ୍ୟରେ ଜମି ବିକ୍ରି କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସରକାରଙ୍କ ଅନୁମୋଦନ ପରେ ଜମି ବିକ୍ରି ପାଇଁ ପଦକ୍ଷେପ ନିଆଯିବ। ବେଆଇନ ଭାବେ ଯଦି କେହି ବ୍ୟକ୍ତି ମହାପ୍ରଭୁଙ୍କ ଜମି ଦଖଲ କରିଥିବେ, ସେ ସବୁ ମହାପ୍ରଭୁଙ୍କ ନାମକୁ ଫେରିବ। ଖୋର୍ଦ୍ଧା ଜିଲାରେ ଥିବା ଖଣି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ସେହିପରି ଦୀର୍ଘବର୍ଷ ଧରି ବନ୍ଦ ଥିବା ଗୁଣ୍ଡିଚା ମନ୍ଦିର ଖୁବଶୀଘ୍ର ଭକ୍ତଙ୍କ ପାଇଁ ଖୋଲାଯିବ। ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାର ପରିଚାଳନା କରିବ। ଏନେଇ ଏକ ଏସ୍ଓପି ପ୍ରସ୍ତୁତ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ବାହାର ପାର୍ଶ୍ୱର ଉନ୍ନତୀକରଣ କରାଯିବ। ପୂର୍ବରୁ ଗୁଣ୍ଡିଚା ମନ୍ଦିର ପଶ୍ଚିମପଟର ଉନ୍ନତୀକରଣ କରାଯାଇଥିଲା। ଅବଶିଷ୍ଟ ତିନିପାର୍ଶ୍ୱ ଉନ୍ନତୀକରଣ କରାଯିବ। ଉତ୍ତର ପାର୍ଶ୍ୱ ପଟେ ଥିବା ନୃସିଂହ ମନ୍ଦିର ପାର୍ଶ୍ୱ ପ୍ରବେଶ ପଥକୁ ପ୍ରଶସ୍ତ କରାଯାଇ ନୂତନ ଭାବେ ଶ୍ରୀମନ୍ଦିର ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ଭିତର ବାକି କାମ, ଯାହା ହେବାକୁ ଅଛି ତାହାକୁ ପରିଚାଳନା କମିଟିର ସବ୍‌କମିଟି ପରାମର୍ଶ ଅନୁସାରେ କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।




ବାଲୁକା କଳା ପରିଦର୍ଶନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

# ବାଲିଯାତ୍ରା ବାଲୁକା କଳା ପାଇଁ ସୁଦର୍ଶନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)**

ମୁମ୍ବାଇଠାରେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ ଆୟୋଜନ କରାଯାଇଛି। ସେଠାରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଦର୍ଶନଙ୍କ ବାଲୁକା କଳାକୁ ପରିଦର୍ଶନ କରିବା ସହ ପ୍ରଶଂସା କରିଛନ୍ତି। ଏହା ଏକ ଏପରି ଆଭାସ, ଯାହା ଓଡ଼ିଶାର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପରିଚୟକୁ ସୁନ୍ଦର ଭାବେ ପ୍ରତିଫଳିତ କରିଥିଲା। ସୁଦର୍ଶନ ପ୍ରଧାନମନ୍ତ୍ରୀଙ୍କୁ 'ଜୟ ଜଗନ୍ନାଥ' କହି ସମ୍ବୋଧିତ କରିବା ସହ ବାଲିଯାତ୍ରା ଦ୍ୱାରା ଅନୁପ୍ରାଣିତ ତାଙ୍କର ବାଲୁକା କଳା ପ୍ରଦାନ କରିଥିଲେ। ଏହା ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ଐତିହ୍ୟ ଏବଂ ଇଣ୍ଡୋନେସିଆ ସହିତ ଐତିହାସିକ ବାଣିଜ୍ୟ ସମ୍ପର୍କକୁ ଏକ ଶ୍ରଦ୍ଧାଞ୍ଜଳି। ସେ କାର୍ତ୍ତିକ ପୂର୍ଣ୍ଣିମାର ଗୁରୁତ୍ୱ ସମ୍ପର୍କରେ ବଖାଣିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ହେଉଛି ସେହି ପବିତ୍ର ଦିନ, ଯେତେବେଳେ ପ୍ରାଚୀନ ଓଡ଼ିଶାର ନାବିକମାନେ ସାହସ, ଭକ୍ତି ଏବଂ ଅନୁସନ୍ଧାନର ପ୍ରତୀକ ସ୍ୱରୂପ ବିଦେଶ ଯାତ୍ରାରେ ଯାତ୍ରା କରୁଥିଲେ। ପ୍ରଧାନମନ୍ତ୍ରୀ କଳାକୃତି ଏବଂ ଭାରତର ସାମୁଦ୍ରିକ ଐତିହ୍ୟର ଗଭୀର ଚିତ୍ରଣକୁ ପ୍ରଶଂସା କରିଥିଲେ। ସମୁଦ୍ର ଏବଂ ସଭ୍ୟତା ମଧ୍ୟରେ ସ୍ଥାୟୀ ସମ୍ପର୍କକୁ ପାଳନ କରିବା ପାଇଁ ଏହି କାର୍ଯ୍ୟକ୍ରମ ସମୟରେ ଓଡ଼ିଶା ପାଭିଲିୟନରେ ୩୦ ଫୁଟ ଲମ୍ବ ଓ ୧୦ ଫୁଟ ପ୍ରସ୍ଥ ବିଶିଷ୍ଟ ଏହି ବୃହତ କଳା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନର କଥା ବୋଲି ସୁଦର୍ଶନ କହିଛନ୍ତି। ବାଲୁକା କଳା ଏକ କାଳଜୟୀ ମାଧ୍ୟମ, ଯାହା ଆମର ଗୌରବମୟ ଅତୀତକୁ ପୁନଃ ସାମୁଦ୍ରିକ ଭାରତର ଆକାଂକ୍ଷା ସହ ସଂଯୋଗ କରେ ବୋଲି ସୁଦର୍ଶନ ପ୍ରକାଶ କରିଛନ୍ତି।

# ଏକତାନଗରରୁ ଏକତାର ବାର୍ତ୍ତା ଦେବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୩୦।୧୦ (ସୌମ୍ୟରଞ୍ଜନ ରାଉତ)**

ଭାରତରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଶୁକ୍ରବାର ଦେଶବ୍ୟାପୀ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ ହେବ। ଏହି ଅବସରରେ ଗୁଜରାଟ ନର୍ମଦା ଜିଲାର ଏକତା ନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନିକଟ ପରେଡ୍ ଗ୍ରାଉଣ୍ଡରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍, ସାଂସ୍କୃତିକ ଉତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଦେଶବାସୀଙ୍କୁ ଏକତାର ବାର୍ତ୍ତା ଦେବେ। ପରେଡ଼ରେ ସିଏପିଏଫ ଏବଂ ରାଜ୍ୟ ପୋଲିସ ବାହିନୀ ସେମାନଙ୍କ ଦକ୍ଷତା, ଶୃଙ୍ଖଳା ଏବଂ ବୀରତ୍ୱ ପ୍ରଦର୍ଶନ କରିବେ। ମହିଳା ପୋଲିସ ଅଧିକାରୀ ଏବଂ କର୍ମଚାରୀ ଅଂଶ ଗ୍ରହଣ କରିବେ। ଏପରିକି ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ଜଣେ ମହିଳା ଅଧିକାରୀଙ୍କ ନେତୃତ୍ୱରେ ହେବ। ପରେଡ୍‌ରେ ସିଆର୍‌ପିଏଫର ୫ଜଣ ଶୌର୍ଯ୍ୟଚକ୍ର ପୁରସ୍କାର ବିଜେତା ଏବଂ ବିଏସ୍‌ଏଫର ୧୬ ଜଣ ବୀରତ୍ୱ ପଦକ ବିଜେତା ଅଂଶଗ୍ରହଣ କରିବେ। ବିଶେଷକରି ବିଏସ୍‌ଏଫ୍‌ର ଭାରତୀୟ ପ୍ରଜାତିର କୁକୁର, ଗୁଜରାଟ ପୋଲିସର ଅଶ୍ୱାରୋହୀ ବାହିନୀ, ଆସାମ ପୋଲିସର ମୋଟର ସାଇକେଲ ଡେୟାରଡେଭିଲ ଶୋ, ବିଏସ୍‌ଏଫ୍‌ର ଓଟ ବାହିନୀ ଏବଂ ଓଟ ମାଉଣ୍ଟେଡ ବ୍ୟାଣ୍ଡକୁ ନେଇ ଏକ ପରେଡ଼ କାର୍ଯ୍ୟକ୍ରମ ଆକର୍ଷଣ ପାଲଟିବ। ଏନସିସି କ୍ୟାଡେଟ୍ ଏବଂ ସ୍କୁଲ ବ୍ୟାଣ୍ଡ ଟିମ୍ ସେମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ କରି ସମାରୋହର ଭବ୍ୟତା ବୃଦ୍ଧି କରିବେ। ବିବିଧତା ମଧ୍ୟରେ ଏକତା ବାର୍ତ୍ତା ଉପରେ ଗୁରୁତ୍ୱ ଦେବା ପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରଜ୍ଞାପନ ମେଢ଼ ପରେଡ଼ରେ ଅନ୍ୟତମ ଆକର୍ଷଣ ସାଜିବ। ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୯୦୦ କଳାକାର ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିବେ, ଯାହା ଆମ ସଂସ୍କୃତି ଏବଂ ଜାତୀୟ ଏକତାର ସମୃଦ୍ଧ ବିବିଧତାକୁ ଆଲୋକିତ କରିବ।

# ରେଭେନ୍‌ଶା: ଝାଡ଼ାବାନ୍ତିରେ ଆଉ ୬ ଆକ୍ରାନ୍ତ

**କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲର ଆଉ ୬ ଛାତ୍ର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁବାର ସକାଳୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ୩ଜଣଙ୍କୁ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଥିବାବେଳେ ଆଉ ୩ଜଣ ଗୁରୁତରଙ୍କୁ ଏସ୍‌ସିବିର ଡାଇରିଆ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ସୁସ୍ଥ ହୋଇ ଫେରିଥିବା ଛାତ୍ରଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଫୋନ ଯୋଗେ କଥା ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ବୁଝିବା ସହ ଯେଉଁମାନେ ଚିକିତ୍ସିତ ହେଉଛନ୍ତି ସେମାନଙ୍କୁ ଠିକ୍ ସ୍ୱାସ୍ଥ୍ୟ ସେବା ମିଳୁଛି କି ନାହିଁ ସେ ବିଷୟରେ ପଚାରି ବୁଝିଛନ୍ତି। କେତେଜଣ ଛାତ୍ର ଠିକ୍ ଚିକିତ୍ସା ମିଳୁ ନ ଥିବା ନେଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ମେସ୍ ବନ୍ଦ ଥିବାବେଳେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପୁଣି ସ୍ଥିତି ଅନୁଧ୍ୟାନ କରିଛି। ଛାତ୍ରୀଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ମେସ୍ ଏବଂ ବିଭିନ୍ନ ଆକ୍ୱାଗାର୍ଡ ବୁଲି ଦେଖିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨ ଦିନ ମଧ୍ୟରେ ଇଷ୍ଟ ହଷ୍ଟେଲର ପ୍ରାୟ ୨୩ଜଣ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେମାନେ ପୂର୍ବ ଦିନ ପିଇବା ପାଣି ଏବଂ ଖାଦ୍ୟ ବିଷକ୍ରିୟା ଯୋଗୁ ଅସୁସ୍ଥ ହୋଇ ପଡ଼ିଥିଲେ। ପରେ ଆକ୍ୱାଗାର୍ଡ ପାଣି ପିଇବାରୁ ଏଭଳି ହୋଇଥିବା ଛାତ୍ରମାନେ ଅଭିଯୋଗ କରିଥିଲେ।

# 'ପାଳନା' ମାଧ୍ୟମରେ କର୍ମଜୀବୀ ମାଆଙ୍କୁ ମିଳିବ ନିରାପଦ ଶିଶୁ ଯତ୍ନ ସୁବିଧା

**ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)**

ମା' ଓ ଶିଶୁଙ୍କ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେବ 'ପାଳନା' ଯୋଜନା। ଏହି ଯୋଜନାରେ ଶିଶୁଙ୍କ ପାଇଁ କ୍ରେଚ୍ ବା ଶିଶୁ ସଦନ ନିର୍ମାଣ ହେବ, ଯେଉଁଠାରେ କର୍ମଜୀବୀ ମହିଳାଙ୍କ ଶିଶୁଙ୍କ ଲାଗି ଅଙ୍ଗନୱାଡ଼ି ସହ କ୍ରେଚ୍ ଓ ଅନ୍ୟାନ୍ୟ ସୁବିଧା ରହିବ। କେନ୍ଦ୍ର ସରକାରଙ୍କ ମିଶନଶକ୍ତି ଅନ୍ତର୍ଗତ ଏହି ଯୋଜନାକୁ ନେଇ ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବାଙ୍ଗାଲୋରର ଭାରତୀୟ ମାନବ ବସତି ପ୍ରତିଷ୍ଠାନ ପକ୍ଷରୁ ଭୁବନେଶ୍ୱରଠାରେ ଦୁଇଦିନିଆ ପରାମର୍ଶ ବୈଠକ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ କହିଲେ, ଓଡ଼ିଶାରେ 'ପାଳନା' ଯୋଜନା (ନ୍ୟାଶନାଲ କ୍ରେଚ୍ ସ୍କିମ୍)ର କାର୍ଯ୍ୟାନ୍ୱୟନ ପାଇଁ ଏକ ମାନକ କାର୍ଯ୍ୟକାରିତା ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା ମାଧ୍ୟମରେ କର୍ମଜୀବୀ ମା'ମାନେ ନିରାପଦ, ନିର୍ଭରଯୋଗ୍ୟ ଏବଂ ପାଳନପୋଷଣକାରୀ ଶିଶୁ ଯତ୍ନ ସୁବିଧା ପାଇପାରିବେ। ଜୀବନର ପ୍ରଥମ ୧,୦୦୦ ଦିନ ମଧ୍ୟରେ ପ୍ରାୟ ୮୫ ପ୍ରତିଶତ ଶିଶୁର ମସ୍ତିଷ୍କ ବିକାଶ ଘଟେ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ସମୟ ମଧ୍ୟରେ ଏକ ସୁରକ୍ଷିତ ଏବଂ ଉତ୍ସାହଜନକ ପରିବେଶ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ। କେବଳ ଶିଶୁର ସାମଗ୍ରିକ ବିକାଶ ପାଇଁ ନୁହେଁ, ବରଂ ମହିଳାମାନଙ୍କୁ ଆର୍ଥିକ ଏବଂ ବୃତ୍ତିଗତ କାର୍ଯ୍ୟରେ ଅର୍ଥପୂର୍ଣ୍ଣ ଭାବେ ନିୟୋଜିତ କରିବାକୁ ସକ୍ଷମ କରିବା ପାଇଁ ବିଭାଗ ଏପରି ସଂସ୍ଥାଗତ ସହାୟତାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ଏହାଦ୍ୱାରା ମହିଳାମାନେ ରାଜ୍ୟର ପ୍ରଗତିରେ ଯୋଗଦାନ ଦେଇପାରିବେ ଏବଂ ସେମାନଙ୍କ ପିଲାମାନେ ଜୀବନରେ ସର୍ବୋତ୍ତମ ସୁବିଧା ପାଇବେ ବୋଲି ସେ କହିଛନ୍ତି। କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ, ଆଇସିଡିଏସ୍‌ର ଅତିରିକ୍ତ ଶାସନ ସଚିବ, ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ, ମହିଳା ସଶକ୍ତୀକରଣ ଆଡ୍‌ଭୋକେସିର ଅତିରିକ୍ତ ଶାସନ ସଚିବ, ତାଲିମ ଏବଂ ସମନ୍ୱୟ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ମମତାର ଅତିରିକ୍ତ ଶାସନ ସଚିବ ଏବଂ ଉପଶାସନ ସଚିବ ଉପସ୍ଥିତ ଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହ ଅନ୍ୟମାନେ ମହାପ୍ରସାଦ ଖାଉଛନ୍ତି।

# ମହାପ୍ରସାଦ ଖାଇ କାର୍ତ୍ତିକ ପାଳିଲେ ରାଜ୍ୟପାଳ

**ଭୁବନେଶ୍ୱର, ୩୦।୧୦ (ସୁଚିସ୍ମିତା ସାହୁ)**

ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଜଭବନସ୍ଥିତ ଅଭିଷେକ ହଲ୍‌ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ ଆସିଥିବା ମହାପ୍ରସାଦ ସେବନ କରି ପବିତ୍ର କାର୍ତ୍ତିକ ମାସ ପାଳନ କରିଛନ୍ତି। ତାଙ୍କ ସହ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହାପ୍ରସାଦ ଖାଇ ଧର୍ମମାସର ମହାନତା ଅନୁଭବ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ଏବଂ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମହାପ୍ରସାଦ ସେବନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମିକାନ୍ତ



@ ବିଭୂତି



@ ସ୍ୱାଗତିକା



@ ହରେକୃଷ୍ଣ



@ ଜ୍ଞାନରଞ୍ଜନ



@ ସଦାଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

## ମେଡିକାଲରେ ରୋଗୀ ଅଧିକାର ସୂଚନା ପ୍ରଦର୍ଶନ ମାମଲା

**କଟକ,୩୦।୧୦(କାର୍ତ୍ତିକ ସାହୁ)**

ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ଙ୍କ ସୁପାରିସ କ୍ରମେ ରୋଗୀ ଅଧିକାର ସୂଚନା ରାଜ୍ୟର ବିଭିନ୍ନ ସରକାରୀ ତଥା ଘରୋଇ ମେଡିକାଲରେ ପ୍ରଦର୍ଶନ କରାଇବାକୁ ନେଇ ଦାଏର ମାମଲାର ଗୁରୁବାର ଶୁଣାଣି ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ସଭାପତି ଅମୀୟ ଭୂଷଣ ବିଶ୍ୱାଳଙ୍କ ଆବେଦନର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ପାଇଁ ମହଲତ ଲୋଡ଼ା ଯାଇଥିଲା। ତେବେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସରକାର ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ ଅନୁମତି ଦେଇଛନ୍ତି। ରୋଗୀଙ୍କ ଅଧିକାର ସମ୍ପର୍କିତ ସୂଚନା ସଂକ୍ରାନ୍ତରେ ସତ୍ୟପାଠରେ ସରକାର ଅବଗତ କରିବା ସହିତ କେଉଁ ସବୁ ସରକାରୀ ଡାକ୍ତରଖାନାରେ ଏହା କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯାଇଛି ସେନେଇ ତଥ୍ୟ ଦାଖଲ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୨ ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ, ଏନ୍‌ଏଚ୍‌ଆର୍‌ସିଙ୍କ ସୁପାରିସ ଆଧାରରେ ସମସ୍ତ ସରକାରୀ ଓ ବେସରକାରୀ ମେଡିକାଲରେ ରୋଗୀଙ୍କ ସୂଚନାଧିକାର, ତତ୍କାଳ ଚିକିତ୍ସା ଅଧିକାର, ଗୁଣାତ୍ମକ ସେବା, ବିକଳ୍ପ ଚିକିତ୍ସା ଅଧିକାର, ଔଷଧ ଓ ପରୀକ୍ଷାନିରୀକ୍ଷା ଚୟନ, ହସ୍ପିଟାଲରୁ ଡିସଚାର୍ଜ କିମ୍ବା ମୃତଦେହ ଗ୍ରହଣ ଆଦି ସମ୍ପର୍କିତ ଅଧିକାର କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ଓଡ଼ିଶାର ସମସ୍ତ ସରକାରୀ, ବେସରକାରୀ ଡାକ୍ତରଖାନା, ନର୍ସିଂହୋମ, ଘରୋଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଓ ନିଦାନ କେନ୍ଦ୍ରରେ ରୋଗୀ ଅଧିକାର କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏହି ପ୍ରସଙ୍ଗ ଉପରେ କାର୍ଯ୍ୟ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଗାଇଡଲାଇନ ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

# 'ସହାନୁଭୂତି'ର ଆୟୁଧରେ ଲଢ଼େଇ

## ନୂଆପଡ଼ା ଉପନିର୍ବାଚନ

### ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପାଖରେ ପ୍ରସଙ୍ଗ ନାହିଁ

ନୂଆପଡ଼ା, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ନୂଆପଡା ଉପନିର୍ବାଚନ ଜିଣିବାକୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। ପ୍ରମୁଖ ଦଳର ପ୍ରାର୍ଥୀ ଓ ହେଭିୱେଟ ନେତାମାନେ ନୂଆପଡାର ପ୍ରତି ପଞ୍ଚାୟତ ଓ ଗାଁ ଗାଁରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ପ୍ରାୟ ପ୍ରତିଦିନ ସକାଳୁ ନୂଆପଡା ଜିଲା ସଦର ମହକୁମା ଓ ଖରିଆର ରୋଡ୍ ଭଳି ସହରାଞ୍ଚଳର ଚା' ଖଟିରେ ନେତା, ମନ୍ତ୍ରୀମାନେ କର୍ମୀଙ୍କ ଗହଣରେ ଆଲୋଚନା କରି ନିର୍ବାଚନୀ ପରିବେଶକୁ ଉଷ୍ମ କରୁଛନ୍ତି। ହେଲେ ସେଠାକାର ଆଲୋଚନା ଓ ନିର୍ବାଚନୀ ସଭାମାନଙ୍କରୁ ଚଳିତ ଉପନିର୍ବାଚନଟି ପ୍ରସଙ୍ଗବିହୀନ ପ୍ରତୀୟମାନ ହେଉଛି। ପ୍ରାୟ ୩ ପ୍ରମୁଖ ଦଳର ପ୍ରାର୍ଥୀ ଓ ନେତାମାନେ ସେମାନଙ୍କ ଭାଷଣରେ 'ନୂଆପଡାର ବିକାଶ' ପ୍ରମୁଖ ପ୍ରସଙ୍ଗ ବୋଲି କହୁଥିଲେ ମଧ୍ୟ ପଛୁଆ ଜିଲା ନୂଆପଡାର ବିକାଶର ରୂପରେଖ ବାସ୍ତବରେ କ'ଣ ହେବ ତାହା ବ୍ୟାଖ୍ୟା କରୁନାହାନ୍ତି। ଦାଦନ ଶ୍ରମିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ନିଯୁକ୍ତି, ରୋଜଗାର ଓ ଆଦିବାସୀଙ୍କ ବିକାଶକୁ ପ୍ରାଥମିକତା ଦିଆଯିବ ବୋଲି ଉପରଠଉରିଆ ଭାବେ କହି ଦେଉଛନ୍ତି। ବାସ୍ତବରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନିର୍ବାଚନୀ ସଭାର ଭାଷଣକୁ ବିଶ୍ଳେଷଣ କଲେ କେବଳ, 'ସହାନୁଭୂତି'କୁ ପାଥେୟ କରି ପ୍ରାର୍ଥୀମାନେ ନିର୍ବାଚନୀ ବୈତରଣୀ ପାରି ହେବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ଦିବଂଗତ ପିତା ରାଜେନ୍ଦ୍ର ଢୋଲକିଆଙ୍କ ଲୋକପ୍ରିୟତା, ସେବାକାର୍ଯ୍ୟ ତଥା ଭାଜପାର ଡବଲ ଇଞ୍ଜିନ ସରକାରଙ୍କ ବିକାଶ କଥା କହି ଭୋଟ ଭିକ୍ଷା କରୁଛନ୍ତି। ରାଜେନ୍ଦ୍ର କିଭଳି ନୂଆପଡାର ସାଧାରଣ ଲୋକଙ୍କ ସୁଖଦୁଃଖରେ ସହଭାଗୀ ହେଉଥିଲେ, କିଭଳି ଲୋକଙ୍କ ସାଧାରଣ ବିବାହ, ବ୍ରତ, ଶ୍ରାଦ୍ଧ କାର୍ଯ୍ୟରେ ଯୋଗ ଦେଉଥିଲେ, କେହି ରୋଗରେ ପଡିଲେ କିମ୍ବା କାହାର ଶିକ୍ଷା ଅଟକିଲେ ସହାୟତା ଯୋଗାଇ ଦେଉଥିଲେ ସେ କଥା କହି ସହାନୁଭୂତିର ବାତାବରଣ ସୃଷ୍ଟି କରି ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି। ଜୟ ଢୋଲକିଆ କି ଭାଜପା ନେତାମାନଙ୍କ ପାଖରେ ନୂଆପଡା ଠୋସ୍ ବିକାଶ ପାଇଁ କିଛି ଯୋଜନା ଥିବା ଭଳି ଲୋକେ ଜାଣିପାରୁନାହାନ୍ତି।

ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନିର୍ବାଚନୀ ସଭାଗୁଡିକରେ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ, ରାଜେନ୍ଦ୍ର ଢୋଲକିଆଙ୍କ ନାମୋଚ୍ଚାରଣ ଏବଂ ନିଜକୁ ନୂଆପଡାର ଭାଣିଜୀ କହି ସହାନୁଭୂତି ଗୋଟାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ପାଖରେ କିମ୍ବା ବିଜେଡିର ନେତାମାନଙ୍କ ପାଖରେ ବି ନୂଆପଡା ବିକାଶର କିଛିବି ରୂପରେଖ ଥିବା ଭଳି ଜଣାପଡୁନାହିଁ। ସବୁଠୁ ବଡ କଥା ହେଲା ସ୍ନେହାଙ୍ଗିନୀ ବିଜେଡି ସରକାରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ମାମୁଘର ନୂଆପଡା ବୋଲି କେବେ ମନେ ପକାଇଥିବା ନୂଆପଡାର ଲୋକେ ସ୍ମରଣ କରିପାରୁନାହାନ୍ତି। ହଠାତ୍ ତାଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ସେ ମାମୁଘର କଥା ଉଠାଇ ସହାନୁଭୂତିର ଭୋଟ ସାଉଁଟିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ବିଶେଷକରି ନିର୍ବାଚନୀ ସଭାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ତାଙ୍କୁ କଡା ସମାଲୋଚନା କରୁଛନ୍ତି। ସ୍ନେହାଙ୍ଗିନୀ ନୂଆପଡାରୁ କେବେ ବି ପ୍ରାର୍ଥୀ ଆଶାୟୀ ନ ଥିଲେ। ଜୟ ଢୋଲକିଆଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ଅଡୁଆରେ ପଡି ବିଜେଡି ତାଙ୍କୁ ପ୍ରାର୍ଥୀ କରିଛି। ଏହାଛଡା ତାଙ୍କ ପାଖରେ ମଧ୍ୟ ନୂଆପଡାର ବିକାଶ ପ୍ରସଙ୍ଗରେ କିଛି ମଧ୍ୟ ପ୍ରସ୍ତାବ ନ ଥିବା ଲୋକେ ଆଲୋଚନା କରୁଛନ୍ତି।

କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ତାଙ୍କର ଅନ୍ୟ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ନୂଆପଡାରେ ଜଣେ ଜଣାଶୁଣା ନେତା ଓ ସଙ୍ଗଠକ ଭାବେ ପରିଚିତ ଥିଲେ ମଧ୍ୟ ସେ କେବଳ ଆଦିବାସୀ କାର୍ଡରେ ସୀମିତ ରହିଥିବା ଆଲୋଚନାର ବିଷୟ ହୋଇଛି। ନୂଆପଡାର ବିକାଶ ପ୍ରସଙ୍ଗକୁ ପାଥେୟ କରି ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ବିକାଶ ପ୍ରସଙ୍ଗରେ ତାଙ୍କୁ ଭୋଟ ମିଳି ନ ଥିଲା, ବରଂ ଆଦିବାସୀ କାର୍ଡରେ ଏବଂ କଂଗ୍ରେସର ଛଳନାକୁ ନେଇ ତାଙ୍କୁ ୨୦୨୪ରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିବା ଚର୍ଚ୍ଚା ହେଉଛି। ଏଥର କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ଅଧିକ ଭୋଟରଙ୍କ ସମର୍ଥନ ମିଳିବ ବୋଲି ଆଶା ରଖିଛନ୍ତି। ଏଭଳି ସ୍ଥିତିରେ ନିଜ ଶୈଳୀରେ 'ସହାନୁଭୂତି'କୁ ପାଥେୟ କରି ୩ ପ୍ରମୁଖ ଦଳ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଥିବା ଲକ୍ଷ୍ୟ କରାଯାଉଛି।

# କୂଅରୁ ହାତୀ ଛୁଆକୁ ଉଦ୍ଧାରକଲା ମା' ହାତୀ



ଉଦ୍ଧାର ପରେ ମା' ହାତୀ ଛୁଆକୁ ଧରି ଖଡ଼ଗପ୍ରସାଦ ଗ୍ରାମରାସ୍ତା ପାର ହେଉଛି।

ଢେଙ୍କାନାଳ,୩୦।୧୦(ରତନ ନାୟକ)

ଢେଙ୍କାନାଳ ଜିଲା ସଦର ରେଞ୍ଜ ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଗ୍ରାମ ନିକଟରେ ଗୁରୁବାର ସକାଳେ ଏକ ଅଣ୍ଡିରା ହାତୀଛୁଆ ପରିତ୍ୟକ୍ତ କୂଅରେ ଖସିପଡ଼ିଥିଲା। ଛୁଆ ହାତୀର ଚିତ୍କାର ଶୁଣି ମା' ହାତୀ ଘଟଣା ସ୍ଥଳରେ ପହଞ୍ଚ କୂଅ ମଧ୍ୟରୁ ଛୁଆକୁ ଉଦ୍ଧାର କରିଥିଲା। ଏହି ଘଟଣା ଉକ୍ତ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ହାତୀପଲ ଖଡ଼ଗପ୍ରସାଦ ବାଟଦେଇ ଯାଉଥିବା ବେଳେ ଅସାବଧାନତାରୁ ହାତୀ ଛୁଆଟି ଏକ ଇଟାଭାଟି ନିକଟରେ ଥିବା ପରିତ୍ୟକ୍ତ କୂଅରେ ଖସି ପଡ଼ିଥିଲା। ଛୁଆ ହାତୀର ଚିତ୍କାର ଶୁଣି ମା' ହାତୀ କୂଅ ପାଖକୁ ଆସି ଉଦ୍ଧାର ପାଇଁ ଶୁଣ୍ଢ ବଢ଼ାଇ ବହୁ ଉଦ୍ୟମ କରିଥିଲା। ଏଥିରେ ସଫଳ ନ ହେବାରୁ ଶେଷରେ ମା' ହାତୀଟି ଶୁଣ୍ଢରେ ପାଣି ଆଣି କୂଅ ମୂଳରେ ପକାଇ କାଦୁଅ କରିପକାଇଥିଲା। ପରେ କୂଅର ଚାରିକୁ ପ୍ରାୟ ୫ଫୁଟ ଭାଙ୍ଗି ନିଜ ଛୁଆକୁ ଉଦ୍ଧାର କରିଥିଲା। ଏ ସଂପର୍କରେ ସଦର ରେଞ୍ଜର ଉତ୍ତର ପ୍ରଧାନ କହିଛନ୍ତି, ହାତୀ ଛୁଆଟି ଉକ୍ତ ବାଟଦେଇ ଯାଉଥିବା ବେଳେ ପରିତ୍ୟକ୍ତ କୂଅରେ ଖସିପଡ଼ିଥିଲା। ବନବିଭାଗ କର୍ମଚାରୀ ପହଞ୍ଚିବା ପୂର୍ବରୁ ମା' ହାତୀ ଛୁଆଟିକୁ ଉଦ୍ଧାର କରି ନେଇ ପଳାଇଥିଲା।

# ନବଜାତ ହାତୀ ଶାବକର ମୃତ୍ୟୁ

ବାଙ୍ଗିରିପୋଷି,୩୦।୧୦ (ସଞ୍ଜୟ କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ କଳାବାଡ଼ିଆ ଗ୍ରାମପଞ୍ଚାୟତ ଅଧୀନ ବ୍ରାହ୍ମଣଗାଁ ଗ୍ରାମସ୍ଥିତ ବୁଢ଼ାବଳଙ୍ଗ ନଦୀ ନିକଟରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏହି ଶାବକଟି ଜନ୍ମ ହୋଇଥିଲା। ତେବେ ସନ୍ଧ୍ୟା ସମୟରେ ମା' ହାତୀ ସମେତ ଅନ୍ୟ ୯ଟି ହାତୀ ସେହି ସ୍ଥାନ ଛାଡ଼ି ଦେଉଳି ରେଞ୍ଜ ଅଧୀନ ଶୁଖୁଆପୋଡ଼ା କାଜୁ ଜଙ୍ଗଲକୁ ପଳାଇଯାଇଥିଲେ। ପରେ ହାତୀ ଶାବକଟି ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂ ଓ ବାରିପଦା ଏସିଏଫ୍ ସେକ୍ ମେହେରବାନ ଅଲିଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଛନ୍ତି। ୩ଜଣ ପ୍ରାଣୀ ଚିକିତ୍ସକ ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରିଥିଲେ।

# ଆରମ୍ଭ ହେଲା ହୋମ୍ ଭୋଟିଂ

## ୨୫୧ ମତଦାତା ଘରେ ଦେବେ ଭୋଟ

ନୂଆପଡ଼ା,୩୦।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଗୁରୁବାରଠାରୁ ହୋମ୍ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୧୫ଟି ପୋଲିଂ ଦଳ ନିୟୁକ୍ତ ହୋଇଛନ୍ତି। ପ୍ରତି ଦଳରେ ଜଣେ ପୋଲିଂ ଅଫିସର, ଜଣେ ମାଇକ୍ରୋ ନିରୀକ୍ଷକ, ଜଣେ ସୁରକ୍ଷା ଅଧିକାରୀ ଓ ଜଣେ ଭିଡିଓଗ୍ରାଫର ରହିଛନ୍ତି। ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ମତଦାତା ୨୫୧ଜଣ ଏହି ପ୍ରକ୍ରିୟାରେ ନିଜ ଘରେ ଥାଇ ଗୋପନୀୟ ଭାବରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବେ। ୩୦ ଅକ୍ଟୋବରରୁ ୨ ନଭେମ୍ବର ଭିତରେ ଏହି ହୋମ୍ ଭୋଟିଂ ହେବ। ସ୍ୱଚ୍ଛତା ପାଇଁ ଏହି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ରିଟର୍ନିଂ ଅଫିସର ସୁର୍ମି ସୋରେନ ପ୍ରକାଶ କରିଛନ୍ତି। ଏହି ସୁବିଧାରୁ କେହି ଜଣେ ବି ଯୋଗ୍ୟ ମତଦାତା ଯେମିତି ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ମଧୁସୂଦନ ଦାଶ ନିୟୋଜିତ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ହୋମ୍ ଭୋଟିଂ ପାଇଁ ଜଣଙ୍କ ଘରେ ପହଞ୍ଚିଥିବା ଟିମ୍।

# ଉଚ୍ଚଶିକ୍ଷା ବ୍ୟବସ୍ଥାର ଘରୋଇକରଣ ପାଇଁ ଚାଲିଛି ସରକାରୀ ଷଡ଼ଯନ୍ତ୍ର:କଂଗ୍ରେସ

ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)

ରାଜ୍ୟରେ 'ସାମ୍ସ' ପ୍ରକ୍ରିୟା ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି ବୋଲି ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି। କଂଗ୍ରେସ ଭବନରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରଣଜିତ କହିଛନ୍ତି, ସାମ୍ସ ମାଧ୍ୟମରେ ଯେଉଁ ନାମଲେଖା ହେଉଛି ସେଥିରେ ଦୁର୍ନୀତି ହେବା ସହ ବ୍ୟାପକ ଅବ୍ୟବସ୍ଥା ରହିଛି। ନାମଲେଖା ଏବଂ ପରୀକ୍ଷାର କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ । ଫଳରେ ଓଡ଼ିଶାର ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ପ୍ରତି ସରକାର ଖେଳ ଖେଳୁଛନ୍ତି। ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ କହିଛନ୍ତି, କେବଳ ଘରୋଇ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ଶିକ୍ଷା ବ୍ୟବସାୟୀଙ୍କୁ ପରିପୁଷ୍ଟ କରିବା ପାଇଁ କ୍ଷମତାସୀନ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି; ଯଦ୍ୱାରା ସରକାରୀ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ରାଜ୍ୟର ଗରିବ ଛାତ୍ରୀଛାତ୍ର ଯେଉଁମାନେ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ସକ୍ଷମ ନୁହନ୍ତି, ସେମାନେ ପ୍ରଭାବିତ ହେଉଛନ୍ତି । ସାମ୍ସ ବ୍ୟବସ୍ଥାରେ ତୁରନ୍ତ ସୁଧାର ଅଣାଯିବାକୁ ବିଶ୍ୱାଳ ଦାବି କରିଛନ୍ତି। ଏହି ସମ୍ମିଳନୀରେ ସୌମ୍ୟ ବରାଳ, ବିଶ୍ୱଭୂଷଣ ମହାପାତ୍ର, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସର୍ବନିମ୍ନ ସ୍କେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (₹):** 68,55,447.26, EMD (₹) : 1,37,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-740/Q/25-26

SEBI भारतीय प्रतिभूति और विनिमय बोर्ड Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି ।

ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।

ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes

CBC 15204/11/0175/2526

# ରାଜ୍ୟରୁ ବଞ୍ଚିତ ଏସ୍‌ଇବିସିଙ୍କୁ ଓବିସି ବର୍ଗ ତାଲିକାରେ ସାମିଲ କରାଯିବ: ଭାଜପା

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)

ବିଜେଡି ଦୀର୍ଘବର୍ଷ ଓଡ଼ିଶାରେ କ୍ଷମତାରେ ଥିଲେ ମଧ୍ୟ ଜାଣିଶୁଣି ଯୋଜନାବଦ୍ଧ ଭାବେ କେନ୍ଦ୍ରୀୟ ତାଲିକାରୁ ବଞ୍ଚିତ ପଛୁଆବର୍ଗଙ୍କ ପାଇଁ କୌଣସି ପଦକ୍ଷେପ ନେଉ ନ ଥିଲା। ପଛୁଆବର୍ଗଙ୍କୁ ବିଜେଡି ତାଙ୍କ ହକ୍‌ରୁ ବଞ୍ଚିତକରି ରଖିଥିଲା। ତେବେ କେନ୍ଦ୍ରୀୟ ଓବିସି କମିଶନ ପ୍ରତିଶ୍ରୁତି ଦେଇଛନ୍ତି, ରାଜ୍ୟ ସରକାର ଯେତେଶୀଘ୍ର ରିପୋର୍ଟ ଦେବେ ଦିଲ୍ଲୀରେ ତର୍ଜମାକରି ଓଡ଼ିଶାର ବଞ୍ଚିତ ଏସ୍‌ଇବିସି ବର୍ଗଙ୍କୁ ଓବିସି ବର୍ଗର କେନ୍ଦ୍ରୀୟ ତାଲିକାରେ ସାମିଲ କରାଯିବ ବୋଲି ସୁରଥ ବିଶ୍ୱାଳ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୁରଥ କହିଛନ୍ତି, ଜାତୀୟ ଓବିସି କମିଶନ ଅଧ୍ୟକ୍ଷ ୨ ଦିନିଆ ଓଡ଼ିଶାଗସ୍ତ ଶେଷକରି ଦିଲ୍ଲୀ ଫେରିଯାଇଛନ୍ତି। ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା ସମୟରେ କେନ୍ଦ୍ର ଓବିସି କମିଶନ ମଧ୍ୟ ଓଡ଼ିଶାର ଏସ୍‌ଇବିସିମାନଙ୍କ ଯୁକ୍ତି ସମ୍ବଳିତ ତଥ୍ୟକୁ ସ୍ୱୀକାରକରି ସେମାନଙ୍କ ଦାବିକୁ ଗ୍ରହଣ କରାଯିବା ସମ୍ପର୍କରେ ମତପୋଷଣ କରିଛନ୍ତି। ଓଡ଼ିଶାରୁ ୫୦ରୁ ଅଧିକ ଜାତି ଓବିସି ବର୍ଗର କେନ୍ଦ୍ରୀୟ ତାଲିକାରେ ସାମିଲହେବା ପାଇଁ ଯୋଗ୍ୟ ବୋଲି କେନ୍ଦ୍ରୀୟ କମିଶନ ସ୍ୱୀକାର କରିଛନ୍ତି। ବିଭିନ୍ନ ଜାତି ବର୍ଗରୁ ଆସିଥିବା ପ୍ରତିନିଧିମାନେ କମିଶନ ଅଧ୍ୟକ୍ଷଙ୍କୁ ଯେଉଁ ଦସ୍ତାବିଜ ଦେଲେ ସେମାନେ ରାଜ୍ୟ ସରକାରଙ୍କ ପାଖରେ ସେଇସବୁ ପ୍ରମାଣ ପତ୍ର ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସୁରଥ କହିଛନ୍ତି।

# ବାଇକ୍‌କୁ ପିଟିଲା କାର୍, ୨ ମୃତ

ସମ୍ବଲପୁର,୩୦।୧୦ (ପ୍ରମୋଦ ବହିଦାର)

ସମ୍ବଲପୁର ଦୁର୍ଗାପାଲିରେ ନବନିର୍ମିତ ରେଳ ଓଭରବ୍ରିଜ୍‌ରେ ଗୁରୁବାର ରାତିରେ କାର୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁର୍ଲା ଅଞ୍ଚଳରେ ରହୁଥିବା ପାୟଲ ପଟେଲ(୨୫) ଓ ତାଙ୍କ ଝିଆରୀ(ବଡ଼ ଉଉଣୀଙ୍କ ଝିଅ) ଇନ୍ଦ୍ରାଣୀ ଓରଫ ମାନିଆ ପଟେଲ(୪)। ବାଇକ୍ ଚାଳକ ପାୟଲଙ୍କ ବଡ଼ଭାଇ ଓମ୍ ପଟେଲ(୨୭) ଗୁରୁତର ହୋଇ ଭିମ୍‌ସାରରେ ଭର୍ତ୍ତି ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ରାତି ପ୍ରାୟ ସାଢ଼େ ୮ଟାରେ ବାଇକ୍ (ଓଡି-୧୭-ଭି-୭୮୮୭)ରେ ଓମ୍ ତାଙ୍କ ସାନ ଭଉଣୀ ପାୟଲ ଓ ଭାଣିଜୀ ମାନିଆଙ୍କ ସହିତ ଦୁର୍ଗାପାଲି ରେଳ ଓଭରବ୍ରିଜ୍ ଦେଇ ସମ୍ବଲପୁରରୁ ବୁର୍ଲା ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଡି-୧୫-ଏକ୍ସ-୫୩୧୫) ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ବାଇକ୍ ଚଳାଉଥିବା ଓମ୍ ଓ ଇନ୍ଦ୍ରାଣୀ ରାସ୍ତାରେ ଛିଟିକି ପଡିଥିବାବେଳେ ପାୟଲ ବ୍ରିଜ୍ ତଳକୁ ଖସି ପଡ଼ିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ସେମାନଙ୍କୁ ଉଦ୍ଧାରକରି ଭିମ୍‌ସାରରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ପାୟଲ ଓ ଇନ୍ଦ୍ରାଣୀଙ୍କୁ ମୃତ ଘୋଷଣ କରିଥିଲେ। ଉଭୟଙ୍କ ମୃତଦେହ ଶବଗୃହରେ ରଖାଯାଇଛି। ଶୁକ୍ରବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାର୍ ସହ ବାଇକ୍‌କୁ ପୋଲିସ ଜବତ କରିଛି। କାର୍ ଚାଳକଙ୍କୁ ଅଟକ ରଖାଯାଇଥିବା କ୍ଷେତରାଜପୁର ଥାନା ଆଇଆଇସି ଅନୀଲ ପ୍ରଧାନ କହିଛନ୍ତି।

**VISA STEEL LIMITED**
CIN: L51109OR1996PLC004601
Registered Office: 11 Ekamra Kanan, Nayapalli, Bhubaneswar 751 015, Odisha
Phone: (+91-674) 255 2479, Fax: (+91-674) 255 4661, Website: www.visasteel.com
Email ID for registering Investor Grievances: cs@visasteel.com

**CORRIGENDUM CUM ADDENDUM TO NOTICE OF THE EXTRA-ORDINARY GENERAL MEETING SCHEDULED TO BE HELD ON SUNDAY, NOVEMBER 02, 2025 AT 1200 HRS (IST) THROUGH VIDEO CONFERENCING / OTHER AUDIO VISUAL MEANS**

We would like to draw the attention of the members of VISA Steel Limited ("Company") towards the notice dated October 04, 2025 ("EOGM Notice"), issued for convening the Extra-Ordinary General Meeting ("EOGM") of the members of the Company on Sunday, November 02, 2025 at 1200 Hrs (IST) through video conferencing ("VC")/ Other Audio Visual Means ("OAVM"). The EOGM Notice has been dispatched to the members of the Company on Friday, October 10, 2025, in due compliance with the provisions of the Companies Act, 2013, read with the relevant rules made thereunder and the circulars issued by the Ministry of Corporate Affairs ("MCA") and Securities and Exchange Board of India ("SEBI") and other applicable laws.

Subsequent to the dispatch of the EOGM Notice, pursuant to the application filed by the Company for obtaining in-principle approval of BSE Limited ("BSE") and the National Stock Exchange of India Limited ("NSE" and collectively with BSE "Stock Exchanges") for the proposed preferential issue of warrants as detailed in Item No. 1 in the EOGM Notice (along with the explanatory statement thereto), NSE has asked the Company to provide certain clarifications/information in respect of the Preferential Issue, by way of a Corrigendum to the EOGM Notice.

Therefore, a Corrigendum is being issued to the EOGM Notice ("Corrigendum Cum Addendum") to inform the members of the Company regarding certain clarifications/information in relation to explanatory statement for Item No.1 of the EOGM, as detailed in the Corrigendum. This Corrigendum shall form an integral part of the EOGM Notice together with the explanatory statement thereof, which has already been circulated to the members of the Company on October 10, 2025, and on and from the date hereof, the EOGM Notice together with the explanatory statement thereto shall always be read in conjunction with the Corrigendum. All other content of the EOGM Notice together with the explanatory statement thereof, save and except as modified or supplemented by the Corrigendum shall remain unchanged.

The dispatch of the Corrigendum through electronic mode has been completed on October 30, 2025 in compliance with the provisions of the Companies Act, 2013 read with the relevant rules made thereunder and the circulars issued by MCA and SEBI and other applicable laws.

The Corrigendum is available on the website of the Company at www.visasteel.com, the websites of the Stock Exchanges at www.bseindia.com and www.nseindia.com, and is also available on the website of KFin Technologies Limited at URL: https://evoting.kfintech.com/.

All the processes, notes and instructions relating to attending the EOGM through VC/OAVM, remote e-voting at the EOGM shall remain same as stated in the EOGM Notice.

By order of the Board of Directors
For VISA Steel Limited
Sd/-
Amisha Chaturvedi Khanna
(Company Secretary)

Place : Kolkata
Date : 30 October, 2025

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ଜି-ଜମ୍ପର (jumper) ର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା:** ବିଆର୍-ଏକ୍ସ୍‌ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; **କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାତିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଳଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡ଼ି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" **ଟେଣ୍ଡର ମୂଲ୍ୟ:** ₹୧୦୨,୨୧,୦୨,୧୪୫.୧୮; **ଅମାନତ ରାଶି:** ₹୫୨,୬୦,୫୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ବନ୍ଦ ହେବା ତାରିଖ ଓ ସମୟ:** ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ । **ସମାପ୍ତି ଅବଧି:** ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-781)

# ଲୋକପ୍ରିୟତା ସହିପାରୁନି ଶାସକଦଳ: କଂଗ୍ରେସ

## କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ପ୍ରସଙ୍ଗ

ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ଜାଣି ସରକାରୀ ଦଳ ଭାଜପା ଭୟଭୀତ ହୋଇପଡ଼ିଛି ବୋଲି କଂଗ୍ରେସ କହିଛି। ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ଆଳରେ ପୋଲିସ ଜବରଦସ୍ତ ପଶି ନେତା ଓ କର୍ମୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଛି ।

ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ସମସ୍ତ ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାର କରୁଛନ୍ତି । ହେଲେ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ଲୋକପ୍ରିୟତା ବଢୁଥିବାରୁ ଭାଜପା ସହି ନ ପାରି ପୋଲିସ ଲଗାଇ ଭୟଭୀତ କରିବାକୁ ଅପଚେଷ୍ଟା କରୁଛି। ମହାପାତ୍ର କହିଛନ୍ତି, ପୋଲିସ କେବେ ଭାଜପା କିମ୍ବା ବିଜେଡି ଅଫିସକୁ ଯାଇ ଏଭଳି ଅନୁସନ୍ଧାନ କରି ନ ଥିବାବେଳେ କଂଗ୍ରେସ କାର୍ଯ୍ୟାଳୟକୁ ପଶିବା ପଛରେ କ'ଣ ରହସ୍ୟ ଅଛି ସରକାର ଜବାବ ରଖନ୍ତୁ। କଂଗ୍ରେସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଅଭିଯୋଗ କରୁଛି, ପୋଲିସ ଏ ସମସ୍ତ ନିର୍ବାଚନବିରୋଧୀ କାର୍ଯ୍ୟକଳାପରେ ରୋକ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଭାରତ ନିର୍ବାଚନ କମିଶନ(ଇସିଆଇ) ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୬ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚନ ଲାଗି ଘୋଷଣା କଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଏଆଇସିସି ଅନୁମୋଦନ କରି ୭ ତାରିଖରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା। ହେଲେ ୨୪ ବର୍ଷର ଲୋକଙ୍କ ଦଳ କହୁଥିବା ବିଜେଡି ଓ ଦେଢ଼ ବର୍ଷ ଧରି ଶାସନରେ ବସିଥିବା ଡବଲ ଇଞ୍ଜିନ ଜାତୀୟ ଦଳଙ୍କୁ ପ୍ରାର୍ଥୀ ଖୋଜା ପଡ଼ିଲା। ଏପରି କି ପ୍ରାର୍ଥୀଙ୍କୁ ନେଇ ଟଣାଓଡ଼ା ଲାଗିଲା। ନିକଟରେ ମୁଖ୍ୟମନ୍ତ୍ରୀ ଏଠାରେ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ନୂଆପଡ଼ାର ଦାୟିତ୍ୱ ନେବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ଶିବିରରେ ପୋଲିସ ଲଗାଇ ଏଭଳି ଜୋର ଜବରଦସ୍ତ କରିବା ଅର୍ଥ କ'ଣ। ଏହାକୁ ନୂଆପଡ଼ାବାସୀ ବୁଝି ଠିକ୍‌ଣା ଜବାବ ଦେବେ ବୋଲି ଡ. ମହାପାତ୍ର କହିଛନ୍ତି।

केनरा बैंक Canara Bank — सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ ତହସିଲି/ ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବୀମା ଟଙ୍କା ପାଇବାକୁ ଚୋରି ନାଟକ

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

ବ୍ୟବସାୟରେ କ୍ଷତି ହେବାରୁ ଦେଇପାରୁ ନ ଥିଲେ ଦୋକାନ ଭଡ଼ା। ଋଣଭାର ଏତେ ବଢ଼ିଯାଇଥିଲା ଯେ, ଏହାକୁ ପରିଶୋଧ କରିବାକୁ ଚିନ୍ତାରେ ପଡ଼ିଥିଲେ। ଏସବୁ ସମସ୍ୟାରୁ ମୁକୁଳିବାକୁ ଯାଇ ବାଛିଥିଲେ ଅପରାଧର ବାଟ। ବୀମା ଟଙ୍କା ପାଇଁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ଚୋରିର ନାଟକ ରଚିବାକୁ କରିଥିଲେ ବଡ଼ ଯୋଜନା। ତମାଣ୍ଡୋ ବଜାରସ୍ଥିତ ଏକ ପ୍ଲାଇଉଡ୍ ଦୋକାନରୁ ଚୋରି ହେବା ପୂର୍ବରୁ କମିଶନରେଟ୍ ପୋଲିସ ଏହାକୁ ଭଣ୍ଡୁର କରିଛି। ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ତାଙ୍କ ବିଜନେସ୍ ପାର୍ଟନର ଓ ଚୋରିରେ ନିୟୋଜିତ ହେବାକୁ ଥିବା ୧୧ଜଣ ବ୍ୟକ୍ତିଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ବଜାରସ୍ଥିତ 'ଆଦ୍ୟାଶା ଟ୍ରେଡର୍ସ'ର ମାଲିକ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ସନ୍ତୋଷ କୁମାର ମହାରଣା (୪୩), ବ୍ୟବସାୟୀ ପାର୍ଟନର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପାଢ଼ା (୩୪)। ଅନ୍ୟ ୧୧ଜଣ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଞ୍ଚଳର ହରିହର ସତୁଆଲ (୩୭), ବାଲେଶ୍ୱର ଜିଲା

## ମାଲିକ, ବ୍ୟବସାୟୀ ପାର୍ଟନର, ଅନ୍ୟ ୧୧ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ସହଦେବଖୁଣ୍ଟା ଅଞ୍ଚଳର ଏସ୍‌କେ ମାକ୍ସୁଦ (୩୨), ଏସ୍‌କେ, ଅବଦୁଲ୍ ରେହମାନ (୩୩), ଏସ୍‌କେ ନାସିର୍ (୨୦), ହରେକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪), ଏସ୍‌କେ ରାଜା (୨୦), ବରହମପୁର ଥାନା ଅଞ୍ଚଳର ବସନ୍ତ କୁମାର ସେନାପତି (୩୬), ସମୀର ଜେନା (୨୦), ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ୍‌କେ ରାଜୁ (୨୨) ଓ ଜିସାନ୍ ଖାନ୍ (୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ୍, ଦୁଇଟି ଟାଟା ଏସିଇ, ଗୋଟିଏ ବୋଲେରୋ, ଗୋଟିଏ ବୁଲେଟ୍, ୮ଟି ଫେସ୍ ମାସ୍କ, ଗୋଟିଏ ଆଇରନ କଟର୍ ମେଶିନ୍, ୨ଟି ପ୍ଲାସ୍, ୬ଟି ହ୍ୟାଣ୍ଡ ଗ୍ଲୋଭ୍ସ, ଗୋଟିଏ ସ୍କ୍ରୁଡାଇଭର, ଦୁଇଟି ଛୁରି, ମୋବାଇଲ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରିରେ ନିୟୋଜିତ ଥିବା ୧୧ଜଣ ଅଭିଯୁକ୍ତଙ୍କ ପୂର୍ବ ଆପରାଧିକ ଇତିହାସ ବିଷୟରେ ଜାଣିବାକୁ ପ୍ରୟାସ ଚାଲିଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

### ୟୁଟ୍ୟୁବ୍‌ରୁ ଶିଖିଥିଲେ କୌଶଳ

ଅଭିଯୁକ୍ତ ସନ୍ତୋଷ ତମାଣ୍ଡୋ ବଜାରରେ ଅଭିଯୋଗକାରୀ ଅବିନାଶ ପଟ୍ଟନାୟକଙ୍କ ଘରକୁ ମାସିକ ୨୫ ହଜାର ଟଙ୍କା ଭଡ଼ାରେ ନେଇ ୮ରୁ ୯ବର୍ଷ ହେବ ବ୍ୟବସାୟ ପ୍ରତିଷ୍ଠାନ 'ଆଦ୍ୟାଶା ଟ୍ରେଡର୍ସ' ଚଳାଉଛନ୍ତି। ସନ୍ତୋଷଙ୍କ ବ୍ୟବସାୟରେ କ୍ଷତି ହେବା କାରଣରୁ ସେ ଦେଢ଼ବର୍ଷ ହେବ ଦୋକାନ ଭଡା ଦେଇପାରି ନ ଥିଲେ। ଏପରିକି ୨୦୨୪ ନଭେମ୍ବରରୁ ସେ ଅବିନାଶଙ୍କଠାରୁ ୩ ଲକ୍ଷ ଟଙ୍କା ମଧ୍ୟ ଋଣ ନେଇଥିଲେ। ଏଭଳି ୭.୨୫ ଲକ୍ଷ ଟଙ୍କା ସେ ଅବିନାଶଙ୍କୁ ଦେବାର ଥିଲା। ତେବେ ସେ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ବୀମା କରିଥିବାବେଳେ ଚୋରି ମାମଲା ଦେଖାଇ ୧୮ଲକ୍ଷ ବୀମା ଟଙ୍କା ପାଇବାକୁ ଯୋଜନା କରିଥିଲେ। ଏଥପାଇଁ ସନ୍ତୋଷ ୟୁଟ୍ୟୁବ୍‌ରୁ ଭିଡିଓ ଦେଖି କୌଶଳ ଶିଖିଥିଲେ। ସେ ଏଥିପାଇଁ ଖୁଣ୍ଟାରେ ଫର୍ନିଚର ଦୋକାନ କରିଥିବା ମନୋଜଙ୍କ ସହାୟତା ନେଇଥିଲେ। ଚୋରି କାଣ୍ଡ ଭିଆଇବାକୁ ମନୋଜ ୧୧ଜଣ ଲୋକ ଠିକ୍ କରିଥିଲେ। ଚୋରି ହେବା ପରେ ଉକ୍ତ ସାମଗ୍ରୀକୁ ମନୋଜ ତାଙ୍କ ଦୋକାନରେ ବିକ୍ରି କରିବାକୁ କଥା ଛିଡ଼ିଥିଲା। ତେବେ ୧୧ ଜଣ ବ୍ୟକ୍ତିଙ୍କୁ କାମ ପାଇଁ ହଜାରେ ଲେଖାଏ ଦିଆଯାଇଥିବା ବେଳେ ବୀମା ଟଙ୍କା ପାଇବା ପରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥାନ୍ତା ବୋଲି ପୋଲିସ ନିକଟରେ ସନ୍ତୋଷ କହିଛନ୍ତି।

### ଢାବାରେ ଯୋଜନା ବେଳେ ଧରାପଡ଼ିଲେ

ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ତାଙ୍କ ନିଜ ଦୋକାନରେ ଚୋରି କରିବାକୁ ନିକଟସ୍ଥ ଏକ ଢାବାରେ ବସି ଯୋଜନା କରିଥିଲେ। ସେମାନେ ସେଠାରେ ରାତ୍ରିଭୋଜନ କରିବା ସହ କିଭଳି ଚୋରିକୁ ସଫଳ ରୂପ ଦେବେ ସେନେଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଜାଣିପାରି ତମାଣ୍ଡୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ବୀମା ଟଙ୍କା ପାଇବାକୁ ଏହି କାଣ୍ଡ ହୋଇଥାନ୍ତା ବୋଲି ଜଣାପଡ଼ିଥିଲା। ପୋଲିସ ଠାରୁ ସୂଚନା ପାଇ ଦୋକାନ ଘର ମାଲିକ ଅବିନାଶ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ଏନେଇ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ମାସେ ପରେ ଜେଲରୁ ବାହାରିଲେ ୯୪ ଏସ୍‌ଆଇ ଆଶାୟୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୧୪ ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୧ ମାସ ପରେ ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ୬ଜଣ ମହିଳା ପରୀକ୍ଷାର୍ଥୀ କାରାଗାରରୁ ବାହାରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ଅନ୍ୟ ୮୮ଜଣ ପରୀକ୍ଷାର୍ଥୀ କାରାଗାରରୁ ବାହାରି ସେମାନଙ୍କ ଅଭିଭାବକ ତଥା ସମ୍ପର୍କୀୟଙ୍କ ସହ ଯାଇଛନ୍ତି। ଶୁକ୍ରବାର ବଳକା ୨୦ ଜଣ ଜେଲ୍‌ରୁ ବାହାରିବେ ବୋଲି ଜଣାପଡିଛି।

ଚାକିରି ଆଶାୟୀମାନେ କାରାଗାର ଭିତରୁ ବାହାରକୁ ଆସିବା ବେଳେ କପଡ଼ାରେ ନିଜ ମୁହଁ ଘୋଡାଇ ଦେଇଥିଲେ। ସେମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ କାରାଗାର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିଲେ। ଏଥିଯୋଗୁ ଦିନତମାମ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଗହଳି ଦେଖାଯାଇଥିଲା। ପିଲାମାନେ ନିର୍ଦ୍ଦୋଷ ଅଛନ୍ତି। କୋର୍ଟ ନ୍ୟାୟ ଦେବେ ବୋଲି ଭରସା ଅଛି। ନ୍ୟାୟ ନ ମିଳିଲେ ହାଇକୋର୍ଟରେ ପିଟିଶନ ଦାଖଲ କରିବୁ


ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିବା ଚାକିରି ଆଶାୟୀମାନେ।

ବୋଲି ଅଭିଭାବକମାନେ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋଟ ୧୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୨୯ ତାରିଖରୁ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧୪ ଜଣ ଚାକିରି ଆଶାୟୀଙ୍କ ସମେତ ୭ ଜଣ ଦଲାଲ ତଥା ଏଜେଣ୍ଟଙ୍କୁ ଜାମିନ ପାଇଁ ସେମାନଙ୍କ ଓକିଲ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। କୋର୍ଟ କେବଳ ୧୧୪ ଜଣ ଚାକିରି ଆଶାୟୀଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ବିମାନବନ୍ଦରରୁ ଧରାପଡ଼ିଲେ ମୋଷ୍ଟୱାଣ୍ଟେଡ୍

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

ଦିଲ୍ଲୀରେ ଏକ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରୁ ଧରାପଡ଼ିଛନ୍ତି। ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଟିମ୍ ତାଙ୍କୁ ଅଟକ ରଖି ଭୁବନେଶ୍ୱର ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରିଛି। ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ। ସେ ଫେରାର ଥିବାବେଳେ ତାଙ୍କ ବିରୋଧରେ

## ଜାରି ହୋଇଥିଲା ଲୁକ୍ ଆଉଟ ସର୍କୁଲାର୍

ଲୁକ୍ ଆଉଟ୍ ସର୍କୁଲାର୍ ଜାରି ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀରେ ଦ୍ୱିବେନ୍ଦୁଙ୍କ ବିରୋଧରେ ବହୁ କୋଟି ଟଙ୍କାର ଠକେଇ ମାମଲା ରହିଛି। ସେ ଗିରଫଦାରିକୁ ଏଡ଼ାଇବା ପାଇଁ ସିବିଆଇକୁ ଚକ୍‌ମା ଦେଇ ଲୁଚି ରହିଥିଲେ। ଗିରଫ ପରେ ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ନେବା ପାଇଁ ଭୁବନେଶ୍ୱରରେ


ଦ୍ୱିବେନ୍ଦୁ ମହାରଣା

ଆସି ପହଞ୍ଚିଛନ୍ତି। ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଏୟାରପୋର୍ଟ ଥାନାରେ ପଚରାଉଚୁରା କରୁଛନ୍ତି। ଶୁକ୍ରବାର ଦ୍ୱିବେନ୍ଦୁଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ସିବିଆଇ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବ।

ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଦ୍ୱିବେନ୍ଦୁଙ୍କ ଅନ୍ୟ ସହଯୋଗୀଙ୍କୁ ମଧ୍ୟ ସିବିଆଇ ପୂର୍ବରୁ ଗିରଫ କରିଛି। ହେଲେ ଦ୍ୱିବେନ୍ଦୁ ବହୁଦିନ ଧରି ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ (ଗିରଫ ବିହୀନ ଜାମିନ ପରୱାନା) ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ତେବେ ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରିବା ପରେ କାବୁ କରିଥିଲେ। ଏୟାରପୋର୍ଟରେ ନିୟୋଜିତ ସିଆଇଏସ୍‌ଏଫ୍ ଯବାନଙ୍କ ସହାୟତାରେ ଇମିଗ୍ରେଶନ୍ ଅଧିକାରୀମାନେ ଦ୍ୱିବେନ୍ଦୁଙ୍କୁ ଧରି ଏୟାରପୋର୍ଟ ଥାନାକୁ ନେଇଥିଲେ।

# ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ପାଓମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ମାମଲା

କଟକ,୩୦।୧୦(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ୍ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ମହତାବ ଖାରସେଲଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲ। ପ୍ରତ୍ୟେକ ୫୦ ହଜାର ଟଙ୍କାର ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ନିମ୍ନ ଅଦାଲତରୁ ଜାମିନରେ ଯିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଜାମିନରେ ଯିବା ପରେ ଅଭିଯୁକ୍ତମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ହେବେ ନାହିଁ। ଏଥିସହ ପ୍ରତି ତାରିଖରେ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଟିଟିଲାଗଡ଼ରେଥିବା ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ୨୦୧୧ରେ ହତ୍ୟା କରାଯାଇଥିଲା।

## Business

# ୧୨,୨୦୦କୋଟିରେ ବିକଶିତହେବ ଜାତୀୟ ଜଳପଥ ୫, ୬୪

## ଆଇଡବ୍ଲ୍ୟୁଏଆଇ, ଓଡ଼ିଶା ସରକାର, ପିପିଏ ଏବଂ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ଜାତୀୟ ଜଳପଥ-୫(ଏନ୍‌ଡବ୍ଲ୍ୟୁ-୫) ଏବଂ ଜାତୀୟ ଜଳପଥ-୬୪ (ଏନ୍‌ଡବ୍ଲ୍ୟୁ-୬୪)ର ବିକାଶ ଏବଂ କାର୍ଯ୍ୟକ୍ଷମ କରାଯିବ। ପ୍ରାୟ ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶରେ ଏହି ପ୍ରକଳ୍ପ ରୂପାୟନ କରାଯିବ। ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ୨୦୨୫ କାର୍ଯ୍ୟକ୍ରମରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ), ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ମଧ୍ୟରେ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ



ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆଭ୍ୟନ୍ତରୀଣ ଜଳପଥ ଦେଇ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ କରାଯିବ। ଏହି ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟ୍‌ୱର୍କକୁ କମ୍ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ @୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ- ଓଡ଼ିଶା ଲିମିଟେଡ୍ (ଆଇଡବ୍ଲ୍ୟୁସିଓଏଲ୍) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଇଡବ୍ଲ୍ୟୁଏଆଇ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ ଏବଂ ନାଭିଗେଶନ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ ସଂଯୋଗୀକରଣ ନିଶ୍ଚିତ କରିବ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥକୁ ମୋଡାଲ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବ।

## ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ଓଡ଼ିଶା ଷ୍ଟଲ୍ ପୁରସ୍କୃତ

ଭୁବନେଶ୍ୱର,୩୦।୧୦

ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ରେ ଓଡ଼ିଶା ରାଜ୍ୟ ଷ୍ଟଲ୍ ଏହାର ସୃଜନଶୀଳ ଡିଜାଇନ, ଆକର୍ଷଣୀୟ ବିଷୟବସ୍ତୁ ଏବଂ ରାଜ୍ୟର ସାମୁଦ୍ରିକ ଐତିହ୍ୟ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଦୂରଦୃଷ୍ଟିପୂର୍ଣ୍ଣ ଉପସ୍ଥାପନାକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ଷ୍ଟଲ୍ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହୋଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ, ବନ୍ଦର ଓ ଆଇଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ କ୍ୟାପ୍‌ଟେନ ସୁଶାନ୍ତ ରାଉଳ ବାଗ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ, ଷ୍ଟଲ୍ 'ଓଡିଶା - ଐତିହ୍ୟ ଏବଂ ଆଶାର ଯାତ୍ରା' ବିଷୟବସ୍ତୁ ଉପରେ ଡିଜାଇନ କରାଯାଇଥିଲା। ଏଥିରେ ପ୍ରାଚୀନ ବୋଇତ ବନ୍ଦାଣ ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରିଠାରୁ ଆରମ୍ଭକରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରାଯାଇଥିଲା।

# ୮୦୦ ଜଣଙ୍କୁ ବୃତ୍ତିଗତ ତାଲିମ



## ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

ଭୁବନେଶ୍ୱର,୩୦।୧୦

ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୫୫% ମହିଳା ଅଂଶଗ୍ରହଣ ସହିତ କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ରୋଜଗାରର ଦ୍ୱାର ଉନ୍ମୁକ୍ତ କରୁଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ ସମ୍ପର୍କିତ ତାଲିମ ଦିଆଯାଉଛି। ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ମଧ୍ୟରୁ ୭୫% କାମରେ ନିଯୁକ୍ତ ହୋଇଥିବା ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ଭଟଗୁଡ଼ା ଗାଁର ୨୧ ବର୍ଷୀୟ ବିଘ୍ନନାଶିନୀ ବିଶି ବେଦାନ୍ତ ଆଲୁମିନିୟମ ଦ୍ୱାରା ଦିଆଯାଇଥିବା ପ୍ରଶିକ୍ଷଣ ପରେ ପୁଣେର ଫିଏଷ୍ଟା ବାରବିକ୍ୟୁ ନେସନରେ କାମ କରୁଛନ୍ତି। ଅନ୍ୟପଟେ ଖାଦ୍ୟ ଓ ପାନୀୟ ବର୍ଗର ୨୨ତମ ବ୍ୟାଚ୍ ୧୦୦% ପ୍ଲେସ୍‌ମେଣ୍ଟ ହାସଲ କରିଛି। ଏହି ବ୍ୟାଚ୍‌ର ୨୪ଜଣଙ୍କ ମଧ୍ୟରୁ ଛାତ୍ରମାନେ ମଦୁରାଇର ଏଭିଏନ୍ ଗ୍ରୁପ୍, ବାଙ୍ଗାଲୋରର ସୋଡେକ୍ସୋ, ପୁଣେର କ୍ଲବ୍ ମହିନ୍ଦ୍ରା ଓ ଭୁବନେଶ୍ୱରର ଅସ୍ମିତା ହଲିଡେଜ୍ ଭଳି ପ୍ରସିଦ୍ଧ ସଂସ୍ଥାରେ କାମ ପାଇଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯୁବପିଢ଼ିକୁ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତ କରିବା ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ରସ୍ଥଳ।

# ନିଃଶୁଳ୍କ ଗୁଗଲ ଏଆଇ ପ୍ରୋ ଆକ୍ସେସ୍ ଆରମ୍ଭ

## ରିଲାଏନ୍ସ ଓ ଗଗୁଲର ସହଭାଗିତା

ଭୁବନେଶ୍ୱର,୩୦।୧୦

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ରିଲାଏନ୍ସ ଇଣ୍ଟେଲିଜେନ୍ସ ଲିମିଟେଡ୍ ଏବଂ ଗୁଗଲ ମାଧ୍ୟମରେ ଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବକୁ ତ୍ୱରାନ୍ୱିତକରିବା ପାଇଁ ଏକ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ସହ ସହଭାଗିତାରେ ଗୁଗଲ, ଯୋଗ୍ୟ ଜିଓ ଉପଭୋକ୍ତାଙ୍କ ପାଇଁ ଗୁଗଲର ଏଆଇ ପ୍ରୋ ଯୋଜନା ସହ ଗୁଗଲ ଜେମିନିର ନୂଆ ସଂସ୍କରଣ ୧୮ ମାସ ପାଇଁ ନିଃଶୁଳ୍କରେ ଉପଲବ୍ଧ ହେବ। ଏହି ଅଫରରେ ଜେମିନି ଆପ୍‌ରେ ଗୁଗଲର ସବୁଠାରୁ ସକ୍ଷମ ଜେମିନି ୨.୫ ପ୍ରୋ ମଡେଲ୍‌କୁ ଅଧିକ ପ୍ରବେଶ, ସେମାନଙ୍କର ଅତ୍ୟାଧୁନିକ ନାନୋ ବାନାନା ଏବଂ ଭିଓ ୩.୧ ମଡେଲ ସହ ଚମତ୍କାର ଚିତ୍ର ଏବଂ ଭିଡିଓ ସୃଷ୍ଟିକରିବାର ଉଚ୍ଚ ସୀମା, ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟ୍‌ବୁକ୍ ଏଲ୍‌ଏମ୍‌କୁ ବିସ୍ତାରିତ ପ୍ରବେଶ, ୨ ଟିବି କ୍ଲାଉଡ୍ ଷ୍ଟୋରେଜ ସୁବିଧା ମିଳିବ। ଏହି ୧୮ ମାସର ଅଫରର ବାସ୍ତବ ମୂଲ୍ୟ ୩୫,୧୦୦। ଯୋଗ୍ୟ ଜିଓ ଉପଭୋକ୍ତାମାନେ ମାଇଁଜିଓ ଆପ୍ ମାଧ୍ୟମରେ ଏହି ଅଫରକୁ ସକ୍ରିୟ କରିପାରିବେ। ଏହି ରୋଲ୍‌ଆଉଟ୍ ୧୮ରୁ ୨୫ ବର୍ଷ ବୟସ୍କଙ୍କ ପାଇଁ ଅସୀମିତ ୫ଜିପ୍ଲାନ୍‌ର ପ୍ରାରମ୍ଭିକ ପ୍ରବେଶ ସହିତ ଆରମ୍ଭ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି, ଗୁଗଲ ଭଳି ରଣନୈତିକ ଏବଂ ଦୀର୍ଘକାଳୀନ ଅଂଶୀଦାରଙ୍କ ସହ ଆମର ସହଯୋଗ ମାଧ୍ୟମରେ, ଆମେ ଭାରତକୁ କେବଳ ଏଆଇ-ସକ୍ଷମ ନୁହେଁ ବରଂ ଏଆଇ-ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଗୁଗଲ ଏବଂ ଆଲ୍‌ଫାବେଟର ସିଇଓ ସୁନ୍ଦର ପିଚାଇ ସହଭାଗିତା ପାଇଁ ଉତ୍ସାହିତ ଥିବା କହିଛନ୍ତି।

# ଏନ୍‌ଏଚ୍‌ଏଆଇର ଟୋଲ୍ ସଂଗ୍ରହ ୨,୦୬୨ କୋଟି ହ୍ରାସ

ଭୁବନେଶ୍ୱର,୩୦।୧୦

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ( ଏନ୍‌ଏଚ୍‌ଏଆଇ) ସାର୍ବଜନୀନ ବିତ୍ତ ପୋଷିତ ପ୍ଲାଜାଗୁଡ଼ିକରେ ଟୋଲ୍ ସଂଗ୍ରହ ହ୍ରାସ କରିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ୪,୭୩୬ କୋଟି ଟଙ୍କା ଟୋଲ ସଂଗ୍ରହ ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହା ୨,୬୭୪ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ବର୍ଷକରେ ଏନ୍‌ଏଚ୍‌ଏଆଇକୁ ୨,୦୬୨ କୋଟି ଟଙ୍କା ଟୋଲ୍ ସଂଗ୍ରହ ହ୍ରାସ କରିଛି। ଅର୍ଥାତ୍ ଟୋଲ୍ ସଂଗ୍ରହ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୭.୨୭%ରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ୯.୨୭%କୁ ହ୍ରାସ ପାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଟୋଲ୍ ଏଜେନ୍ସିଗୁଡ଼ିକ ଦ୍ୱାରା ମୋଟ ଟୋଲ୍ ସଂଗୃହୀତ ୨୭,୪୧୭ କୋଟି ଥିଲା, ଯେଉଁଥିରୁ ପ୍ରାୟ ୨୨,୬୮୧ କୋଟି ଟଙ୍କା ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୪-୨୫ରେ ଟୋଲ୍ ଏଜେନ୍ସିଗୁଡ଼ିକ ମୋଟ ପ୍ରାୟ ୨୮,୮୨୩ କୋଟି ଟୋଲ୍ ଫି' ସଂଗ୍ରହ କରିଥିଲେ, ଯେଉଁଥିରୁ ପ୍ରାୟ ୨୬,୧୪୯ କୋଟି ଟଙ୍କାର ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଛି। ଏନ୍‌ଏଚ୍‌ଏଆଇ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଉଦ୍ୟମ ଯୋଗୁ ହୋଇଛି ଯେପରି ବର୍ତ୍ତମାନର ଚୁକ୍ତିଗୁଡ଼ିକର ନିକଟ ନିରୀକ୍ଷଣ, ୩ ମାସର ଡିମଡ୍ ଏକ୍ସଟେନସନ ବ୍ୟବସ୍ଥା ବିଲୋପ, ସମୟାନୁସାରେ ବିଡିଂ, ଅଧିକାଂଶ ଚୁକ୍ତିକୁ ୧ ବର୍ଷ ଅବଧି ପାଇଁ ପ୍ରଦାନ ନିଶ୍ଚିତ କରିବା ଏବଂ ୩ ମାସର ସ୍ୱଳ୍ପକାଳୀନ ଚୁକ୍ତିଗୁଡ଼ିକୁ ନ୍ୟୁନତମ କରିବା ଦ୍ୱାରା ଏହି ଟୋଲ୍ ସଂଗ୍ରହ କମ୍ କରାଯାଇପାରିଛି। ଏହାସହ ସ୍ୱଳ୍ପକାଳୀନ ୩ ମାସର ଚୁକ୍ତିଗୁଡ଼ିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଏନ୍‌ଏଚ୍‌ଏଆଇ 'ଅଲ୍ ଇଣ୍ଡିଆ ୟୁଜର ଫି କଲେକ୍‌ସନ ଫେଡେରେଶନ' ସହ ନିୟମିତ ଭାବେ ଯୋଗାଯୋଗ କରି ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛି। ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକର ପରଫର୍ମାନ୍ସ ସିକ୍ୟୁରିଟି (ନଗଦ ଅଂଶ) ଏବଂ ବ୍ୟାଙ୍କ ଗ୍ୟାରେଣ୍ଟିର ସମୟାନୁସାରେ ମୁକ୍ତି ସେମାନଙ୍କର ବିଡିଂ କ୍ଷମତାକୁ ଆହୁରି ବଢ଼ାଇ ଉଚ୍ଚ ବିଡ୍ ରାଶି ଆଣିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଗୁରୁବାର ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ ଏହି ନୂତନ ଶାଖାର ଉଦଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା ଅଟେ। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ କହିଛନ୍ତି।

**ଦୁଃଖ ବଢ଼ାଇଲା ମେଲିସା**



ଶତାବ୍ଦୀର ସବୁଠୁ ଶକ୍ତିଶାଳୀ ବାତ୍ୟା 'ମେଲିସା' ବୁଧବାର ରାତିରେ ଆଫ୍ରିକୀୟ ରାଷ୍ଟ୍ର ଜାମାଇକାର ସେଣ୍ଟ ଏଲିଜାବେଥ୍‌ଠାରେ ସ୍ଥଳଭାଗ ଛୁଇଁବା ପରେ ଘଟାଇଥିବା କ୍ଷୟକ୍ଷତିର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ୫ ବର୍ଗ ଅନ୍ତର୍ଗତ ଏହି ପ୍ରଳୟଙ୍କରୀ ବାତ୍ୟାରେ ପବନର ବେଗ ୨୯୮ କିଲୋମିଟର ରହିଥିଲା। ଏଥିରେ ଅନ୍ୟୁନ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ଜାମାଇକାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କ୍ୟୁବା ଓ ହାଇତି ମଧ୍ୟ ବହୁଳ ପ୍ରଭାବିତ ହୋଇଛି।

# ପ୍ରବାସୀଙ୍କ କାର୍ଯ୍ୟ ପର୍‌ମିଟ୍ ସ୍ୱତଃ ନବୀକରଣ ବନ୍ଦକଲା ଆମେରିକା

**ୱାଶିଂଟନ,୩୦।୧୦**

ପ୍ରବାସୀ କର୍ମଚାରୀମାନଙ୍କ ରୋଜଗାର ପ୍ରାଧିକରଣ ଦସ୍ତାବିଜ (ଇଏଡି)ର ସ୍ୱତଃ ସମୟସୀମା ବୃଦ୍ଧି ବ୍ୟବସ୍ଥାକୁ ଏକ ଅନ୍ତରୀଣ ନିୟମ ବଳରେ ବନ୍ଦ କରିଦିଆଯାଇଥିବା ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଘୋଷଣା କରିଛି। ଏଭଳି ପଦକ୍ଷେପ ଭାରତୀୟଙ୍କ ସମେତ ଆମେରିକାରେ ରହି କାର୍ଯ୍ୟ କରୁଥିବା ଅନେକ ହଜାର ପ୍ରବାସୀ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଯେଉଁମାନେ ଅକ୍ଟୋବର ୩୦ରେ କିମ୍ବା ଏହା ପରେ ଇଏଡି ନବୀକରଣ ପାଇଁ ଆବେଦନ କରିବେ, ସେମାନଙ୍କ ଇଏଡି ସମୟସୀମା ଆଉ ସ୍ୱତଃ ବୃଦ୍ଧି କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତେବେ ଅକ୍ଟୋବର ୩୦ ପୂର୍ବରୁ ଯେଉଁ ଇଏଡିଗୁଡ଼ିକର ସମୟସୀମା ସ୍ୱତଃ ବୃଦ୍ଧି କରାଯାଇଛି, ତାହା ନୂଆ ନିୟମ ଦ୍ୱାରା ପ୍ରଭାବିତ ହେବ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ଅଧିକ ପୁନଃ ନିରୀକ୍ଷଣ ଓ ଯାଞ୍ଚ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ପର୍‌ମିଟ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ଠିକ୍ ସମୟରେ ନବୀକରଣ ଆବେଦନ କରାଯାଇଥିଲେ, ପ୍ରବାସୀ କର୍ମଚାରୀମାନଙ୍କୁ ଆମେରିକାରେ ୫୪୦ ଦିନ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ନିୟମ ଜୋ ବାଇଡେନ୍ ପ୍ରଶାସନ ସମୟରୁ ଚାଲି ଆସୁଥିବାବେଳେ ଏହାକୁ ହଟାଇ ଦିଆଯାଇଛି। ସମ୍ପ୍ରତି ଅଣାଯାଇଥିବା ନିୟମରେ ସୀମିତ ବ୍ୟତିକ୍ରମ ରହିଛି। ଟିପିଏସ୍ ସମ୍ପର୍କିତ ନିଯୁକ୍ତି ଦସ୍ତାବିଜ ପାଇଁ ଆଇନର ବ୍ୟବସ୍ଥା କିମ୍ବା ସଂଘୀୟ ପଞ୍ଜିକା ବିଜ୍ଞପ୍ତି ଜରିଆରେ ପରମିଟ୍ ସମୟସୀମା ବଢ଼ାଯାଇପାରବ ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନୂଆ ନିୟମ ଅନୁଯାୟୀ ପ୍ରବାସୀ କର୍ମଚାରୀମାନଙ୍କ ଅତୀତର ସମସ୍ତ ବିବରଣୀକୁ ଯାଞ୍ଚ କରାଯିବ। ଏହାଦ୍ୱାରା ଜାଲିଆତିକୁ ରୋକାଯାଇ ପାରିବ।

**ପ୍ରଭାବିତ ହେବେ ଭାରତୀୟ**




## ଡିଜିଟାଲ ଆରେଷ୍ଟରେ ୧.୨ କୋଟି ହରାଇଥିବା ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ

**ପୁଣେ,୩୦।୧୦**

ଡିଜିଟାଲ ଆରେଷ୍ଟ ସାଇବର ଠକେଇରେ ଫସି ମାସେ ତଳେ ୧.୨ କୋଟି ଟଙ୍କା ହରାଇଥିବା ପୁଣେର ୮୩ ବର୍ଷୀୟ ବ୍ୟକ୍ତିଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଠକମାନେ ନିଜକୁ ପୋଲିସ ଓ ସିବିଆଇ ଅଫିସରର ପରିଚୟ ଦେଇ ଉକ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ। ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ସମ୍ପୃକ୍ତ ଥିବା ମନିଲଣ୍ଡରିଂ ମାମଲାରେ ତାଙ୍କ ନାମ ରହିଥିବା କହି ସେମାନେ ଉକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ଭୟଭୀତ କରାଇବା ସହ ଏକାଧିକ ଥରରେ ୧.୨ କୋଟି ଟଙ୍କା ନେଇଯାଇଥିଲେ। ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଏନେଇ ଏକ ଏତଲା ଦେଇଥିବା ସାଇବର ଥାନା ଅଧିକାରୀ କହିଛନ୍ତି।

## କଶ୍ମୀରରେ ବାଦଲଫଟା ବର୍ଷା: ଏବେ ବି ୩୧ ନିଖୋଜ

**ଶ୍ରୀନଗର,୩୦।୧୦**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚେସୋଟି ଗ୍ରାମରେ ଅଗଷ୍ଟ ୧୪ରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷାରେ ଏବେ ବି ୩୧ ଜଣ ନିଖୋଜ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ସହ ମାଟିକାଦୁଅ ମାଡ଼ିଆସି ୧୯ଟି ବିଲ୍ଡିଂ ଓ କେତେକ ଗାଡ଼ିକୁ ଭସାଇ ନେଇଥିଲା। ସେନା ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ନିୟନ୍ତ୍ରିତ ବିସ୍ଫୋରଣ ଜରିଆରେ ଭଙ୍ଗାବଶେଷକୁ ହଟାଇ ମୃତଦେହ ଖୋଜିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩୧ ଜଣଙ୍କ ପତ୍ତା ମିଳିନାହିଁ। ୬୩ ମୃତ ଦେହ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୩ଟିକୁ ଚିହ୍ନଟ କରାଯାଇ ପାରି ନ ଥିବା ଜମ୍ମୁ-କଶ୍ମୀର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ନିର୍ମାଣାଧୀନ ରେଳ ବ୍ରିଜ୍‌ରେ କ୍ରେନ୍ ଖସି ୨ ମୃତ

**ଭୋପାଳ,୩୦।୧୦**

ମଧ୍ୟପ୍ରଦେଶର ଧର୍ ଜିଲାରେ ଗୁରୁବାର ସକାଳେ ରେଲ୍‌ୱେ ବ୍ରିଜ ନିର୍ମାଣରେ ନିୟୋଜିତ ଥିବା ଏକ କ୍ରେନ ଏକ ଟ୍ରକ୍ ଉପରେ ଖସିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଏହା ତଳେ ଚାପି ହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ପିଥମପୁର ଶିଳ୍ପାଞ୍ଚଳ ସହରର ସାଗୌର ଅଞ୍ଚଳରେ ଏହି ଘଟଣା ଘଟିଛି। ୧୬ ଟନ୍‌ର ଏକ ସ୍ଲାବ୍ ଉପରେ କ୍ରେନ୍‌ଟି ରହିଥିବା ବେଳେ ହଠାତ୍ ଓଲଟି ପଡ଼ି ସେହି ବାଟ ଦେଇ ଯାଉଥିବା ଏକ ପିକ୍‌ଅପ୍ ଟ୍ରକ୍ ଉପରେ ଖସିପଡ଼ିଥିଲା ବୋଲି ଏସ୍‌ପି ମୟଙ୍କ ଅୱସ୍ଥି କହିଛନ୍ତି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଉପଯୁକ୍ତ ସର୍ଭିସ ରୋଡ ପ୍ରସ୍ତୁତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଦୁର୍ଘଟଣା ପାଇଁ ରେଲ୍‌ୱେ ଏବଂ ଠିକାଦାରଙ୍କୁ ଦାୟୀ କରିଛନ୍ତି।

# ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

**ସିଓଲ,୩୦।୧୦(ରଏଟର୍ସ/ଏପି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କକୁ ୪୭%କୁ ହ୍ରାସ କରିଛନ୍ତି। ଏହା ବଦଳରେ ଚାଇନା ଆମେରିକାକୁ ରେଆର ଆର୍ଥ ଏଲିମେଣ୍ଟ୍ସ ରପ୍ତାନି ଓ ସେଠାରୁ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଛି।

ଦକ୍ଷିଣ କୋରିଆର ବୁସାନ ସହରରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀ ପରିପ୍ରେକ୍ଷୀରେ ଦୁଇ ମହାଶକ୍ତି ଆମେରିକା ଓ ଚାଇନା ପୂର୍ବ ତିକ୍ତତା ହ୍ରାସକରି ପୁଣି ପରସ୍ପରର ନିକଟତର ହେବାକୁ ଉଦ୍ୟମ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ୧ ଘଣ୍ଟା ୪୫ ମିନିଟ ଧରି ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଟ୍ରମ୍ପ୍ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ସାମ୍ନାସାମ୍ନି ସାକ୍ଷାତ। ଏୟାରଫୋର୍ସ ୱାନ୍‌ରେ ଟ୍ରମ୍ପ୍ ପ୍ରେସ୍‌କୁ କହିଛନ୍ତି, ଚାଇନା ଫେଣ୍ଟାନିଲ ପ୍ରସ୍ତୁତି ପାଇଁ ରାସାୟନିକ ସାମଗ୍ରୀ ବିକ୍ରି କରୁଥିବାରୁ ଏହା ଉପରେ ଆମେରିକା ପୂର୍ବରୁ ୨୦% ଦଣ୍ଡାତ୍ମକ ଟାରିଫ୍ ଲାଗୁ କରିଥିଲା। ଜିନ୍‌ପିଙ୍ଗ୍‌ଙ୍କ ସହ ସଫଳ ଆଲୋଚନା ପରେ ଏହାକୁ ୧୦%କୁ ହ୍ରାସ କରାଯାଇଛି। ଫଳରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ଲାଗୁ ହୋଇଥିବା ୫୭% ଆମଦାନୀ ଶୁଳ୍କ ଏବେ ୪୭ ପ୍ରତିଶତକୁ ଖସିଆସିଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ସେ ୨୦୨୬ ଏପ୍ରିଲରେ ଚାଇନା ଗସ୍ତ କରିବେ। ତାଙ୍କ ଗସ୍ତ ପରେ ଜିନ୍‌ପିଙ୍ଗ୍ ମଧ୍ୟ ଆମେରିକା ଯିବେ। ସାକ୍ଷାତ ବେଳେ ଚାଇନାକୁ ଅଧିକ ଅତ୍ୟାଧୁନିକ କମ୍ପ୍ୟୁଟର ଚିପ୍ସ ରପ୍ତାନି ନେଇ ମଧ୍ୟ ଆଲୋଚନା ହୋଇଛି। ଏନେଇ ଏନ୍‌ଭିଡିଆ ଚାଇନିଜ୍ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିବ। ଚାଇନା ସହ ଆମେରିକାର ସମ୍ପର୍କରେ ବିଶେଷ ବଡ଼ ପ୍ରତିବନ୍ଧକ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷେ ଚାଇନା ଆମେରିକାରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ କିଣିବାକୁ ଚୁକ୍ତିବଦ୍ଧ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନଠାରୁ ଜାନୁଆରୀ ମଧ୍ୟରେ ବେଜିଂ ୧୨ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଥିବା ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। କେବଳ ଏତିକି ନୁହେଁ, ବିରଳ ଖଣିଜ ରପ୍ତାନି ଉପରେ ବେଜିଂ ପକ୍ଷରୁ ଲଗାଯାଇଥିବା କଟକଣାକୁ ମଧ୍ୟ କୋହଳ କରିବାକୁ ଜିନ୍‌ପିଙ୍ଗ୍ ସହମତି ପ୍ରକାଶ କରିଛନ୍ତି। ତେବେ ଏହି ୧୦୦ ମିନିଟର ସକାରାତ୍ମକ ଆଲୋଚନା ପରେ ମଧ୍ୟ ବିଶ୍ୱର ୨ ବୃହତ୍ ଅର୍ଥନୀତି କେତେକ ପ୍ରସଙ୍ଗକୁ ନେଇ ସ୍ୱାଭାବିକ ସ୍ଥିତିକୁ ଆସି ନ ଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ମାନୁଫାକ୍ଚରିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭଳି ପ୍ରସଙ୍ଗରେ ଆମେରିକା ଓ ଚାଇନା ଅନେକ ଦୃଷ୍ଟିରୁ ପରସ୍ପର ବିରୋଧୀ କାର୍ଯ୍ୟ କରୁଥିବାରୁ ଟ୍ରମ୍ପ୍‌ଙ୍କ ସଦ୍ୟ ଉଦ୍ୟମ ବିଶେଷ ଫଳପ୍ରଦ ହୋଇ ନ ପାରେ ବୋଲି କୁହାଯାଉଛି।

**ଦକ୍ଷିଣ କୋରିଆରେ ଟ୍ରମ୍ପ୍-ଜିନ୍‌ପିଙ୍ଗ୍ ଭେଟ**



ଦକ୍ଷିଣ କୋରିଆର ବୁସାନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍।

## ଅଣୁଅସ୍ତ୍ର ପରୀକ୍ଷା ନିର୍ଦ୍ଦେଶ ଦେଲେ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶର ସାମରିକ ଅଧିକାରୀମାନଙ୍କୁ ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରୁଷିଆ ଓ ଚାଇନା ଭଳି ଦେଶଗୁଡ଼ିକ ଅଣୁଅସ୍ତ୍ର ପରୀକ୍ଷା କରୁଥିବାରୁ ସେମାନଙ୍କ ସହ ତାଳ ଦେଇ ଏପରି କରିବାକୁ ରିପବ୍ଲିକାନ୍ ନେତା ଟ୍ରମ୍ପ୍ ଯୁଦ୍ଧ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ନିଜେ କହିଛନ୍ତି।

ଦକ୍ଷିଣ କୋରିଆ ଗସ୍ତରେ ଥିବାବେଳେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବାର ଠିକ୍ ପୂର୍ବରୁ ଟ୍ରମ୍ପ୍ ସୋସିଆଲ ମିଡିଆରେ ଲେଖିଛନ୍ତି, ଆମେରିକା ନିକଟରେ ଅନ୍ୟ ସମସ୍ତ ରାଷ୍ଟ୍ର ତୁଳନାରେ ଅଧିକ ଆଣବିକ ଅସ୍ତ୍ର ରହିଛି। ଏହି କ୍ଷେତ୍ରରେ ରୁଷିଆ ଦ୍ୱିତୀୟରେ ଥିବାବେଳେ ଚାଇନାର ସ୍ଥାନ ୩ ନମ୍ବରରେ। ତେବେ ୧୯୯୨ ପରେ ଆମେରିକା ଗୋଟିଏ ହେଲେ ଅଣୁଅସ୍ତ୍ର ପରୀକ୍ଷା କରିନାହିଁ। ନିକଟରେ ରୁଷିଆର ଅଣୁଅସ୍ତ୍ର ପରୀକ୍ଷଣକୁ ଟ୍ରମ୍ପ୍ ନିନ୍ଦା କରିଥିଲେ। ଆମେରିକା ଅଣୁଅସ୍ତ୍ର ପରୀକ୍ଷା କଲେ ୩୩ ବର୍ଷରେ ଏହା ପ୍ରଥମ ହେବ। ଅନ୍ୟପକ୍ଷେ ଅଣୁଅସ୍ତ୍ର ପରୀକ୍ଷା ଉପରେ ବୈଶ୍ୱିକ କଟକଣାକୁ ମାନି ଚଳିବା ପାଇଁ ଆମେରିକାକୁ ଚାଇନା ପରାମର୍ଶ ଦେଇଛି।

## ଟିପୁ ସୁଲ୍‌ତାନଙ୍କ ପିସ୍ତଲ, ରଣଜିତ ସିଂଙ୍କ ପେଣ୍ଟିଂ ନିଲାମ

**ଲଣ୍ଡନ,୩୦।୧୦(ପି.ଟି.)**

ଟିପୁ ସୁଲ୍‌ତାନଙ୍କ ୨ ପିସ୍ତଲ ଏବଂ ମହାରାଜା ରଣଜିତ ସିଂଙ୍କ ଏକ ପେଣ୍ଟିଂ ସମେତ ଇସ୍‌ଲାମୀୟ ଜଗତ ଓ ଭାରତର କେତେକ ପୁରାତନ ସାମଗ୍ରୀ ବୁଧବାର ୧୦ ନିୟୁତ ପାଉଣ୍ଡରେ ନିଲାମ ହୋଇଛି। ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲ୍‌ତାନଙ୍କ ରୁପାଖଚିତ ଫ୍ଲିଣ୍ଟଲକ୍ ପିସ୍ତଲ ଜଣେ ଘରୋଇ ସଂଗ୍ରାହକଙ୍କୁ ୧.୧ ନିୟୁତ ପାଉଣ୍ଡରେ ବିକ୍ରି କରାଯାଇଛି, ଯାହା ଆକଳିତ ମୂଲ୍ୟର ୧୪ ଗୁଣ। ସେହିପରି ଊନବିଂଶ ଶତାବ୍ଦୀରେ ଶିଖ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ରଣଜିତ ସିଂଙ୍କ ପେଣ୍ଟିଂ, ଯାହାକୁ ଚିତ୍ରକର ବିଶାନ ସିଂ ପ୍ରସ୍ତୁତ କରିଥିଲେ, ୯୫୨,୫୦୦ ପାଉଣ୍ଡରେ ବିକ୍ରି ହୋଇ ରେକର୍ଡ ସୃଷ୍ଟି କରିଛି। ଉକ୍ତ ଚିତ୍ରରେ ମହାରାଜା ରଣଜିତ ସିଂ ହାତୀ ଉପରେ ବସି ଲାହୋରର ଏକ ବଜାର ଦେଇ ଯାଉଥିବା ଦେଖାଯାଇଛି। ୧୭୯୯ ମେ'ରେ ଟିପୁ ସୁଲ୍‌ତାନଙ୍କୁ ହତ୍ୟା କରାଯାଇ ତାଙ୍କ ଅସ୍ତ୍ରଶସ୍ତ୍ର ଆଦିକୁ ବ୍ରିଟିଶମାନେ ଲୁଟି ନେଇଥିଲେ। ସେରିଙ୍ଗପଟମ୍‌କୁ ଇଷ୍ଟ ଇଣ୍ଡିଆ କମ୍ପାନୀ କବ୍‌ଜା କଲାବେଳେ ଟିପୁଙ୍କ ପିସ୍ତଲ ଠାବ ହୋଇଥିଲା।



## ସ୍ପେନରେ ବିଶ୍ୱର ପ୍ରଥମ ଧଳା ଜଙ୍ଗଲୀ ବିରାଡ଼ି

**ମାଡ୍ରିଡ୍, ୩୦।୧୦**

ବିଶ୍ୱରେ ପ୍ରଥମ ଥର ପାଇଁ ଏକ ଧଳା ଜଙ୍ଗଲୀ ବିଲେଇ (ଲିବେରିଆନ ଲିଙ୍କ୍ସ)ସ୍ପେନ୍‌ର ଦକ୍ଷିଣାଞ୍ଚଳସ୍ଥିତ ଜାଏନ ପାହାଡ଼ରେ ଦେଖିବାକୁ ମିଳିଛି। ବିଲୁପ୍ତପ୍ରାୟ ଏହି ବନ୍ୟ ବିରାଡିର ଏପରି ଦୁର୍ଲଭ ରୂପ ସଂରକ୍ଷଣ ପ୍ରୟାସର ଏକ ବଡ଼ ସଫଳତା ଭାବେ ପାଳନ କରାଯାଉଛି। ସ୍ପେନୀୟ ବନ୍ୟଜନ୍ତୁ ଫଟୋଗ୍ରାଫର ଆଞ୍ଜେଲ ହିଡାଲଗୋଙ୍କ ଦ୍ୱାରା ଉତ୍ତୋଳିତ ଏକ ଭିଡିଓରେ ଏହି 'ଲିଙ୍କ୍ସ'ର ଶରୀରରେ ଏକ ଅସାମାନ୍ୟ ଧଳା, କ୍ରିମ ରଙ୍ଗର ପଟା ପଟା ଦାଗ ରହିଥିବା ଦେଖାଯାଇଛି। ତେବେ ଏହାର ତୀକ୍ଷ୍ଣ ଆଖି, କାନରେ ଥିବା କଳା ଝୁମ୍ପା ଏବଂ ମୁହଁର ସ୍ୱାଭାବିକ ଆକୃତି ଅକ୍ଷୁର୍ଣ୍ଣ ରହିଛି।



ବିଶେଷଜ୍ଞଙ୍କ ମତରେ, ଲିଙ୍କ୍ସଟି ଲ୍ୟୁସିଜିମ ନାମକ ଏକ ଦୁର୍ଲଭ ଜେନେଟିକ ସମସ୍ୟାର ଶିକାର, ଯାହା ଶରୀରର କିଛି ଅଂଶରେ ରଙ୍ଗ କ୍ଷୟ ହେବା ଯୋଗୁଁ ହୋଇଥାଏ। ତେବେ ଏହା ଆଲବିନିଜିମ ଠାରୁ ଭିନ୍ନ, କାରଣ ଲ୍ୟୁସିଜିମ ଆଖିର ସ୍ୱାଭାବିକ ରଙ୍ଗ ଏବଂ ସମଗ୍ର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ। ଏହି ଦୁର୍ଲଭ ପ୍ରାଣୀକୁ ସୁରକ୍ଷା ଦେବା ପାଇଁ ଏହାର ନିର୍ଦ୍ଦିଷ୍ଟ ଅବସ୍ଥାନକୁ ଗୋପନୀୟ ରଖାଯାଇଛି।

## ଏନ୍‌ଆର୍‌ସି ଭୟରେ ଆତ୍ମହତ୍ୟା: ଉସୁକାଇବା ନେଇ ମାମଲା

**କୋଲକାତା,୩୦।୧୦(ପି.ଟି.)**

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପ୍ରଦୀପ କର(୫୭) ଗତ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ। ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟ୍‌ରେ ମୃତ୍ୟୁ ପାଇଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଏସ୍‌ଆଇଆର୍ ଜନିତ ଭୟକୁ ଦାୟୀ କରାଯାଇଥିଲା। ଆତ୍ମହତ୍ୟା ପାଇଁ ଉସୁକାଯାଇଥିବା ନେଇ ଜିଲାର ଖାର୍ଦାହ ଥାନାରେ ମାମଲା ରୁଜୁ ହୋଇଛି। ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ନିର୍ବାଚନ କମିଶନ ଘୋଷଣା କରିବାର ଦିନକ ପରେ କରଙ୍କ ମୃତଦେହ ତାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତାଙ୍କ ପରିବାର ପକ୍ଷରୁ କେତେଜଣ ଅଜଣା ବ୍ୟକ୍ତିଙ୍କ ନାମରେ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗ ହୋଇଥିଲା। ତେବେ ସୁଇସାଇଡ୍‌ନୋଟ୍‌ର ହସ୍ତାକ୍ଷର କରଙ୍କର କି ନୁହେଁ, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଫୋରେନ୍‌ସିକ୍ ପରୀକ୍ଷା ପାଇଁ ପଠାଯାଇଛି।

## ଚାବାହର ବନ୍ଦର ପ୍ରକଳ୍ପ କଟକଣାରୁ ଭାରତ ୬ ମାସ ପାଇଁ ବାଦ୍

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ଇରାନର ଚାବାହର ବନ୍ଦର ପ୍ରକଳ୍ପରେ ଆମେରିକା ଲଗାଇଥିବା କଟକଣାରୁ ଭାରତକୁ ୬ ମାସ ପାଇଁ ବାଦ୍ ଦେଇଛି। ସେପ୍ଟେମ୍ବର ୨୯ରୁ ଏହି କଟକଣାକୁ କୋହଳ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହା ଘୋଷଣା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ନେଇ ଆଲୋଚନା ଜାରି ରହିଛି। ରୁଷିଆ ତୈଳ କମ୍ପାନୀଗୁଡ଼ିକ ଉପରେ ଆମେରିକା ନିକଟରେ ଲଗାଇଥିବା କଟକଣାକୁ ଭାରତ ଅନୁଧ୍ୟାନ କରୁଛି। ବୈଶ୍ୱିକ ବଜାରର ଗତିଶୀଳତାକୁ ଧ୍ୟାନରେ ରଖି ଭାରତ ନିଷ୍ପତ୍ତି ନେବ। ଦେଶର ଆବଶ୍ୟକ ଇନ୍ଧନ ଚାହିଦା ପୂରଣ ପାଇଁ ବିଭିନ୍ନ ଉତ୍ସରୁ ଶସ୍ତାରେ ଶକ୍ତି ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ ବୋଲି ରଣଧୀର କହିଛନ୍ତି।

## ଡେଲିଭରି ଏଜେଣ୍ଟଙ୍କୁ କାର୍ ମଡ଼ାଇ ହତ୍ୟା

**ବେଙ୍ଗାଲୁରୁ,୩୦।୧୦**

ଜଣେ ଡେଲିଭରି ଏଜେଣ୍ଟଙ୍କ ବାଇକ୍‌କୁ ପିଛାକରି କାର୍ ମଡ଼ାଇ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରୁଥିବା ଏକ ଦମ୍ପତିଙ୍କୁ ବେଙ୍ଗାଲୁରୁ ପୋଲିସ ଗିରଫ କରିଛି। ଗତ ୨୫ ତାରିଖ ରାତିରେ ଦକ୍ଷିଣ ବେଙ୍ଗାଲୁରୁର ଶ୍ରୀରାମ ମନ୍ଦିର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଡେଲିଭରି ଏଜେଣ୍ଟ ଦର୍ଶନଙ୍କର ମୃତ୍ୟୁ ଘଟିଥିବାବେଳେ ପଛ ସିଟ୍‌ରେ ବସିଥିବା ତାଙ୍କ ବନ୍ଧୁ ବରୁଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପ୍ରଥମେ ମାମଲା ଦାଏର ହୋଇଥିଲା। ତେବେ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିବା ସହ ତଦନ୍ତରୁ କାର୍ ଚାଳକ ଜାଣିଶୁଣି ବାଇକ୍‌କୁ ପିଛା କରିବା ସହ ଧକ୍କା ଦେଇଥିବା ଜଣାପଡ଼ିଥିଲା। ଡିସିପି ଲୋକେଶ ଜଗଲସୁରଙ୍କ କହିବା ଅନୁଯାୟୀ ଦର୍ଶନଙ୍କ ବାଇକ୍ ଘସିହୋଇଯିବାରୁ କାର୍ ସାଇଡ୍ ମିରର ଭାଙ୍ଗିଯାଇଥିଲା। ଏହାକୁ ନେଇ କାର୍ ଚାଳକ ଏବଂ ଦର୍ଶନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କାର୍‌ଚାଳକ ବାଇକ୍‌କୁ ପିଛା କରି ଜାଣିଶୁଣି ଧକ୍କା ଦେଇଥିଲେ। ଅଭିଯୁକ୍ତ କାର୍‌ଚାଳକ ମନୋଜ ଶର୍ମା ଜଣେ ଶିକ୍ଷକ। ଧକ୍କା ଦେବା ପରେ ସେ ଓ ତାଙ୍କ ସ୍ତ୍ରୀ ମୁହଁରେ ମାସ୍କ ପିନ୍ଧି ଘଟଣାସ୍ଥଳକୁ ଆସି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କାର୍ ପାର୍ଟ୍ସକୁ ସଂଗ୍ରହ କରିଥିଲେ। ଘଟଣା ଜଣାପଡ଼ିବା ପରେ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ମନୋଜ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରାଯିବା ସହ କୋର୍ଟରେ ହାଜର କରାଯାଇଛି।

## ଭାନ୍ସ ଚାହାନ୍ତି ସ୍ତ୍ରୀ ଉଷା ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତୁ

**ୱାଶିଂଟନ,୩୦।୧୦**

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଜଣେ ଖ୍ରୀଷ୍ଟିଆନ୍ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଉଷା ଭାନ୍ସ ହିନ୍ଦୁ। ତେବେ ସେକେଣ୍ଡ ଲେଡି ଉଷା ଦିନେ ନା ଦିନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ ବୋଲି ଆଶାବାଦୀ ଥିବା ଭାନ୍ସ କହିଛନ୍ତି। ମିସିସିପିରେ ବୁଧବାର ଆୟୋଜିତ ଟର୍ନିଂ ପଏଣ୍ଟ ୟୁଏସ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାନ୍ସ କହିଛନ୍ତି, ସ୍ତ୍ରୀ ଉଷା ମଧ୍ୟ ଦିନେ ତାଙ୍କ ଧର୍ମକୁ ଆଦରି ନେବେ ବୋଲି ସେ ଆଶାବାଦୀ ଅଛନ୍ତି। ଉଷା ପ୍ରାୟ ପ୍ରତି ରବିବାର ତାଙ୍କ ସହ ଚର୍ଚ୍ଚକୁ ଯିବେ। ଏହି ବିଷୟ ସେ ଉଷାଙ୍କୁ ପୂର୍ବରୁ କହିଥିବାବେଳେ ଏବେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରିପବ୍ଲିକାନ୍ ନେତା ଜେ.ଡି. ଭାନ୍ସ ୨୦୧୪ରେ ଉଷା ବାଲା ଚିଲୁକୁରିଙ୍କୁ ବିବାହ କରିବା ପୂର୍ବରୁ ଜଣେ ନାସ୍ତିକ ଥିଲେ। ୨୦୧୯ରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ତାଙ୍କ ପିଲାମାନେ ଖ୍ରୀଷ୍ଟିଆନ୍ ହୋଇଥିବାବେଳେ ଭାରତୀୟ ପ୍ରାଚୀନ ଗ୍ରନ୍ଥ ରାମାୟଣ ଓ ମହାଭାରତ ପ୍ରତି ଆକର୍ଷିତ। ସେମାନେ ଭାରତ ଗସ୍ତରେ ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ହିନ୍ଦୁ ଦେବଦେବୀଙ୍କ ଚିତ୍ର ଦେଖି ଅନୁପ୍ରାଣୀତ ହୋଇଥିଲେ ବୋଲି ନିକଟରେ ଉଷା ଏକ ଟିଭି ସାକ୍ଷାତ୍‌କାର ବେଳେ କହିଥିଲେ।



ଉଷାଙ୍କ ସହ ଜେଡି ଭାନ୍ସ।

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

ପ୍ରଥମ ପୃଷ୍ଠାରୁ...

## ଷ୍ଟୁଡିଓରେ ୧୭ ପିଲା...

ଧମକ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ରେସ୍କ୍ୟୁ ଅପରେଶନ୍ ଆରମ୍ଭ କରିବା ମାତ୍ରେ ରୋହିତ ଧରିଥିବା ଏକ ଏୟାରଗନ୍‌ରୁ ଗୁଳି ଚଳାଇଥିଲେ। ପୋଲିସ କର୍ମଚାରୀମାନେ ଏହାର ଜବାବରେ ପାଲଟା ଗୁଳି କରିଥିଲେ। ପୋଲିସ ଗୁଳିମାଡ଼ରେ ସେ ଆହତ ହୋଇଥିଲେ। ୨ଟା ୪୫ରେ ଅପହୃତ ପିଲାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରାଯିବା ସହ ରୋହିତଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଅପରାହ୍ନ ୫ଟା ୩୦ରେ ଡାକ୍ତର ରୋହିତଙ୍କୁ ମୃତ ଘୋଷଣା କରିଥିଲେ।

ପୁଣେ ବାସିନ୍ଦା ରୋହିତ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଯୋଜନା 'ମୋ ସ୍କୁଲ, ସୁନ୍ଦର ସ୍କୁଲ' ଅଧୀନରେ କାର୍ଯ୍ୟ କରିଥିଲେ। ପିସିଏଲ୍ ସାନିଟେଶନ୍ ମନିଟର ପ୍ରକଳ୍ପରେ କରିଥିବା କାର୍ଯ୍ୟ ପାଇଁ ତାଙ୍କୁ ଅର୍ଥ ପଇଠ କରାଯାଇ ନ ଥିବା ସେ ଅଭିଯୋଗ ଆଣିଥିଲେ। ଏହି ସାନିଟେଶନ୍ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ୨୦୨୪ ଜାନୁଆରୀରେ ମହାରାଷ୍ଟ୍ରର ତତ୍କାଳୀନ ଶିକ୍ଷାମନ୍ତ୍ରୀ ଦୀପକ କେସର୍କାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଅର୍ଥ ମିଳି ନ ଥିବା ଦର୍ଶାଇ ରୋହିତ ସେହିବର୍ଷ ୨ ଥର ଅନଶନ କରିଥିଲେ। ଇତିମଧ୍ୟରେ ଯୁଗ୍ମ ପୋଲିସ କମିଶନର (ଆଇନଶୃଙ୍ଖଳା) ସତ୍ୟନାରାୟଣ କହିଛନ୍ତି, ସବୁ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରି ସେମାନଙ୍କ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଏହାସହ ଜଣେ ବରିଷ୍ଠ ନାଗରିକ ଓ ଅନ୍ୟ ଜଣଙ୍କୁ ମଧ୍ୟ ମୁକ୍ତ କରାଯାଇଛି। ରୋହିତ ଜଣେ ମାନସିକ ରୋଗୀ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ନିକଟରୁ ଏୟାରଗନ୍ ଓ କିଛି ରାସାୟନିକ ପଦାର୍ଥ ଜବତ କରାଯାଇଛି। ଏହା ଏକ ଆହ୍ୱାନପୂର୍ଣ୍ଣ ଅପରେଶନ୍ ଥିଲା। ଅଧିକ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଦାଦନ: ସମସ୍ୟା ନୁହେଁ...

ଓଡ଼ିଶାରେ ମୁଣ୍ଡଟେକି ଆଜି ଏକ ବଡ ଦ୍ରୁମରେ ପରିଣତ ହୋଇଛି। ତେଣୁ ଆଉ ଆଶା ନାହିଁ, ନିଜ ଭାଗ୍ୟକୁ ଆଦରି ଆମେ ସେମିତି ଚାଲିବୁ ବୋଲି ଶବର କହିଛନ୍ତି।

କୋମନା ବ୍ଲକର କୁରୁମପୁରୀରେ ମଧ୍ୟ ସେହି ସମାନ ଅବସ୍ଥା। ଗ୍ରାମର ପ୍ରତି ୱାର୍ଡରୁ ପ୍ରାୟ ୪୦ରୁ ୫୦ ଜଣ ଲେଖାଏ ଦାଦନ ଯାଉଛନ୍ତି। ନିଜ ଅଞ୍ଚଳରେ କାମ ମିଳୁ ନ ଥିବାରୁ ବାହାର ରାଜ୍ୟକୁ ଦାଦନ ଯାଉଥିବା ସେଠାକାର କେତେଜଣ ବ୍ୟକ୍ତି ପ୍ରକାଶ କରିଛନ୍ତି। ସେହିପରି ମାନିଗୋଡ଼ ପଞ୍ଚାୟତର ଗନିଆରୀ ଗ୍ରାମର ରାକେଶ ଅହିର କହନ୍ତି, ଆମ ଅଞ୍ଚଳରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସେମାନେ ଧାନଚାଷ ସହିତ କପା ଓ ମକାଚାଷ ମଧ୍ୟ କରିଥାନ୍ତି। ମାତ୍ର ଅଧିକାଂଶ ନାମମାତ୍ର ଚାଷୀ ହୋଇଥିବାରୁ ଅଭାବ ଲାଗି ରହିଥାଏ। ଘରର ଆର୍ଥିକ ସମସ୍ୟାର ସୁଧାର ଆଣିବାକୁ ଘର ଛାଡ଼ି ଦାଦନ ଯିବାକୁ ବାଧ ହେଉଥିବା କହିଛନ୍ତି। ସେହିପରି ପଲସିପାଣି ପଞ୍ଚାୟତର ବାଞ୍ଜିବାହାଲ ଗ୍ରାମର ଗୌରାଙ୍ଗ ଖରସେଲ କହିଛନ୍ତି, ସେମାନଙ୍କ ଅଞ୍ଚଳର ପିଲାମାନେ ପରିବାର ପ୍ରତିପୋଷଣ ପାଇଁ ମାଟ୍ରିକ କିମ୍ବା ଯୁକ୍ତ୨ ପାଠପଢ଼ା ପରେ ଦାଦନ ଯିବାକୁ ବାଧ ହେଉଛନ୍ତି। କୋନାବିରା ପଞ୍ଚାୟତ ପାଣ୍ଡେଲାହାଲି ଗ୍ରାମର ଡିଲେଶ ପଟେଲ ଓ ବହଲମୁଣ୍ଡା ଗ୍ରାମର ପ୍ରିତେଶ ହୋତା ନାମକ ଯୁକ୍ତ୨ ଛାତ୍ର ଆମ ସହିତ କଥାହେବାବେଳେ ପିଲାମାନେ ଦାଦନ ଯାଇ ସେଠାରେ ରୋଜଗାର କରି ନିଶା ଅଭ୍ୟାସ ମଧ୍ୟ କରିଦେଉଥିବା କହିଛନ୍ତି। ଫଳରେ ସେମାନେ ଘରକୁ ଆସିଲେ ଅଞ୍ଚଳରେ ଅନେକ ସମୟରେ ଚୋରି, ଡକାୟତି ଭଳି ଅସାମାଜିକ କାମରେ ମଧ୍ୟ ଲିପ୍ତ ରହୁଛନ୍ତି। ଏଭଳିସ୍ଥଳେ ଦାଦନ ସମସ୍ୟା ସମାଧାନ ପାଇଁ କେହି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁଃଖଦ ବୋଲି ସେମାନେ କହିଛନ୍ତି।

କିଛିଦିନ ତଳେ ଜିଲାରୁ ଦାଦନ ଶ୍ରମିକ ସଂଖ୍ୟା ଦେବାଲାଗି ସ୍ଥାନୀୟ ପ୍ରଶାସନର କେତେଜଣ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ହେଲେ ସେହି ଅଧିକାରୀମାନେ ନିର୍ବାଚନରେ ବ୍ୟସ୍ତ ଅଛନ୍ତି, ସନ୍ଧ୍ୟାରେ ତଥ୍ୟ ଦେବେ ବୋଲି କହିଥିଲେ। ପୁଣିଥରେ ସନ୍ଧ୍ୟାରେ ଉକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରାଯିବା ପରେ ସେମାନେ ଏଭଳି ବ୍ୟସ୍ତ ଥିବାର ନାଟକ ରଚିଥିଲେ ଯେ, ସେଥିରୁ ତଥ୍ୟ ନ ଦେବାକୁ ସେମାନେ ଚାହୁଁଥିବା ବୁଝାପଡୁଥିଲା। ଅନେକ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଭୁଲ ଦିଆଯାଉଥିବା ବିଷୟ ଏବେ ଆମେ ତୃଣମୂଳ ସ୍ତରକୁ ଯିବାପରେ ଅନୁଭବ କରିପାରୁଛୁ। ବୁଧବାର ଦ୍ୱିପ୍ରହର ସମୟରେ କଂଗ୍ରେସ ଦାଦନ ସମସ୍ୟା ନେଇ ଏକ ଖବରଦାତା ସମ୍ମିଳନୀ କରିଥିଲା। ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ବଢୁଥିବା କହି ବର୍ତ୍ତମାନ ସରକାର ଉପରକୁ ଅଙ୍ଗୁଳି ଉଠାଇଥିଲା। ହେଲେ ଉକ୍ତ ଖବରଦାତା ସମ୍ମିଳନୀରୁ ଏହା ବୁଝାପଡ଼ି ନ ଥିଲା ଯେ, ନୂଆପଡା ଉପନିର୍ବାଚନରେ ଯଦି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ବିଜୟୀ ହୁଅନ୍ତି, ତେବେ ଦାଦନ ସମସ୍ୟା କିପରି ଦୂର ହୋଇପାରିବ। ରାଜନୀତି ସହ ସଂଶ୍ଳିଷ୍ଟ ଥିବା କୋମନା ବ୍ଲକର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଏବେ ଏଠାରେ ପହଞ୍ଚି ସାରିଛନ୍ତି। ଆଗକୁ ୯ ତାରିଖ ଯାଏ ସେମାନେ ଡେରା ପକାଇ ରହିବେ। ଦେଖିବାର ଅଛି ଦାଦନ ସମସ୍ୟା ଦୂର କରିବା ନେଇ ସେମାନଙ୍କ ଆନ୍ତରିକତା କେତେ ରହିଛି।

ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ଏବଂ ଏହାର ପ୍ରତିକାର ନେଇ ଜିଲା ପ୍ରଶାସନ ପକ୍ଷରୁ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଜଣେ ହେଲେ ଦାଦନ ଶ୍ରମିକଙ୍କ ପଞ୍ଜୀକରଣ ହୋଇନାହିଁ। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ୯୨ ଜଣ ଦାଦନ ସର୍ଦ୍ଦାର ପଞ୍ଜୀକରଣ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଓ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଦନ ପଞ୍ଜୀକରଣର ବ୍ୟବସ୍ଥା ହୋଇଛି। ହେଲେ ଏଠାରେ ଶିକ୍ଷାର ଅଭାବରୁ ଶ୍ରମିକମାନେ ପଞ୍ଜୀକରଣ କରିପାରୁନାହାନ୍ତି ବୋଲି ସାହୁ କହିଛନ୍ତି। ଅର୍ଥାତ୍ ଜିଲା ଶ୍ରମ ଅଧିକାରୀଙ୍କ ଗୋଟିଏ କଥା ସ୍ପଷ୍ଟ କରୁଛି, ଦାଦନ ଖଟିବାକୁ ଯାଉଥିବା ବହୁ ଶ୍ରମିକ ପଞ୍ଜୀକରଣ କରିପାରୁ ନ ଥିବା ଜିଲା ପ୍ରଶାସନକୁ ଜଣାଅଛି। ହେଲେ ସେମାନେ କିପରି ପଞ୍ଜୀକରଣ କରିବେ ସେକଥା କୁହା ନ ଯାଇ, ଜାଣିଶୁଣି ଦାଦନ ଶ୍ରମିକଙ୍କ ତଥ୍ୟ ରଖାଯାଉ ନାହିଁ।

## ୧ରୁ ତହସିଲରେ...

ତେବେ ନଭେମ୍ବର ପହିଲାରୁ ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଜମି କିଣାବିକା ଆରମ୍ଭ ହେବାକୁ ରହିଛି। ଏହାପରେ ବାକି ୨୭୩ ତହସିଲ ସହିତ ଡିସେମ୍ବର ସୁଦ୍ଧା ସମସ୍ତ ତହସିଲରେ ଏହି ସେବା ଆରମ୍ଭ ହେବ। ଏନେଇ ଖୁବଶୀଘ୍ର ବିଭାଗ ପକ୍ଷରୁ ସବୁ ତହସିଲକୁ ନିର୍ଦ୍ଦେଶନାମା ଜାରି ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

# Classified Everyday

**0674-2580101, 9692975378**



### REAL ESTATE

**SALE**

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364





Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





Newly open Jyoti spa positively health benefits (Expert therapist). 8458067955. D-76942

Full body massage by odia therapist in homely atmosphere. 9078618337. D-2417

### LOST

By virtue of an affidavit sworn before the Executive Magistrate, Kharirar, I, Debasish Chinmaya Nag, S/o.- Jyoti Charan Nag, Resident of At- Ward No.-01, Missionpada, P.O.-Khariar, Dist.- Nuapada, PIN- 766107, Odisha state that I have lost my Bachelor of Pharmacy Certificate, Pharmacy licence, 10th Board Certificate, +2 Marksheet with other relevant Certificates theft during travelling in train. D-2432

Vivek Patra, BPUT Regd. No.- 1221211047 of OEC, has been lost B.Tech degree certificate. If anybody found please call me 8658725282. D-2431

### AFFIDAVIT

By virtue of an affidavit sworn before the Executive Magistrate, Kuchinda, date- 19.09.24, I, Bhikshu Damodar Patel, R/o. Village/P.O.-Salebhadi, P.S.-Mahulpali, Dist.-Sambalpur declare that in S.B.I, Jarda Branch Savings account my name has been mentioned as Bhikhuram Patel. Now I want to change my name from Bhikhuram Patel to Bhikshu Damodar Patel for my all purposes.
Bhikshu Damodar Patel D-2423

I, S Pravalika, D/o.- Sirigudi Balaji, Residing At- Beherensilet, P.O.- Chatuanka, P.S.- Kantabanji, Dist.- Balangir, Odisha have changed my name to Sirigudi Pravalika vide affidavit dated- 27.10.2025 at Kantabanji. D-2426

By virtue of an affidavit sworn before Executive Magistrate of Athagarh dated 30.10.2025, I, Ajaya Kumar Patra. At/P.O.- Megha, P.S.- Athagarh, Dist.- Cuttack declare that I have changed the name of my daughter from Sai Ayusurya Priyadarshini Patra to Sai Aisurya Priyadarshini. Henceforth, She shall be known as Sai Aisurya Priyadarshini for all purposes.
Ajaya kumar patra
Applicant D-2424

By virtue of an affidavit sworn before Executive Magistrate, Erasama, dated- 16.10.2025, I, Sobharani Dei (old name) wife of Raghunath swain, Permanent Resident At- Srichandanpur, Post- Pokhariapada, P.S.- Erasama, Dist.- Jagatsinghpur, PIN- 754138 I have changed my surname DEI to SWAIN. I shall be known as Sobharani Swain for all future proposes. D-2427

By virtue of an affidavit sworn before Notary Public, Jatani, vide No -2877, dated- 15.10.2025, I, Sheetal Agrawalla, W/o.- Rahul Kumar Agrawalla, Address At- Ramchandrapur Bazar, P.O./P.S.- Jatani, Dist.- Khordha, PIN- 752050, Odisha declare that I have changed my name from Sheetal Kedia to Sheetal Agrawalla. Now onwards I shall be known as Sheetal Agrawalla for all future purposes. D-2428

ମୁଁ ସମୀର ରଂଜନ ପାଢ଼ୀ, ବୟସ- ୪୪ ବର୍ଷ, ସା- ଖଣ୍ଡିଆବନ୍ଧ, ପୋଷ୍ଟ- ଗୋପୀନାଥପୁର, ପୁରୀ, ଏତଦ୍ୱାରା ସର୍ବସାଧାରଣରେ ସତ୍ୟପାଠ କରି ଜଣାଉଅଛି କି ମୋତେ ଜନ୍ମରୁ ଲାଳନ ପାଳନ କରିଥିଲେ ମୋର ପାଳିତ ବାପା ସହଦେବ ସାମର୍ଥା କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋର ନାମରେ କୌଣସି ପୁଅପତ୍ର ଦଲିଲ କିମ୍ବା ଜମିଜମା ସମ୍ବନ୍ଧୀୟ ସରକାରୀ ପ୍ରମାଣପତ୍ର କରିନାହାନ୍ତି। ତେଣୁ କୋର୍ଟ ସତ୍ୟପାଠ ମୁତାବକ ଆଜିଠାରୁ ମୋର ନାମ ସମୀର ରଂଜନ ସାମର୍ଥା ପରିବର୍ତ୍ତେ ସମୀର ରଂଜନ ପାଢ଼ୀ ଏବଂ ପିତାଙ୍କ ନାମ ସହଦେବ ସାମର୍ଥା ପରିବର୍ତ୍ତେ ନକୁଳ ପାଢ଼ୀ ରହିବା ପାଇଁ ସତ୍ୟପାଠ ମାଧ୍ୟମରେ ଜଣାଉଛି। ଧ-୨୪୩୦

By virtue of an affidavit sworn before the Notary, Birmaharajpur, date- 30.10.25, I, Bikash Mishra, R/o. Village- Nuapada, P.O./P.S.- Subalaya, Dist.- Subarnapur declare that I have changed the name of my daughter from Mamisha Mishra to Manisha Mishra. Henceforth, she shall be known as Manisha Mishra for all purposes.
Bikash Mishra D-2425

Affidavit before Executive Magistrate, Khallikote, No.- A/3785, 24.10.2025, I, Trilochan Pradhan (Old name), S/o.- Chaitanya Pradhan, Vill./P.O.- Langaleswar, P.S.- Khallikote, Ganjam I change my name Trilochan Pradhan to Trilochana Pradhan. Henceforth, I shall be known as Trilochana Pradhan for all future purpose. D-2429

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

**୨୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ- ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆପଣଙ୍କର ପିଲାମାନେ
ଧ-୨୩୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ତଟିନୀ ଦାସ**
(ପୂର୍ବତନ ଅଧକ୍ଷା ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ), ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୫୬
ତିରୋଧାନ : ୧୧.୧୧.୨୦୨୪
ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଧ-୨୪୩୩



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**
ଠିକଣା - ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ଅଁଳା ନବମୀ (୨୦୨୫)
ତୁମେ ଆଜି ନାହଁ, ହେଲେ ତୁମ ସ୍ମୃତି ଆମ ପାଖରେ ସଦା ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ୍ୟ ରହିଥିବ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୨୪୩୪

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**ଏକାଦଶାହ ଉପଲକ୍ଷେ**



**୰ ରାଜ୍ୟଶ୍ରୀ ମିଶ୍ର**
ମୂଳବାସିନ୍ଦା - କୁଣ୍ଡେଇ ବେଣ୍ଟ ସାହି, ପୁରୀ
ବର୍ତ୍ତମାନ ଅବସ୍ଥାନ - ବିବେକାନନ୍ଦ ବିହାର, ବିବେକାନନ୍ଦ ମାର୍ଗ
ତୁମର ଆନ୍ତରିକ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ସମସ୍ତଙ୍କୁ ବିହ୍ୱଳ କରିଛି। ଏହି ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ
ଧ-୨୪୩୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**



**୰ ମହେଶ୍ୱର ମିଶ୍ର**
୧୨୧, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ - ୦୩.୦୧.୧୯୩୩
ତିରୋଧାନ - ୨୪.୧୧.୨୦୨୦
କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୨୪୩୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପିନାଥ ପଣ୍ଡା**
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର
ତିରୋଧାନ : କାର୍ତ୍ତିକ ବଡ଼ଦଶମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ପିଲାମାନେ।
ଧ-୨୪୩୭

# ରନିଂ ଟ୍ରାକ୍‌ରୁ ସଫଳ ଭାରୋତ୍ତୋଳିକା



ପ୍ରୀତିସ୍ମିତା ଭୋଇ

ଓଡ଼ିଶାର ଅନେକ କ୍ରୀଡ଼ା ପ୍ରତିଭା ଏବେ ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିବାରେ ଲାଗିଛନ୍ତି। କଠିନ ପରିଶ୍ରମ ଏବଂ ନିଷ୍ଠା ସହ ନିରନ୍ତର ଅଭ୍ୟାସ କରୁଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶର ନାମ ଉଜ୍ଜ୍ୱଳ କରୁଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଲେ ପ୍ରୀତିସ୍ମିତା ଭୋଇ। ରନିଂ ଟ୍ରାକ୍‌ରୁ ଖେଳ ଜୀବନ ଆରମ୍ଭ କରି କ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିବା ପ୍ରୀତିସ୍ମିତା ଏସିଆନ ୟୁଥ୍ ଗେମ୍ସରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଯେ କେବଳ ନିଜ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତା' ନୁହେଁ ନୂଆ ଏସୀୟ ଓ ବିଶ୍ୱ ରେକର୍ଡ ମଧ୍ୟ ସୃଷ୍ଟି କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...

–ତପନ କୁମାର ସ୍ୱାଇଁ

### ରେକର୍ଡ ବୁକ୍‌ରେ ଭାରୋତ୍ତୋଳନ ପ୍ରତିଭା

ନିକଟରେ ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ନୂଆ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ରାଜ୍ୟରେ ନୁହେଁ ଦେଶ ଏବଂ ବିଦେଶରେ ଏବେ ଚର୍ଚ୍ଚାରେ ରହିଥିବା ପ୍ରୀତିସ୍ମିତାଙ୍କ ଖେଳ ଜୀବନ ରନିଂ ଟ୍ରାକ୍‌ରୁ ଆରମ୍ଭ ହୋଇଥିଲା ବୋଲି ହୁଏତ ଅନେକେ ଜାଣି ନ ଥିବେ। ସ୍କୁଲରେ ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗ ନେଉଥିବା ଏହି କ୍ରୀଡ଼ା ପ୍ରତିଭା ପରେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ପରାମର୍ଶକ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିବାପରି ସେ ଛୋଟ ବେଳରୁ ସଫଳତାର ଶୀଢ଼ି ଚଢ଼ି ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି। ଏପରିକି ତାଙ୍କୁ ଏବେ ଭାରତର ପରବର୍ତ୍ତୀ ମୀରାବାଈ ଚାନୁ ରୂପରେ ମଧ୍ୟ ଦେଖିବାକୁ ଆରମ୍ଭ କରିଛନ୍ତି ଭାରତର ଭାରୋତ୍ତୋଳନ ବିଶେଷଜ୍ଞ। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ୧୬ ବର୍ଷୀୟା ପ୍ରୀତିସ୍ମିତା ଅକ୍ଟୋବର ୨୬ ତାରିଖରେ ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ୪୪ କେଜି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ହେଉଛି ଏସୀୟ ଓ ୱାର୍ଲ୍ଡ ୟୁଥ୍ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପ୍ରୀତିସ୍ମିତା ନିଜ ନାମରେ ଥିବା ବିଶ୍ୱ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ଯେଉଁଦିନ ଅନ୍ୟ ଭାରତୀୟ ଭାରୋତ୍ତୋଳକମାନେ ଖରାପ ପ୍ରଦର୍ଶନ କରି ପ୍ରଭାବହୀନ ରହିଥିଲେ ସେହିଦିନ ଏହି ଟିନ୍‌ଏଜ୍ ଆଥ୍‌ଲେଟ ଚମକ ଦେଖାଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମ ଉଦ୍ୟମରେ ୮୭ କେଜି ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଲିଫ୍ଟରେ ୯୦ ଏବଂ ଶେଷରେ ସେ ୯୨ କେଜି ଉତ୍ତୋଳନ କରି ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ। ସ୍ନାଚ୍‌ରେ ସେ ପ୍ରଥମ ଉଦ୍ୟମରେ ୬୬ କେଜି ଉତ୍ତୋଳନ କରିଥିବାବେଳେ ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ଯଥାକ୍ରମେ ୬୮ ଓ ୬୯ କେଜି ଉଠାଇବାରେ ବିଫଳ ହୋଇଥିଲେ। ମାତ୍ର ଏହା ତାଙ୍କୁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ କରିପାରି ନ ଥିଲା।

### ଅନ୍ତର୍ଜାତୀୟ ପଦାର୍ପଣରେ ସଫଳତା

୨୦୦୮ ନଭେମ୍ବର ୧୪ରେ ଢେଙ୍କାନାଳରେ ଜନ୍ମିତ ପ୍ରୀତିସ୍ମିତାଙ୍କ ମା'ଙ୍କ ନାମ ଯମୁନା ଓ ବାପା ସ୍ୱର୍ଗତ ମହେନ୍ଦ୍ର ଭୋଇ। ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରର ଢେଙ୍କାନାଳରେ ଥିବା ଉପକେନ୍ଦ୍ରରେ କୋଚ୍ ଗୋପାଳ ଦାସଙ୍କଠାରୁ ପ୍ରୀତିସ୍ମିତା ପ୍ରଶିକ୍ଷଣପ୍ରାପ୍ତ। ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ପ୍ରୀତିସ୍ମିତାଙ୍କ ପାଇଁ ଏହା ନୂଆ ନୁହେଁ। ଛୋଟବେଳରୁ ବାପାଙ୍କୁ ହରାଇଥିବା ଏହି ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ସଫଳତା ପାଇବାପରେ ୨୦୨୪ରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ନିଜ ଅନ୍ତର୍ଜାତୀୟ ପଦାର୍ପଣରୁ ହିଁ ସେ ଚମକ ଦେଖାଇ କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିଥିଲେ। ଲିମାଠାରେ ସେ ମହିଳା ୪୦ କେଜି ବର୍ଗରେ ମୋଟ ୧୩୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଉତ୍ତୋଳନ କରି ନୂଆ ୟୁଥ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଥିଲେ। ୨୦୨୪ ଡିସେମ୍ବରରେ ସେ କାତାରର ଦୋହାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଓଭରଅଲ୍ ୫ମ ସ୍ଥାନରେ ରହିଥିଲେ ହେଁ କ୍ଲିନ୍ ଆଣ୍ଡ ଜର୍କରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୨୫ରେ ସଫଳତାର ଶୀର୍ଷରେ ରହିଛନ୍ତି ପ୍ରୀତିସ୍ମିତା। ଅଗଷ୍ଟରେ ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୟୁଥ୍ ମହିଳା ୪୪ କେଜି ବର୍ଗରେ ସେ ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କର ୮୭ ଓ ମୋଟ୍ ୧୫୦ କେଜି ଉତ୍ତୋଳନ କରି ୩ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ଏସିଆନ ୟୁଥ୍ ଗେମ୍ସରେ ସେ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

### ପୁରସ୍କାର/ସମ୍ମାନ

ପରିଶ୍ରମ କେବେ ବ୍ୟର୍ଥ ଯାଏନି। ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶ ବିଦେଶରେ ସୁନା, ରୁପା ପଦକ ସାଉଁଟୁଥିବା ପ୍ରୀତିସ୍ମିତାଙ୍କୁ ୨୦୨୪ରେ ମିଳିଥିଲା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୪ ଡିସେମ୍ବର ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଥିଲେ। ସେହିପରି ୨୦୨୪ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳିଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଭାରତର ପ୍ରମୁଖ ଫେରୋ ଆଲଏଜ କମ୍ପାନୀ ଇମ୍ଫାଦ୍ୱାରା ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ତାଙ୍କୁ ଆଗାମୀ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଅନ୍ୟତମ ଉପ ବିଜେତାଭାବେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ 'ୱେଟ୍‌ଲିଫ୍ଟିଂ ୱାରିୟର୍ସ' ଅନୁଷ୍ଠାନରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ବଡ଼ ସଫଳତା ହାସଲ କରିଥିବାରୁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ସହ ପ୍ରୀତିସ୍ମିତା ଭୋଇ

## ପ୍ରୀତିସ୍ମିତାଙ୍କ ସଫଳତା ପଛରେ ଗୋପାଳକୃଷ୍ଣ

ଭାରୋତ୍ତୋଳନରେ ପ୍ରୀତିସ୍ମିତାଙ୍କ ପ୍ରଥମ ଗୁରୁ ହେଉଛନ୍ତି ଗୋପାଳ କୃଷ୍ଣ ଦାସ। ୨୦୧୩-୧୪ରେ ଢେଙ୍କାନାଳରେ ଏକ ଜିମ୍ନାସିୟମରେ ପିଲାମାନଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଥିବା ଗୋପାଳ କୃଷ୍ଣ ୨୦୧୯ରୁ ପ୍ରୀତିସ୍ମିତାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପ୍ରୀତିସ୍ମିତାଙ୍କ ସହ ଗୋପାଳକୃଷ୍ଣଙ୍କ ପରିଚୟ ମଧ୍ୟ ଏକ ସଂଯୋଗ ଏବଂ ବିଧିନିର୍ଦ୍ଦିଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଢେଙ୍କାନାଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଥରେ ଅତିଥିଭାବେ ଯୋଗ ଦେଇଥିଲେ ଗୋପାଳକୃଷ୍ଣ। ସେତେବେଳେ ୭ମ ଶ୍ରେଣୀରେ ପଢୁଥିବା ପ୍ରୀତିସ୍ମିତା ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗନେଇ ପାରଦର୍ଶିତା ଦେଖାଇଥିଲେ। ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳକୃଷ୍ଣ। ସେ ପ୍ରୀତିସ୍ମିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ପ୍ରୀତିସ୍ମିତାଙ୍କ ମା' ରାଜି ହୋଇ ନ ଥିଲେ ମଧ୍ୟ ପରେ ବୁଝିଥିଲେ ଏବଂ ଝିଅକୁ ଛାଡ଼ିବାକୁ ରାଜି ହୋଇଥିଲେ। ପ୍ରଥମଥରପାଇଁ ଜଣେ ବାଳିକାଙ୍କୁ ଭାରୋତ୍ତୋଳନ ପ୍ରଶିକ୍ଷଣ ଦେବାର ସୁଯୋଗ ଆସିଥିବାରୁ ଗୋପାଳକୃଷ୍ଣ ମଧ୍ୟ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲେ। ଭାରୋତ୍ତୋଳନ ପାଇଁ ପ୍ରୀତିସ୍ମିତାଙ୍କ ନିକଟରେ ଶାରୀରିକ ଦକ୍ଷତା ନ ଥିବାରୁ ଗୋପାଳ କୃଷ୍ଣଙ୍କୁ ଯୋଜନାବଦ୍ଧ ଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡ଼ିଥିଲା। ଖାଦ୍ୟପେୟଠାରୁ ଆରମ୍ଭ କରି ଟ୍ରେନିଂ ଆଦି ସମସ୍ତ ଦାୟିତ୍ୱ ସେ ପ୍ରତ୍ୟକ୍ଷଭାବେ ବୁଝିଥିଲେ। ଦୃଢ଼ ମନୋବଳ ଏବଂ ଶୃଙ୍ଖଳା ଜ୍ଞାନ ଯୋଗୁ ପ୍ରୀତିସ୍ମିତା ଗୁରୁଙ୍କ ନିର୍ଦ୍ଦେଶରେ ଧିରେଧିରେ ଭାରୋତ୍ତୋଳନରେ ଦୃଢ଼ ହେଲେ ଏବଂ ସଫଳତା ପାଇବାକୁ ଲାଗିଲେ। ୨୦୨୨ରେ ଢେଙ୍କାନାଳ ଏଚ୍‌ପିସି ସବ୍‌ସେଣ୍ଟର ହେବାପରେ ପ୍ରୀତିସ୍ମିତା ସେଠାରେ ଉଚ୍ଚସ୍ତରର ଟ୍ରେନିଂ ନେବା ସହ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଗୋପାଳକୃଷ୍ଣଙ୍କ କହିବା ଅନୁସାରେ ପ୍ରୀତିସ୍ମିତା ସ୍ନାଚ୍ ଉତ୍ତୋଳନରେ ଟିକେ ଦୁର୍ବଳ ଅଛନ୍ତି। ସେ ଏବେ ଉତ୍ତର ପ୍ରଦେଶର ମୋଦିନଗରେ ପ୍ରତିଷ୍ଠିତ କୋଚ୍ ବିଜୟ ଶର୍ମାଙ୍କଠାରୁ ଟ୍ରେନିଂ ନେଉଛନ୍ତି। ପ୍ରୀତିସ୍ମିତାଙ୍କୁ ବିଜୟ ଶର୍ମା ଭାରତର ଭବିଷ୍ୟତ ମୀରାବାଈ ଚାନୁ ରୂପରେ ଦେଖୁଛନ୍ତି। ତେଣୁ ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ଗୋପାଳକୃଷ୍ଣ ପ୍ରକାଶ କରିଛନ୍ତି।

# ଆଇସଲାଣ୍ଡରୁ କେପ୍ ଭର୍ଡେ

ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ ଆଗାମୀ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଲୋକସଂଖ୍ୟା ଦୃଷ୍ଟିରୁ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆଇସ୍‌ଲାଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି...

–ବିଜୟ ରଣା

**ଫୁଟବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ୫ କ୍ଷୁଦ୍ର ଦେଶ**

ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଇତିହାସରେ ଏଥର ପ୍ରଥମଥର ପାଇଁ ୩ଟି ଦେଶ ଆମେରିକା, କାନାଡା ଓ ମେକ୍ସିକୋ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବେ। ମ୍ୟାଚଗୁଡ଼ିକ ୧୬ଟି ସହରରେ ଖେଳାଯିବ। ଆଗାମୀ ସଂସ୍କରଣରେ ପ୍ରଥମଥର ପାଇଁ ୪୮ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ୩୨ ଦଳକୁ ନେଇ ପ୍ରତିଯୋଗିତା ହେଉଥିଲା। ଲୋକସଂଖ୍ୟା ଦୃଷ୍ଟିରୁ ଅନେକ କ୍ଷୁଦ୍ରତମ ଦେଶ ପୂର୍ବରୁ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ନଜିର ରହିଛି। ଏଥର ଏଥିରେ ଯୋଡ଼ି ହୋଇଛି ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ। ଇସ୍ୱାଟିନିକୁ ୩-୦ ଗୋଲ୍‌ରେ ପରାସ୍ତ କରିବା ପରେ କେପ୍ ଭର୍ଡେ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଲୋକସଂଖ୍ୟା ଦୃଷ୍ଟିରୁ ଏହାର ଜନସଂଖ୍ୟା ଆମେରିକାର ଭର୍ମଣ୍ଟ ନାମକ ଏକ ପ୍ରଦେଶର ଲୋକସଂଖ୍ୟାଠାରୁ କମ୍। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

**ଆଇସ୍‌ଲାଣ୍ଡ:** ବିଶ୍ୱକପ୍ ଖେଳିବାରେ ଏହା ହେଉଛି ବିଶ୍ୱର ସବୁଠାରୁ କ୍ଷୁଦ୍ର ଦେଶ। ୨୦୧୮ରେ ରୁଷିଆରେ ଏହି ଟୁର୍ନାମେଣ୍ଟ ପାଇଁ ଆଇସ୍‌ଲାଣ୍ଡ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଏହାର ମୋଟ ଜନସଂଖ୍ୟା ୩,୫୦,୦୦୦ ଥିଲା। ଏହାର ଦୁଇବର୍ଷ ପୂର୍ବରୁ ଦଳ ଇଂଲଣ୍ଡକୁ ପରାସ୍ତକରି ୨୦୧୬ ୟୁରୋପିଆନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲା। ରୁଷିଆରେ ଏହି ଦଳ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ଡ୍ର ରଖିବାରେ ସକ୍ଷମ ହୋଇଥିଲା, କିନ୍ତୁ କ୍ରୋଏସିଆ ଓ ନାଇଜେରିଆ ନିକଟରୁ ହାରି ଏହାର ବିଶ୍ୱକପ୍ ଗ୍ରୁପ୍‌ରେ ଶେଷ ସ୍ଥାନରେ ରହିଥିଲା।

**କେପ୍ ଭର୍ଡେ:** ଏହି ଦ୍ୱୀପ ରାଷ୍ଟ୍ର ପଶ୍ଚିମ ଆଫ୍ରିକା ଉପକୂଳରେ ଅବସ୍ଥିତ। ଏହାର ଲୋକସଂଖ୍ୟା ପ୍ରାୟ ୫,୨୫,୦୦୦ ଏବଂ ଫିଫା ପୁରୁଷ ବିଶ୍ୱ ର୍ୟାଙ୍କିଙ୍ଗରେ ଏହି ଦେଶ ୭୦ତମ ସ୍ଥାନରେ ରହିଛି। ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ କାମେରୁନ୍‌କୁ ପଛରେ ପକାଇ ଏହି ଦେଶ ଆଫ୍ରିକାନ କ୍ୱାଲିଫାଇଂ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୫୦ ବର୍ଷ ପୂର୍ବେ ପର୍ତ୍ତୁଗାଲଠାରୁ ସ୍ୱାଧୀନତା ଲାଭ କରିଥିବା ଏହି ଦେଶ ୪ଥର ଆଫ୍ରିକା କପ୍ ଅଫ୍ ନେଶନ୍ସ ଖେଳିଛି ଏବଂ ୨୦୧୩ ଓ ୨୦୨୩ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇପାରିଛି। ଆସନ୍ତାବର୍ଷ ଆମେରିକା, ମେକ୍ସିକୋ ଓ କାନାଡାରେ ଖେଳାଯିବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଦେଶଗୁଡ଼ିକ ମଧ୍ୟରେ ଏହି ଦେଶ ସବୁଠାରୁ କ୍ଷୁଦ୍ରତମ।

**ପାରାଗୁଏ:** ଦକ୍ଷିଣ ଆମେରିକା ଅନ୍ତର୍ଗତ ଏହି ଦେଶ ୧୯୩୦ ଉଦ୍‌ଘାଟନୀ ବିଶ୍ୱକପ୍ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧ ନିୟୁତରୁ ସାମାନ୍ୟ କମ୍ ଥିଲା। ଏଠାରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଥିଲେ ମଧ୍ୟ ଆମେରିକା ନିକଟରୁ ପରାଜିତ ହେବାପରେ ପାରାଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ପାରାଗୁଏ ୯ମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି। ଦକ୍ଷିଣ ଆମେରିକାର ଯେଉଁ ୬ଟି ଦେଶ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ପାରାଗୁଏ ହେଉଛି ଅନ୍ୟତମ।

**ତ୍ରିନିଦାଦ୍ ଆଣ୍ଡ ଟୋବାଗୋ:** କାରିବିୟନ ଦେଶ ତ୍ରିନିଦାଦ୍ ଓ ଟୋବାଗୋ ଏକ ଇଣ୍ଟରନ୍ୟାଶନାଲ ପ୍ଲେ-ଅଫ୍ ଜିତି ପ୍ରଥମଥର ଏବଂ ଏକମାତ୍ର ବିଶ୍ୱକପ୍ ୨୦୦୬ରେ ଜର୍ମାନୀରେ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧.୩ ନିୟୁତ ରହିଥିଲା। ସେହି ଟୁର୍ନାମେଣ୍ଟରେ ତ୍ରିନିଦାଦ୍ ଓ ଟୋବାଗୋ ସବୁଠାରୁ କ୍ଷୁଦ୍ରତମ ଦେଶ ରହିଥିଲା। ଦଳ ସ୍ୱିଡେନ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିବା ବେଳେ ଇଂଲଣ୍ଡ ଓ ପାରାଗୁଏଠାରୁ ପରାଜିତ ହୋଇ ନିଜ ଗ୍ରୁପ୍‌ର ଅନ୍ତିମ ସ୍ଥାନରେ ରହିଥିଲା। ଏହାପରଠାରୁ ଏହି ଦେଶ ଥରେ ହେଲେ ବିଶ୍ୱକପ୍ ଖେଳିନାହିଁ।

**ନର୍ଦ୍ଦର୍ନ ଆୟର୍ଲାଣ୍ଡ:** ଏହି ଦେଶ ୧୯୫୮ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଏହାର ଜନସଂଖ୍ୟା ୧.୪ ନିୟୁତ ଥିଲା। ଦଳ ଗ୍ରୁପ୍ ପର୍ଯ୍ୟାୟରେ ଚେକୋସ୍ଲୋଭିଆକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନାଠାରୁ ହାରିଥିବା ବେଳେ ଜର୍ମାନୀ ବିପକ୍ଷ ମ୍ୟାଚ୍ ଡ୍ର' ରଖିଥିଲା। ଦଳ ନକ୍‌ଆଉଟ ପର୍ଯ୍ୟାୟରେ ଫ୍ରାନ୍ସଠାରୁ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା।



ଇସ୍ୱାଟିନିକୁ ହରାଇବାପରେ ଉଲ୍ଲସିତ କେପ୍ ଭର୍ଡେ ଖେଳାଳି



ଦେଶରେ ପ୍ରଶଂସକଙ୍କ ବିଜୟ ଉଲ୍ଲାସ




## ପରଫର୍ମାନ୍ସ

ଭାରତୀୟ ବିଜ୍ଞାପନ ଲୋକପ୍ରିୟ
ବଦଳାଇ ରୂପରେଖ
ଏକଦା ଦି ଇକୋନମିକ ଟାଇମିସର
ଥିଲେ ପ୍ରଭାବଶାଳୀ ଲୋକ
ପୀୟୂଷ ପାଣ୍ଡେ ପରଲୋକ
ରଣ୍‌ଜୀ ଟ୍ରଫି ଖେଳାଳିରୁ ବିଜ୍ଞାପନ
କିମ୍ବଦନ୍ତୀ ସିଏ ଲେଖ।

ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି
ରୋହିଣୀ କଲାମ ମୃତ
ସୁଇସାଇଡ କରିଥିବା ଦେଖିଥିଲେ
ଭଉଣୀ ରଶନି ମିତ
ଇନକ୍ୱାରି କହିବ ସତ
ଭାରତୀୟ କ୍ରୀଡା ଜଗତ ଖବର
ପାଇ ବଡ଼ ଆଚମ୍ବିତ।




ଖେଳାଳି ହେଉକି ବିଜିନେସ ମେନ
ହେଉ ନେତା ମନ୍ତ୍ରୀ ରାଜା
ଜନମ ମାତ୍ରକେ ମରଣ ରହିଛି
କାଳ କରିଅଛି ଖଞ୍ଜା
କର୍ମ ଘେନି ଅଛି ସଜା
ଲୋକ ଚାଲିଗଲେ ତାର ପରଫର୍ମାନ୍ସ
ଯଶ ପାଉଥାଏ ପୂଜା।

–ସୁବାସ ଚନ୍ଦ୍ର ପ୍ରଧାନ

# ଭାରତକୁ ଫାଇନାଲରେ ପହଞ୍ଚାଇଲେ ଜେମିମା

**ମହିଳା କ୍ରିକେଟ୍ ବିଶ୍ୱକପ୍**

ନବୀ ମୁମ୍ବାଇ,୩୦।୧୦

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର ବିଶାଳ ଟାର୍ଗେଟକୁ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ରନର ପାଳି ବଳରେ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭାରତ ତୃତୀୟ ଥର ପାଇଁ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨ ତାରିଖରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ।

ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫୋଏବ ଲିଚ୍‌ଫିଲ୍ଡ ୯୩ ବଲରେ ୧୭ ଚୌକା ଓ ୩ ଛକା ସହିତ ବିସ୍ଫୋରକ ୧୧୯ ରନର ଶତକୀୟ ଇନିଂସ ଖେଳିଥିଲେ। ସେ ଆଉଟ୍ ହେବା ପୂର୍ବରୁ ଏଲିସ ପେରୀଙ୍କ ସହ ଦ୍ୱିତୀୟ ଉଇକେଟ ପାଇଁ ୧୩୩ ବଲରେ ୧୫୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଆଶଲେ ଗାର୍ଡନର ୪୫ ବଲରେ ୪ ଲେଖାଏ ଚୌକା ଓ ଛକା ସହିତ ୬୩ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଶ୍ରୀ ଚରନୀ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳ ଖୁବ ଶସ୍ତାରେ ଶେଫାଳୀ ବର୍ମା (୧୦) ଓ ଫୁଲ୍ ଫର୍ମରେ ଥିବା ସ୍ମୃତି ମନ୍ଧାନା (୨୪)ଙ୍କ ଉଇକେଟ ହରାଇଥିଲା। ଏହାପରେ ଜେମିମା ଓ ଅଧିନାୟିକା ହରମନପ୍ରୀତ କୌର ତୃତୀୟ ଉଇକେଟ ପାଇଁ ୧୬୭ ରନ ଯୋଡ଼ିଥିଲା। ଭାରତୀୟ ଦଳ ଭଲ ସ୍ଥିତିରେ ଥିବା ବେଳେ କୌର ୮୮ ବଲରେ ୮୯ (୧୦ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ପଞ୍ଚମ କ୍ରମରେ ବ୍ୟାଟିଂ ଆସିଥିବା ଦୀପ୍ତି ଶର୍ମା ୨୪ ରନ କରି ରନ୍ ଆଉଟ୍ ହୋଇଥିଲେ। ଜେମିମା କ୍ୟାରିୟରର ତୃତୀୟ ଶତକ ପୂରଣ କରିବା ପରେ ରିଚା ଘୋଷଙ୍କ ସହ ମିଶି ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୪୬ ରନ ଯୋଡ଼ିଥିଲେ। ରିଚା ୨୬ (୨ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଜେମିମା ୧୨୭ (୧୪ ଚୌକା) ଓ ଅମନଜୋତ ୧୫ (୨ ଚୌକା) ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଫଳରେ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୯.୫ ଓଭରରେ ୩୩୮/ଅଲଆଉଟ୍ (ଫୋଏବ ଲିଚ୍‌ଫିଲ୍ଡ-୧୧୯, ଆଲିସ ପେରୀ-୭୭, ଆଶଲେ ଗାର୍ଡନର-୬୩, ଶ୍ରୀ ଚରନୀ-୨/୪୯, ଦୀପ୍ତି ଶର୍ମା-୨/୭୩ )। ଭାରତ: ୪୮.୩ ଓଭରରେ ୩୪୧/୫ (ଜେମିମା ରୋଡ୍ରିଗ୍ସ-୧୨୭*, ହରମନପ୍ରୀତ କୌର-୮୯, କିମ ଗାର୍ଥ-୨/୪୬, ଆନାବେଲ ସଦରଲାଣ୍ଡ-୨/୬୯)।



ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଟେନିସ ଖେଳାଳି ଦଲଓ୍ୱିନ୍ଦର ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୩୦।୧୦ (ପି.ଟି.)

ନିଷିଦ୍ଧ ପଦାର୍ଥ ମର୍ଫିନ ସେବନ କରିଥିବା ଅଭିଯୋଗରେ ଇଣ୍ଟରନ୍ୟାଶନାଲ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଗୁରୁବାର ୨୦୧୭ ଜାତୀୟ ଟେନିସ ଚାମ୍ପିୟନ ଦଲଓ୍ୱିନ୍ଦର ସିଂଙ୍କୁ ସସ୍‌ପେଣ୍ଡ କରିଛନ୍ତି। ଦଲଓ୍ୱିନ୍ଦର ୨୦୧୭ ଏପ୍ରିଲରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବିଶ୍ୱ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ୭୯୧ତମ ସ୍ଥାନରେ ରହିଥିଲେ। ୨୦୨୫ ମାର୍ଚ୍ଚରେ ଚଣ୍ଡିଗଡ଼ରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଇଭେଣ୍ଟରେ ଅଂଶଗ୍ରହଣ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ସେ ମର୍ଫିନ ବ୍ୟବହାର କରିଥିବାରୁ ତାଙ୍କ ଫଳାଫଳ ପଜିଟିଭ ଆସିଥିଲା। ସସ୍‌ପେଣ୍ଡ ସମୟରେ ଦଲଓ୍ୱିନ୍ଦରଙ୍କୁ ଖେଳିବା, କୋଚିଂ ଦେବାରୁ ବାରଣ କରାଯାଇଛି। ଖେଳାଳି ଜଣକ ସଫେଇ ଦେଇ କହିଛନ୍ତି ଯେ, କଟିରେ ଅସ୍ତ୍ରୋପଚାର ଯୋଗୁ ତାଙ୍କୁ ୧୨ ମାସ ଧରି ଔଷଧ ସେବନ କରିବାକୁ ହୋଇଥିଲା। ହେଲେ ଦଲଓ୍ୱିନ୍ଦର ତଥ୍ୟଗତ ପ୍ରମାଣ ଦେଇପାରିନାହାନ୍ତି। ଦଲଓ୍ୱିନ୍ଦରଙ୍କ ସସ୍‌ପେଣ୍ଡ ଆଦେଶ ଗତ ଅକ୍ଟୋବର ୨୨ରୁ କାର୍ଯ୍ୟକାରୀ ହୋଇଛି। ଏହାର ମିଆଦ ୨୦୨୭ ଅକ୍ଟୋବର ୨୧ରେ ଶେଷ ହେବ। ଟେଉଁ ଇଭେଣ୍ଟ ବେଳେ ଏହି ଟେନିସ ଖେଳାଳିଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଏଥିରୁ ମିଳିଥିବା ର୍‍ୟାଙ୍କିଙ୍ଗ ପଏଣ୍ଟ ଓ ପୁରସ୍କାର ରାଶିକୁ ବାଜ୍ୟାପ୍ତି କରାଯାଇଛି।




# ରାଜ୍ୟ ଭାରୋତ୍ତୋଳନ: ଗଞ୍ଜାମ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୩୦।୧୦(ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁଥ, ଜୁନିୟର ଓ ସିନିୟର ବିଭାଗରେ ଗଞ୍ଜାମ ଚାମ୍ପିୟନ ହୋଇଥିବା ବେଳେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳ ରନରଅପ୍ ହୋଇଛି। ସେହିଭଳି ସିନିୟର ବିଭାଗରେ ଖୋର୍ଦ୍ଧା ରନରଅପ ହୋଇଛି। ବେଷ୍ଟଲିଫ୍ଟର ଭାବେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳର ସୁବ୍ରତ ନାଏକ ଏବଂ ସିନିୟର ବିଭାଗରେ ମୁନା ନାଏକ, ୟୁଥ ବାଳିକା ଓ ଜୁନିୟର ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ଓ ସିନିୟର ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ ବେଷ୍ଟଲିଫ୍ଟର ବିବେଚିତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଜାତୀୟ ସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଯୋଗ ଦେଇଥିଲେ।

**ଭାରତ- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ**

# ମଧ୍ୟାହ୍ନଭୋଜନ ପୂର୍ବରୁ ଚା'ପାନ ବିରତି

ନୂଆଦିଲ୍ଲୀ, ୩୦।୧୦ (ପି.ଟି.)

ପୂର୍ବାଞ୍ଚଳ ଭାରତରେ ଶୀତଋତୁରେ ଶୀଘ୍ର ସୂର୍ଯ୍ୟାସ୍ତ ହେଉଥିବାରୁ ଗୁଆହାଟୀର ବର୍ଷାପରାରେ ନଭେମ୍ବର ୨୨ରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ବେଳେ ପ୍ରଥମ ସେସନ ଖେଳ ପରେ ଏବଂ ମଧ୍ୟାହ୍ନଭୋଜନ ପୂର୍ବରୁ ଚା'ପାନ ବିରତି ହେବ। ଭାରତରେ ସାଧାରଣତଃ ଭାବେ ଏକ ଟେଷ୍ଟ ମ୍ୟାଚ ସକାଳ ୯ଟା ୩୦ରେ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ରେ ଶେଷ ହୋଇଥାଏ। ମାତ୍ର ଗୁଆହାଟୀରେ ଖେଳ ସକାଳ ୯ଟାରେ ଆରମ୍ଭ ହୋଇ ୪ଟାରେ ଶେଷ ହେବ। ତେଣୁ ପ୍ରଥମ ସେସନ ଖେଳ ପରେ ଚା'ପାନ ବିରତି ପୂର୍ବାହ୍ନ ୧୧ଟାରୁ ୧୧ଟା ୨୦ ପର୍ଯ୍ୟନ୍ତ ଏବଂ ମଧ୍ୟାହ୍ନଭୋଜନ ବିରତି ଅପରାହ୍ନ ୧ଟା୨୦ରୁ ୨ଟା ପର୍ଯ୍ୟନ୍ତ ହେବ। ଅନ୍ତିମ ସେସନ ଖେଳ ୨ଟାରୁ ୪ଟା ୧୫ ପର୍ଯ୍ୟନ୍ତ ହୋଇପାରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି।

# କେନ୍ଦୁଝର ୭ ଉଇକେଟରେ ବିଜୟୀ

**୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

ଭୁବନେଶ୍ୱର, ୩୦।୧୦ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବିଡ଼ାନାସୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ କେନ୍ଦୁଝର ୭ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଳାହାଣ୍ଡି ଦଳ ୨୫.୩ ଓଭରରେ ୧୦୩ରରେ ଅଲଆଉଟ ହୋଯାଇଥିଲା। ଦଳର ଟପ୍ ସ୍କୋରର ସୌର୍ଯ୍ୟ ଅଗ୍ରୱାଲ ୩୭ ଏବଂ ଶ୍ରେୟାଂଶ ଆଚାରୀ ୨୭ ରନ କରିଥିଲେ। କେନ୍ଦୁଝର ଦଳର ସଫଳ ବୋଲର ରାହୁଲଦେବ ନାଏକ ତାଙ୍କ ୬ ଓଭର ବୋଲିରେ ୧ ମେଡେନ ସହ ମାତ୍ର ୯ ରନ ଦେଇ ୫ଉଇକେଟ ଅକ୍ତିଆର କରିଥିଲେ। ଆଶୁତୋଷ ନାୟକ ୬ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ଜବାବରେ କେନ୍ଦୁଝର ଦଳ ୨୦ ଓଭରରେ ୩ ଉଇକେଟ ବିନିମୟରେ ୧୦୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୫୪ରନ (୫୨ବଲ୍) କରି ଅପରାଜିତ ରହିଥିବା ବେଳେ କ୍ରିଷ୍ଣଜିତ୍ ସାହୁ ୨୦ରନ କରିଥିଲେ। ବିଜୟୀ ଦଳର ରାହୁଲଦେବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ସନ୍ ସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ଓ ଢେଙ୍କାନାଳ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ବାତିଲ କରିଦିଆଯାଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ -୨ରେ କଟକ 'ବି' ବନାମ ରାୟଗଡ଼ା ମ୍ୟାଚ ମଧ୍ୟ ଖେଳାଯାଇ ପାରି ନ ଥିଲା।


ପ୍ଲେୟର ଅଫ୍ ଦି ମ୍ୟାଚ୍ ରାହୁଲଦେବ ନାଏକ।

# ବେକରେ ବଲ ବାଜି ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ମୃତ୍ୟୁ

ମେଲବୋର୍ନ, ୩୦।୧୦

ଟ୍ରେନିଂ ସେସନ ବେଳେ ବେକରେ ବଲ ବାଜିବାରୁ ଅଷ୍ଟ୍ରେଲିଆର ୧୭ ବର୍ଷୀୟ କ୍ରିକେଟର ବେନ ଅଷ୍ଟିନଙ୍କ ମୃତ୍ୟୁ ଘଟିଛି। ସବ୍‌ଅର୍ବାନ ମେଲବୋର୍ନରେ ଫେର୍ନଟ୍ରି ଗଲୀ କ୍ଲବ ପାଇଁ ମଙ୍ଗଳବାର ଟ୍ରେନିଂବେଳେ ବଲ ତାଙ୍କ ବେକ ଓ ମୁଣ୍ଡ ପାଖରେ ବାଜିଥିଲା। ସେ ହେଲମେଟ ପିନ୍ଧିଥିଲେ। ହେଲେ ନେକ ଗାର୍ଡ ଲଗାଇ ନ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଫେର୍ନଟ୍ରି ଗଲୀ କ୍ରିକେଟ କ୍ଲବ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିପୂର୍ବରୁ ୨୦୧୪ରେ ଅଷ୍ଟ୍ରେଲିଆନ ଖେଳାଳି ଫିଲ ହ୍ୟୁଗ୍ସ ଏକ ଫାଷ୍ଟ-କ୍ଲାସ ମ୍ୟାଚ୍‌ବେଳେ କାନ ପାଖରେ ବଲ ବାଜିବା ଯୋଗୁ ପ୍ରାଣ ହରାଇଥିଲେ।

**ପିନ୍ଧିଲେ କଳା ଆର୍ମବ୍ୟାଣ୍ଡ**

ବେକରେ ବଲ ବାଜିବା କାରଣରୁ ଅଷ୍ଟ୍ରେଲୀୟ କ୍ରିକେଟର ଅଷ୍ଟିନଙ୍କ ମୃତ୍ୟୁ ଖବର କ୍ରିକେଟ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିବା ପାଇଁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାର ଖେଳାଯାଇଥିବା ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

# ଇଲମପାର୍ଥି ଭାରତର ୯୦ତମ ଗ୍ରାଣ୍ଡମାଷ୍ଟର

**ନୂଆଦିଲ୍ଲୀ, ୩୦।୧୦:** ଗତ କିଛି ବର୍ଷରେ ଭାରତରୁ ନୂଆ ନୂଆ ଚେସ୍ ପ୍ରତିଭା ବାହାରିବା ଧାରା ଜାରି ରହିଛି। ତାମିଲନାଡୁର ୧୬ ବର୍ଷୀୟା ଇଲମପାର୍ଥି ଏଆର୍ ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବୋସନିଆ ଓ ହର୍ଜେଗୋଭିନାଠାରେ ଚାଲିଥିବା ବିଜେଲଜିନା ଓପନରେ ସେ ତାଙ୍କର ଅନ୍ତିମ ଜିଏମ୍ ନର୍ମ ହାସଲ କରିଛନ୍ତି।

# ନୀତା ଫୁଟ୍‌ବଲ ଏକାଡ଼େମୀ ଫାଇନାଲରେ

ଭୁବନେଶ୍ୱର, ୩୦।୧୦ (ବିଜୟ ରଣା)

ସିଟି କ୍ଲବ ନୟାପଲ୍ଲୀ ଭୁବନେଶ୍ୱର ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩ୟ ନନ୍ଦ କିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ କୁଆଁରମୁଣ୍ଡା ଏଫ୍‌ସିକୁ ୧-୦ ପରାସ୍ତ କରି ନୀତା ଫୁଟ୍‌ବଲ ଏକାଡେମୀ ଫାଇନାଲରେ ପ୍ରବେଶ କରିଛି। ଇପ୍‌ସିତା ରାଉତ ଦଳ ପକ୍ଷରୁ ଏକମାତ୍ର ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ। ବିଜୟୀ ଦଳର ଅମ୍ବାଲିକା ଚାନୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପ-ସଭାପତି ଭାଗ୍ୟଧର ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଡଃ ଦିଲୀପ ଶ୍ରୀଚନ୍ଦନ, ଇଂ ସୁବ୍ରତ ଦାସ, (ବ୍ରାଣ୍ଡଆମ୍ବାସାଡର) ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ମହମ୍ମଦ ସହିଦ ଜବାର, ଡଃ ସୌର୍ଯ୍ୟରଞ୍ଜନ ପରିଜା, ଅଶୋକ କୁମାର ମହାନ୍ତି, ଗାୟତ୍ରୀ ମଲିକ, ରିଣ୍ଟୁ ମିତ୍ର, ଦିଲୀପ ପଟ୍ଟନାୟକ, ଗିରିଜା ପ୍ରସନ୍ନ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଫାଇନାଲ ନୀତା ଫୁଟ୍‌ବଲ ଏକାଡେମୀ ଓ ଓଡ଼ିଶା ପୋଲିସ କଟକ ମଧ୍ୟରେ ଖେଳାଯିବ।

# ପ୍ରଥମ ଦିବସରେ ଦକ୍ଷିଣ ଆଫ୍ରିକା 'ଏ' ୨୯୯/୯

ବେଙ୍ଗାଲୁରୁ, ୩୦।୧୦ (ପି.ଟି.)

ତନୁଷ କୋଟିଆନଙ୍କ ନେତୃତ୍ୱରେ ଭାରତ 'ଏ' ଦଳ ସ୍ପିନରମାନଙ୍କ ଚମତ୍କାର ବୋଲିଂ ଯୋଗୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ମ୍ୟାଚରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା 'ଏ' ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯ଉଇକେଟ ବିନିମୟରେ ୨୯୯ ରନ କରିଛି। ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା 'ଏ' ଦଳର ଜୋର୍ଡାନ ହର୍ମାନ ଓ ଜେବେର ହାମ୍‌ଜାଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଉଲ୍ଲେଖନୀୟ ଥିଲା। ହର୍ମାନ (୭୧) ଓ ହାମ୍‌ଜା (୬୬) ଦ୍ୱିତୀୟ ଉଇକେଟ ଭାଗୀଦାରି ୧୩୦ ରନ ଯୋଗ କରିଥିଲେ। ଦୁଇ ଖେଳାଳି ଗୋଟିଏ ସେସନ ପୂରା ଏବଂ ଅନ୍ୟ ଏକ ସେସନର ଅଧା ପର୍ଯ୍ୟନ୍ତ କ୍ରିଜରେ ମହଜୁଦ ରହିଥିଲେ। କିନ୍ତୁ ଭାରତ 'ଏ' ପେସ୍ ବୋଲର ଗୁରନୁର ବ୍ରାର୍ (୧/୪୫)ଙ୍କ ବଲ୍‌ରେ ଏକ ଶଟ୍ ଖେଳିବାକୁ ଯାଇ ହାମ୍‌ଜା ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇଯିବା ପରେ ଭାରତୀୟ ସ୍ପିନ ବୋଲରମାନେ ପ୍ରଭାବୀ ବୋଲିଂ କରି ମ୍ୟାଚ ନିୟନ୍ତ୍ରଣକୁ ନେଇ ଆସିଥିଲେ। ପରେ ହର୍ମାନ ଭାରତ 'ଏ' ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ଅଫ୍‌ସ୍ପିନର କୋଟିଆନ (୪/୮୩)ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ସଫଳ ଯୋଡ଼ି ଜୋର୍ଡାନଙ୍କ ବଡ଼ ଭାଇ ରୁବିନ ହର୍ମାନ (୫୪) ଓ ଟିଆନ ଭାନ୍ ଭୁରେନ (୪୬) ୬ଷ୍ଠ ଉଇକେଟରେ ୭୨ ରନ ଯୋଗ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା 'ଏ' ପ୍ରଥମ ଇନିଂସ: ୨୯୯/୯ (ଜୋର୍ଡାନ ହର୍ମାନ-୭୧, ଜୁବେର ହାମ୍‌ଜା-୬୬, ରୁବିନ ହର୍ମାନ-୫୪, ଟିଆନ ଭାନ୍ ଭୁରେନ୍-୪୬; ତନୁଷ କୋଟିଆନ-୪/୮୩, ମାନବ ସୁଥର-୨/୬୨)।


ତନୁଷ କୋଟିଆନ

# ଆଜି ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟି୨୦

ମେଲବୋର୍ନ,୩୦।୧୦(ପି.ଟି.)

ସ୍ଥାନୀୟ ଏମ୍‌ସିଜିଠାରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା'ର ଆଟାକିଂ କ୍ରିକେଟ ଖେଳିବ ବୋଲି ଆଶା କରାଯାଉଛି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ମାତ୍ର ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ହେଲେ ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ସେ ୨୪ ବଲରେ ଅପରାଜିତ ୩୯ ରନ ଇନିଂସ ଖେଳିଥିଲେ। ଏଥିସହ ସେ ଅଷ୍ଟ୍ରେଲିଆର ମୁଖ୍ୟ ପେସର ଜୋଶ ହାଜେଲଉଡଙ୍କ ବଲରେ ୧୨୫ ମିଟର ଲମ୍ବା ଛକା ଲଗାଇଥିଲେ। ସୂର୍ଯ୍ୟଙ୍କ ଫର୍ମକୁ ଫେରିବା ଭାରତୀୟ ଦଳର ବ୍ୟାଟିଂ ଲାଇନ୍ ପାଇଁ ଶୁଭ ସଙ୍କେତ। ସୂର୍ଯ୍ୟକୁମାର ଅଧିନାୟକ ହେବା ପରଠାରୁ ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ ଦଳ ହାଇ-ରିସ୍କ କ୍ରିକେଟ ଖେଳୁଛି। ଗୌତମ ଗମ୍ଭୀର ମୁଖ୍ୟ କୋଚ୍ ଭାବେ ଦଳରେ ଯୋଗଦେବା ପରଠାରୁ ଦଳ ନିୟମିତ ୨୦୦ରୁ ୨୫୦ ସ୍କୋର କରୁଛି। ଅତ୍ୟଧିକ ଆଟାକିଂ ଷ୍ଟାଇଲ ଯୋଗୁ ବେଳେବେଳେ ଦଳକୁ ୧୨୦-୧୩୦ରେ ଅଲଆଉଟ୍ ହେବାକୁ ପଡ଼ିଛି। ଗତ କିଛି ମ୍ୟାଚ୍‌ରେ ଭାରତୀୟ ଟି୨୦ ବ୍ୟାଟରଙ୍କ ଅତ୍ୟଧିକ ଆଟାକିଂ ବ୍ୟାଟିଂ ଦର୍ଶାଉଛି ସେମାନେ ଗମ୍ଭୀରଙ୍କ ଫିଲୋଶଫିରେ ଅନୁପ୍ରାଣିତ ଅଛନ୍ତି। କାନବେରା ମ୍ୟାଚ୍‌ରେ ଦଳକୁ ବୋଲିଂ କରିବାକୁ ସୁଯୋଗ ମିଳି ନ ଥିଲା। ମାତ୍ର ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କ ସହ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କ ଭଳି ଦକ୍ଷ ସ୍ପିନର ରହିଛନ୍ତି, ଯେଉଁମାନେ ଆବଶ୍ୟକ ସମୟରେ ଯେକୌଣସି ପ୍ରତିପକ୍ଷ ଦଳକୁ ଯଥା ସମ୍ଭବ କମ୍ ସ୍କୋରରେ ରୋକିପାରିବେ। ମ୍ୟାଚ୍‌ରେ ସେମାନଙ୍କ ମୁଖ୍ୟ କାର୍ଯ୍ୟ ହେବ ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶଙ୍କୁ ଯଥା ଶୀଘ୍ର ପାଭିଲିଅନ ପଠାଇବା। ଏହି ଦୁଇ ବ୍ୟାଟର ଅତୀତରେ ଭାରତୀୟ ଦଳକୁ ଖୁବ ସମସ୍ୟାରେ ପକାଇଛନ୍ତି। ତେବେ ଅଷ୍ଟ୍ରେଲିଆ ମଧ୍ୟ ଭାରତୀୟ ଦଳ ଭଳି ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳିବା ପସନ୍ଦ କରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ (ଉପ ଅଧିନାୟକ), ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମସନ(ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ, ହର୍ଷିତ ରାଣା, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ।

**ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ (ଉଇକେଟକିପର), ଟିମ ଡେଭିଡ୍, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ, ମିଚେଲ ଓ୍ୱେନ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜାଭିଅର ବାର୍ଟଲେଟ, ତନବୀର ସାଙ୍ଘା।



ଦୁଇ ଦଳର ଅଧିନାୟକ ମିଚେଲ ମାର୍ଶ ଓ ସୂର୍ଯ୍ୟକୁମାର ଯାଦବ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ